ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.115, Thursday, 13 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୫, ଗୁରୁବାର, ୧୩ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.115, Thursday, 13 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୫, ଗୁରୁବାର, ୧୩ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.115, Thursday, 13 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୫, ଗୁରୁବାର, ୧୩ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

୧୦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ

ଫୋକସ୍‌ରେ କୃଷି, ନିଯୁକ୍ତି ଓ ଭିତ୍ତିଭୂମି

- ପେପରଲେସ୍ ହେବ ସମସ୍ତ ଅଫିସ କାର୍ଯ୍ୟ
- ସେମିକଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ
- ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପକୁ ମୋହର
- 'ଯଶୋଦା' ଓ 'ଆଶୀର୍ବାଦ' ଯୋଜନା ରହିବ ଜାରି

ଭୁବନେଶ୍ୱର(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌କମିଟି ବୈଠକରେ ଓସ୍ୱାସ୍ ୩.୦ ବିକାଶ କରିବା ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏହାକୁ ବିକାଶ କରିବା ପାଇଁ ଟିସିଏସ୍‌କୁ ୧୨୨.୬୦ କୋଟି ଟଙ୍କାର ବରାଦ ଦିଆଯାଇଛି। କମ୍ପାନି ଏହାର କାର୍ଯ୍ୟାନ୍ୱୟନ ସହ ୫ ବର୍ଷର ସହାୟତା ମଧ୍ୟ ପ୍ରଦାନ କରିବ। ରାଜ୍ୟର ସମସ୍ତ ପ୍ରମୁଖ କାର୍ଯ୍ୟାଳୟକୁ କାଗଜବିହୀନ କରିବା ପାଇଁ ୨୦୨୫-୨୬ରେ ଓସ୍ୱାସ୍ ୨.୦ କାର୍ଯ୍ୟକାରୀ କରାଯାଇଥିଲା। ବିଗତ ବର୍ଷରେ କାର୍ଯ୍ୟାଳୟ ସଂଖ୍ୟା ୬୩୮ ପ୍ରତିଶତ ଓ ବ୍ୟବହାରକାରୀଙ୍କ ସଂଖ୍ୟା ୨୪୭ ପ୍ରତିଶତ ବୃଦ୍ଧି ପାଇଛି। ଏଥିପାଇଁ ଟିସିଏସ୍‌କୁ ବୈଷୟିକ ସହାୟତା ପାଇଁ ନିଯୁକ୍ତ କରାଯାଇଥିଲା। ଟିସିଏସ୍ ସହ ଚୁକ୍ତି ଅବଧି ଶେଷ ହେବା ପରେ ଏହି ପ୍ରକଳ୍ପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆଧୁନିକ ମାଇକ୍ରୋସର୍ଭିସ୍ ଭିତ୍ତିକ ଡାଟା ଓ ଉନ୍ନତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷମତା ସମ୍ପନ୍ନ ଓସ୍ୱାସ୍ ପ୍ଲାଟଫର୍ମ ବିକାଶ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେଥିପାଇଁ ଇ-ନିଭିଡା ପୋର୍ଟାଲରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟିସିଏସ୍ ଏକମାତ୍ର ବିଡ୍ ଦାଖଲ କରିଥିଲା। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ ବିଭାଗର ୧୦ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏ ନେଇ ସୂଚନା ଦେଇଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ୨ଟି, ଶକ୍ତି ବିଭାଗର ୨ଟି, ଜଳ ସଂପଦ ବିଭାଗର ୨ଟି, ମହିଳା ଓ ଶିଶୁ ବିକାଶ ବିଭାଗର ୨ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ଏଗ୍ରିଷ୍ଟାକ) ସମ୍ପର୍କିତ ୧ଟି ଏବଂ ସାଧାରଣ ■ ପୃଷ୍ଠା-୧୫

ଚାଷୀଙ୍କୁ ଯୋଗାଇ ଦିଆଯିବ ସ୍ୱଳ୍ପ ମିଆଦୀ ଧାନ ବିହନ

ରାଜ୍ୟରେ ବନ୍ୟା କ୍ଷୟକ୍ଷତି ଆକଳନ ନେଇ ରାଜସ୍ୱ ମନ୍ତ୍ରୀଙ୍କ ବଡ଼ ସୂଚନା। ମନ୍ତ୍ରୀ କହିଛନ୍ତି ଯେ, କିଛି ଜିଲ୍ଲାରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲାଣି। କୃଷି ବିଭାଗର ସାହାଯ୍ୟ ନେଇ କ୍ୟାବିନେଟରେ କ୍ଷୟକ୍ଷତି ଆଲୋଚନା ହେବ। ଚାଷୀଙ୍କୁ ସ୍ୱଳ୍ପ ମିଆଦି ଧାନ ବିହନ ଯୋଗାଇ ଦିଆଯିବ। ସେହିପରି ପନିପରିବା ଚାଷୀଙ୍କ ପାଇଁ ମଧ୍ୟ ଅଧିକ ସାହାଯ୍ୟ ଦିଆଯିବ। କୃଷି, ସମବାୟ, ପଶୁସମ୍ପଦ ବିଭାଗ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ ଦିଆଯିବ। ସେଥିପାଇଁ ଡାଟା ବେସ୍ ପ୍ରସ୍ତୁତ କରାଯାଉଛି। ଯାହାର ଯାହା କ୍ଷତି ହୋଇଛି ସେଥିପାଇଁ ନିୟମାବଳୀ ହିସାବରେ କ୍ଷତିପୂରଣ ଦିଆଯିବ। କେହି ଯଦି ବଞ୍ଚିତ ହେଉଥାଆନ୍ତୁ ତେବେ ନିକଟସ୍ଥ ପଞ୍ଚାୟତ ଅଫିସ୍ କିମ୍ବା ନିକଟସ୍ଥ ବ୍ଲକ୍ ଅଫିସକୁ ଯାଇ ଜଣାଇପାରିବେ। କୌଣସି କେନ୍ଦ୍ରୀୟ ଟିମ୍ ଆସିବାର ଯୋଜନା ନାହିଁ। ଆବଶ୍ୟକ ହେଲେ କେନ୍ଦ୍ରକୁ ଅଧିକ ସହାୟତା ମାଗିବୁ। ଏବେ ସେକଥା ଚିନ୍ତା କରାଯାଇନି। କ୍ଷୟକ୍ଷତିର ଆକଳନ ପରେ ଜଣାପଡ଼ିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୂଚନା ଦେଇଛନ୍ତି।

ମାଟ୍ରିକ ସପ୍ଲିମେଣ୍ଟାରୀ ରେଜଲ୍ଟ ପ୍ରକାଶ

ପାସ୍‌ହାର ୬୩.୬୪%

କଟକ(ବ୍ୟୁରୋ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ)- ୨୦୨୬ର ଫଳାଫଳ ବୁଧବାର ପ୍ରକାଶ ପାଇଛି। ମୋଟ ୫,୭୬୦ ଜଣ ଛାତ୍ରଛାତ୍ରୀ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇଥିବା ବେଳେ ୩,୬୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ୬୩.୬୪ ପ୍ରତିଶତ ରହିଛି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେହି ଏ୧ ଗ୍ରେଡ୍ ପାଇ ନଥିବା ବେଳେ ଏ୨ରେ ୫ ଜଣ ବି୧ରେ ୧୨, ବି୨ରେ ୫୩,ସି ରେ ୧୯୨, ଡ଼ିରେ ୫୩୬ ଏବଂ ଇ ଗ୍ରେଡ୍‌ରେ ୨,୫୯୩ ଜଣ ରହିଛନ୍ତି। ୨୭୫ ଜଣ କମ୍ପାର୍ଟମେଣ୍ଟାଲ୍‌ରେ ପାସ୍ କରିଥିବା ବେଳେ ୨,୦୯୪ ଜଣ ଫେଲ୍ ହୋଇଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ)- ୨୦୨୬ରେ ମୋଟ ୮,୬୯୮ ଜଣ ପରୀକ୍ଷା ଦେଇଥିବା ବେଳେ ୫,୪୫୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାର ପାସ୍ ହାର ୬୨.୬୫ ପ୍ରତିଶତ ରହିଛି। ଏଥିରେ ଏ୧ ଗ୍ରେଡ୍‌ରେ କେହି ପାସ୍ କରି ନଥିବା ବେଳେ ଏ୨ରେ ୧୦, ବି୧ରେ ୧୦୯, ବି୨ରେ ୪୦୧, ସିରେ ୮୬୮, ଡ଼ିରେ ୧,୫୧୪ ଏବଂ ଇଗ୍ରେଡ୍‌ରେ ୨,୫୪୮ ଜଣ ରହିଛନ୍ତି। ମୋଟ ୩,୧୮୫ ଜଣ ଫେଲ୍ ହୋଇଛନ୍ତି। ପ୍ରଥମ ଥର ପାଇଁ ଡିଜିଟାଲ ମୂଲ୍ୟାୟନ କରିଛି ମାଧ୍ୟମିକ ଶିକ୍ଷା ■ ପୃଷ୍ଠା-୧୫

ଅଜଣା ଗାଡ଼ି ଧକ୍କାରେ ଶିଶୁକନ୍ୟା ମୃତ, ବାପା-ମା' ଗୁରୁତର

କଟକ(ବ୍ୟୁରୋ)

ବୁଧବାର ସନ୍ଧ୍ୟା ୮ଟା ବେଳେ କଟକଜିଲ୍ଲା ବାଙ୍କୀ-ତ୍ରିଶୂଳିଆ ମୁଖ୍ୟରାସ୍ତାର ପାଟପୁର ନିକଟରେ ହୃଦୟ ବିଦାରକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୪ ବର୍ଷ ବୟସର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ନାବାଳିକର ମା' ଓ ବାପା ଗୁରୁତର ହେଉଛନ୍ତି। ମୃତାହତଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଶିଶୁକନ୍ୟା ଏବଂ ସ୍ତ୍ରୀଙ୍କୁ ବାଇକ୍‌ରେ ଧରି ତାର ବାପା ଓ ମା' ବାଇକ୍ ଯୋଗେ ତ୍ରିଶୂଳିଆ ଛକ ଆଡକୁ ଆସୁଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ବାଳିକା ଜଣକ ତଳକୁ ଛିଟିକି ପଡିଯିବା ପରେ ଗାଡ଼ି ଚଢ଼ିଯିବାରୁ ମୃତ୍ୟୁ ଘଟିଥିଲା। ବାପା ଓ ମା'ଙ୍କ ମୁଣ୍ଡ ଓ ମୁହଁ କ୍ଷତ ବିକ୍ଷତ ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକ ଗୁରୁର ବାପା ଏବଂ ମା'ଙ୍କୁ ଚିକିତ୍ସା ପାଇଁ କଟକ ଏସସିବି ଡାକ୍ତରଖାନାକୁ ପଠାଇଛନ୍ତି। ଘଟଣାସ୍ଥଳରେ ଭିଡ଼ ଜମିଥିବରୁ ବାରଙ୍ଗ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ସହ ସ୍ଥିତି ଅନୁଧ୍ୟାନ କରୁଛି।

ଓଡ଼ିଶା ଡିଜିପି ଚୟନ: ଆଜି ସୁପ୍ରିମକୋର୍ଟରେ ଶୁଣାଣି

ଅପରାହ୍ଣରେ ୟୁପିଏସସି ବୈଠକ, ତାଲିକା ପଠାଇଲା ରାଜ୍ୟ

ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶା ଡିଜିପି ଚୟନ ବିବାଦ ନେଇ ସୁପ୍ରିମକୋର୍ଟରେ ଶୁଣାଣି ପ୍ରସଙ୍ଗ। ବୁଧବାର ହେଲାନାହିଁ ସୁପ୍ରିମକୋର୍ଟରେ ଶୁଣାଣି। ସୁପ୍ରିମକୋର୍ଟରେ ଶୁଣାଣି ଲାଗି ମାମଲା ତାଲିକାଭୁକ୍ତ କରାଯାଇନାହିଁ । ଗୁରୁବାର ଶୁଣାଣି ହେବ ବୋଲି ଦସୂଚନା ମିଳିଛି । ଡିଜିପି ଚୟନ ବିବାଦ ନେଇ ସୁପ୍ରିମକୋର୍ଟରେ ହୋଇଛି ଜନସ୍ୱାର୍ଥ ମାମଲା। ପୋଲିସ୍ ଡିଜି ଚୟନ ପ୍ରକ୍ରିୟାରେ ୨୦୦୬ ପ୍ରକାଶ ସିଂ ମାମଲାର ରାୟକୁ ଉଲଂଘନ କରାଯାଇଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରିଛନ୍ତି ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍। ଓଡ଼ିଶା ସରକାର ଡିଜିପି ନିଯୁକ୍ତି ସଂପର୍କରେ ସର୍ବୋଚ୍ଚ କୋର୍ଟଙ୍କ ରାୟକୁ ଏଡ଼ାଇବାକୁ ଚେଷ୍ଟା କରୁଛନ୍ତି ଏବଂ ସେଥିପାଇଁ ସିଲେକସନ୍ ପ୍ୟାନେଲରେ ଅଯୋଗ୍ୟ ଅଧିକାରୀଙ୍କୁ ସାମିଲ୍ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ରାଜ୍ୟର ନୂଆ ପୋଲିସ୍ ମୁଖିଆ ଚୟନ ପ୍ରକ୍ରିୟା ଭିତରେ ୧୯୯୪ ବ୍ୟାଚର ଆଇପିଏସ୍ ଅଫିସର ସଂଜୀବ ପଣ୍ଡା ଓ ଯଶବନ୍ତ ଜେଠ୍ୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ପରେ ବଢିଛି ବିବାଦ। ଗୁରୁବାର ୟୁପିଏସସି ବୈଠକ ସହ ୩ ଜଣଙ୍କ ନାଁ ବଛାଯିବ। ଯାହା ମଧ୍ୟରୁ ଜଣଙ୍କୁ ପରବର୍ତ୍ତୀ ପୋଲିସ୍ ଡିଜି କରିପାରିବେ ରାଜ୍ୟ ସରକାର। ଡିଜିପି ଚୟନ ନେଇ ରାଜ୍ୟ ସରକାର ସାନି ତାଲିକାରେ ୧୯୯୦ ବ୍ୟାଚ ଆଇପିଏସ ସୁଧାଂଶୁ ଷଡଙ୍ଗୀ, ୯୩ ବ୍ୟାଚ ଆଇପିଏସ ଅଫିସର ଆରପି କୋଚେ ଏବଂ ୯୪ ବ୍ୟାଚ୍ ଆଇପିଏସ ସଂଜୀବ ପଣ୍ଡା ଓ ଯଶୱନ୍ତ ଜେଠ୍ୱାଙ୍କ ନାଁ ରହିଥିବା ଜଣାପଡିଛି।

ପୁରୀ ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ନେଇ ବୈଠକ

ପୁରୀ ବେଳାଭୂମି ହେବ ଆଧ୍ୟାତ୍ମିକ ବେଳାଭୂମି

- ଆହୁରି ଭବ୍ୟ ହେବ 'ମହୋଦଧି ଆରତି'
- ପୀଠ ଜମି ସମସ୍ୟାର ସ୍ଥାୟୀ ସମାଧାନକୁ ଗୁରୁତ୍ୱ
- ଗୋବର୍ଦ୍ଧନ ପୀଠର ଐତିହ୍ୟ ରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ
- ପୂର୍ବାଚାର୍ଯ୍ୟଙ୍କ ସମାଧି ସ୍ଥଳର ହେବ ସଂରକ୍ଷଣ

ଭୁବନେଶ୍ୱର(ବ୍ୟୁରୋ)

ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜକୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ■ ପୃଷ୍ଠା-୧୫

ସେ କହିଲେ...

ଜିତନ ପ୍ରସାଦ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ

ସେମିକଣ୍ଡକ୍ଟର ଶିଳ୍ପ ଏକ ମୌଳିକ ଶିଳ୍ପ ହୋଇଥିବାରୁ, ଏହି ୟୁନିଟଗୁଡ଼ିକର ଅନ୍ୟାନ୍ୟ କ୍ଷେତ୍ର ଏବଂ ଯୋଗାଣ ଶୃଙ୍ଖଳାରେ ନିଯୁକ୍ତି ସୃଷ୍ଟି ଉପରେ ବ୍ୟାପକ ପ୍ରଭାବ ରହିଛି। ସେମିକଣ୍ଡକ୍ଟର ଚିପ୍ସର ଡିଜାଇନ୍‌କୁ ସାହାଯ୍ୟ କରିବା ପାଇଁ, ଇଲେକ୍ଟ୍ରୋନିକ୍ ଡିଜାଇନ୍ ଅଟୋମେସନ୍ ଟୁଲ୍‌ଗୁଡ଼ିକର ଉପଲବ୍ଧତା ଏକ ଅତ୍ୟାବଶ୍ୟକ ଆବଶ୍ୟକତା। ଏହି ଇଡ଼ିଏ ଟୁଲ୍‌ଗୁଡ଼ିକ ଅତ୍ୟନ୍ତ ବ୍ୟୟବହୁଳ, ଯାହା ସେମିକଣ୍ଡକ୍ଟର ଡିଜାଇନ୍ କ୍ଷେତ୍ରରେ ନୂତନ କମ୍ପାନୀଗୁଡ଼ିକ ପାଇଁ ପ୍ରବେଶରେ ବଡ଼ ବାଧା ସୃଷ୍ଟି କରିଥାଏ। ତେଣୁ, ସରକାର ସେମିକନ୍ ଇଣ୍ଡିଆ ପ୍ରୋଗ୍ରାମର ଡିଜାଇନ୍ ଲିଙ୍କଡ୍ ଇନଟ୍ୱେଣ୍ଟିଭ୍ ଯୋଜନା ଅଧୀନରେ ଇଡ଼ିଏ ଟୁଲ୍‌ଗୁଡ଼ିକର ମାଗଣା ବ୍ୟବହାର ସୁବିଧା ଯୋଗାଇ ଦେଇଛନ୍ତି।

ଥମୁନି ବନ୍ୟା ବେଦନା

ସୁଧୁରୁନି ସ୍ଥିତି, ସରକାର ବେଫିକର

ବନ୍ୟା ଜଳ ଛାଡ଼ିବାର ସପ୍ତାହେରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ଥମିନାହିଁ। କେଉଁଠି ସରକାରୀ ସହାୟତା ପହଞ୍ଚିଛି ତ ଆଉ କେଉଁଠି ନାହିଁ। ହଜାର ହଜାର ଲୋକ ପାଣି ଘେରରେ। କମୁନି ବନ୍ୟା ବେଦନା କି ଆଖିରୁ ଶୁଖୁନି ଲୁହ। ଏବେ ବି କରିପାଲ ତଳେ ବିତୁଛି ଜୀବନ। ଏକଦା ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରେକର୍ଡ କରି ଚର୍ଚ୍ଚାକୁ ଆସିଥିବା ବେଳେ ଡବଲ ଇଞ୍ଜିନ ସରକାରର ମନ୍ଥର ଗତି ପ୍ରପୀଡ଼ିତଙ୍କୁ ସାହା ହୋଇପାରିନି। ଏସବୁ ମଧ୍ୟରେ ପ୍ରଭାବିତଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇବାକୁ ଏପର୍ଯ୍ୟନ୍ତ ଆନ୍ତରିକତା ଦେଖାଇନାହିଁ ମୁଖ୍ୟ ବିରୋଧୀ ଦଳ ବିଜେଡି।

ଭୁବନେଶ୍ୱର (ବ୍ୟୁରୋ)

ରାଜ୍ୟର ୧୦ଟି ଜିଲ୍ଲାରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ପ୍ରାୟ ୮ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଜଳ ଛାଡ଼ିବାର ସପ୍ତାହେରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ଥମିନାହିଁ। କେଉଁଠି ସରକାରୀ ସହାୟତା ପହଞ୍ଚିଛି ତ ଆଉ କେଉଁଠି ତାହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। କେତେକ ସ୍ଥାନରେ ପ୍ରଶାସନ ଏବେ ବି ପହଞ୍ଚି ପାରିନି। ଲୋକମାନେ ଭୋକ ଉପାସରେ ଦିନ କାଟୁଛନ୍ତି। ଆଉ ଏସବୁ ମଧ୍ୟରେ ପ୍ରଭାବିତଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇବାକୁ ଏପର୍ଯ୍ୟନ୍ତ ଆନ୍ତରିକତା ଦେଖାଇନାହିଁ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି।

ଯଦିଓ କଂଗ୍ରେସ ନିଜର ସାମର୍ଥ୍ୟ ଅନୁସାରେ ଗ୍ରାଉଣ୍ଡ ଜିରୋରେ ରିଲିଫ ବଣ୍ଟନ କାର୍ଯ୍ୟ ଜାରି ରଖିଛି, କିନ୍ତୁ ୨୪ ବର୍ଷ ଧରି ରାଜ୍ୟରେ କ୍ଷମତାରେ ରହି ୭୦୦ କୋଟିରୁ ଅଧିକ ଦଳୀୟ ପାଣ୍ଠି ଗଚ୍ଛିତ ରଖିଥିବା ବିଜେଡି ଏବେ ଏସବୁଥିରୁ ନିଜକୁ ଦୂରେଇ ରଖିଛି। ବନ୍ୟା ପ୍ରଭାବିତଙ୍କ ଦୁର୍ଦ୍ଦଶା ଦୂର ପାଇଁ ଟଙ୍କାଟିଏ ଖର୍ଚ୍ଚ କରିବା ତ ଦୂରର କଥା, ଲୋକଙ୍କ ଭଲମନ୍ଦ ବୁଝିବା ପାଇଁ ନିଜର ଟିମ୍ ବି ଗଢ଼ିପାରିନାହିଁ। ମୁଖ୍ୟ ବିରୋଧୀ ଦଳ ଭାବେ ବନ୍ୟାଞ୍ଚଳରେ ସରକାରଙ୍କ ବିଫଳତା ଓ ତ୍ରୁଟିକୁ ଲୋକଲୋଚନକୁ ଆଣିବାର ନୈତିକ ଉତ୍ତରଦାୟିତ୍ୱ ତୁଲାଇବାରେ ବି ବିଜେଡି ଫେଲ୍ ମାରିଥିବା ଜଣାପଡ଼ିଛି।

**ଏବେ ବି ଅନେକ ସ୍ଥାନରେ ପହଞ୍ଚିନି ରିଲିଫ
୭୦୦ କୋଟିର ପାଣ୍ଠି ସତ୍ତ୍ୱେ ବିଜେଡି ଚୁପ୍
ବନ୍ୟାପୀଡ଼ିତଙ୍କ ଦୁର୍ଦ୍ଦିନରେ ନୀରବ ନବୀନ
ଗ୍ରାଉଣ୍ଡ ଜିରୋରେ କଂଗ୍ରେସର ମାନବିକତା**

ଚଳିତ ବନ୍ୟା ଓ ବର୍ଷା ଯୋଗୁ ଯାଜପୁର, କେନ୍ଦୁଝର ଜିଲ୍ଲା ସମେତ ଉତ୍ତର ଓଡ଼ିଶାରେ ଚାଷୀଙ୍କ ହଜାର ହଜାର ହେକ୍ଟର ଫସଲ ଉଜୁଡ଼ି ଯାଇଛି। ଶହ ଶହ ଲୋକେ ବାସହୀନ ହୋଇ ଦୁର୍ଦ୍ଦଶା ମଧ୍ୟରେ ଦିନ କାଟୁଛନ୍ତି। କିନ୍ତୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏସବୁ ପ୍ରତି ଆଖି ବୁଜି ଦେଇଛନ୍ତି। ଏବେ ଏହି ମହାବିପତ୍ତିବେଳେ ବିଜେଡିର ଅସଲ ଚେହେରା ପଦାରେ ପଡ଼ିଛି। ରାଜ୍ୟରେ ୨୪ ବର୍ଷର ଶାସନ କାଳରେ ଦଳୀୟ ପାଣ୍ଠିରେ ୭୦୦ କୋଟି ଟଙ୍କାରୁ ଅଧିକ ଅର୍ଥରାଶି ଜମା ରଖିଥିବା ବି

କାଠଗଡ଼ାରେ ଡିଜିପି ଚୟନ

ପୁଲିସ ମୁଖିଆ ନିଯୁକ୍ତି ପ୍ରସଙ୍ଗରେ ସରକାରଙ୍କୁ ଲାଗିଛି ଜବରଦସ୍ତ ଝଟକା। ଏହି ମାମଲା ଏବେ ସୁପ୍ରିମ କୋର୍ଟରେ ପହଞ୍ଚିଛି। ଡିଜିପି ଚୟନରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥିବା ଅଭିଯୋଗ ଉଠିଛି। ବହୁ ବରିଷ୍ଠ ଅଧିକାରୀ ରହିଥଇବା ବେଳେ ଆଇନର ଫାଙ୍କ ତଳେ ଚାଲିଥିବା କାରସାଦିକୁ ନେଇ ଉଠିଛି ପ୍ରଶ୍ନ। ଏ ପ୍ରସଙ୍ଗରେ କଂଗ୍ରେସର ବରିଷ୍ଠ ନେତା ତଥା ବିଶିଷ୍ଟ ଆଇନଜୀବୀ ଚିଦାମ୍ବରମ ସିଧା ସିଧା ସରକାରଙ୍କୁ କାଠଗଡ଼ାକୁ ଟାଣିଛନ୍ତି। ସଙ୍ଗିନ ଅଭିଯୋଗ ଆଣି କହିଛନ୍ତି ଯେ, ରାଜ୍ୟ ସରକାର ନିଜ ପସନ୍ଦର କନିଷ୍ଠ ଆଇପିଏସ୍‌ଙ୍କୁ ଡିଜିପି ପଦରେ ବସାଇବାକୁ ନିଷ୍ପତ୍ତି ନେଇ ପ୍ରକାଶ ସିଂ ମାମଲାର ରାୟକୁ ଅଣଦେଖା କରିଛନ୍ତି। ଏଭଳି ପଦକ୍ଷେପ କେବେହେଲେ ଶୁଭଙ୍କର ନୁହେଁ, ବରଂ ଆଇନକୁ ଦଳିମକଚି ନିଜ ସ୍ୱାର୍ଥ ହାସଲ କରିବା ଲାଗି ସରକାରୀ ପ୍ରୟାସର ଏକ ଏକ ନମୁନା। ଏଭଳି କେଁ କୁ ନେଇ ରାଜନୀତି ଜୋର ଧରିବାରେ ଲାଗିଛି।

ସୁଶାନ୍ତ କୁମାର ଦାସ

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦର ଏକ ଗୁରୁଦାୟିତ୍ୱ ରହିଛି। ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷା, ମନ୍ତ୍ରୀ-ଅଧିକାରୀଙ୍କ ସହ ସମନ୍ୱୟ, ବିଭାଗୀୟ ସମସ୍ତ ଉତ୍ତରଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ। ଏହି ପଦବି ଲାଗି ଅନେକ ଆଇପିଏସ୍ ରେସ୍‌ରେ ଥିବାବେଳେ ସରକାର ଚାଲାକି କରି କନିଷ୍ଠ ଅଧିକାରୀଙ୍କୁ ପଦୋନ୍ନତି ଦେଇ ଏହି ପଦ ଲାଗି ଦାବେଦାର କରିବାକୁ ପ୍ରୟାସ କରିବା ଚର୍ଚ୍ଚାକୁ ଆସିଛି। ୧୯୯୦, ୧୯୯୧ ମସିହାର ଆଇପିଏସ୍ ଅଧିକାରୀ ଏଥିରେ ପଛରେ ପଡ଼ିଯାଇଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ଏଡିଜି ସଂଜୀବ ପଣ୍ଡା ଓ ୟଶୱନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇ ତାଲିକା ଦିଲ୍ଲୀ ପଠାଯାଇଛି। ଏବେ ଏହି କେଁ ହାତରେ ପଡ଼ି ଦାଣ୍ଡରେ ଗଡୁଛି। ଏଭଳି ସରକାରୀ ଚକ୍ରାନ୍ତର ଶିକାର ହୋଇଛନ୍ତି ଡିଜିପି ରେସ୍‌ରେ ଥିବା ଏକାଧିକ ଅଧିକାରୀ। ସରକାରଙ୍କୁ ସୁହାଇଲା ଭଳି ଡିଜିପି ଚୟନ ପ୍ରୟାସ କାହିଁକି କରାଯାଉଥିଲା, ଏବେ ତାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ମାମଲାକୁ ଗୁରୁତର କହିଲେ ସୁପ୍ରିମକୋର୍ଟ

ଆସନ୍ତା ଅଗଷ୍ଟ ୧୬ ତାରିଖରେ ସରିବ ଓଡ଼ିଶା ଡିଜିପି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ। ଏହା ପୂର୍ବରୁ ନୂଆ ଡିଜିପି ଚୟନ ଶେଷହେବା କଥା। ଦେଶରେ ନିଯୁକ୍ତି ପରୀକ୍ଷା କେଜେଙ୍କାରୀ ନେଇ ଜେନ୍-ଜି ଆନ୍ଦୋଳନ କରୁଥିଲା ବେଳେ ଡିଜିପି ନିଯୁକ୍ତିରେ ବି କେଁ ପଶିଛି। ସରକାରଙ୍କ ନୀତିରେ ଅନିମିୟତତା ଅଭିଯୋଗ ଆଣି ସୁପ୍ରିମକୋର୍ଟରେ ଦାୟର ହୋଇଛି ଜନସ୍ୱାର୍ଥ ମାମଲା। ଏଭଳି ଅନିୟମିତତାକୁ ନେଇ ସ୍ୱର ଉଠିବା ସ୍ୱାଭାବିକ।

ନିୟମାବଳୀର ଉଲ୍ଲଂଘନ

୨୦୦୬ ପ୍ରକାଶ ସିଂ ମାମଲାର ନିର୍ଦ୍ଦେଶକୁ ଦଳି ଦିଆଯାଇଛି। ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କହିଛନ୍ତି, କେବଳ ୟୁପିଏସ୍‌ସି ଦ୍ୱାରା ସୁପାରିସ ୩ ଜଣ ବରିଷ୍ଠ ଡିଜି ପାହ୍ୟା ଅଫିସରଙ୍କ ମଧ୍ୟରୁ ହିଁ ସରକାର ଡିଜିପି ଚୟନ କରିପାରିବେ। ତାଲିକା ବାରମ୍ବାର ପ୍ରତ୍ୟାହାର କରାଯିବା ଅନୁଚିତ। ପ୍ରକାଶଥାଉ କି, ଓଡ଼ିଶା ସରକାର ପ୍ରଥମେ ଏପ୍ରିଲରେ ଗୋଟିଏ ତାଲିକା ପଠାଇଥିଲେ। ମେ' ମାସରେ କେନ୍ଦ୍ରକୁ ଯାଇଥିଲା ୩ ଡିଜିପି ଏବଂ ୮ ଜଣ ଏଡିଜିପିଙ୍କ ନାମ ତାଲିକା। ଏଥିରେ କୌଶଳ ଖଟାଇ ମନମାନୀ କରିବା ଲାଗି ପ୍ରୟାସ କରାଯାଇଛି। ସରକାରଙ୍କୁ ସୁହାଇଲା ଭଳି ଜଣେ ଅଧିକାରୀଙ୍କୁ ଡିଜିପି ପଦ ଦେବା ଲାଗି ଆଇନକୁ ଦଳିମକଚି ଦେବା ଭଳି କାର୍ଯ୍ୟ କରାଯାଇଥିବା କୁହାଯାଉଛି।

ୟୁପିଏସ୍‌ସିର ଆପତ୍ତି

ଅଗଷ୍ଟ ୭ରେ ୟୁପିଏସ୍‌ସି ବୈଠକରେ କୁହାଯାଇଥିଲା ଯେ, କେବଳ ଡିଜିପିଷ୍ଟରୀୟ ଅଫିସରଙ୍କୁ ପ୍ରାଥମିକତା ମିଳିବ। ଲେବଲ୍-୧୬ ପାହ୍ୟାର ଅଫିସର ହୋଇପାରିବେ ଡିଜି। ଏହା ଶୁଣିବା ପରେ ତୁରନ୍ତ ତାଲିକାକୁ ପ୍ରତ୍ୟାହାର କରି ନେଇଥିଲେ ସରକାର। ତରବରିଆ ଭାବେ ସୋମବାର ଲେବଲ-୧୫ ପାହ୍ୟା ଅଫିସର ଅର୍ଥାତ୍ ଏଡିଜି ସଂଜୀବ ପଣ୍ଡା ଓ ୟଶୱନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ନିଆଯାଇଥିଲା। ସାନି ତାଲିକା ଯାଇଥିଲା କେନ୍ଦ୍ରକୁ। ଏବେ ଏହାକୁ ନେଇ ଆପତ୍ତି ଅଭିଯୋଗ କରାଯାଇଛି। ଖୋଦ ୟୁପିଏସ୍‌ସି ପକ୍ଷରୁ ଏନେଇ ଆପତ୍ତି କରାଯିବା ପରେ ସରକାରଙ୍କ କାରନାମା ପଦାରେ ପଡ଼ିଛି।

ଏବେ ଦ୍ୱନ୍ଦ୍ୱରେ ଓଡ଼ିଶା ସରକାର

ଡିଜି ନିଯୁକ୍ତି ପ୍ରସଙ୍ଗ କିନ୍ତୁ ରାଜ୍ୟରେ କୋଳାହଳ ସୃଷ୍ଟି କଲାଣି। ଅଭିଯୋଗ ହେଲାଣି, ନିଜ ପସନ୍ଦର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି କରିବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର। ଓଡ଼ିଶା ଡିଜିପି ନିଯୁକ୍ତି ଉପରେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି ଓ ୧୩ ତାରିଖରେ ୟୁପିଏସ୍‌ସି କମିଟି ବସିଛି। ଏପରି ପରିସ୍ଥିତିରେ କାହାକୁ ଡିଜି ପଦରେ ଅବସ୍ଥାପିତ କରାଯିବ, ସେ ନେଇ ଦ୍ୱନ୍ଦ୍ୱରେ ଓଡ଼ିଶା ସରକାର ପଡ଼ିଛନ୍ତି। ସେପଟେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ଜୋର ଧରିବାରେ ଲାଗିଛି। ବରିଷ୍ଠତା ଦୃଷ୍ଟିରୁ ସୁଧାଂଶୁ ଷଡ଼ଙ୍ଗୀ ଏହି ପଦ ଲାଗି ଦାବେଦାର ରହିଥିବା ବେଳେ ଅନ୍ୟ କମ୍ ଅଭିଜ୍ଞତା ଥିବା ଆଇପିଏସ୍ ଅଧିକାରୀଙ୍କୁ ସରକାର କାହିଁକି ବାଛିବାକୁ ଚାହୁଁଛନ୍ତି, ତାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ସରକାରୀ ଚାଲବାଜୀ ବି ପଦାକୁ ଆସିଛି। ଏନେଇ ସୁପ୍ରିମକୋର୍ଟ ବିଚାର କରୁଥିବା ବେଳେ ରାଜ୍ୟ ସରକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ରାଜ୍ୟ ସରୀକାରଙ୍କୁ 'ସୁପ୍ରିମ' ନୋଟିସ

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ୟୁପିଏସ୍‌ସି ଓ ଓଡ଼ିଶା ସରକାରଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ଏପଟେ ରାଜ୍ୟ ସରକାର ପୁଲିସ ଡିଜି ଚୟନ ନିମନ୍ତେ ମେ' ୧୪ତାରିଖରେ ୟୁପିଏସ୍‌ସିକୁ ଦେଇଥିବା ୧୧ଜଣିଆ ବରିଷ୍ଠ ଆଇପିଏସଙ୍କ ତାଲିକାରେ କାହିଁକି ଶେଷ ମୂହୂର୍ତ୍ତରେ(ଅଗଷ୍ଟ ୭ରେ ବୈଠକ ଦିନ) ପରିବର୍ତ୍ତନ କରିବାକୁ ଚାହିଁଲେ ଓ ଏଥିପାଇଁ ସରକାରଙ୍କୁ କିଏ ପରାମର୍ଶ ଦେଲା, ତାହା ଏବେ ପାଖ୍ୟାର କରିଡରରେ ଚର୍ଚ୍ଚାର ବିଷୟ ପାଲଟିଛି। ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଜୟନ୍ତ ଦାସଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସୁପ୍ରିମକୋର୍ଟରେ ପକ୍ଷ ରଖି ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ପୂର୍ବରୁ ୟୁପିଏସସି ନିକଟକୁ ପଠାଇଥିବା ଆଇପିଏସ୍ ଅଫିସରଙ୍କ ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି। ଏବେ ଅତିରିକ୍ତ ଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିସ ତାଲିକାରେ ପୂରାଇବା ପାଇଁ ବେଆଇନ ଉଦ୍ୟମ କରୁଛନ୍ତି। ସମସ୍ତ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ, କେଉଁ ଅଫିସର ଯୋଗ୍ୟ ଓ କାହା ନାଁ ବିଚାର କରାଯାଇପାରିବ, ସେ ନେଇ ୟୁପିଏସସି ସମ୍ପୂର୍ଣ୍ଣ ଅବଗତ ଅଛି। ଯଦି ଅଯୋଗ୍ୟ ଅଫିସରଙ୍କ ନାମ ପଠାଯାଏ, ତେବେ ସୁପ୍ରିମକୋର୍ଟଙ୍କ ପୂର୍ବନିର୍ଦ୍ଦେଶ ଅନୁସାରେ ୟୁପିଏସସି କାର୍ଯ୍ୟ କରିବେ। କମସଂଖ୍ୟକ ଯୋଗ୍ୟ ଅଫିସର ଅଛନ୍ତି ଦର୍ଶାଇ ନିୟମ ଭାଙ୍ଗିବାର କୌଣସି ଅଧିକାର ରାଜ୍ୟ ସରକାରଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିସାରିଛନ୍ତି।

ବିବାଦ ଘେରରେ ମୋହନ ସରକାର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏସବୁ ପ୍ରଶାସନିକ କାର୍ଯ୍ୟରେ ସହଯୋଗ ପାଇଁ ପ୍ରକାଶ ମିଶ୍ରଙ୍କ ଭଳି ଜଣେ ବରିଷ୍ଠ ଓ ଅଭିଜ୍ଞ ଅବସରପ୍ରାପ୍ତ ଆଇପିଏସ୍ ଅଫିସରଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଦେଇ ସୁରକ୍ଷା ଉପଦେଷ୍ଟା ଭାବେ ଅବସ୍ଥାପିତ କରାଯାଇଛି। ତାଙ୍କ ଛଡ଼ା ମୁଖ୍ୟ ସଚିବ, ଗୃହ ସଚିବ ଓ ଅନ୍ୟ ବରିଷ୍ଠ ଅଫିସରମାନେ ମଧ୍ୟ ଏହି ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସମ୍ପୃକ୍ତ ରହିଛନ୍ତି। ତଥାପି ଏଭଳି ଅପରିପକ୍ୱ ନିଷ୍ପତ୍ତି ଓ ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନ କରିବା ଯୋଗୁ ରାଜ୍ୟର ନୂଆ ପୁଲିସ ଡିଜି ଚୟନ ପ୍ରକ୍ରିୟା ଏବେ ବିବାଦଘେରକୁ ଚାଲିଆସିଛି। ଯଦି ସରକାର କୌଣସି ନିର୍ଦ୍ଦିଷ୍ଟ ଅଫିସରଙ୍କୁ ପୁଲିସ ଡିଜି ଭାବେ ଅବସ୍ଥାପିତ କରିବାକୁ ଚାହୁଁଥିଲେ, ତା'ହେଲେ ଏପ୍ରିଲ କିମ୍ବା ମଇ ମାସରେ ପ୍ରସ୍ତାବ ପଠାଇବା ପୂର୍ବରୁ ତାଙ୍କୁ ଅନୁରୂପ ଯୋଗ୍ୟ ତାଲିକାରେ ସାମିଲ କରିବାର ଥିଲା। କିନ୍ତୁ ତା' ନକରି ଅଚାନକ ଯୋଗ୍ୟ ଅଫିସରଙ୍କୁ 'ଅଯୋଗ୍ୟ' ଦର୍ଶାଇବା ପାଇଁ 'ଅଯୋଗ୍ୟ'ଙ୍କୁ ଯୋଗ୍ୟ କରିବାର ଅପଚେଷ୍ଟା କରିଛନ୍ତି। ଯାହାକି ଏବେ ସରକାରଙ୍କୁ ମହଙ୍ଗା ପଡ଼ିଥିବା ପାଖ୍ୟାର କରିଡରରେ ଚର୍ଚ୍ଚା ହେଉଛି।

ସଞ୍ଜୀବ ଓ ଯଶୋବନ୍ତଙ୍କୁ ପୁରସ୍କାର

ନୂଆ ଡିଜିପି ନିଯୁକ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏଡିଜି ପାହ୍ୟାରୁ ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି ବରିଷ୍ଠ ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଦୋନ୍ନତି ପ୍ରସ୍ତାବକୁ ମଞ୍ଜୁରୀ ଦିଆଯିବା ପରେ ଘଟଣା ଭିନ୍ନଭୋଡ଼ ନେଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମୋହର ବାଜିବା ଓ ଦିଲ୍ଲୀରେ ସେମାନଙ୍କ ନାମ ଉପସ୍ଥାପନ କରାଯିବା ପରେ ବିଭିନ୍ନ ଆଡୁ ପ୍ରତିବାଦର ସ୍ୱର ଲମ୍ବିବାରେ ଲାଗିଛି। ତେବେ ଦୁଇ ବରିଷ୍ଠ ଅଧିକାରୀ ଡିଜି ପାହ୍ୟାକୁ ପଦୋନ୍ନତି ପାଇବା ପରେ ଏବେ ଖାଲି ପଡ଼ିଥିବା ଡିଜି ପଦକୁ ନେଇ ଚର୍ଚ୍ଚା ବଢ଼ିଛି। ନୂଆ ଡିଜିପି ଭାବେ କାହାକୁ ଦାୟିତ୍ୱ ଦିଆଯିବ, ତାହାକୁ ନେଇ ଉତ୍କଣ୍ଠା ଲାଗି ରହିଛି। ସୂଚନା ଅନୁସାରେ, ବର୍ତ୍ତମାନର ଡିଜିପି ଖୁରାନିଆଙ୍କ କାର୍ଯ୍ୟକାଳ ଆସନ୍ତା ୧୬ ତାରିଖରେ ଶେଷ ହେବ। ତେଣୁ ତାଙ୍କ ପରେ ରାଜ୍ୟ ପୋଲିସର ନୂଆ ଡିଜିପି କିଏ ହେବେ, ସେନେଇ ଚର୍ଚ୍ଚା ଆହୁରି ତୀବ୍ର ହୋଇଛି।

ପୁଣି ଦିଲ୍ଲୀରେ ହେବ ଚୟନ ବୈଠକ

ଓଡ଼ିଶାର ପରବର୍ତ୍ତୀ ଡିଜିପି କିଏ ହେବେ ସେନେଇ ଚୟନ ପାଇଁ ଦିଲ୍ଲୀରେ ଶୁକ୍ରବାର ବସିଥିବା ବୈଠକରେ ସ୍ପଷ୍ଟ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ କୌଣସି କାରଣ ପାଇଁ କେନ୍ଦ୍ର ଲୋକସେବା ଆୟୋଗ ପକ୍ଷରୁ ହୋଇଥିବା ଏମ୍ପାନେଲମେଣ୍ଟ କମିଟି ବୈଠକରୁ କୌଣସି ନିର୍ଯାସ ବାହାରିପାରିନି। ସୂଚନା ଅନୁସାରେ ୟୁପିଏସ୍‌ସି ଅଧକ୍ଷ ଅଜୟ କୁମାରଙ୍କ ନେତୃତ୍ୱରେ ବସିଥିବା ବୈଠକ ଅଧାରୁ ବାତିଲ ହୋଇଯାଇଥିଲା। ଆସନ୍ତା ସପ୍ତାହରେ ପୁଣି ଥରେ ବୈଠକ ବସିବ। ବୈଠକରେ ରାଜ୍ୟ ସରକାର ଡିଜିପି ଦୌଡ଼ରେ ଥିବା ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ରଖିବେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ନାମ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯିବ। ପଠାଯାଇଥିବା ୩ ଜଣଙ୍କ ମଧ୍ୟରୁ ହିଁ ଜଣଙ୍କୁ ନୂଆ ଡିଜିପି ଭାବେ ନିଯୁକ୍ତି ମିଳିବ।

ଅସ୍ଥାୟୀ ଡିଜିପି ନିଯୁକ୍ତି ହେବା ଆଶଙ୍କା

ଆଉ ମାତ୍ର କିଛିଦିନ ପରେ ବର୍ତ୍ତମାନର ଡିଜିପି ୱାଇ ବି ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେବ। ତେଣୁ ଏହି ସମୟ ମଧ୍ୟରେ ଯଦି ଦିଲ୍ଲୀରେ ବୈଠକ ବସି ଡିଜିପି ଚୟନ ବୃତ୍ତାନ୍ତ ହୋଇ ନପାରିଲେ, ତେବେ ଅସ୍ଥାୟୀ ଭାବେ ଜଣେ ବରିଷ୍ଠ ଆଇପିଏସ୍‌ଙ୍କୁ ଦାୟିତ୍ୱ ଦିଆଯିବାର ସମ୍ଭାବନା ରହିଛି। ପୂର୍ଣ୍ଣକାଳୀନ ଡିଜିପି ଚୟନ ପର୍ଯ୍ୟନ୍ତ ଅସ୍ଥାୟୀ ଡିଜିପି ଦାୟିତ୍ୱ ତୁଲାଇବେ। ଡିଜିପି ରେସରେ ଅଛନ୍ତି ୧୯୯୦ ବ୍ୟାଚ୍ ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ। ୧୯୯୩ ବ୍ୟାଚ୍ ଆଇପିଏସ୍ ଆରପି କୋଚେ। ୧୯୯୩ ବ୍ୟାଚ୍ ଆଇପିଏସ୍ ସୁଶାନ୍ତ ନାଥ। ୧୯୯୪ ବ୍ୟାଚ୍ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ୱାଇ.କେ ଜେଠୱାଙ୍କ ନାଁକୁ ନେଇ ବି ଚର୍ଚ୍ଚା ହେଉଛି।

ପଶ୍ଚିମ ଓଡ଼ିଶା

ମାନବିକତାର ପରିଚୟ ଦେଲା 'ବିନ୍ଦୁମିନା ସେବା ଫାଉଣ୍ଡେସନ'

ଭୁବନେଶ୍ୱରରୁ ଗାଁକୁ ଫେରିଲା ମହିଳାଙ୍କ ମୃତଦେହ

କଳାହାଣ୍ଡି(ଅମୃତ ମିଡିଆ) : ସତରେ ଏ ଦୁନିଆରେ କିଛି ବ୍ୟକ୍ତିଙ୍କୁ ଅକାଳରେ ଏବଂ ଅନିଚ୍ଛା ସତ୍ତ୍ୱେ ସଂସାର ଛାଡ଼ି ଚାଲିଯିବାକୁ ପଡ଼ିଥାଏ। ହେଲେ ପରିବାର ପ୍ରତି ଥିବା ଦାୟିତ୍ୱ ଅଧାରେ ରହିଯିବା ଫଳରେ ପଛରେ ରହିଯାଇଥିବା ସ୍ୱାମୀ ଓ ଛୋଟ ଛୋଟ ସନ୍ତାନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଖଲିଆକାନୀ ଗ୍ରାମ ପଞ୍ଚାୟତର କୁରେସିନୀ ଗାଁରେ। ସୂଚନା ଅନୁଯାୟୀ, କୁରେସିନୀ ଗ୍ରାମର ଶ୍ରୀଯୁକ୍ତ ସଂଗୁ ନାଏକଙ୍କ ପତ୍ନୀ ସଜନୀ ନାଏକ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲରେ ଚିକିତ୍ସିତ

ହେଉଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍ପିଟାଲରେ ମୃତ ମାଆଙ୍କ ପାଖରେ ତାଙ୍କର ଏକ ନାବାଳକ ପୁଅ ଓ ସ୍ୱାମୀ ଉପସ୍ଥିତ ଥିଲେ ମଧ୍ୟ ଆର୍ଥିକ ଅଭାବ ଯୋଗୁଁ ମୃତଦେହକୁ ନିଜ ଗାଁ କୁରେସିନୀକୁ ଆଣିବା ପାଇଁ ସେମାନେ ସମ୍ପୂର୍ଣ୍ଣ ଅସମର୍ଥ ଥିଲେ।ଏହି ସଂକଟ ସମୟରେ ମୃତ ମହିଳାଙ୍କ ପୁଅ ସୋସିଆଲ ମିଡ଼ିଆ ମାଧ୍ୟମରେ ସହଯୋଗ ପାଇଁ ଆକୁଳ ନିବେଦନ କରିଥିଲେ। ଏହା ଦେଖି ସ୍ଥାନୀୟ ଯୁବକ ପିଣ୍ଟୁ ମେହେର, ପିଣ୍ଟୁ ନାଏକ, ହୁତେଶ ମସ୍ତା ଓ ବୈଶାଖୁ କେତକୀ ପ୍ରମୁଖ ତୁରନ୍ତ 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦଙ୍କ ସହ ଯୋଗାଯୋଗ କରିଥିଲେ।ଖବର ପାଇବା ମାତ୍ରେ ବିନ୍ଦୁମିନା ସେବା ଫାଉଣ୍ଡେସନ ପକ୍ଷରୁ ତୁରନ୍ତ ତତ୍ପରତା ପ୍ରକାଶ କରାଯାଇ ଭୁବନେଶ୍ୱରରୁ କୁରେସିନୀ ଗ୍ରାମକୁ ମୃତଦେହ ଆଣିବା ପାଇଁ ଏକ ଗାଡ଼ିର ମାଗଣା ବ୍ୟବସ୍ଥା କରାଯାଇଥିଲା। ଫାଉଣ୍ଡେସନର ଏହି ମହତ ସହଯୋଗ ଯୋଗୁଁ ମୃତଦେହ ଆଜି ନିଜ ଗାଁରେ ପହଞ୍ଚିବା ପରେ ସନ୍ଧ୍ୟାନର ଗ୍ରାମ୍ୟ ସ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବିପଦ ସମୟରେ ଫାଉଣ୍ଡେସନର ଏଭଳି ଅହରହ ମାନବ ସେବା ଓ ମହାନତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି।

ଗାଁକୁ ଯାଇପାରିଲାନି ଶବବାହକ ଗାଡ଼ି

୮ କିଲୋମିଟର ଖଟିଆରେ ବୁହାହେଲା ଦାଦନଙ୍କ ମୃତଦେହ

ବିକାଶର ଜବାବ ମାଗୁଛି କଳାହାଣ୍ଡି

କଳାହାଣ୍ଡି(ଅମୃତ ମିଡିଆ): ଆମେ ଭାରତ ବାସୀ ଆଉ ଦୁଇ ଦିନ ପରେ ପାଳିବୁ ଅମୃତ ଉତ୍ସବ ବା ୮୦ ତମ ସ୍ୱାଧୀନତା ଦିବସ। ଗାଁଠୁ ସହର, ସବୁଠି ତ୍ରିରଙ୍ଗା ବିକାଶର ବଡ଼ ବଡ଼ ଦାବି ଓ ଅମୃତ ଉତ୍ସବର ଆଡ଼ମ୍ବର ଭିତରେ । କିନ୍ତୁ ଏୟା ଭିତରେ କଳାହାଣ୍ଡିର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶର ଚିତ୍ର ଦେଖିଲେ ଲାଗୁଛି,ଏଠାରେ ସ୍ୱାଧୀନତା ଏବେ ବି ରାସ୍ତା ଖୋଜୁଛି।ଏହି ରାସ୍ତା ଖୋଜାରେ ରହିଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତ ଖମାରପଦର ଭାଟିଫାସ ଗାଁ । ଏହି ଗାଁ ର ଦାଦନ ଶ୍ରମିକ ଶିବ ମାଝୀ ଦାଦନ ଖଟି ଯାଇଥିବା ବେଳେ ହାଇଦ୍ରାବାଦରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଜାଗାରୁ ପରିବାର ଲୋକଙ୍କ ପାଖ କୁ ଶିବ ମାଝୀ ଙ୍କ ଶବ କୁ ନେଇ ଆସିଥିଲା ଆମ୍ବୁଲାନ୍ସ। କିନ୍ତୁ ଗାଁ ନିକଟ ପର୍ଯ୍ୟନ୍ତ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆଉ ଗାଁ ଭିତରକୁ ଯାଇ ପାରିଲା ନାହିଁ । ପ୍ରାୟ ଗାଁ ଠାରୁ ୮ କିଲୋମିଟର ଦୂରରେ ଅଟକି ରହିଲା ଆମ୍ବୁଲାନ୍ସ ।

ଆମ୍ବୁଲାନ୍ସ କେମିତି ହେଲେ ଗାଁ ଭିତରକୁ ଯାଇ ପାରନ୍ତା । ଗାଁ ରାସ୍ତା କାଦୁଅ ପଚ ପଚ ଖାଲ ଖମାରେ ଭରି ହୋଇ ଥିବାରୁ ଡୁର୍ମୁଣୀନାଳ ନିକଟରେ ଅଟକିଗଲା ଆମ୍ବୁଲାନ୍ସ। ସନ୍ଧ୍ୟା ହୋଇ ଯିବାରୁ ଶବ ସହ ରାତିସାରା ସେଠାରେ ପଡ଼ି ରହିଲା ଗାଡ଼ି । ସକାଳ ପାଇଲା ପରେ ପରିବାର ସହ ଗ୍ରାମବାସୀ ଏକ ଖଟିଆରେ ଶିବ ମାଝୀଙ୍କ ଶବକୁ ପ୍ରାୟ ୮ କିଲୋମିଟର ବୋହି ଗାଁ ନିକଟକୁ ଆଣିଲେ । ଏହାକୁ ନେଇ ଜିଲ୍ଲାର ବିକାଶ ଚିତ୍ରର ପ୍ରଶ୍ନ ଉଠୁଛି ଯେ, ନିରୀହ ଲୋକର ଶବ କୁ ବୋହିବାରେ ସହଯୋଗ କରିବା ପାଇଁ ବିଭିନ୍ନ ସମସ୍ୟା କାରଣ ରୁ ବୋହିଲା କିଏ ? ପରିବାର ନା ସରକାରୀ ବ୍ୟବସ୍ଥା ? ପ୍ରଶାସନ ଏହାର ଉତ୍ତର ଦେଇ ପାରିବ କି ? ଜବାବ ମାଗୁଛି କଳାହାଣ୍ଡି । ଯେଉଁଠି ଜୀବନ୍ତ ରୋଗୀ କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଦରକାର, ସେଠାରେ ରାସ୍ତା ଅଭାବରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରୁନି। ଗର୍ଭବତୀ ମହିଳାଙ୍କ ପ୍ରସବ ଯନ୍ତ୍ରଣା ହେଉ କି ମୁମୂର୍ଷୁ ରୋଗୀଙ୍କ ଜୀବନ ବଞ୍ଚାଇବାର ଜରୁରୀ ମୁହୂର୍ତ୍ତ ହେଉ –ପ୍ରତିଥର ରାସ୍ତା ହିଁ ଏଠାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି । ଏହା ଆଜିର କେବଳ ଶବକୁ ୮ କିଲୋମିଟର ବୋହିବାର ଘଟଣା ନୁହେଁ । ଏହା ସେହି ବ୍ୟବସ୍ଥାର ଚିତ୍ର, ଯେଉଁଠି କାଗଜ ରେ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ଗାଁ ଦୁଆରେ ପହଞ୍ଚିଛି । କିନ୍ତୁ ବାସ୍ତବରେ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁଠୁ ୮ କିଲୋମିଟର ଦୂରରେ ଅଟକି ଯାଉଛି ।ସ୍ୱାଧୀନତା ଦିବସରେ ତ୍ରିରଙ୍ଗା ଉଡ଼ିବ, ନେତା ମନ୍ତ୍ରୀ ବିକାଶ ଭାଷଣ ଦେବେ, ବିକାଶର ଗୁଣଗାନ ଦେବେ । କିନ୍ତୁ କଳାହାଣ୍ଡି ର ବିକାଶ ଚିତ୍ର କେତେ ଦୂର ରେ ଅଛି ପ୍ରଶାସନ କୁ ଏହି ଗାଁ ପଚାରିବ–"ଆମେ ସତରେ ସ୍ୱାଧୀନତା ଅଛେ। ଆଉ ନେତା ମନ୍ତ୍ରୀ ଙ୍କ ଭାଷଣ ରେ କେତେ ଦମ ରହିଛି ତାହାର ଜବାବ ମାଗୁଛି କଳାହାଣ୍ଡି ର ଖମାର ପଦର ଭାଟି ଫାସ ଗାଁ ।

ମାସ ମାସ ଧରି ଅଚଳ ହାଇମାଷ୍ଟ ଲାଇଟ୍

ଅନ୍ଧାରରେ ଖପ୍ରାଖୋଲ ମୁଖ୍ୟଛକ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲକୁ ସଦର ଅଞ୍ଚଳ ଭାବେ କୁହାଯାଉଥିବା ବେଳେ ଏଠାର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଦେଖିଲେ ଯେକେହି ପ୍ରଶ୍ନ କରିବାକୁ ବାଧ ହେବେ ସରକାରୀ ଯୋଜନାରେ ଲାଇଟ୍ ଲାଗୁଛି, ହେଲେ ତାହାର ରକ୍ଷଣାବେକ୍ଷଣ କରିବ କିଏ ? ଖପ୍ରାଖୋଲ ମୁଖ୍ୟ ଚାରିଛକରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ମାସ ମାସ ଧରି ଅଚଳ ହୋଇ ପଡ଼ିଛି । ଲାଇଟ୍ ଖରାପ ହୋଇଥିଲେ ମଧ୍ୟ ଏହାର ମରାମତି ପାଇଁ ସମ୍ପୃକ୍ତ ବିଭାଗର ତତ୍ପରତା ଦେଖିବାକୁ ମିଳୁନାହିଁ। ଫଳରେ ସନ୍ଧ୍ୟା ହେଲେ ଖପ୍ରାଖୋଲର ମୁଖ୍ୟ ଛକ



ଅନ୍ଧାରରେ ଡୁବି ରହୁଛି । ଏହି ଛକରେ ଦୈନିକ ବହୁ ଲୋକଙ୍କ ଯାତାୟାତ ରହୁଥିବାରୁ ଅନ୍ଧାର ଯୋଗୁଁ ଦୁର୍ଘଟଣା ଓ ଅସାମାଜିକ କାର୍ଯ୍ୟକଳାପର ଆଶଙ୍କା ମଧ୍ୟ ବଢୁଛି । କେବଳ ମୁଖ୍ୟ ଛକ ନୁହେଁ, ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ ଛକରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ର ଅବସ୍ଥା ମଧ୍ୟ ସମାନ। ରାତି ହେଲେ ଏହି ଲାଇଟ୍ ଜଳୁନଥିବାରୁ ଅଞ୍ଚଳଟି ଅନ୍ଧାରମୟ ହୋଇପଡୁଛି । ଏହାର ନିକଟରେ କଷ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ ରହିଥିବାରୁ ରାତ୍ରି ସମୟରେ ଆଲୋକ ବ୍ୟବସ୍ଥା ନଥିବା ଘଟଣାକୁ ଅଧିକ ଗୁରୁତର କରିଛି। ସରକାରୀ ଅର୍ଥ ବ୍ୟୟ କରି ଲାଇଟ୍ ଲଗାଇଦେବା ପରେ ତାହାର ରକ୍ଷଣାବେକ୍ଷଣ ଓ ମରାମତି ପ୍ରତି ଯଦି ବିଭାଗର ଦୃଷ୍ଟି ନଥାଏ, ତେବେ ଏଭଳି ଯୋଜନାର ଉଦ୍ଦେଶ୍ୟ କ'ଣ ଏହା ଏବେ ସାଧାରଣ ଲୋକଙ୍କ ମୁଖ୍ୟ ପ୍ରଶ୍ନ। ମାସ ମାସ ଧରି ଲାଇଟ୍ ଅଚଳ ରହିବା ସତ୍ତ୍ୱେ ମରାମତି ନହେବା ବିଭାଗୀୟ ଅବହେଳା ଓ ଦାୟିତ୍ୱହୀନତାକୁ ସ୍ପଷ୍ଟ କରୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲୋକଙ୍କ ସୁରକ୍ଷା ଓ ସୁବିଧା ପାଇଁ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଯଦି ଜଳିବ ନାହିଁ, ତେବେ ତାହା କେବଳ ଶୋଭା ବଢ଼ାଇବା ପାଇଁ ଲଗାଯାଇଛି କି ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଅଚଳ ଲାଇଟ୍‌ଗୁଡ଼ିକର ମରାମତି କରିବା ସହ ନିୟମିତ ରକ୍ଷଣାବେକ୍ଷଣର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ରାଇଘର (ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିର ଠାରୁ

ବିରାଟ ଶୋଭଯାତ୍ରା ରେ ବାହାରି ବ୍ଲକ କାର୍ଯ୍ୟଳୟ ଠାରେ ପହଞ୍ଚି ଥିଲେ। ଛାତ୍ର ଛାତ୍ରୀ ଏକତ୍ରିତ ହୋଇ ଶୋଭାଯାତ୍ରା ରେ ସାମିଲ ହୋଇ ବଜାର ଦେଇ ବ୍ଲକ ଠାରେ ପହଂଚି ଥିଲେ । ସେଠାରେ ବ୍ଲକ ପ୍ରଶାସନ ଏକସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଓଡ଼ିଶା ସରକାର ଙ୍କ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଶିବ ନାଥ ବାନାର୍ଜୀ, ବିଶ୍ୱ ନାଥ ସିଲ୍,ମନୋହର ଦଣ୍ଡସେନା, ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ସମସ୍ତ ବିଭାଗୀୟ ଅଧିକାରି ଙ୍କ ସମେତ ବହୁ ଜନସାଧାରଣ ତଥା ଯୁବ ସମାଜ ଯୋଗ ଦେଇ ଥିଲେ।

ଓଡିଆ ସାହିତ୍ୟ ମହୋତ୍ସବରେ ବଲାଙ୍ଗୀର ପ୍ରତିନିଧି

ବଲାଙ୍ଗୀର(ଅମୃତ ମିଡିଆ): ଜଗନ୍ନାଥ ଧାମ ପୁରୀ ର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ତିନି ଧରି ଓଡିଶା ସାହିତ୍ୟ ମହୋତ୍ସବ ଓ ରାଷ୍ଟ୍ରୀୟ ଯୁବ ସାହିତ୍ୟ ମହୋତ୍ସବ

ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖାରୁ ୨୫ ଜଣ ପ୍ରତିନିଧି ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରବନ୍ଧ ପାଠରେ ଡ. ଭବାନୀ ଶଙ୍କର ପଟେଲ ଓ କବିତା ପାଠରେ ଚୁମକି ଦାସ, ସବିତା ଭୋଇ, ଗିରିଜା ରଥ, ରଶ୍ମି ପାତ୍ର, ମଦନ ରଥ, ନଳିନୀ ଶତପଥୀ, ସଂଯୁକ୍ତା ମେହେର, ଗୋପୀକୃଷ୍ଣ ପାଣ୍ଡିଆ, ଡା. ଭବାନୀ ଶଙ୍କର ପଟେଲ ଅଂଶ ଗ୍ରହଣ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଦୁଇ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତ ରୁ କବି ତଥା ସାହିତ୍ୟିକମାନେ ଯୋଗ ଦେଇ ଥିଲେ । ଉଦ୍‌ଘାଟନ ଉତ୍ସବରେ ମାନ୍ୟବର ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗ ଦେଇଥିଲେ । ଅତିଥିମାନଙ୍କ ମଧ୍ୟରେ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଭାତ କୁମାର ମହାପାତ୍ର ଓ ଓଡିଆ ବିଶ୍ୱ ବିଦ୍ୟାଳୟର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ର ଉପସଭାପତି ପ୍ରଫେସର କୁମୁଦ ଶର୍ମା, ଓଡିଆ ସାହିତ୍ୟ ପରିଷଦ କେନ୍ଦ୍ରିୟ ମନ୍ତ୍ରୀ ପବନ କୁମାର, ଅଖିଳ ଭାରତୀୟ ପ୍ରାନ୍ତର ସଭାପତି ଅଭୟ କୁମାର ନାୟକ, ସାଧାରଣ ସଂପାଦକ ସନ୍ତୋଷ କୁମାର ମହାପାତ୍ର, ସଂଗଠନ ମନ୍ତ୍ରୀ ନାରାୟଣ ନାୟକ, ସଂପାଦକ ରାମକୃଷ୍ଣ ତ୍ରିପାଠୀ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ କବି ଓ ଲେଖକଙ୍କ ସାହିତ୍ୟ କୃତି ଉପରେ ଆଲୋଚନା ହୋଇଥିଲା। ରାଷ୍ଟ୍ର ବୋଧ ଆଧାରିତ ୧୫୦ ଗୋଟି କବିତା ପଠନ ହେଇଥିଲା । ଯାହା ମାନ୍ୟବର ସଂପାଦକ ପ୍ରକାଶିତ କରିବାକୁ ରାଜି ହୋଇଛନ୍ତି । ବଲାଙ୍ଗିର ପାଟଣାଗଡ ମହିଳା କଲେଜର ଛାତ୍ରୀମାନେ ପ୍ରବଂଧ ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ରେ ଯଥାକ୍ରମେ ବର୍ଷା ଭୋଇ ସ୍ମୃତି ସାହୁ, ଜ୍ୟୋତି ସାହୁ ଙ୍କୁ ସମ୍ମାନିତ ହୋଇଥିଲେ । ଏହି ମହୋତ୍ସବ ରେ ସଂପାଦକ ରାମ ଚନ୍ଦ୍ର ପଟେଲ, ରଙ୍କ ମଣି ବାରିକ, ବିଭୁତି ଭୂଷଣ ମିଶ୍ର, ବିରଂଚି ନାରାୟଣ ଦାଶ, ସୁନାଧର ବନଛୋର, ଲକ୍ଷ୍ମଣ ତ୍ରିପାଠୀ, ଦୟାନିଧି ନାଏକ, ଗୋପାଳ ପ୍ରଧାନ, ସତ୍ୟାନନ୍ଦ ବିଶ୍ୱାଳ ଯୋଗ ଦେଇ ସହଯୋଗ କରିଥିଲେ ।

ଏମ୍‌ଜିଏନ୍‌ଆରଇଜିଏ ଚାରା ପ୍ରକଳ୍ପର ଏନ୍‌ଏମ୍‌ଏମ୍‌ଏସ୍ ଫଟୋରେ ନାବାଳକ

- ୧୦ହଜାର ଚାରାରୋପଣ କାମରେ ଶ୍ରମିକ ଉପସ୍ଥାନକୁ ନେଇ ବଡ଼ ପ୍ରଶ୍ନ
- ମଷ୍ଟର ରୋଲ୍ ଓ ମଜୁରି ପ୍ରଦାନର ସରକାରୀ ଯାଞ୍ଚ ଦାବି

କଳାହାଣ୍ଡି(ଅମୃତ ମିଡିଆ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କାନ୍ତେସିର ଗ୍ରାମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଅଧୀନରେ ଚାଲିଥିବା ୧୦ ହଜାରଟି ତିନି ମାସିଆ ଚାରା ପ୍ରସ୍ତୁତି କାମକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଉପଲବ୍ଧ ସରକାରୀ ଏନ୍‌ଏମ୍‌ଏମ୍‌ଏସ୍ ଉପସ୍ଥାନ ରେକର୍ଡରେ ୧୮ ମେ ୨୦୨୫ ତାରିଖରେ ୧୦ ଜଣ ଶ୍ରମିକଙ୍କୁ ଉପସ୍ଥିତ ଦର୍ଶାଯାଇଥିବା ବେଳେ, ସେହି ଦିନର କାର୍ଯ୍ୟସ୍ଥଳ ଗୋଷ୍ଠୀ ଫଟୋରେ ଜଣେ ବ୍ୟକ୍ତି ଦେଖିବାକୁ ନାବାଳକ ପରି ଲାଗୁଥିବା ଦୃଶ୍ୟ ନଜରକୁ ଆସିଛି; ତେବେ କେବଳ ଫଟୋର ଚେହେରା କିମ୍ବା ଶାରୀରିକ ଗଠନ ଦେଖି କାହାର ବୟସ ନିଶ୍ଚିତ କରିହେବ ନାହିଁ, ତେଣୁ ଏହାକୁ ଏକ ଯାଞ୍ଚଯୋଗ୍ୟ ପ୍ରଶ୍ନ ଭାବେ ଦେଖିବା ହିଁ ତଥ୍ୟଭିତ୍ତିକ ଆଭିମୁଖ୍ୟ। ଏହି କାମର ସରକାରୀ କାର୍ଯ୍ୟ କୋଡ୍ ୨୪୧୦୦୦୨/ଡିଘି/୧୦୮୮୯୯୨୬ ହୋଇଥିବା ବେଳେ, କାନ୍ତେସିର ପଞ୍ଚାୟତ ଅଧୀନରେ ଏହା ଚାରା ପ୍ରସ୍ତୁତି ସମ୍ପର୍କିତ କାମ ଭାବେ ରେକର୍ଡ ହୋଇଛି। ଏନ୍‌ଏମ୍‌ଏମ୍‌ଏସ୍ ରେକର୍ଡ ଅନୁସାରେ ୧୮ ମେ ଦିନ ଭଗବାନ, ସନ୍ତୋଷିନୀ, ଶରତ, ଦଳିମ୍ବ ବାଗ, ରାଜୁ ବାଗ, ଯାଦବ ସାହୁ, ରାସବତୀ ସାହୁ, ରମିଳା ସାହୁ, ବିକ୍ରମ ନାଏକ ଓ ଗୋଲାପୀ ନାଏକଙ୍କୁ ଉପସ୍ଥିତ ଦର୍ଶାଯାଇଛି। ରେକର୍ଡରେ ଗୋଷ୍ଠୀ ଫଟୋଟି ୧୮ ମେ ୨୦୨୫ ସକାଳ ୧୦ଟା ୧୦ ମିନିଟ୍ ୩୨ ସେକେଣ୍ଡରେ ନିଆଯାଇଥିବା ଏବଂ ପ୍ରାୟ ୬ ମିନିଟ୍ ପରେ ଅପଲୋଡ୍ ହୋଇଥିବା ଦର୍ଶାଯାଇଛି। ଫଟୋ ନେଇଥିବା ବ୍ୟକ୍ତି ଭାବେ ରସ୍ମିରେଖା ନାଏକ ଏବଂ ତାଙ୍କ ପଦବୀ ଗ୍ରାମ ପଞ୍ଚାୟତ ସ୍ତର ବୋଲି ଉଲ୍ଲେଖ ରହିଛି; ଫଟୋ ସହିତ ଭୌଗୋଳିକ ସ୍ଥାନାଙ୍କ ମଧ୍ୟ ରେକର୍ଡ ହୋଇଛି। ଆହୁରି ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଏହି ରେକର୍ଡରରେ "ଦ୍ୱିତୀୟ ଫଟୋ ଅପଲୋଡ୍ ହୋଇନାହିଁ" ବୋଲି ସ୍ପଷ୍ଟ ଭାବେ ଦର୍ଶାଯାଇଛି। ଏଠାରୁ ପ୍ରଶ୍ନ ଉଠୁଛି ଫଟୋରେ ଦେଖାଯାଉଥିବା ସନ୍ଦେହଜନକ ବୟସର ବ୍ୟକ୍ତି କିଏ, ସେ କି ପ୍ରକୃତରେ ଏମ୍‌ଜିଏନ୍‌ଆରଇଜିଏ ଶ୍ରମିକ, ତାଙ୍କ ନାମ ମଷ୍ଟର ରୋଲ୍‌ରେ ଅଛି କି, ତାଙ୍କ ନାମରେ ଉପସ୍ଥାନ ଦିଆଯାଇଛି କି ଏବଂ ତାଙ୍କ ନାମରେ ସରକାରୀ ମଜୁରି ପ୍ରଦାନ ହୋଇଛି କି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ଫଟୋରୁ ମିଳିବ ନାହିଁ; ଏଥିପାଇଁ ସମ୍ପୃକ୍ତ ଶ୍ରମିକଙ୍କ ଜବ୍ କାର୍ଡ, ବୟସର ସରକାରୀ ପ୍ରମାଣ, ମଷ୍ଟର ରୋଲ୍, ଏନ୍‌ଏମ୍‌ଏମ୍‌ଏସ୍ ଉପସ୍ଥାନ, ମଜୁରି ପ୍ରଦାନ ତଥ୍ୟ ଓ ଏଫ୍‌ଟିଓ ମଧ୍ୟରେ ମେଳ ଯାଞ୍ଚ ଆବଶ୍ୟକ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନର ଧାରା ୨ ଅନୁସାରେ "ପ୍ରାପ୍ତବୟସ୍କ" ବୋଲି ୧୮ ବର୍ଷ ପୂରଣ କରିଥିବା ବ୍ୟକ୍ତିଙ୍କୁ ବୁଝାଯାଏ; ଏବଂ ଯୋଜନା ଅଧୀନରେ ନିଯୁକ୍ତି ପାଇଁ ପରିବାରର ପ୍ରାପ୍ତବୟସ୍କ ସଦସ୍ୟଙ୍କ ନାମ ଓ ବୟସ ଦର୍ଜ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଯଦି ସରକାରୀ ଦଲିଲ ଯାଞ୍ଚ ପରେ ଫଟୋରେ ଥିବା ବ୍ୟକ୍ତିଙ୍କ ବୟସ ୧୮ ବର୍ଷରୁ କମ୍ ବୋଲି ପ୍ରମାଣିତ ହୁଏ ଏବଂ ସେହି ବ୍ୟକ୍ତିଙ୍କୁ ଏମ୍‌ଜିଏନ୍‌ଆରଇଜିଏ ଶ୍ରମିକ ଭାବେ ଉପସ୍ଥିତ ଦର୍ଶାଇ ତାଙ୍କ ନାମରେ ମଜୁରି ଦିଆଯାଇଥାଏ, ତେବେ ଏହା ଗୁରୁତର ପ୍ରଶାସନିକ ଓ ନିୟମଗତ ଅନିୟମିତତାର ବିଷୟ ହୋଇପାରେ। ଅନ୍ୟପକ୍ଷରେ, ଯଦି ସେ ଶ୍ରମିକ ନୁହନ୍ତି ଏବଂ କୌଣସି କାରଣରୁ କାର୍ଯ୍ୟସ୍ଥଳରେ ଉପସ୍ଥିତ ଥିଲେ, ତେବେ ତାହାର ମଧ୍ୟ ସ୍ୱଷ୍ଟୀକରଣ ଆବଶ୍ୟକ। ଏହି ଘଟଣାରେ ଆଉ ଏକ ବଡ଼ ପ୍ରଶ୍ନ ହେଉଛି ୧୦ ହଜାର ଚାରା ପ୍ରସ୍ତୁତି ପାଇଁ କେତେ ଶ୍ରମଦିନ ଅନୁମୋଦିତ ହୋଇଥିଲା, କେତେ ଶ୍ରମଦିନ ବାସ୍ତବରେ ଦର୍ଶାଯାଇ

ସମ୍ପାଦକୀୟ...

କାଳ ସକାଳ

କଲମ୍ବିଆରେ ଗତ ସୋମବାର ଯେଭଳି ଭାବେ ଭୂକମ୍ପ ଅନୁଭୂତ ହୋଇଛି, ସେଥିରେ ପ୍ରାୟ ୧୧୧ ଜଣଙ୍କର ମୃତ୍ୟୁକୁ ସୁନିଶ୍ଚିତ କରିଛି କଲମ୍ବିଆ ପ୍ରଶାସନ ଯାହାକୁ ନିଶ୍ଚିତ ଭାବେ ବିଶ୍ୱାସ କରିବା କିନ୍ତୁ ସେତେ ସହଜ ନୁହେଁ। କାରଣ ପ୍ରଶାସନିକ ତଥ୍ୟ ଯେ ସବୁବେଳେ ସଠିକ ତଥ୍ୟ ପ୍ରଦାନ କରେ, ସେମିତି ଭାବିବା ଠିକ୍ ନୁହେଁ। ପ୍ରଶାସନ ତରଫରୁ ସଠିକ୍ ତଥ୍ୟ ପ୍ରଦାନ ସମୟରେ କେବେ କେବେ କିଛି ନା କିଛି ତ୍ରୁଟି ବିଚ୍ୟୁତି ହୋଇଯାଏ ଯାହାକୁ ଘୋଡ଼ାଇବା ପାଇଁ, ଯାହାକୁ ଲୁଚାଇବା ପାଇଁ ସରକାର ଅନେକ ସମୟରେ ବାସ୍ତବ ତଥ୍ୟକୁ ଲୁଚାଇବାର ପ୍ରବଳ ପ୍ରୟାସ କରିଥାନ୍ତି। ଘଟଣା ଯଦି ଅତି ବଡ଼ ଦୁର୍ଘଟଣାର ରୂପନିଏ, ତେବେ ସରକାର ବି ଅଧିକାଂଶ ସମୟରେ ସେଭଳି ବୃହତ୍ ଦୁର୍ଘଟଣାବହୁଳ ପରିସ୍ଥିତିକୁ ଉପଯୁକ୍ତ ଭାବେ ଟାଳିବାରେ ତାଙ୍କର ଅକ୍ଷମତା ପ୍ରକାଶ କରନ୍ତି । କାରଣ କେବେ କେବେ ସରକାର ମଧ୍ୟ ସଠିକ୍ ସମୟରେ ପରିସ୍ଥିତିରେ ସୁଧାର ଆଣିପାରନ୍ତି ନାହିଁ। ସମସ୍ୟା ଯଦି ବିରାଟ, ସମସ୍ୟା ଯଦି ବୃହତ ଏବଂ ସମସ୍ୟା ଯଦି ଗମ୍ଭୀର .. ତେବେ ସରକାର ମଧ୍ୟ ସେହି ଅନୁସାରେ ବୃହତ୍ କିଛି ସମୟୋପଯୋଗୀ ପଦକ୍ଷେପ ଉଠାଇବାର ଆବାଶ୍ୟକତା ରହିଛି। ତେବେ ପଦକ୍ଷେପ ମଧ୍ୟ ସଠିକ୍ ଏବଂ ସଶକ୍ତ ହେବାର ଆବଶ୍ୟକତା ରହିଛି। ନଚେତ୍ ସମସ୍ୟାର ସମ୍ପୂର୍ଣ ସମାଧାନ ହୁଏତ ସମ୍ଭବ ନୁହେଁ। କେଉଁଠି ନା କେଉଁଠି କିଛି ବି ରହିଯାଇପାରେ ତ୍ରୁଟି ବିଚ୍ୟୁତି ଯାହାର ପରବର୍ତ୍ତୀ ପରିଣାମ ହୁଏତ ପୁଣି ଗମ୍ଭୀର ହୋଇପାରେ। ଏଇ ଯେମିତି ଏବେ ପରିସ୍ଥିତି ଅତି ଗମ୍ଭୀର ହୋଇପଡ଼ିଛି କଲମ୍ବିଆରେ। ଦକ୍ଷିଣ ଆମେରିକୀୟ ରାଷ୍ଟ୍ର କଲମ୍ବିଆ ଯେଉଁଠାରେ ଆସିଛି ଭୟଙ୍କର ଭୂମିକମ୍ପ। ଗତ ସୋମବାର ସକାଳ ସାତଟା ସମୟ । ହଠାତ୍ ଭୂକମ୍ପର ଏକ ବଡ଼ ଝଟକା ଅନୁଭୂତ ହେଲା କଲମ୍ବିଆରେ । ଏମିତି ସେମିତି ନୁହେଁ , ବହୁତ ବଡ଼ ଝଟକା..ଏକାବେଳକେ ୭.୪ ତୀବ୍ରତାର ଝଟକା ଯାହାକୁ ସମ୍ଭାଳିବା ଅତି କଷ୍ଟକର ହୋଇପଡ଼ିଛି କଲମ୍ବିଆର ଅଧିବାସୀଙ୍କ ପାଇଁ। ଏତେ ବଡ଼ ଧରଣର ଭୂକମ୍ପ ସକାଳୁ ସକାଳୁ ସାମ୍ନା କରିବା କେବେ ବି କେହି ସ୍ୱପ୍ନରେ ବି ଭାବି ନଥିବେ। ତାହା ପୁଣି ସୋମବାର ଭଳି ଏକ ସାଧାରଣ କାର୍ଯ୍ୟ ଦିବସରେ ପରିସ୍ଥିତି କଲମ୍ବିଆବାସୀଙ୍କ ପଇଁ ଏତେ ଯେ କ ଭୟଙ୍କର ହୋଇପଡିବ, ଯାହାକୁ ସାଧାରଣରେ ଅନୁମାନ ଲଗାଇବା ମଧ୍ୟ ଏତେ ସହଜ ନୁହେଁ କି ସମ୍ଭବ ନୁହେଁ ତଥାପି ସେଭଳି ଏକ ଅପ୍ରତ୍ୟାଶିତ ଏବଂ ଅସହଜ ପରିସ୍ଥିତିକୁ ଅତି କଷ୍ଟର ସହିତ ସମ୍ମୁଖୀନ ହୋଇଥିଲେ କଲମ୍ବିଆର ଅଧିବାସୀ। ତେବେ ଆମେରିକାର ଏକ ଭୂତାତ୍ୱିକ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ପଶ୍ଚିମ ବୋଗାଟାରୁ ପ୍ରାୟ ୪୦୦ କି ମି ଦୂରରେ ଥିବା 'ସାନକୋସ୍ ଡେଲ୍ ପାଲ୍‌ମର'ରେ ଥିଲା ଭୂକମ୍ପର କେନ୍ଦ୍ରସ୍ଥଳ ଯାହାକି ଭୂପୃଷ୍ଠରୁ ପ୍ରାୟ ୧୦୭ କିମି ଗଭୀରରେ ରହିଥିଲା । ତେବେ ସେହି ଭୂକମ୍ପର ଝଟକା ଏତେ ତୀବ୍ର ଥିଲା ଯାହାକି କଲମ୍ବିଆର ପଡ଼ୋଶୀ ଦେଶରେ ମଧ୍ୟ ଭୂକମ୍ପର ସେହି ଭୟଙ୍କର ତଥା ସୁଦୂରପ୍ରସାରୀ କୁପ୍ରଭାବ ଅନୁଭୂତ ହୋଇଥିଲା। ଯେଉଁଥିରେ ଗୁରୁତର ଆହତଙ୍କ ସଂଖ୍ୟା ହଜାରେରୁ ବି ଅଧିକ ହୋଇପାରେ । ସେମାନଙ୍କ ମଧ୍ୟରେ ଅନେକ ନିଖୋଜ ହୋଇଗଲେଣି। ଏଭଳି ସମ୍ବେଦନଶୀଳ ଘଟଣାରେ କଲମ୍ବିଆ କେନ୍ଦ୍ର ସରକାର ଏବଂ ସ୍ଥାନୀୟ ସରକାର ଉଭୟ ଗୁଡ଼ତରଙ୍କୁ ସହରର ବିଭିନ୍ନ ହସପିଟାଲକୁ ସ୍ଥାନାନ୍ତର କରି ସେମାନଙ୍କ ଉତ୍ତମ ଚିକିତ୍ସା ସେବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ତେବେ ବିଶ୍ୱର ସର୍ବାଧିକ ଭୂକମ୍ପ ପ୍ରବଣ ଅଞ୍ଚଳ ମାନଙ୍କ ତାଲିକାରେ ସ୍ଥାନ ପାଇଛି ଏହି ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆ ଯାହାର ଅଧିବାସୀଙ୍କୁ ପ୍ରତିବର୍ଷ ଏହିପରି ସମୟ ସମୟରେ କଠୋର ପରିସ୍ଥିତି ର ସାମନା କରିବାକୁ ପଡ଼ିଥାଏ।

ଜ୍ଞାନାମୃତ

ଛାତ୍ରଙ୍କ ସଫଳତା

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥିଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

ଅଧିକାର ପୂରା, କର୍ତ୍ତବ୍ୟ ଅଧା କ'ଣ ଏହା ହିଁ ସ୍ୱାଧୀନତା

ଗୋପାଳ ମହାପାତ୍ର

ଭାରତ କେବଳ ଏକ ଭୂଗୋଳ ନୁହେଁ, ବରଂ ବିଚାର, ମୂଲ୍ୟ ଏବଂ ସହ ଅସ୍ତିତ୍ୱର ଜୀବନ୍ତ ପ୍ରତୀକ ଅଟେ। ଏଠି ସଂସ୍କୃତି, ଅଧ୍ୟାତ୍ମ୍ୟ, ବିଜ୍ଞାନ ଏବଂ ବିବିଧତାର ସଙ୍ଗମ ଏକତାର ସୂତ୍ରରେ ବନ୍ଧା ହୋଇଛି। ଆମର ସ୍ୱତନ୍ତ୍ରତା କେବଳ ରାଜନୈତିକ ସ୍ୱାଧୀନତାର ପର୍ବ ହୋଇ ରହିନାହିଁ ବରଂ ଏହା ସେଇ ସମାବେଶୀ ରାଷ୍ଟ୍ରର ମୂଳଦୁଆ ଥିଲା ଯାହାର କଳ୍ପନା "ଆମେ ଭାରତର ଜନସାଧାରଣ"ରେ କରାଯାଇଥିଲା ଏକ ଏମିତି ରାଷ୍ଟ୍ର ଯେଉଁଠି ସବୁ ନାଗରିକ ସମାନ ଅଧିକାର ଏବଂ ଅବସରର ଅଧିକାରୀ ହେବେ। ଏଇ ଅଧିକାରକୁ ସ୍ୱର ଏବଂ ସଂରଚନା ଦେବାର କାମ କରିଥିଲା ଆମର ସମ୍ବିଧାନ। ସମ୍ବିଧାନ କେବଳ ଏକ ବିଧିକ ଦସ୍ତାବିଜ୍ ନୁହେଁ ବରଂଚ ରାଷ୍ଟ୍ରର ଆତ୍ମା ଅଟେ ଯିଏ ସ୍ୱତନ୍ତ୍ରତାକୁ ଉତ୍ତରଦାୟୀତ୍ୱ ସହ ଯୋଡିଦେଇଛି। ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଏବଂ ବନ୍ଧୁତ୍ୱ ଏହାର ପ୍ରାଣ ଅଟେ। କିନ୍ତୁ ଏହା କେବଳ କାଗଜରେ ନୁହେଁ ନାଗରିକ ବା ଲୋକଙ୍କ ସଜାଗ ଚେତନାରେ ଜୀବିତ ରହି ହିଁ ସାର୍ଥକ ହୋଇପାରେ। ଦୁର୍ଭାଗ୍ୟ ଯେ ସ୍ୱାଧିନତାକୁ ଆମେ ଅଧିକାର ବୋଲି ଭାବିନେଲେ ହେଲେ କର୍ତ୍ତବ୍ୟ କଥାଟା ଭୁଲିଗଲେ। ଭୋଟଦାନକୁ ଗଣତନ୍ତ୍ରର ଶେଷକଥା ବୋଲି ଭାବିନେଲେ ଯଦିଓ ଏହା ପ୍ରାରମ୍ଭମାତ୍ର। ଗଣତନ୍ତ୍ରକୁ ଜୀବନ୍ତ ରଖିବା ପାଇଁ ନାଗରିକଙ୍କୁ ବିଚାରକ ସମୀକ୍ଷକ ଏବଂ ସହଭାଗୀ ହେବାକୁ ପଡିବ। ଯେପର୍ଯ୍ୟନ୍ତ ଆମେ ସମ୍ବିଧାନକୁ ଜୀବନଶୈଳୀ ଭଳି ନ ଆପଣେଇଛେ ସେ ପର୍ଯ୍ୟନ୍ତ ଗଣତନ୍ତ୍ର କେବଳ ଔପଚାରିକତା ହୋଇ ରହିଯିବ। ସମ୍ବିଧାନର ଅନୁଚ୍ଛେଦ ୫୧(କ)ରେ ଉଲ୍ଲିଖିତ କର୍ତ୍ତବ୍ୟ ସାର୍ବଜନିକ ସମ୍ପତ୍ତିର ସୁରକ୍ଷା, ବୈଜ୍ଞାନିକ ଦୃଷ୍ଟିକୋଣ, ସାମାଜିକ ସମାନତା, ପରିବେଷ ସଂରକ୍ଷଣ ଏବଂ ରାଷ୍ଟ୍ରୀୟ ଏକତା କେବଳ ବହି ଭିତରେ ସିମୀତ ହୋଇ ରହିଯାଇଛି କିନ୍ତୁ ଆମ ଜୀବନରେ ଦୁର୍ଲଭ। ଦେଶଭକ୍ତିକୁ ଆମେ ପତାକା ଉତ୍ତୋଳନ ଏବଂ ସ୍ଲୋଗାନରେ ସିମୀତ କରିଦେଇଛେ ଯଦିଓ ଏହା ଆମର ଦୈନନ୍ଦିନର ବା ସାଧାରଣ ଆଚରଣରେ ପ୍ରତିଫଳିତ ହେବା ଉଚିତ୍। ଆମ ଦେଶର ଆତ୍ମା ବିବିଧତାରେ ନିହିତ ଏକତା ଅଟେ। କିନ୍ତୁ ଯେତେବେଳେ ଜାତି, ଧର୍ମ, ଭାଷା ଏବଂ ଆଞ୍ଚଳିକ ପରିଚୟ ସଂଘର୍ଷ ବା ବିଭେଦର କାରଣ ପାଲଟିଥାଏ ସେତେବେଳେ ସମ୍ବିଧାନର ଭାବନା ଆହତ ହୋଇଥାଏ। ଡ଼କ୍ଟର ଭୀମରାଓ ଆମ୍ବେଦକର ଚେତାଇଥିଲେ ଯଦି ଆମ ଭିତରେ ଏକତା ନରହିବ ତେବେ ସମ୍ବିଧାନର କୌଣସି ମୂଲ୍ୟ ନାହିଁ। ତାଙ୍କ ଚେତବନୀ ସତ୍ୱେ ଯଦି ଆମେ ବିଭାଜିତ ହେବା ଭଳି କାର୍ଯ୍ୟ କରିବା ଏବଂ ସମ୍ବିଧାନର ପ୍ରାଣକୁ ଦୁର୍ବଳ କରିବା ପାଇଁ ଉଦ୍ୟମ କରିବା ତେବେ ଆମେ ନିଜକୁ ଭାରତୀୟ କହିବା କିପରି ? ଏପରି କଲେ ସମ୍ବିଧାନ ପ୍ରଣେତା ମାନେ ସ୍ୱର୍ଗରେ ଥାଇ ଦୁଃଖ ଅନୁଭବ କରିବେ ନିଶ୍ଚୟ। ଅଭିବ୍ୟକ୍ତିର ସ୍ୱାଧିନତା ଗଣତନ୍ତ୍ରର ଆଭୂଷଣ ଅଟେ କିନ୍ତୁ ଏହା ମର୍ଯ୍ୟଦା ଏବଂ ସଦ୍‌ଭାବ ସହ ରହିଲେ ହିଁ ମୂଲ୍ୟବାନ ଅନ୍ୟଥା ମୂଲ୍ୟହୀନ। ଅନେକ ସମୟରେ ଅଭିବ୍ୟକ୍ତିର ସ୍ୱାଧିନତାକୁ ଦ୍ୱେଶ, ଘୃଣାସୃଷ୍ଟି ଏବଂ ଅପପ୍ରଚାର ପାଇଁ ଶସ୍ତ୍ର ଭାବେ ବ୍ୟବହାର କରାଯାଉଥିବାର ଦେଖାଯାଉଛି। ଆମେ ବୁଝିବା ଉଚିତ୍ ଯେ ଗଣତନ୍ତ୍ର ପାଇଁ ଅଧିକାର ଏବଂ କର୍ତ୍ତବ୍ୟ ଉଭୟ ଆବଶ୍ୟକ। ଏ ଦୁଇଟି ମଧ୍ୟରୁ ଗୋଟିଏ ଦୁର୍ବଳ ହେଲେ ଗଣତନ୍ତ୍ରର ସଫଳ ଯାତ୍ରା ଆଧାରେ ଅଟକିଯିବ। ଏବେ ଭାରତ ବୈଶ୍ୱିକ ମ□ରେ ମଜଭୁତ ଭୂମିକା ନିର୍ବାହ କରୁଛି, ଭାରତ ପାଇଁ ଚାଲେଞ୍ଜ ମଧ୍ୟ ରହିଛି। ଏବେ ସମୟ ଆସିଛି ଆମେ ସମ୍ବିଧାନକୁ ବହି ଭିତରୁ ବାହାର କରି ନିଜ ଜୀବନଶୈଳୀ ଓ ଆଚରଣରେ ଆପଣେଇବା। ନ୍ୟାୟ କେବଳ ଅଦାଲତରେ ନୁହେଁ ବରଂ ଚେତନାରୁ ସୃଷ୍ଟି ହୋଇଥାଏ। ସମାନତା ସେତେବେଳେ ସଶକ୍ତ ହୋଇପାରିବ ଯେତେବେଳେ ଭେଦଭାବ କଥାକୁ ଭାବିବା ପରିବର୍ତ୍ତେ ଅସ୍ୱୀକାର କରାଯିବ। ବନ୍ଧୁତ୍ୱ ସେତେବେଳେ ସାର୍ଥକ ଯେତେବେଳେ ଏହା ସହଭାବ ଏବଂ ସହକର୍ମରେ ଦେଖାଯାଏ। ଅଗଷ୍ଟ ୧୫ ଭଳି ପର୍ବ କେବଳ ସ୍ମରଣର ନୁହେଁ ବରଂ ସଂକଳ୍ପର ନବୀକରଣର ଅବସର ଅଟେ। ଏହି ଅବସରରେ ଆମେ ଦେଶବାସୀ/ ଜନସାଧାରଣ ଏମିତି ଭାରତ ନିର୍ମାଣ ପାଇଁ ସଂକଳ୍ପ ନେବା ଯେଉଁଠି ସ୍ୱତନ୍ତ୍ରତା ଅନୁଶାସନ ସହ ଯୋଡି ହୋଇଥିବ, ସମାନତା ସଦ୍‌ଭାବନା ସହଥିବ ଏବଂ କର୍ତ୍ତବ୍ୟ ନାଗରିକର/ ଆମର ଧର୍ମ ପାଲଟିଯିବ। କାରଣ ସତ୍ୟ ହେଉଛି ଭାରତର ଭାଗ୍ୟ ସଂସଦରେ ନୁହେଁ ସବୁ ନାଗରିକଙ୍କ ମନରେ ବସିଥାଏ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ଶକ୍ତି

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶକ୍ତି ଖୋଜରେ ଚାଲିଲେ ପଥରେ ଯାହା ଦେଖିବେ ତାହା ମଧ୍ୟରେ ଶକ୍ତି ଉଣାଅଧିକେ ରହିଛି। ଔଷଧରେ ଭିଟାମିନ। ଭିଟା ମାନେ ହିଁ ଶକ୍ତି, ଦୁର୍ବଳ ସ୍ୱାସ୍ଥ୍ୟର ବ୍ୟକ୍ତିକୁ ଡାକ୍ତର ବାବୁମାନେ ଭିଟାମିନର ବଟିକା ଟନିକ ବା ଜରୁରୀ ମନେକଲେ ଇଞ୍ଜେକ୍ସନ ଦେଇଥାନ୍ତି। ଶକ୍ତି ପାଉନାହିଁ ମାନେ, ବଳ ପାଉ ନାହିଁ। ବଳ ଅନ୍ୟ ନାମ ଶକ୍ତି। ବାଳାନାଂ ରୋଦନ ବଳମ୍। ଶିଶୁ ମାନଙ୍କର ରୋଦନ, କାନ୍ଦ ବଳ, ସେହିପରି ଦୁର୍ବଳ ଅପାରଗର ବଳ ଖୋଜରେ ଦୁର୍ବଳସ୍ୟ ବଳମ୍ ରାମା ଦୁର୍ବଳକୁ ଦଳିତ କରି କଷ୍ଟ ଦେଇ ଅତ୍ୟାଚାର କରି ଦୁର୍ଦ୍ଦାନ୍ତ ମାନେ ଅନଧିକାରୀ ଥାଇବି ଜୁଲମକରି ତାର ସମ୍ମୁଖରେ ସମ୍ପତ୍ତି, ଧନ, ଯୌବନ ଯୁବତୀ ଝିଅ, ଲୁଣ୍ଠନ କରିବା ଭୋଗ କରିବା ଯେତେବେଳେ ଅତ୍ୟାଚାରିତ ନିଜର ଦୈହିକ ବଳରେ ସେତେବେଳେ ସେ ରାଜଶକ୍ତିର ଆଶ୍ରୟ ଲୋଡ଼େ। ପୂର୍ବେ ଜାତିପାତକର ବ୍ୟବସ୍ଥା କଡ଼ାକଡ଼ି ଥିଲା। ଏକ ଜାତିର ବ୍ୟକ୍ତି ଅନ୍ୟ ଜାତିର କୌଣସି ବ୍ୟକ୍ତିକୁ ତାପିତ କଲେ ଏକ ଗୋଷ୍ଠୀ ଆକ୍ରମଣକାରୀର ଜାତି ସଭା ଦରବାରରେ ଫେରାଦ ହୋଇ ତାକୁ ଦଣ୍ଡିତ କରାଉଥିଲେ। କୁହାଯାଏ ଜାତି ଆଗରେ ହାତୀ ସରି ନୁହେଁ। ହାତୀର ଶକ୍ତି କେତେ ସେ ଏକ ଗୋଷ୍ଠୀ ଜନବଳ ଶକ୍ତିରେ ହାରମାନେ। ଯୋଡ଼ାକୁ ଘୋଡ଼ା ସରିନୁହେଁ। ଘୋଡ଼ାକୁ ଅଶ୍ୱ କୁହାଯାଏ, ଅଶ୍ୱଶକ୍ତି ହର୍ସ ପାୱାର ସଂକ୍ଷିପ୍ତରେ ଏଚ.ପି. ଯାହା ଦ୍ୱାରା ବିଦ୍ୟୁତ ମୋଟର, ଅନ୍ୟ ଯାନ୍ତ୍ରିକ ଯାନର ଶକ୍ତି ନିର୍ଦ୍ଧାରଣ କରାଯାଉଛି। ଏକ ଏଚ.ପି.-୭୪୬ ୱାଟ, ବିଦ୍ୟୁତ ଶକ୍ତି ଚାଲିଲେ ଖର୍ଚ୍ଚ ହୁଏ। ଏହିପରି ଏକ ଉଦଣ୍ଡା ଅଶ୍ୱକୁ ଦୁଇ ବ୍ୟକ୍ତି ମିଶିଗଲେ ଆୟତ ପାରନ୍ତି। ପୁରୁଷର ଯୌନଶକ୍ତିକୁ ଯୌବନ କାଳରେ ଦୀର୍ଘସ୍ଥାୟୀ ରଖିବା ପାଇଁ ଚିକିତ୍ସା ଶାସ୍ତ୍ରରେ ଏକ ସ୍ୱତନ୍ତ୍ର ବିଧାନ ଅଛି, ତାର ନାମ ବାଜୀ କାରଣ, ଘୋଡ଼ାର ଅନ୍ୟ ଏକ ଅର୍ଥରେ ବାଜୀ ଗ୍ରହଣ ହୁଏ।

ବାଜୀ ବାଜୀ ବା ଘୋଡ଼ାପରି ତାକତଦାର ରମଣ ଶକ୍ତି ପାଇଁ ବ୍ୟବହୃତ ରସାୟନ ବା ଔଷଧ। ରାମାୟଣରେ ଅଛି ବାନର ଯୋଦ୍ଧା ବାଳୀଙ୍କର ଥିଲା ଲଷ୍ଟେ ସିଂହଙ୍କବଳ। ସିଂହ ସହ ମନୁଷ୍ୟକୁ ବିନା ଆୟୁଧରେ ଲଢ଼େଇ କରିବାକୁ ଦେଇ ଅନେକ ରାଜା ଏକ ରାକ୍ଷସୀ ଆନନ୍ଦ ଉପଭୋଗ କରୁଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଯୋଗୀର ଆତ୍ମକଥା ପୁସ୍ତକରେ ଅଛି। ଆମ ରାଜ୍ୟର ଜଣେ ବ୍ରିଟିଶକାଳର ରାଜା ଆଲିର ରାଜା ବ୍ରଜ ସୁନ୍ଦର ଦେବ ଏକ ସର୍କସ ସଂସ୍ଥା କରି କଲିକତାରେ ପ୍ରଦର୍ଶନ ବେଳେ ବଙ୍ଗାଳି ଦର୍ଶକମାନେ କହିଥିଲେ ଏ ରଜା ତାଙ୍କ ଏହି ସର୍କସର ବାଘକୁ ଅଫିମ ଖାଇବାକୁ ଦେଇ ପୋଷା ମନାଇ ଖେଳ କରୁଛନ୍ତି ସିନା କଲିକତାରେ ଥିବା ଚିଡ଼ିଆଖାନାର ବାଘ ସହ କଣ ଏପରି ଖେଳ କରିପାରିବେ ? ପରଦିନ ବଙ୍ଗାଳି ଲୋକେ ଦେଖିଲେ ସମ୍ପୃକ୍ତ ଚିଡ଼ିଆଖାନା ଏକ ରୟାଲ ବେଙ୍ଗଲ ବାଘ ଉପରେ ବସି ରାସ୍ତାରେ ବୁଲିଥିଲେ। ସେ କେତେ ଶକ୍ତିଶାଳୀ ରାଜପଥରେ ଲୋକେ ଦେଖିଲେ। ରାଜା ବ୍ରଜସୁନ୍ଦର ଦେବ ରିଙ୍ଗ ଲିଡ଼ର ହୋଇ ମେଲା ଫାଙ୍କାରେ ସାଂଘାତିକ ହିଂସ୍ର ବାଘକୁ ନେଇ ସର୍କସରେ ଖେଳ ଦେଖାଉଥିଲେ।

ସାରା ଭାରତ, ବର୍ମା. ସେ ୧୯୩୦ରୁ ୧୯୪୦ ମସିହା ଯାଏ ତାଙ୍କ ସର୍କସ ସଂସ୍ଥା ଚାଲିଥିଲା। ବାଘ ଶବ୍ଦରେ ମହାବଳ ସଂଯୋଗ ଅଛି। ବାଘଙ୍କ ଶକ୍ତି ଅପ୍ରମିତ। ମା ଅମ୍ବିକା ବାହାନ ବାଘ। କୁହାଯାଏ ବାଘ ଠାରୁ ସିଂହ ଆହୁରି ବଳବାନ, ଦୁର୍ଗାଙ୍କ ବାହାନ ଦୁର୍ଗା। ଏବେ ସହର ମାନଙ୍କରେ ବହୁଳ ଜନ ପଦରେ ଦୁର୍ଗା ପୂଜା। କିନ୍ତୁ ପ୍ରକୃତରେ ସେ ବନରେ ପ୍ରପୂଜିତା ବନଦୁର୍ଗା। ସୁରଥ ରାଜା ମେଧାସ ଋଷିଙ୍କ ଶକ୍ତ ଦୀକ୍ଷା ଉପଦେଶରୁ ହୃତ ରାଜ୍ୟ ଫେରି ପାଇବା ପରେ ତାଙ୍କ ରାଜଧାନୀରେ ସିଂହ ବାହିନୀ ଦୁର୍ଗା ଆରମ୍ଭ କରିଥିଲେ। ଅଭଙ୍ଗ ବଙ୍ଗ ରାଜ୍ୟରେ ପ୍ରଖ୍ୟାତ ଜମିଦାର ସାବର୍ଣ୍ଣ ଚୌଧୁରୀ ମହୋଦୟ ବଙ୍ଗ ରାଜ୍ୟର ମୃଣ୍ମୟୀମୂର୍ତ୍ତିର ଦୁର୍ଗାପୂଜା ଉତ୍ତମ କୁମ୍ଭାର ମୂର୍ତ୍ତି କାରିଗରଙ୍କ ଦ୍ୱାରା ତୟାର କରିଥିଲେ। ଏହା ଶକ୍ତି ଉପାସନାରେ ଏକ ମୂର୍ତ୍ତି ଆଧାରର ଏକାଂଶ। ଆମ ଜଗନ୍ନାଥ ମନ୍ଦିର ସହ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ଇତିହାସ ଜଡ଼ିତ। ଭକ୍ତ ପାଇଁ ଭଗବାନ ଯୁଦ୍ଧ ଯାତ୍ରାରେ ଦେବୀ ଶକ୍ତି ଅର୍ପଣ କରନ୍ତି ତାର ପ୍ରମାଣ ରହିଯାଇଛି। ମାଣିକ ଗୋପାଳୁଣୀ ପ୍ରଭୁଙ୍କ ରତ୍ନ ମୁଦି ଦଧି ପାତ୍ରରେ ପଡ଼ିଥିବା ସେ ରତ୍ନମୁଦିରେ ପ୍ରଭୁଙ୍କର ରୂପାଙ୍କିତ ସେ ମୁଦିର ସୃଷ୍ଟି ପରକାଳରେ ଭକ୍ତର ରକ୍ଷକ ଦଧି ବାମନ ରୂପେ ଭକ୍ତଙ୍କ ଘରେ ଘରେ ଉପାସନା।

ଜଣେ ଗୋପାଳୁଣୀର ସେବା ମୁଗ୍ଧରେ ତାର ଦରିଦ୍ରତାକୁ ଲୋପକରି ତାକୁ ଏକ ପାଟଶାର ଜମିଦାରୀ ପ୍ରଦାନ କେମିତି ପ୍ରଭୁ କରିପାରନ୍ତି ତାହା ନିଷ୍ଠା ସେବା ଭକ୍ତି

ହାଇକୋର୍ଟରେ କମୁଛି ବିଚାରପତିଙ୍କ ସଂଖ୍ୟା, ୩୭ ଜଣଙ୍କ ସ୍ଥାନରେ ୧୭

କଟକ (ବ୍ୟୁରୋ) : ଓଡ଼ିଶା ହାଇକୋର୍ଟରେ ଦିନକୁ ଦିନ ବଢୁଛି ମାମଲା । ହେଲେ କମୁଛି ବିଚାରପତିଙ୍କ ସଂଖ୍ୟା । ୩୭ ଜଣଙ୍କ ସ୍ଥାନରେ ଅଛନ୍ତି ମାତ୍ର ୧୭ । ଓଡ଼ିଶା ହାଇକୋର୍ଟରେ ଦେଢ଼ ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ଅଛି । କିନ୍ତୁ ମାମଲାର ବୋଝ ଅନୁପାତରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଏମିତିକି ମୋଟ୍ ମଞ୍ଜୁରିପ୍ରାପ୍ତ ପଦର ଅଧାରୁ ଅଧିକ ବିଚାରପତି ପଦ ଖାଲି ପଡ଼ିଛି । ଓଡ଼ଶା ହାଇକୋର୍ଟରେ ମଞ୍ଜୁରିପ୍ରାପ୍ତ ବିଚାରପତି ପଦ ସଂଖ୍ୟା ୩୭ ହୋଇଥିବାବେଳେ ଏବେ ଅଛନ୍ତି ମାତ୍ର ୧୭ଜଣ । ପୁଣି ଏବେ ଦୁଇଜଣ ବିଚାରପତିଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଛନ୍ତି । ଏହା କାର୍ଯ୍ୟକାରୀ ହେଲେ ବିଚାରପତି ସଂଖ୍ୟା ୧୫କୁ ଖସି ଆସିବ । ଏଣେ ଗତ ଶନିବାର କେନ୍ଦ୍ର ସରକାର ଏକକାଳୀନ ୩୦ଜଣ ବିଚାରପତିଙ୍କୁ ନିଯୁକ୍ତି ଦେଇଥିବାବେଳେ ଓଡ଼ିଶା ହାଇକୋର୍ଟ କିନ୍ତୁ ନୂତନ ଜଜ୍ ନିଯୁକ୍ତି ଦିଆ ଯାଇନାହିଁ । କିନ୍ତୁ ମାତ୍ରାସ୍ ହାଇକୋର୍ଟରେ ସର୍ବାଧିକ ୧୫ଜଣ

୪ ଅତିରିକ୍ତ ବିଚାରପତି ପଦ ରହିଛି । ଏବେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମୋଟ ୧୭ ଜଣ ବିଚାରପତି ଅଛନ୍ତି । ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ୧ ଲକ୍ଷ ୭୦ ହଜାର ୭୦୧ । ଫଳରେ ମାମଲା ଫାଇସଲା ନେଇ ସମସ୍ୟା ସୃଷ୍ଟି ହୋଇଛି । କିଛି ମାସ ତଳେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଙ୍ଗମ ସାହୁଙ୍କୁ ପାଟନା ହାଇକୋର୍ଟକୁ ମୁଖ୍ୟ ବିଚାରପତି ଭାବେ ବଦଳି ହୋଇଥିଲା । ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଗଲା ନାହିଁ । ଏବେ ପୁଣି ହାଇକୋର୍ଟର ଦୁଇଜଣ ବରିଷ୍ଠ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଗୁଜୁରାଟ ହାଇକୋର୍ଟକୁ ଓ ଜଷ୍ଟିସ୍ କୃଷ୍ଣ ରାମ ମହାପାତ୍ରଙ୍କୁ ଛତିଶଗଡ଼ ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଛନ୍ତି । କେବଳ ସେତିକି ନୁହେଁ, ଆସନ୍ତା ନଭେମ୍ବରରେ ଆଉ ଦୁଇ ଜଣ ବିଚାରପତି ଅବସର ନେବେ । ତେଣୁ ଆଗକୁ ସମସ୍ୟା ଅଧିକ ବଢ଼ିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି । ଗୋଟିଏ ପଟେ ନୂଆ ବିଚାରପତି ନିଯୁକ୍ତି ହେଉନଥିବାବେଳେ ଅନ୍ୟପଟେ ଖାଲିଥିବା ବିଚାରପତି ପଦ ପୂରଣ ହେଉନଥିବାରୁ ମାମଲା ବିଚାର ଉପରେ ପ୍ରଭାବ ପଡୁଛି । ଏ ସଂକ୍ରାନ୍ତରେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ କହିଛନ୍ତି ଯେ, ଏହା ଆମ ଓଡ଼ିଶାର ଏକ ନ୍ୟାୟିକ ଅସ୍ମିତା ପ୍ରସଙ୍ଗ । ଗୋଟେ ପଟେ ତ୍ୱରିତ ନ୍ୟାୟପ୍ରଦାନ ପାଇଁ ଉଭୟ ସୁପ୍ରିମକୋର୍ଟ ଏବଂ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି । କିନ୍ତୁ ସେହି ଆଧାରରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଉ ନାହିଁ । ସେହିପରି ଦୀର୍ଘବର୍ଷ ହେଲା ଓଡ଼ିଶା ହାଇକୋର୍ଟରୁ ଜଣେ ବି ବିଚାରପତି ସୁପ୍ରିମକୋର୍ଟକୁ ଯାଇ ପାରୁ ନାହାନ୍ତି । ତାହାର କାରଣ ହେଉଛି ଓଡ଼ିଶା ହାଇକୋର୍ଟରେ ବିଚାରପତି ପଦରେ ନିଯୁକ୍ତିର ଅଭାବ । ଯାହାଫଳରେ ଏବେ କୌଣସି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ଜଣେ ବି ଓଡ଼ିଶା ହାଇକୋର୍ଟର ବିଚାରପତି ନାହାନ୍ତି । ଏ ଦିଗରେ ପ୍ରତ୍ୟେକ ସ୍ତରରେ ପ୍ରୟାସ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଛନ୍ତି ।

ଅମଲା ସଂଘର ସାଧାରଣ ବୈଠକ

କଟକ (ବ୍ୟୁରୋ) : କଟକ ଶତାବ୍ଦୀ ଭବନ ଠାରେ ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖାର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ସଭାପତିତ୍ୱରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଅମଲା ସଂଘର ବିଭିନ୍ନ କର୍ମକର୍ତ୍ତା ତଥା ନେତୃମଣ୍ଡଳୀ ଓ ସଭ୍ୟ ମାନେ ଯୋଗ ଦେଇ ଅମଲା ମାନଙ୍କର ସମସ୍ୟା ମଧ୍ୟରେ ପ୍ରବେଶିକା ଗ୍ରେଡ ପେ ୪୨୦୦ ଟଙ୍କା ବୃଦ୍ଧି କରିବା, ଅମଲା କ୍ୟାଡ଼ର ୨୦୨୪ର ପୁନର୍ଗଠନ କରାଯିବା, ପ୍ରତ୍ୟେକ ଅମଲାଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଭଳି ଦାବି ଗୁଡିକ ବୈଠକରେ ଉପସ୍ଥାପନା କରାଯାଇଥିଲା । ପରେ ପରେ ଉପୋରକ୍ତ ପ୍ରସ୍ତାବ ଗୁଡ଼ିକ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏଥି ସହିତ ଅନ୍ୟ ଏକ ପ୍ରସ୍ତାବ ସଂଘର କର୍ମକର୍ତ୍ତା ପକ୍ଷରୁ ସଂଘକୁ ସୁଦୃଢ କରଣ କରାଯିବା ସହିତ ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ମତ ପ୍ରକାଶ ପାଇଥିଲା।ଉକ୍ତ ବୈଠକରେ ଅମଲା ସଂଘର ଅଧକ୍ଷ

ଶ୍ରୀ ବିରଞ୍ଚି ନାରାୟଣ ବରାଳ,ମୁଖ୍ୟ ଉପଦେଷ୍ଟା ଶ୍ରୀ ହୃଦୟ ବିହାରୀ ମହାପାତ୍ର,କାର୍ଯ୍ୟକାରୀ ସଭାପତି ଶ୍ରୀ ଶୁଭେନ୍ଦୁ ପାଣି,ସମ୍ପାଦକ ଶ୍ରୀ ବିଜୟ କୁମାର ସ୍ୱାଇଁ, ମଞ୍ଜାସାନ ବକ୍ତା ଭାବରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଲଳିତ କୁମାର ଶତପଥୀ, ଅଜୟ କୁମାର ଜେନା, ସୁଚିତ ମିଶ୍ର,ମାନସ ରଞ୍ଜନ ପତି,ଅବଦୁଲ କାଲାମ ଖାନ୍, ଭରତ ଚନ୍ଦ୍ର ସ୍ୱାଇଁ, ବିପଦ ବାନ୍ଧବ ମହାନ୍ତି, ସୌମ୍ୟରଞ୍ଜନ ସାମଲ, ସୁଦୀପ କୁମାର ପ୍ରଧାନ, ତପନ କୁମାର ମହାପାତ୍ର, କିର୍ତ୍ତୀ ରଞ୍ଜନ ନାୟକ, ସଂଗ୍ରାମ ନାୟକ,ମନୋଜ କୁମାର ତ୍ରିପାଠୀ, ସୁନାକର ମଲ୍ଲିକ,ସାବନା ଆଜମି, ନିରଞ୍ଜନ ପରିଡ଼ା,ଦୀପକ ସେଠ, ଦେବାଶିଷ ମହାନ୍ତି, ଦେବାଶିଷ ରୟ,ଗୁରୁପ୍ରସାଦ ସିହ୍ନା ,ଅରୁଣ ବାରିକ,ଅଭିଜିତ୍ ସିଂହ,ନିରଞ୍ଜନ ଆରୁଖ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ କୋଷାଧ୍ୟକ୍ଷ ଗୁରୁ ଗୋବିନ୍ଦ ଦଳାଇଙ୍କ ସ୍ଥାନରେ ସୁଜିତ୍ କୁମାର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା। ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

ଗରଡିହୀ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ବ୍ଲକ ଗରଡିହୀ ପଞ୍ଚାୟତରେ ୨୦୨୪-୨୫ ଓ ୨୦୨୫-୨୬ ମସିହାରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଗରଡିହୀ ପଞ୍ଚାୟତରେ ୨୦୨୫-୨୬ ଆର୍ଥିକ ବର୍ଷରେ ୯୫ ହଜାର ବ୍ୟୟ ଅଟକଳରେ ଏକ୍‌ପେଡ୍ ମା କେ ନାମ ଯୋଜନାରେ ୯୫ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଚନ୍ଦ୍ରପୁର ଖେଳପଡିଆରେ ବୃକ୍ଷ ରୋପଣ କରାଇଥିଲା । ହେଲେ ଏବେ ଗୋଟିଏ ବି ଗଛ ନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ଗ୍ରାମବାସୀ ।ସେହିପରି ଉକ୍ତ ପଞ୍ଚାୟତର କୁଞ୍ଜିବଣିଆ ଗ୍ରାମରେ ରଣଜିତ ସିଂଙ୍କ ଘର ନିକଟରେ କଲଭଟର ନିର୍ମାଣ ନହୋଇ ଟଙ୍କା

ଉଠାଣ ହୋଇଥିବା ଅଭିଯୋଗ ହେଇଛି ।ଗରଡିହୀ ଗ୍ରାମର ଦଧିବାମନ ଜୀଉ ମନ୍ଦିରରେ ବିନା ଫଳକରେ କାର୍ଯ୍ୟ ହେଉଥିବା ବେଳେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ ।ଏ ନେଇ ଗ୍ରାମର ବିଶ୍ୱଜିତ ନାୟକ,ରାଦେଶ ନାୟକ, ଶିତାଂଶୁ ଶେଖର ପରିଡା, ସୁକାନ୍ତ ବେହେରା,ସୁବାସ ଚନ୍ଦ୍ର ସିଂ ଅନ୍ୟ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଯୁଗ୍ମ ଜନଶୁଣାଣୀ ଅଭିଯୋଗ ଶିବିରରେ ଅଭିଯୋଗ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେବା ସହିତ ଖୁବ ଶୀଘ୍ର ତଦନ୍ତ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ମେଧାବୃତ୍ତି ସମ୍ମାନ

ବାଲିଅନ୍ତା (ଅମୃତ ମିଡିଆ) : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲୋକପ୍ରିୟ ଜନନେତା, ବର୍ଷୀଆନ ରାଜନେତା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ୮୩ ତମ ଜନ୍ମଜୟନ୍ତୀ ଅବସରରେ ମେଧାବୃତ୍ତି ସମ୍ମାନ କାର୍ଯ୍ୟକ୍ରମ ସାମନ୍ତରାପୁର ସ୍ଥିତ ଭୂଆସୁଣୀ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଏଥିରେ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ଶିଳ୍ପପତି ତିରୁପତି ପାଣିଗ୍ରାହୀ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ କୁମାର ପୁରୋହିତ, ସୁମନ୍ତ ସୁବୁଦ୍ଧି, ଶିକ୍ଷାବିତ ଲକ୍ଷ୍ମୀଧର ପ୍ରଧାନ, ପ୍ରଶାନ୍ତ ଚମ୍ପତି, ଚିନ୍ମୟନନ୍ଦ

ବଡ଼ଜେନା ପ୍ରମୁଖ ଯୋଗଦେଇ ଏହି ସମ୍ମାନ ବିଦ୍ୟାର୍ଥୀ ମାନଙ୍କୁ ଆଗକୁ ନେବାପାଇଁ ପ୍ରେରଣା ଯୋଗାଇବ ବୋଲି ମତପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାର୍ଥୀ ଏବଂ ସୁରପ୍ରେମୀ ମାନଙ୍କ ଗ୍ରହଣରେ ଶ୍ରୀ ରାଉତରାୟ ନିଜର ଜନ୍ମଦିନ ପାଳନ କରିଥିଲେ । ଶ୍ରୀ ରାଉତରାୟଙ୍କୁ ସୁରପ୍ରେମୀ ମାନେ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ଜନ୍ମଦିନର ଅଭିନନ୍ଦନ ଜଣାଇଥିଲେ । ଏଥିସହ ସୁସ୍ଥ ଓ ଦୀର୍ଘ ନିରାମୟ ଜୀବନ ନିର୍ବାହ କରିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଶେଷରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଲକ୍ଷ୍ମୀପ୍ରିୟା ପ୍ରହରାଜ, ସାଇ ସ୍ମୃତି ଦାଶ , ମନୋଜ ରାୟ, ପ୍ରୀତି ପ୍ରଜ୍ଞା ପ୍ରଧାନ, ଅଭିଲେଶ ଜେନା, ଅଲିଭା ପ୍ରିୟଦର୍ଶିନୀ ସାହୁ, ହିରଣ୍ମୟୀ ସ୍ୱାଇଁ, ସୁରେନ୍ଦ୍ର ବେହେରା, ବିଷ୍ଣୁ ପ୍ରସାଦ ଓଝା ପ୍ରମୁଖ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

ତ୍ରିରଙ୍ଗା ଯାତ୍ରା ବ୍ୟାନରରେ ନାହିଁ ପ୍ରଭାତ ବିଶ୍ୱାଳଙ୍କ ଫଟୋ

'ଫଟୋ ରାଜନୀତି'ରେ ବିଶ୍ୱାସ କରେନାହିଁ : ପ୍ରଭାତ

କଟକ (ବ୍ୟୁରୋ) : କଟକ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଯାତ୍ରାରେ ନୂଆ କରି ବିଜେପିରେ ସାମିଲ ହୋଇଥିବା ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳଙ୍କୁ ଉପେକ୍ଷା କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ତ୍ରିରଙ୍ଗା ଶୋଭାଯାତ୍ରାର ବ୍ୟାନରରେ ସ୍ଥାନୀୟ ନେତାମାନଙ୍କ ଫଟୋ ଥିବାବେଳେ ପ୍ରଭାତ ବିଶ୍ୱାଳଙ୍କ ଫଟୋ ନଥିବା ଚର୍ଚ୍ଚାର କାରଣ ପାଲଟିଛି । ପ୍ରଭାତ ବିଶ୍ୱାଳ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ସହ ମଞ୍ଚରେ ଭାଷଣ ମଧ୍ୟ ଦେଇଥିଲେ । ତେବେ ବ୍ୟାନରରେ ତାଙ୍କ ଫଟୋ ନଥିବା ନେଇ ବିଭିନ୍ନ ଆଲୋଚନା ହେଉଛି । ବିଶେଷ କରି ନିକଟରେ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିବା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଫଟୋ ବ୍ୟାନରରେ ଥିବାବେଳେ ପ୍ରଭାତ ବିଶ୍ୱାଳଙ୍କ ଫଟୋ ନଥିବା ଘଟଣାକୁ ନେଇ ପ୍ରଶ୍ନ ଉଠିଛି । ଏହା କେବଳ

ଭୁଲବଶତଃ ହୋଇଛି ନା ଏହା ପଛରେ ଅନ୍ୟ କୌଣସି ଉଦ୍ଦେଶ୍ୟ ରହିଛି, ତାକୁ ନେଇ ଚର୍ଚ୍ଚା ହେଉଛି । ପ୍ରଭାତ ବିଶ୍ୱାଳ ବିଜେପିରେ ଯୋଗଦେଇଥିଲେ ମଧ୍ୟ ସ୍ଥାନୀୟ କଟକ ବିଜେପି ନେତୃତ୍ୱ ତାଙ୍କୁ ସହଜରେ ଗ୍ରହଣ କରିପାରିନାହାନ୍ତି କି ବୋଲି ମଧ୍ୟ ଆଲୋଚନା ହେଉଛି । ଏନେଇ କଟକ ସଦର ବିଧାୟକଙ୍କୁ ପଚରାଯିବାରୁ ସେ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ । ଅନ୍ୟପକ୍ଷରେ, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ କହିଛନ୍ତି ଯେ, ବ୍ୟାନରରେ ପ୍ରଭାତ ବିଶ୍ୱାଳଙ୍କ ଫଟୋ ନରହିବା ଏକ ତ୍ରୁଟି । ଶୋଭାଯାତ୍ରାର ରୁଟ୍? ଓ ସମୟସୀମା ପରିବର୍ତ୍ତନ ହୋଇଥିବାରୁ ବ୍ୟାନରରେ ତାଙ୍କ ଫଟୋ ରଖାଯାଇପାରିନଥିଲା । ତେବେ କାର୍ଯ୍ୟକ୍ରମରେ ତାଙ୍କୁ ଦଳର ବରିଷ୍ଠ ନେତା ଭାବେ ଯଥାଯଥ ସମ୍ମାନ ଦିଆଯାଇଥିବା ସେ କହିଛନ୍ତି । ସେପଟେ, ପ୍ରଭାତ ବିଶ୍ୱାଳ ମଧ୍ୟ ଏହି ଘଟଣାକୁ ନେଇ ନିଜ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ସେ 'ଫଟୋ ରାଜନୀତି'ରେ ବିଶ୍ୱାସ କରନ୍ତି ନାହିଁ । ଏଭଳି ଭୁଲ ହୋଇପାରେ, କିନ୍ତୁ ସେ ଦଳର କାର୍ଯ୍ୟଧାରା ଏବଂ କର୍ମୀମାନଙ୍କୁ ବିଶ୍ୱାସ କରନ୍ତି। ସେ ଫଟୋ ରାଜନୀତିଠାରୁ ବହୁ ଦୂରରେ ବୋଲି କହିଛନ୍ତି । ତେବେ କଟକ ଜିଲ୍ଲା ବିଜେପିର ଏତେ ବଡ଼ ତ୍ରିରଙ୍ଗା ଯାତ୍ରାରେ ପ୍ରଭାତ ବିଶ୍ୱାଳ ସାମିଲ ହୋଇଥିଲେ ମଧ୍ୟ ବ୍ୟାନରରେ ତାଙ୍କ ଫଟୋ ନଥିବା ଘଟଣା ଏବେ ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି ।

ଶିକ୍ଷୟିତ୍ରୀଙ୍କ ଠାରୁ ସୁନାଚେନ ଝାମ୍ପିନେଲେ ଦୃର୍ବୁତ୍ତ

ରଣପୁର (ଅମୃତ ମିଡିଆ) : ପୁଣି ଫେରିଲା ପଲସର ଆତଙ୍କ ଛପରି କୋଇଲମା ଛକ ନିକଟରେ ଶିକ୍ଷୟତ୍ରୀଙ୍କ ଠାରୁ ସୁନାଚେନ ଝାମ୍ପିନେଲେ ତିନି ଦୃର୍ବୁତ୍ତ । ସୂଚନା ଅନୁସାରେ ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ କୋଟଗଡ ଘାଟି ନିକଟରେ ବୁଧ ବାର ଦିନ ଅପରାହ୍ନ ସମୟରେ ଚୋରି ଉଦ୍ୟଶରେ ଦୁଇ ଶିକ୍ଷୟତ୍ରୀଙ୍କୁ ଆକ୍ରମଣ କରିଥିଲେ । ତାଙ୍କଠାରୁ କିଛି ନ ପାଇବାରୁ ଛପରି କୋଇଲମା ଛକ ନିକଟରେ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଲୋଧାବୁଆ ତିଲୋତ୍ତମା ଦେଇ ଶିକ୍ଷୟତ୍ରୀଙ୍କ ଠାରୁ ସୁନା ଚେନ ତିନି ଦୃର୍ବୁତ୍ତ ଝାମ୍ପି ନେଇଛନ୍ତି । ଶିକ୍ଷୟତ୍ରୀ ତିଲୋତ୍ତମା ବିଦ୍ୟାଳୟ ଛୁଟିକରି ଆସୁଥିବା ସମୟରେ ତିନି ଜଣ ଦୃର୍ବୁତ୍ତ କଳା ପଲସରରେ ଶିକ୍ଷୟତ୍ରୀଙ୍କୁ ପିଛାକରି ଆସିଥିଲେ । କୋଇଲମା ଛକ ନିକଟରେ ଶିକ୍ଷୟତ୍ରୀଙ୍କୁ ଏକୁଟିଆ ପାଇ ତାଙ୍କ ଠାରୁ ସୁନାଚେନ ଲୁଟି ନେଇଥିଲେ। ତେବେ ରାଜସୁନାଖଳା ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ଆଠମଲ୍ଲିକ (ଅମୃତ ମିଡିଆ) : ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ସହର ରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ପୁରୁଷୋତ୍ତମ ମିଶ୍ର, ସଂସ୍ଥାନିତ ଅତିଥି ଭାବରେ, ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ, ବିଜ୍ଞାନ ଶିକ୍ଷୟତ୍ରୀ ସୁଶ୍ରୀ ଦିପ୍ତିମୟୀ ମହାକୁଡ଼ ପ୍ରମୁଖ ଯୋଗ ଦେଇ ବିଜ୍ଞାନର ଉପକାରିତା ଉପରେ ବୁଝାଇ ଥିଲେ । ବିଚାରକ ଭାବରେ ଅଧ୍ୟାପିକା ମୋନାଲିସା ପ୍ରଧାନ, ଅଭିସ୍ନା ତ୍ରିପାଠୀ, ପୁରୁଷମ ଗଡ଼ ନାୟକ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଅତିଥି ମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖିଥିଲେ । ଶେଷରେ ଗୁରୁଜୀ ରବୀନ୍ଦ୍ର କୁମାର ଥାଟି ଧନ୍ୟବାଦ ଅର୍ପଣ କରିଥିଲେ ।

ଦିବଂଗତ ରାଜା ପ୍ରଦୀପ ଚନ୍ଦ୍ର ଦେଓଙ୍କ ସ୍ମୃତିସଭା

ଆଠମଲ୍ଲିକ (ଅମୃତ ମିଡିଆ) : ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ପକ୍ଷରୁ ଦିବଂଗତ ରାଜା ପ୍ରଦୀପ ଚନ୍ଦ୍ର ଦେଓଙ୍କ ସ୍ମୃତିରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସେ ଦୀର୍ଘ ବର୍ଷରୁ ପଞ୍ଚଧାର ସାହିତ୍ୟ ସଂସଦ ସହ ଜଡ଼ିତ ଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ଭାବରେ ମଧ୍ୟ କାର୍ଯ୍ୟ କରୁଥିଲେ । ଜଣେ ସରଳ, ମିଷ୍ଟଭାଷୀ, ସାହିତ୍ୟ ପ୍ରେମୀ, ସୁବକ୍ତା ଓ ସୁସଂଗଠକ ଭାବରେ ରାଜା ସ୍ୱର୍ଗତ ଦେଓ ସବୁବେଳେ ମନ ରହିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଶିକ୍ଷାବିତ ବିବେକାନନ୍ଦ ବେହେରା, ଉପସଭାପତି ପଇଁଅକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ମହାନ୍ତି, ସମ୍ପାଦକ ଇଂ ଆଭାସ କୁମାର କ୍ଷେତୀ, ଯୋଗ ଶିକ୍ଷକ ମେଘନାଦ ସାହୁ, ସାମ୍ବାଦିକ ଉଦିପ୍ତ ପୁରୋହିତ, କଣ୍ଠଶିଳ୍ପୀ ଭୁବନ ମୋହନ ତ୍ରିପାଠୀ ପ୍ରମୁଖ ସ୍ୱର୍ଗତ ପ୍ରଦୀପ ଚନ୍ଦ୍ର ଦେଓଙ୍କ ସ୍ମୃତିଚାରଣ କରିଥିବା ବେଳେ ଶିଳ୍ପୀ ରଣଜିତ୍ ରଣା, ମାନସ କର୍ଣ

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ 'ବିଶ୍ୱ ଜନଜାତି ଦିବସ' ପାଳିତ

ସମ୍ବଲପୁର (ଅମୃତ ମିଡିଆ) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ଏହାର ବିତରଣ କ୍ଷେତ୍ର ଅନ୍ତର୍ଗତ ପାଞ୍ଚଟି ଜିଲ୍ଲାରେ ବିଶ୍ୱ ଜନଜାତି ଦିବସ ପାଳନ କରାଯାଇଅଛି । ଏହି ଅବସରରେ ପାଞ୍ଚ ଗୋଟି ଜନଜାତି ସମୁଦାୟ ଏକତ୍ରିତ କରାଯାଇ ଜନଜାତି ଐତିହ୍ୟର ପାଳନ କରିବା ସହିତ ଜନଜାତି ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଟିପିଡବ୍ଲୁଓଡିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ ଏବଂ ଏହାର ଆଫର୍ମେଟିଭ୍ ଆକ୍ସନ୍ ପଦକ୍ଷେପ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ଦେବଗଡ଼ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ, ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କନ୍ଧ, ସଉରା, ଗୋଣ୍ଡ, ସାନ୍ତାଳ ଓ ଭୂୟାଁ ସମୁଦାୟକୁ ସାମିଲ କରାଯାଇଥିଲା। ଏହା ମାଧ୍ୟମରେ ଜନଜାତି ସମୁଦାୟର ଅବଦାନ ଏବଂ ଆକାଂକ୍ଷାକୁ ନେଇ ଆଲୋଚନା ଓ ସଚେତନତା ପାଇଁ ଏକ ମଞ୍ଚ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିଢ଼ି ପରେ ପିଢ଼ି ହସ୍ତାନ୍ତରିତ ହୋଇ ଆସୁଥିବା ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ ପ୍ରଥା ଓ ଜନଜାତି ଜ୍ଞାନ ପ୍ରଣାଳୀର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଜନଜାତି ଅଧିକାରର ସୁରକ୍ଷା ସହ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ପାରମ୍ପରିକ ଜ୍ଞାନକୁ ପ୍ରାସଙ୍ଗିକ ରଖିବାର ଆବଶ୍ୟକତା ନେଇ ମଧ୍ୟ ଆଲୋଚନା ହୋଇଥିଲା। ପରିବେଶ ସୁରକ୍ଷା ଓ ଜଳବାୟୁ ସହନଶୀଳତା କ୍ଷେତ୍ରରେ ଜନଜାତି ସମୁଦାୟର ଭୂମିକା ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ବିଷୟ ଥିଲା। ପ୍ରକୃତି ସହ ସମନ୍ୱିତ ସେମାନଙ୍କର ପାରମ୍ପରିକ ଅଭ୍ୟାସ ଏବଂ ସ୍ଥାନୀୟ ପରିବେଶ ସମ୍ପର୍କରେ ଗଭୀର ଜ୍ଞାନ ସ୍ଥାୟୀ ଜୀବନଶୈଳୀ ଓ ପ୍ରାକୃତିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ପାଇଁ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା। ପ୍ରକାଶ କରିଛନ୍ତି ଯେ, "ଜନଜାତି ସମୁଦାୟ ପିଢ଼ି ପରେ ପିଢ଼ି ପ୍ରକୃତି ସହ ସମନ୍ୱୟ ରକ୍ଷା କରି ବିକଶିତ ହୋଇଆସିଥିବା ସମୃଦ୍ଧ ସଂସ୍କୃତି, ଜ୍ଞାନ ଓ ପରମ୍ପରାର ରକ୍ଷକ। ସେମାନଙ୍କର ସ୍ୱରକୁ ସ୍ୱୀକୃତି ଦେବା ଏବଂ ଏହି ଐତିହ୍ୟର ସୁରକ୍ଷା କରିବା ଏକ ସମାବେଶୀ ଓ ସ୍ଥାୟୀ ସମୁଦାୟ ଗଠନର ଗୁରୁତ୍ୱପୂର୍ଣ୍ଣ ଅଂଶ। ଆମର ଉତ୍ଥଜ ପଦକ୍ଷେପ ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ସମୁଦାୟର ଅଂଶଗ୍ରହଣକୁ ସୁଦୃଢ଼ କରିବା, ସଶକ୍ତିକରଣର ସୁଯୋଗ ସୃଷ୍ଟି କରିବା ଏବଂ ଜନଜାତି ଜ୍ଞାନ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ପାଇଁ ସହଯୋଗ ଜାରି ରଖିବାକୁ ପ୍ରତିବଦ୍ଧ। ଏହି କାର୍ଯ୍ୟକ୍ରମ ସମାବେଶୀ ବିକାଶ ଓ ସାର୍ଥକ ସମୁଦାୟ ସଂପୃକ୍ତି ପ୍ରତି ଟିପିଡବ୍ଲୁଓଡିଏଲର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବା ସହ ଜନଜାତି ସମୁଦାୟକୁ ସେମାନଙ୍କର ଦୃଷ୍ଟିକୋଣ, ପରମ୍ପରା ଓ ଜ୍ଞାନ ବାଣ୍ଟିବା ପାଇଁ ଏକ ମଞ୍ଚ ପ୍ରଦାନ କରିଛି । ଆଫର୍ମେଟିଭ୍ ଆହ୍ୱନ୍ ଭଳି ପଦକ୍ଷେପ ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ଏହାର କାର୍ଯ୍ୟକ୍ଷେତ୍ରର ବିଭିନ୍ନ ସମୁଦାୟ ସହ ନିରନ୍ତର ଭାବେ ଯୋଡ଼ି ରହିଛି, ଯେଉଁଥିରେ ସଶକ୍ତିକରଣ, ସମାବେଶ ଓ ସ୍ଥାୟୀ ସମୁଦାୟ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ: ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ। ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି । କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ। ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି ।

ଜିଲ୍ଲାସ୍ତରୀୟ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ କର୍ମଶାଳା

'ବିଜ୍ଞାନ ପ୍ରତି ଆଗ୍ରହ ଓ ଜିଜ୍ଞାସା ସୃଷ୍ଟି କରିବା ଶିକ୍ଷକଙ୍କ ପ୍ରମୁଖ ଦାୟିତ୍ୱ'

ବଲାଙ୍ଗୀର (ଅମୃତ ମିଡିଆ) : ସ୍ଥାନୀୟ ପି.ପି.ଏକାଡେମୀ ର ସମ୍ମିଳନୀ କକ୍ଷ ଠାରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସଂସ୍ଥା ପକ୍ଷରୁ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଦିନିକିଆ କର୍ମଶାଳା ଦୁଇଟି ଅଧିବେଶନ ରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ 'ନିରନ୍ତରତା ପାଇଁ ବିଜ୍ଞାନ ଓ ନବସୃଜନ' ବିଷୟ ବସ୍ତୁକୁ ନେଇ ଆୟୋଜିତ ଏହି କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ଓ ରାନା କୁମାରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ପଣ୍ଡା ଛାତ୍ରଛାତ୍ରୀଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ଓ ଜିଜ୍ଞାସା ସୃଷ୍ଟି କରିବା ଶିକ୍ଷକ ମାନଙ୍କର ଏକ ପ୍ରମୁଖ ଦାୟିତ୍ୱ ବୋଲି କହିବା ସହ ପାଠ୍ୟପୁସ୍ତକ ମଧ୍ୟରେ ବିଜ୍ଞାନକୁ ସୀମିତ ନ ରଖି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଚିହ୍ନଟ କରି, ସେଗୁଡିକର କାରଣ ଅନୁଧ୍ୟାନ କରି ବୈଜ୍ଞାନିକ ଓ ନବସୃଜନଶୀଳ ପଦ୍ଧତିରେ ସମାଧାନ ଖୋଜିବା ଦିଗରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଏଡ଼ିଇଓ ସୁଶ୍ରୀ ରୀନା କୁମାରୀ ବେହେରା ନିଜ ବକ୍ତବ୍ୟରେ ଶିଶୁ ମାନଙ୍କ ମନରେ ଛୋଟ ବେଳୁ ବିଜ୍ଞାନ ପ୍ରତି ଆଗ୍ରହ ଓ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବିଷୟ ବିଶେଷଜ୍ଞ ଭାବେ ଆନନ୍ଦ ବଡ଼ପଣ୍ଡା, ଦିଲୀପ ଧଳ, ରାମଗୋପାଳ ଖମାରୀ ଶର୍ମା ଓ ଶିବ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି, ଜଳ, ଖାଦ୍ୟ,କୃଷି ଓ ସ୍ୱାସ୍ଥ୍ୟ ସମେତ ଭାରତୀୟ ଜ୍ଞାନ କୌଶଳର ପ୍ରୟୋଗକୁ ଆଧାର କରି ଶିଶୁ ବିଜ୍ଞାନୀ ମାନେ ପ୍ରକଳ୍ପ ପ୍ରସ୍ତୁତ କରିବେ ବୋଲି ସୂଚନା ଦିଆଯାଇଥିଲା। ଶିକ୍ଷାବିତ ସନାତନ ଠାକୁର, ପୂର୍ବତନ ଜିଲ୍ଲା ବିଜ୍ଞାନ ତତ୍ୱାବଧାରକ ନୀଳମଣି ପଟେଲ, ସରୋଜ ନାୟକ, ନବଘନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ପାଣିଗ୍ରାହୀ ଉଭୟ ଅଧିବେଶନର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଦେଇଥିଲେ ପି.ପି.ଏକାଡେମୀର ପ୍ରଧାନ ଶିକ୍ଷକ ଦ୍ୱିତୀ ରଞ୍ଜନ ମହାଲିଙ୍ଗ। ପ୍ରଥମ ଅଧିବେଶନ ରେ ୧୩୭ ଓ ଦ୍ୱିତୀୟ ଅଧିବେଶନରେ ୧୩୦ଜଣ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

ଜିଲ୍ଲାରେ 'ହର ଘର୍ ତ୍ରିରଙ୍ଗା' ଓ 'ବନ୍ଦେ ମାତରମ୍'

ବଲାଙ୍ଗୀର (ଅମୃତ ମିଡିଆ) : ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବଲାଙ୍ଗୀର ଜିଲ୍ଲାରେ 'ହର ଘର ତ୍ରିରଙ୍ଗା' ଓ 'ବନ୍ଦେ ମାତରମ୍' ଅଭିଯାନ ଆଜିଠାରୁ ଉତ୍ସାହ ଓ ଦେଶପ୍ରେମର ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ସର୍କିଟ୍ ହାଉସ୍‌ରୁ ଏକ ବିଶାଳ ତ୍ରିରଙ୍ଗା ରାଲି ବାହାରିଥିଲା। ଜିଲ୍ଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଲିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଶିଷ୍ଟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବଲ୍ଲଭ ଧରୁଆ ଏବଂ ଟିଟିଲାଗଡ ବିଧାୟକ ନବୀନ ଜୈନ ଅତିଥି ଭାବେ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକା ଓ ଦେଶପ୍ରେମର ଧ୍ୱନିରେ ମୁଖରିତ ରାଲି ସହର ପରିକ୍ରମା କରି ସରକାରୀ ମହିଳା ମହାବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ତ୍ରିରଙ୍ଗା କନସର୍ଟ, ଦେଶାତ୍ମବୋଧକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଲିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସମାଜସେବୀ ଓ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଥିଲେ ଯେ, 'ହର ଘର ତ୍ରିରଙ୍ଗା' କେବଳ ଏକ ଅଭିଯାନ ନୁହେଁ, ଏହା ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ପ୍ରତ୍ୟେକ ପରିବାର ଓ ନାଗରିକଙ୍କ ମନରେ ଦୃଢ଼ କରିବାର ଏକ ଜନଆନ୍ଦୋଳନ। ତ୍ରିରଙ୍ଗା ହିଁ ଆମର ଜାତୀୟ ପରିଚୟ। ଏହି ପରିଚୟକୁ ସମ୍ମାନ ଜଣାଇବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ସେ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ ଯେ, 'ହର ଘର ତ୍ରିରଙ୍ଗା' ଅଭିଯାନ ଜାତୀୟତାବୋଧ ଓ ଜାତୀୟ ଏକତାକୁ ସୁଦୃଢ଼ କରିବାର ଏକ ପ୍ରୟାସ। ରାଷ୍ଟ୍ର ଏକତା ଆମର ସର୍ବୋପରି। ତ୍ରିରଙ୍ଗା ପତାକା ତଳେ ଆମେ ସମସ୍ତେ ସର୍ବଦା ଏକତ୍ରିତ ହୋଇ ରହିବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଦିନେଶ ଶର୍ମା, ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ଓ ଶ୍ରୀବତ୍ସ ବେହେରା, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ହରିଓମ ଶମ୍ଭୁ ନାରାୟଣ ଦାଶ, କ୍ରୀଡ଼ାବାସ ଅଧୀକ୍ଷକ ପରାସର ବାଗ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ସନ୍ଦୀପ କଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ଓଝା। ଅଭିଯାନର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ଅଗଷ୍ଟ ୧୩ ତାରିଖରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଛାତ୍ରୀମାନଙ୍କ ଦ୍ୱାରା ତ୍ରିରଙ୍ଗା ଥିମ୍‌ରେ ରଙ୍ଗୋଲି ପ୍ରଦର୍ଶନୀ ଆୟୋଜିତ ହେବ। ସେହିପରି ଅଗଷ୍ଟ ୧୪ ତାରିଖରେ ଜିଲ୍ଲା ସଂସ୍କୃତି ଭବନରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ କରାଯିବ। ଏହି ଅବସରରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ।

ଆଦ୍ୟାଶକ୍ତି ନାରୀ ସଂଗଠନରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିରର ଅଗ୍ରଣୀ ନାରୀ ସଂଗଠନ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ଲକ୍ଷ୍ମୀନାରାୟଣ ମନ୍ଦିର ଠାରେ ସଭାପତି ମାଳତୀ ଉଦ୍‌ଗାତା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡା. ସନ୍ଧ୍ୟାରାଣୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଆମାନେ ନିଜର ଶିଶୁମାନଙ୍କୁ ସ୍ତନ୍ୟପାନ କରାଇବାର ଉପକାରିତା ବୁଝାଇବାକୁ ଯାଇ କହିଥିଲେ ଯେ, ମାଆ ର କ୍ଷୀର ଅମୃତ ସମାନ ତା ପରି ଖାଦ୍ୟ ଶିଶୁ କେଉଁ ପାଇ ପାରିବା ନାହିଁ । ମାଆମାନେ ସ୍ତନ୍ୟପାନ କରାଇଲେ ସ୍ତନ କର୍କଟ ଭଳି ଦୁଃସାଧ୍ୟ ରୋଗରୁ ମଧ୍ୟ ମୁକ୍ତି ପାଇପାରିବ । ମୁଖ୍ୟବକ୍ତା ଭାବେ ମୋକ୍ଷଦା ଶର୍ମା ଶିଶୁର ଗର୍ଭାଧାନ ଠାରୁ ଶିଶୁକୁ ସ୍ତନ୍ୟପାନର ଉପକାରିତା ସଂପର୍କରେ ମତବ୍ୟକ୍ତ କରିଥିଲେ । ସ୍ତନ୍ୟପାନ ଦିବସ ର ପାଳନର ଉଦ୍ଦେଶ୍ୟ ସଂପର୍କରେ ଡ. ପ୍ରେମଗନ୍ଧ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିଥି ପରିଚୟ ଦେଇଥିଲେ ରାଜଶ୍ରୀ ତ୍ରିପାଠି । ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନିହାରିକା ମିଶ୍ର ଏବଂ ମଂଚ ପରିଚାଳନା କରିଥିଲେ କସ୍ତୁରୀ ରଥ । ଏହି କାର୍ଯ୍ୟକ୍ରମକୁ ଆରତି ଗୁରୁ, ସୌଦାମିନୀ ମିଶ୍ର, ଶୋଭିନୀ ମହାଲିଙ୍ଗ, ନିରୁପମା ମମିଶ୍ର, ଆରତି ତ୍ରିପାଠି, ଯଶୋବନ୍ତୀ ମିଶ୍ର, ସଂଯୁକ୍ତା ମିଶ୍ର, ଭୂମି କେତକୀ, ତପସ୍ୱିନୀ ପସାୟତ, ଦିପ୍ତୀମୟୀ ମିଶ୍ର, ମୀନାକ୍ଷୀ ଗୁରୁ, ମାଧୁରୀ କୁଅଁର, ନିରୁପମା ପାଣିଗ୍ରାହୀ, ଭୁବନେଶ୍ୱରୀ ନାଗ, ମିନତି ଗୁରୁ, ଶାଶ୍ୱତୀ ନନ୍ଦ, ନଳିନୀ ତ୍ରିପାଠୀ, ସନ୍ତୋଷିନୀ ମିଶ୍ର, ବାସନ୍ତୀ କାଲସାଏ, କାମିନୀ ମାହାର, ଲଳିତା କାଲସାଏ, ଅରୁଣ କୁମାର ଖୁଆସ, ଡା. ଗୋଦାବାରିଶ ରଥ, ରାଜେଶ ଶର୍ମା, ନାରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏବଂ ଗାୟତ୍ରି ପରିବାରର ଭଉଣୀମାନେ । ଶେଷରେ କୁମୁଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏଆଇଟିୟୁସି ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର (ଅମୃତ ମିଡିଆ) : କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ବଲାଙ୍ଗିର ଏଆଇଟିୟୁସି ଜିଲ୍ଲା କମିଟି ସଭାପତି ତୀର୍ଥ ପଧାନଙ୍କ ନେତୃତ୍ୱରେ ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭ ଦାବି ଗୁଡିକ ମଧ୍ୟରେ ଶ୍ରମିକ ବିରୋଧି ୪ଟି ଶ୍ରମକୋଡ ବାତିଲ କର, ଶ୍ରମିକ ବିରୋଧି ଅଧ୍ୟାଦେଶ ରଦ୍ଦ କର ଓ ଶ୍ରମିକ ସୁରକ୍ଷାକୁ ବୁର୍ନବାହାଲ କର, ସମସ୍ତ ମହିଳା ସ୍କିମ ୱାର୍କର ଯଥା ଆଶା କର୍ମୀ, ପାଚିକା, ଅଙ୍ଗନୱାଡି କର୍ମୀଙ୍କୁ ୱାର୍କର ମାନ୍ୟତା ପ୍ରଦାନ କର, ମାସିକ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା ପ୍ରଦାନ, ସାମାଜିକ ସୁରକ୍ଷା ସଂପ୍ରସାରଣ, ସରକାରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କୁ ସୁଦୃଢ କର, କଳା ଆଇନ ଗୁଡିକୁ ପ୍ରତ୍ୟାହାର କର ଇତ୍ୟାଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି । ଏହି ବିକ୍ଷୋଭ ସମାବେଶରେ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲାର ସହ ସଂପାଦକ ସାଏବୁ ନନ୍ଦ, ନିଖିଳ ଓଡିଶା ଆଶା କର୍ମୀ ସଂଘର ବଙ୍ଗୋମୁଣ୍ଡା ବ୍ଲକ କମିଟି ସଭାପତି ଅହଲ୍ୟା ବାଗ, ସଂପାଦିକା ପ୍ରେମ ମଂଜରି ମହାନନ୍ଦ, କଣ୍ଟାବାଞ୍ଜି ସହରଂଚଳର ସଭାପତି ଜୁଲି କେନେଡି, ଗାନ୍ଧାରି ବେହେରା, ଜେମା ସେଠ, ତୁରେକେଲା ବ୍ଲକ କମିଟିର ସଭାପତି ବନୀତା ପୁଟେଲ, ପ୍ରଭାତି ବାରିକ, ତପସ୍ୱିନୀ

କେନ୍ଦ୍ରୀୟ ରେଳ ଆହ୍ୱନ କମିଟିର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାଲିଆପାଳଠାରୁ ବିଜୟଓ୍ୱାଡ଼ା ରେଳପଥ ନିର୍ମାଣ ଦାବି

ବାରିପଦା (ଅମୃତମିଡିଆ): ଓଡ଼ିଶାର ବାଲିଆପାଳ ଠାରୁ ଭାୟା ବଣ୍ଟା, ହରିପୁର, ମେରଦା, ବେତନଟୀ,ବଡ଼ସାହି, ଉଦଳା, ଦଇତାରୀ, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା,ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡୁ, ଟି.ନରସାପୁରମ ଓ ଓନଜଭିଡ଼ ହୋଇ ଆନ୍ଧ୍ରର ବିଜୟଓ୍ୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ପାଇଁ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ତରଫରୁ ଭାରତ ସରକାରଙ୍କର ରେଳ ବିଭାଗ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ତାଙ୍କର ରେଳ ଦପ୍ତରରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବତନ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସହଯୋଗରେ ଓଡ଼ିଶା କେନ୍ଦ୍ରୀୟ ରେଳ ଆହ୍ୱନ କମିଟିର ସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉପସଭାପତି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସହିତ ଅନ୍ୟମାନେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦାବୀ ମୁତାବକ ଓଡ଼ିଶାର ପଡୋଷୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧ୍ ?କ ରେଳ ଲାଇନ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ ନଥିବା ଦୁର୍ଭାଗ୍ୟଜନକ । କେନ୍ଦ୍ରୀୟ ଓଡିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପ ସାଗର ସମୁଦ୍ରକୂଳ) ଠାରୁ ଆନ୍ଧ୍ର ପ୍ରଦେଶର ବିଜୟଓ୍ୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ କରାଗଲେ ଓଡ଼ିଶାର ମେଡ଼ିକାଲ କଲେଜ, ଆଇ.ଆଇ.ଟି. ଭଳି ଅନୁଷ୍ଠାନ ପାଇଁ ସୁଯୋଗ ସୃଷ୍ଟି ହେବା ସହିତ ଦ୍ରବର ବନ୍ଦର, ବିମାନ ବନ୍ଦରର ସଂଯୋଗ ତଥା ସାଧାରଣ ଜନତାଙ୍କ ଗମନଗମନରେ ସୁବିଧା ଏବଂ ପରିବହନ ମଧ୍ୟ ସୁଗମ ହେବ । ରେଳ ଲାଇନ ଯାଉଥିବା ଅଞ୍ଚଳ ଗୁଡିକରେ ଶିକ୍ଷା ସ୍ୱାସ୍ଥ୍ୟ ରୋଜଗାର, କୃଷି, ଶିଳ୍ପ, କୁଟୀର ଶିଳ୍ପର ବିକାଶ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ନିଯୁକ୍ତି ସୃଷ୍ଟି ହୋଇ ପାରିବ । ସେହିଭଳି ଉପାନ୍ତ ଅଞ୍ଚଳ, ବିଚ୍ଛିନ୍ନାଞ୍ଚଳକୁ ରେଳ ଯୋଗାଯୋଗ ସମ୍ଭବ ହେବା ସହ ଗଞ୍ଜେଇ ଚାଷ, ନକ୍ସଲ ଦମନ ଇତ୍ୟାଦି ସମ୍ଭବ ହୋଇପାରିବ ବୋଲି କୁହା ଯାଇଛି । କେନ୍ଦ୍ରରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦାବିପତ୍ର ଗ୍ରହଣ ପୂର୍ବକ ସଙ୍ଗେ ସଙ୍ଗେ ରେଳ ବିଭାଗକୁ ଏହାର ସର୍ଭେ କରି ରିପୋର୍ଟ ଦାଖଲ ପାଇଁ ନିର୍ଦେଶ ଦେଇ ଥିବାର ଜଣାଯାଇଛି ।

ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବାରିପଦା(ଅମୃତମିଡିଆ): ଠାକୁରମୁଣ୍ଡା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ଆଜି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ତଥା ସଭାପତି ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୫ ତାରିଖ ସକାଳ ୯.୩୦ ସମୟରେ ପତାକା ଉତ୍ତୋଳନ କରାଯିବା ପାଇଁ ସ୍ଥିର କରାଯାଇଛି । ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ପତାକା ଉତ୍ତୋଳନ କରିବେ ବୋଲି କମିଟିରେ ନିଷ୍ପତ୍ତି ନିଆଯାଇଛି । ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ବ୍ଲକସ୍ତରୀୟ ପ୍ରତିଯୋଗିତା ୧୨ ତାରିଖରେ ଠାକୁରମୁଣ୍ଡା ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହେବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏବିଡ଼ିଓ ଟଙ୍କଧର ମହାନ୍ତ, ଡବ୍ଲ୍ୟୁଇଓ ରାକେଶ ରଞ୍ଜନ ଦାସ, ଏମଆଇ ଦିଲୀପ ସାହୁ,ବିଏସଏସଓ ରଶ୍ମିରଞ୍ଜନ ମଲ୍ଲିକ, ସମ୍ପାଦକ ଗିରିଶ ଚନ୍ଦ୍ର ମହାନ୍ତ, ସାମ୍ବାଦିକ ଚକ୍ରଧର ଦାସ, ଶରତ କୁମାର ତ୍ରିପାଠୀ, ପିଇଟି କାନ୍ଦୁରୁ ପାତ୍ର, ଦାୟିତ୍ୱ ରେ ଥିବା ଏବିଇଓ ଯୁଧିଷ୍ଠିର ମହାନ୍ତଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ସିଡ଼ାଇଏସଡିର କର୍ମକର୍ତ୍ତା ମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ ।

ଠାକୁରମୁଣ୍ଡା ଅବକାରୀ ବିଭାଗର ଚଢ଼ାଉ

୭୭୫୦ ଲିଟର ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ ଓ ୨୪୫ ଲିଟର ଦେଶୀ ମହୁଲି ମଦ ନଷ୍ଟ

ବାରିପଦା (ଅମୃତମିଡିଆ): ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରି ବିରୋଧରେ ଚଢ଼ାଉ କରାଯାଇଛି । ବିଭାଗୀୟ କର୍ମଚାରୀଙ୍କ ଏକ ଟିମ୍ ଚଢ଼ାଉ କରି ତିନୋଟି ସ୍ଥାନରୁ ବିପୁଳ ପରିମାଣର ବେଆଇନ ମଦ ପ୍ରସ୍ତୁତି ସାମଗ୍ରୀ ଓ ଦେଶୀ ମଦ ଜବତ କରି ନଷ୍ଟ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଟିମ୍ ପକ୍ଷରୁ ଚମ୍ପାଝର ପଞ୍ଚାୟତ ଦିଲିଗଞ୍ଜ, ତରାମରା, ଗିରିବେଡ଼ା ଓ ହାତିଗୋଡା ପଞ୍ଚାୟତ ର ଅସନକୁଦର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଦାବିଦାର ବିହୀନ ଭାବେ ପଡ଼ିଥିବା ତିନୋଟି ମାମଲା ସାମ୍ନାକୁ ଆସିଥିଲା । ଏହି ତିନୋଟି ମାମଲାକୁ ନେଇ କେସ୍ ? ନମ୍ବର ୮୮, ୮୯ ଓ ୯୦ ମୂଳେ ମାମଲା ରୁଜୁ କରାଯାଇଥିବାର ସୂଚନା ମିଳିଛି । ଚଢ଼ାଉରେ ମୋଟ ୭,୭୫୦ ଲିଟର ମହୁଲି ପୋଚ ଏବଂ ୨୪୫ ଲିଟର ମହୁଲି ମଦ ଠାବ ହୋଇଥିଲା । ବେଆଇନ ଭାବେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଏହି ବିପୁଳ ପରିମାଣର ମହୁଲ ପୋଚ ଓ୍ୱାଶ୍ ଦେଶୀ ମଦକୁ ବିଭାଗୀୟ ନିୟମ ଅନୁଯାୟୀ ନଷ୍ଟ କରାଯାଇଛି । ଏହି ଚଢ଼ାଉ ରେ ଠାକୁରମୁଣ୍ଡା ଅବକାରୀ ଥାନା ଓଆଇସି ଲକ୍ଷ୍ମୀଧର ମାଝୀ, ଏଏସଆଇ ଲକ୍ଷ୍ମଣ ନାୟକ, ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ପ୍ରମୁଖ ସାମିଲ ଥିଲେ । ବେଆଇନ ମଦ ପ୍ରସ୍ତୁତି ଓ କାରବାର ଉପରେ ରୋକ୍ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

ମେଘାସନ ମହାବିଦ୍ୟାଳୟ ତରଫରୁ 'ହର ଘର ତ୍ରିରଙ୍ଗା'କାର୍ଯ୍ୟକ୍ରମ

ବାରିପଦା /ଉଦଳା (ଅମୃତମିଡିଆ): ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ତରଫରୁ ଚଳିତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଦିନ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ +୨ ଓ +୩ର କଳା, ବିଜ୍ଞାନ ଓ ବାଣିଜ୍ୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ନୁଦଡ଼ିହା ଓ ପିଙ୍ଗୁ ପଂଚାୟତ ମଧ୍ୟରେ ଥିବା ବିଭିନ୍ନ ଗ୍ରାମକୁ ଏକ ଶୋଭାଯାତ୍ରାରେ ପରିକ୍ରମା କରିବା ସହିତ ଗ୍ରାମବାସୀଙ୍କୁ ଜାତୀୟ ପତାକା ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମ ଏ ଅଂଚଳରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା, ସମରଶିକ୍ଷାର୍ଥୀବାହିନୀ, ଯୁବରେଡ଼କ୍ରସ ଓ ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଛାତ୍ର ଛାତ୍ରୀ ମାନେ ମିଳିମିଶି ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ୍ ଚାଲୁ ରଖିବା ପାଇଁ ଦାବି

ବାରିପଦା /କରଞ୍ଜିଆ(ଅମୃତମିଡିଆ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବାର ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡ ୟୁନିଟ୍ ପକ୍ଷରୁ ବିରୋଧ କରାଯାଇଛି । ଏନେଇ ସଂଘ ପକ୍ଷରୁ ଜିଲ୍ଲା ଉପସଭାପତି ବିନ୍ଦୁସାର ଦାଶ ଓ ଜିଲ୍ଲା ସହ ସମ୍ପାଦକ ପାର୍ଥ ପ୍ରସନ୍ନ ମିଶ୍ରଙ୍କ ନେତୃତ୍ୱରେ ଉପଦେଷ୍ଟା କର୍ଣ୍ଣାର୍ଜୁନ ସାହା,ସୁମନ୍ତ ପାତ୍ର,ବିବିବ୍ୟୁ ସେଖରଙ୍କ ସମେତ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡ଼ାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବାର ପ୍ରୟାସ ସମ୍ପର୍କରେ ବିଭାଗୀୟ ପ୍ରକ୍ରିୟାରୁ ଜଣାପତ୍ରୁ ଥିବାରୁ ରାଜ୍ୟର ସାମ୍ବାଦିକମାନଙ୍କ ମଧ୍ୟରେ ଦୁଃଖ ଓ କ୍ଷୋଭ ସୃଷ୍ଟି ହୋଇଛି। ତେଣୁ ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଯୋଜନାକୁ ପୂର୍ବବତ୍ ସ୍ୱତନ୍ତ୍ର ଭାବେ ଚାଲୁ ରଖିବାକୁ ସଂଘ ଦାବି କରିଛି। ଏଥିସହ ସାମ୍ବାଦିକମାନଙ୍କ ପିତାମାତାଙ୍କୁ ମଧ୍ୟ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ସରକାର ଏହି ଯୋଜନାକୁ ଆୟୁଷ୍ମାନ ଭାରତରେ ପରିବର୍ତ୍ତନ କରିବାର ପ୍ରୟାସରୁ ଓହରି ଯୋଜନାକୁ ପୂର୍ବବତ୍ ସ୍ୱତନ୍ତ୍ର ଭାବେ ଚାଲୁ ରଖିବା ସହ ସାମ୍ବାଦିକଙ୍କ ପିତାମାତାଙ୍କୁ ଏଥିରେ ସାମିଲ କରିବା ନେଇ ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନଦେଲେ, ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି କରଞ୍ଜିଆ ୟୁନିଟ୍ ପକ୍ଷରୁ ଚେତାବନୀ ଦିଆଯାଇଛି ।

ନିର୍ମାଣାଧୀନ ଘରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

ସନ୍ଦେହରେ ଜଣେ ଅଟକ

ବାରିପଦା(ଅମୃତମିଡିଆ): ରାଇରଙ୍ଗପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ବିଶୋଇ ଥାନା ଅଞ୍ଚଳର ବାଢୁଣିଆ ଗ୍ରାମ କଲୋନୀ ସାହିରେ ଏକ ନିର୍ମାଣଧୀନ ଆବାସ ଘର ମଧ୍ୟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣଙ୍କ ହେଲେ ବାଢୁଣିଆ କଲୋନୀ ସାହିର ୪୦ ବର୍ଷୀୟ ଅବିବାହିତ ଯୁବକ ଶିରିଶ ପଟେଲ ଓରଫ ମାଲି । ଏହି ଘଟଣାକୁ ନେଇ ବିଶୋଇ ଥାନାରେ କେସନଂ ୧୭୮/୨୬ ମୂଳେ ଏକ ମାମଲା ରୁଜୁ ହୋଇଥିବା ବେଳେ ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧକୁ ପୋଲିସ ଥାନାରେ ଅଟକ ରଖି ପଚାରାଉଚରା ଜାରି ରଖିଛି । ସୂଚନା ମୁତାବକ ବାଢୁଣିଆ କଲୋନିସାହି ଗ୍ରାମରେ ବାପା ମାଆ ଛେଉଣ୍ଡ ଶିରିଶ ଦିନ ମଜୁରିଆ କାମ ନଚେତ କୌଣସି ଭୋଜିଭାତ ହେଲେ ଖଲିପତ୍ର ଉଠାଇ ନିଜ ପେଟ ପୋଷିଥାନ୍ତି । ଶିରିଶଙ୍କ ନିଜ ବାସଗୃହ ନଥିବା ବେଳେ ଗ୍ରାମର କ୍ଲବ ବାରଣ୍ଡା ନଚେତ ଅନ୍ୟ ଲୋକଙ୍କ ଘର ପିଣ୍ଡାରେ ରାତି କଟେ । ସବୁଦିନ ଭଳି ଗତକାଲି ରାତ୍ରି ସମୟରେ ଶିରିଶ ଗ୍ରାମରେ ଅନୁଷ୍ଠିତ ଏକାଦଶାହ କାର୍ଯ୍ୟକ୍ରମରେ ନିଜ କାମ କରି ସାହି ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଶୋଇଥିଲେ । ସକାଳେ ସ୍ଥାନୀୟ ବାସିନ୍ଦା ଶିରିଶଙ୍କ ମୁଣ୍ଡରେ ଗଭୀର କ୍ଷତାକ୍ତ ଥିବା ରକ୍ତ ଜୁଡୁବୁଡୁ ମୃତ ଦେହ ଉକ୍ତ ଘର ମଧ୍ୟରେ ଦେଖିବାକୁ ପାଇଥିଲେ । ପରେ ଉକ୍ତ ଘରର ମାଲିକ ଏନେଇ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖବରପାଇ ରାଇରଙ୍ଗପୁର ଏସ.ପି ସୁରେଶ ପାତ୍ର, ରାଇରଙ୍ଗପୁର ଏସ.ଡ଼ି.ପି.ଓ. ବିରେନ୍ଦ୍ର ସେନାପତି, ବିଶୋଇ ଥାନା ଆଇ.ଆଇ.ସି ସୁବର୍ଣ୍ଣ ବେହେରା, ଏସ.ଆଇ ରଣ୍ଜିତ ଦାସ ଏବଂ ଏସ.ଆଇ ବିବେକାନନ୍ଦ ବେହେରାଙ୍କ ସମେତ ପୋଲିସ ଟିମ ସହିତ ଫରେନସିକ ଟିମ ସଦଳବଳ ମିଶି ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ମୃତକ ଯୁବକର ମୁଣ୍ଡର ପଛପଟ ସ୍ଥାନରେ ଗଭୀର ଆଘାତ ଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି । ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧକୁ ପୋଲିସ ଥାନାରେ ଅଟକ ରଖି ପଚାରାଉଚରା ଜାରି ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଅଧିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଏସ.ଡ଼ି.ପି.ଓ. ଶ୍ରୀ ସେନାପତି ସୂଚନା ଦେଇଛନ୍ତି । ଶିଶିରଙ୍କ ପରିବାରରେ କେହି ନଥିବାବେଳେ ଶବ ବ୍ୟବଚ୍ଛେଦ ପରେ ସରକାରଙ୍କ ପକ୍ଷରୁ ଅନ୍ତିମ ସଂସ୍କାର କରିବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତି ।

ଖାଦ୍ୟ ସୁରକ୍ଷାରୁ ଦିନମଜୁରିଆ ମଙ୍ଗଲ ବଂଚିତ

ବାରିପଦା /ଉଦଳା(ଅମୃତମିଡିଆ): ଯେ ହେଉଛି ଉଦଳା ବ୍ଲକର ବହୁବନ୍ଧ ପଂଚାୟତର ଅନ୍ତର୍ଗତ ଅସୁରଖାଲ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ସମରାୟ ପାତ୍ରଙ୍କର ପୁତ୍ର 'ମଙ୍ଗଲ' ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ମଙ୍ଗଲ' ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଜଣାଇଛନ୍ତି । ଖବର ନେବାରୁ 'ମଙ୍ଗଲ'ଙ୍କର ଆଧାର କାର୍ଡ଼ ନାହିଁ । ଯେଉଁଥିପାଇଁକି ସେ ଚାଉଳ ପାଇପାରୁନଥିବାର ଜଣାଯାଇଛି । ତେବେ ଆଧାର ପାଇଁ ସେ ଫଟୋ ଉଠାଇଥିଲେମଧ୍ୟ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ଏବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛସେବୀ ଅନୁରୋଧ ଜଣାଇଛନ୍ତି ।

ସ୍ୱାଧୀନତା ଦିବସ ନିମନ୍ତେ ଅଭ୍ୟାସ ପ୍ୟାରେଡ

ବାରିପଦା(ଅମୃତମିଡିଆ): ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ରାଇରଙ୍ଗପୁରଠାରେ ଆଜିଠାରୁ ଅଭ୍ୟାସ ପ୍ୟାରେଡ ଆରମ୍ଭ ହୋଇଛି । ରାଇରଙ୍ଗପୁରରେ ଏକ ନୂତନ ପୁଲିସ ଜିଲ୍ଲା ଗଠନ ହେବାପରେ ଚଳିତ ବର୍ଷ ପ୍ରଥମ କରି ପୋଲିସ ଉଇଙ୍ଗସ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡରେ ଅଂଶ ଗ୍ରହଣ କରିବାକୁ ଯାଉଛି । ଏତଦବ୍ୟତୀତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପାଖାପାଖି ୨୭ ଟି ପ୍ୟାରେଡ ଦଳ ସ୍ୱାଧୀନତା ଦିବସରେ ଭାଗ ନେବେ। ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଆଜି ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ରିଜର୍ଭ ଇନ୍ସପେକ୍ଟର ଅଫ୍ ପୋଲିସ ଏମ. ଲକ୍ଷ୍ମୀରଞ୍ଜନ ଏବଂ ସେକେଣ୍ଡ ଇନ କମାଣ୍ଡ ରାଜେନ୍ଦ୍ର ସାହୁଙ୍କ ଦ୍ୱାରା ଅଭ୍ୟାସ ପ୍ୟାରେଡ ପରିଚାଳିତ ହୋଇଥିଲା। ପ୍ୟାରେଡରେ ଅଂଶଗ୍ରହଣକାରୀ ଦଳମାନେ ପ୍ୟାରେଡର ବିଭିନ୍ନ କୌଶଳ, ବ୍ୟାଣ୍ଡର ତାଳେ ତାଳେ ପଦଚାଳନା, ଅଭିବାଦନ ଜଣାଇବା ଇତ୍ୟାଦି ବିଷୟରେ ଶୃଙ୍ଖଳାର ସହ ଅଭ୍ୟାସ କରୁଛନ୍ତି। ଆର. ଅଫ ପୋଲିସଙ୍କ ଦ୍ୱାରା ଆସନ୍ତା କାଲି ମଧ୍ୟ ଏହି ଅଭ୍ୟାସ ପ୍ୟାରେଡ ସକାଳ ୭ ଘଟିକା ସମୟରେ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ଅବସରରେ ଜାତୀୟ ଭାବନା, ଦେଶପ୍ରେମ ଓ ଏକତାର ବାର୍ତ୍ତାକୁ ଜନମାନସରେ ପହଞ୍ଚାଇବା ସହିତ ସମାରୋହକୁ ସୁନ୍ଦର ଓ ସୁସଂଗଠିତ ଭାବେ ଆୟୋଜନ କରିବା ପାଇଁ ବାମନଘାଟୀ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରଦାର କରାଯାଇଛି ।

ମଣ୍ଡଳ କାରାଗାରରେ ନିଶା ମୁକ୍ତି ଶପଥ ମହାଭିଯାନ

ବାରିପଦା(ଅମୃତମିଡିଆ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ,ବାରିପଦା ଶାଖା ତରଫରୁ ବାରିପଦା ମଣ୍ଡଳ କାରାଗାରରେ ନିଶା ମୁକ୍ତି ଶପଥ ମହାଭିଯାନ କାର୍ଯ୍ୟକ୍ରମ କାରାଗାରର ଅଧକ୍ଷ ଶଶୀକାନ୍ତ ମହାଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି।ଏଥିରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜ, ବାରିପଦାର ଅବସର ପ୍ରାପ୍ତ ଅଧକ୍ଷ ହରିହର ଦାସ ମୁଖ୍ୟ ଅତିଥି ଭାବେ,ମୟୂରଭଞ୍ଜ ସଂଚାଳିକା ରାଜଯୋଗିନୀ ବି କେ ଉମା ମୁଖ୍ୟ ବକ୍ତା ଭାବେ,ଏବଂ ବି କେ ଗୀତା,ବି କେ ମାମୁନି,କାରାଗାର ମଙ୍ଗଳ ଅଧିକାରୀ ଅଙ୍କିତ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯ

‘ଘରେ ଘରେ ତ୍ରିରଙ୍ଗା’ କାର୍ଯ୍ୟକ୍ରମରେ ସାମିଲ ପାଇଁ ଜିଲ୍ଲାପାଳଙ୍କ ଅନୁରୋଧ

ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ): ପବିତ୍ର ସ୍ୱାଧୀନତା ଦିବସ ଏବଂ ଜାତୀୟ ସଙ୍ଗୀତ ‘ବନ୍ଦେ ମାତରମ୍’ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ ସମଗ୍ର ଦେଶରେ ‘ଘରେ ଘରେ ତ୍ରିରଙ୍ଗା–୨୦୨୬’ କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏହି ଜାତୀୟ କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲାରେ ଜନଭାଗିଦାରୀ ମାଧ୍ୟମରେ ସଫଳ କରିବା ପାଇଁ ଜିଲ୍ଲାପାଳ ଭି. କାର୍ତ୍ତି ଭାସନ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ‘ଘରେ ଘରେ ତ୍ରିରଙ୍ଗା’ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ପ୍ରତ୍ୟେକ ଭାରତୀୟଙ୍କ ଗର୍ବ, ଗୌରବ ଓ ଦେଶପ୍ରେମର ପ୍ରତୀକ ବୋଲି ଜିଲ୍ଲାପାଳ କହିଛନ୍ତି।

ଏହି ଅବସରରେ ଗଞ୍ଜାମ ଜିଲ୍ଲାରେ ଅଗଷ୍ଟ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅଗଷ୍ଟ ୧୦ ତାରିଖରେ ସୋସିଆଲ୍ ମିଡିଆ ଅଭିଯାନର ଶୁଭାରମ୍ଭ। ଅଗଷ୍ଟ ୧୧ରେ ତ୍ରିରଙ୍ଗା ରଙ୍ଗୋଲି ପ୍ରତିଯୋଗିତା, ସ୍ୱଚ୍ଛତା ଅଭିଯାନ ଏବଂ ଛତ୍ରପୁରସ୍ଥିତ ଆଞ୍ଚଳିକ କଳା ଗ୍ୟାଲେରୀରେ ମ୍ୟୁରାଲ୍ ଓ ଚିତ୍ରକଳା ପ୍ରତିଯୋଗିତା। ଅଗଷ୍ଟ ୧୨ରେ ଛତ୍ରପୁରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠରେ ପ୍ରଦର୍ଶନୀ, ଏବଂ ପ୍ରାୟ ୫,୦୦୦ ଅଂଶଗ୍ରହଣକାରୀଙ୍କୁ ନେଇ ବ୍ରହ୍ମପୁର ଷ୍ଟାଡିୟମ୍ ?ରୁ ଖଲ୍ଲିକୋଟ କଲେଜ ପଡ଼ିଆ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ଆୟୋଜିତ ହେବ। ଅଗଷ୍ଟ ୧୩ରେ ବିଜୟଦ୍ୱାରରୁ ଗୋପାଳପୁର ବେଳାଭୂମି ପର୍ଯ୍ୟନ୍ତ ମାରାଥନ୍ ଏବଂ ଛତ୍ରପୁର ସଂସ୍କୃତି ଭବନରେ ଦେଶପ୍ରେମଭିତ୍ତିକ ନାଟକ ପରିବେଷଣ କରାଯିବ। ଅଗଷ୍ଟ ୧୪ରେ ଶୋଭାଯାତ୍ରା, ସ୍ୱାତନ୍ତ୍ର୍ୟୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ,କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ ପ୍ରମୁଖ ନେତୃତ୍ୱରେ ରାଲି ଆୟୋଜନ କରାଯିବ। ‘ବନ୍ଦେ ମାତରମ୍’ର ସମବେତ ଗାୟନ କରାଯିବ। ଏଥିସହ ‘ସେଲ୍ଫି ୱିଥ୍ ତ୍ରିରଙ୍ଗା’ ମାଧ୍ୟମରେ ଜାତୀୟ ପତାକା ସହ ସେଲ୍ଫି ନେଇ ସୋସିଆଲ୍ ମିଡିଆରେ ଅପଲୋଡ୍ କରିବାକୁ ମଧ୍ୟ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରାଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତୀୟ ପତାକାର ବିକାଶ ଯାତ୍ରା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ବଳିତ ‘ତ୍ରିରଙ୍ଗା’ ଓ ‘ବନ୍ଦେ ମାତରମ୍’ ପ୍ରଦର୍ଶନୀ ଆୟୋଜନ କରାଯିବ। ଅଗଷ୍ଟ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ୍ଏକ୍ସଚେଞ୍ଜ ପୋର୍ଟାଲରେ ଆୟୋଜିତ ଅନଲାଇନ୍ କୁଇଜ୍‌ରେ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ମଧ୍ୟ ସୁନିଶ୍ଚିତ କରାଯିବ। ଛତ୍ରପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମେଡିକାଲ ପରିସରରୁ ଅଜଗର ଉଦ୍ଧାର

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏକ ବିଶାଳକାୟ ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟିର ଲମ୍ବ ପ୍ରାୟ ୧୫ ଫୁଟ ହେବ। ଏହାକୁ ଦେଖି ମେଡିକାଲ ପରିସରରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ଆଜି ସକାଳ ସମୟରେ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏହି ବିରାଟକାୟ ଅଜଗରଟିକୁ ପ୍ରଥମେ ଦେଖିଥିଲେ ମେଡିକାଲ କର୍ମଚାରୀ। ହଠାତ୍ ଏତେ ବଡ଼ ସାପକୁ ଦେଖି ସେମାନେ ଭୟଭୀତ ହୋଇପଡ଼ିଥିଲେ ଏବଂ ଏନେଇ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇବା କ୍ଷମତାର ସହିତ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଅତି ସତର୍କତାର ସହ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ପରେ ବନବିଭାଗ ପକ୍ଷରୁ ସାପଟିକୁ ନିକଟସ୍ଥ ଅଟେଇ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ିଦିଆଯାଇଛି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର (ଅମୃତ ମିଡିଆ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେସନ (ETC) ବିଭାଗର ଛାତ୍ରଛାତ୍ରୀ ବଡ଼ଧରଣର ସଫଳତା ଅର୍ଜନ କରିଛନ୍ତି ଯେ ଉଲ୍ଲେଖଯୋଗ୍ୟ ଯେ ଏହି ବିଭାଗର ମୋଟ ତିରିଶ ଜଣ ଛାତ୍ରଛାତ୍ରୀ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ବିଶ୍ୱଜିତ ସାହୁଙ୍କ ମାର୍ଗଦର୍ଶନ ତଥା ଅଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ରାମଚନ୍ଦ୍ର ସ୍ୱାଇଁଙ୍କ ସହଯୋଗରେ ରୋବୋଟିକ୍ସ ବିଷୟରେ ସ୍ୱତନ୍ତ୍ର କୌଶଳ ଓ ଦକ୍ଷତା ଅର୍ଜନ କରି ବିଭିନ୍ନ ସରକାରୀ ବିଦ୍ୟାଳୟରେ ରୋବୋଟିକ୍ସ ପ୍ରଶିକ୍ଷକ ଭାବରେ ନିଯୁକ୍ତି ଲାଭ କରିଛନ୍ତି କ୍ଷ ଏହି ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ,କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ ପ୍ରମୁଖ ସନ୍ତୋଷ ବ୍ୟକ୍ତ କରିବା ସହ ନବନିଯୁକ୍ତ ସମସ୍ତ ଛାତ୍ରଛାତ୍ରୀ ତଥା ବିଭାଗର ଅଧ୍ୟାପକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ବୀର ଯବାନ ଭରତଚନ୍ଦ୍ର ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି
ଜନ୍ମମାଟିରେ ସମ୍ପନ୍ନ ହେଲା ଶେଷକୃତ୍ୟ

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଛୋଟରାୟପୁର ଗ୍ରାମର ସନ୍ତାନ ତଥା ଇଝର ଯବାନ ଭରତ ଚନ୍ଦ୍ର ମୁଣ୍ଡାଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମମାଟିରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଭରତ ଚନ୍ଦ୍ର ଚଣ୍ଡୀଗଡ଼ରେ ଇଝର ଯବାନ ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟରତ ସମୟରେ ହଠାତ୍ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାରୁ ତାଙ୍କୁ ଏକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅମର ଆତ୍ମା ପରଲୋକ ଗମନ କରିଥିଲା। ଆଜି ସକାଳେ ଯବାନଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ତାଙ୍କୁ ଜନ୍ମମାଟି ଛୋଟରାୟପୁରକୁ ଅଣାଯାଇଥିଲା। ଅପରାହ୍ଣରେ ପାର୍ଥିବ ଶରୀର ଗ୍ରାମରେ ପହଞ୍ଚିବା ପୂର୍ବରୁ ଗୋପୀନାଥପୁର ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା। ଗ୍ରାମବାସୀ, ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଏବଂ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ଉପସ୍ଥିତ ରହି ପ୍ରିୟ ଯବାନଙ୍କୁ ଶେଷ ଦର୍ଶନ କରିଥିଲେ।ପରିବାରବର୍ଗ, ସାଙ୍ଗସାଥି ଓ ଗ୍ରାମବାସୀ ଶେଷ ବିଦାୟ ଦେବା ସମୟରେ ପରିବେଶ ଅତ୍ୟନ୍ତ ମର୍ମାନ୍ତିକ ଓ ଭାବବିହ୍ୱଳ ହୋଇପଡ଼ିଥିଲା। ସମସ୍ତଙ୍କ ଆଖିରେ ଲୁହ ଭରି ଯାଇଥିଲା।ଜନ୍ମମାଟିରେ ପହଞ୍ଚିବା ପରେ ସାମରିକ ଅଧିକାରୀଙ୍କୁ ନେଇ ବୀର ଯବାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଅର୍ଥାତ୍ ‘ଗାର୍ଡ ଅଫ୍ ଅନର’ ପ୍ରଦାନ କରାଯାଇଥିଲା। ଦେଶ ପାଇଁ ସେ ରଖିଥିବା ଅବଦାନ ଏବଂ ବଳିଦାନ ଅଞ୍ଚଳବାସୀଙ୍କ ମନରେ ସର୍ବଦା ଅମର ହୋଇ ରହିବ।

କିଶୋର ନ୍ୟାୟ ବ୍ୟବସ୍ଥା ଏକ ଦଶନ୍ଧିର କାର୍ଯ୍ୟାନ୍ୱୟନ ନେଇ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ବ୍ରହ୍ମପୁର (ଅମୃତ ମିଡିଆ): କିଶୋର ନ୍ୟାୟ ବ୍ୟବସ୍ଥାର ଗତ ଏକ ଦଶନ୍ଧିର କାର୍ଯ୍ୟାନ୍ୱୟନ, ଉପଲବ୍ଧି ଓ ଆହ୍ୱାନ ସମୀକ୍ଷା କରିବା ସହ ଏହାକୁ ଆଗାମୀ ଦିନରେ ଅଧିକ ସୁଦୃଢ଼ ଓ ଶିଶୁ-ଅନୁକୂଳ କରିବା ନେଇ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ବ୍ରହ୍ମପୁର ସିଭିଲ୍ କୋର୍ଟ ପରିସରସ୍ଥିତ ଆଞ୍ଚଳିକ ନ୍ୟାୟିକ ଏକାଡେମୀଠାରେ ଆଜି ଅନୁଷ୍ଠିତ ହୋଇଯାଇଛି।

“କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫: ଏକ ଦଶନ୍ଧିର କାର୍ଯ୍ୟାନ୍ୱୟନ ଓ ଆଗାମୀ କାର୍ଯ୍ୟପନ୍ଥା।” ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଆଲୋଚନାଚକ୍ରରେ ଶିଶୁ ସୁରକ୍ଷା, ଅଧିକାର, ଆଇନଗତ ସହାୟତା, ପୁନର୍ବାସ ଓ ଶିଶୁ-ହିତୈଷୀ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ମତବିନିମୟ ହୋଇଥିଲା। ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାସ କହିଥିଲେ ଯେ, ପ୍ରତ୍ୟେକ ଶିଶୁର କଥାକୁ ସମ୍ବେଦନଶୀଳତାର ସହ ଶୁଣିବା, ତା’ର ଅଧିକାର ଓ ସମସ୍ୟାକୁ ଗୁରୁତ୍ୱ ଦେବା ଏବଂ କୌଣସି ଶିଶୁ ଯେପରି ସୁରକ୍ଷା ଓ ନ୍ୟାୟରୁ ବଞ୍ଚିତ ନହୁଏ, ତାହା ସୁନିଶ୍ଚିତ କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ। ଶିଶୁର ସର୍ବୋତ୍ତମ ସ୍ୱାର୍ଥକୁ ପ୍ରାଥମିକତା ଦେଇ ନ୍ୟାୟ ବ୍ୟବସ୍ଥାକୁ ଅଧିକ ସମ୍ବେଦନଶୀଳ ଓ ଶିଶୁ-ଅନୁକୂଳ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତି ଭାସନ କହିଥିଲେ ଯେ, ଶିଶୁମାନଙ୍କ ସୁରକ୍ଷା, ଅଧିକାର, ମର୍ଯ୍ୟାଦା ଓ ସାମଗ୍ରିକ ବିକାଶକୁ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ନିରନ୍ତର କାର୍ଯ୍ୟ କରିଆସୁଛି। ବାସ୍ତବ ଜୀବନର ବିଭିନ୍ନ ଜଟିଳ ପରିସ୍ଥିତିରେ ଆଇନର ବ୍ୟବସ୍ଥା ସହ ନିଜସ୍ୱ ବିବେକ, ସମ୍ବେଦନଶୀଳତା ଓ ମାନବିକ ଦୃଷ୍ଟିକୋଣର ସମନ୍ୱୟ କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଆକବରମ ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବାର୍ ଆସୋସିଏସନ୍ ସଭାପତି ସୀତାଂଶୁ ଶେଖର ପଣ୍ଡା, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ସଦସ୍ୟ ଡଃ ଅଳକା ରଥ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ, ବିଏମ୍ ?ସି ଉପ-ଆୟୁକ୍ତ କଲ୍ୟାଣୀ ସଂଘମିତ୍ରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ଦାସ, ସି.ଡବ୍ଲ୍ୟୁ.ସି., ଗଞ୍ଜାମର ଅଧ୍ୟକ୍ଷ ଟି. ସୁଶାନ୍ତ ଓ ଡି.ସି.ପି.ଓ. ରାଜଶ୍ରୀ ଦାସ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଓ କିଶୋର ନ୍ୟାୟ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ନ୍ୟାୟିକ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ, ପୁଲିସ, ଆଇନସେବା ସଂସ୍ଥା ଓ ଶିଶୁ ସୁରକ୍ଷା ବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ ଓ ସହଯୋଗ ମାଧ୍ୟମରେ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସୌଦାମିନୀ ସିଂହ, ରେଜିଷ୍ଟାର, ସିଭିଲ୍ କୋର୍ଟ, ବ୍ରହ୍ମପୁରଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶତାଧିକ ବିଚାର ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀ, ଆଇନଜୀବୀ ଓ ବିଭିନ୍ନ କମିଟିର ସଦସ୍ୟ ଯୋଗଦେଇଥିଲେ।

ପାରିବାରିକ କଳହରୁ କରୁଣ ପରିଣତି

କାଠଫାଳିଆରେ ପିଟି ସ୍ୱାମୀକୁ ହତ୍ୟା ଘଟଣାରେ ଅଭିଯୁକ୍ତ ପତ୍ନୀକୁ ଗିରଫ କଲା ପୋଲିସ

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ବାଙ୍କପାଟୁଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀ ନିଜ ସ୍ୱାମୀକୁ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ ମୃତକ ଆନନ୍ଦ ମୁଣ୍ଡା ଏବଂ ତାଙ୍କ ପତ୍ନୀ ଯାତ୍ରୀ ମୁଣ୍ଡାଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ପାଟିତୁଣ୍ଡ ଓ ଝଗଡା ହୋଇଥିଲା। ପରେ ରାତିରେ ଯେତେବେଳେ ଆନନ୍ଦ ଶୋଇଥିଲେ, ସେହି ସୁଯୋଗରେ ପତ୍ନୀ ଯାତ୍ରୀ ଏକ କାଠ ଫାଳିଆ ଆଣି ତାଙ୍କ ମୁଣ୍ଡ ଓ ଶରୀରରେ ପ୍ରଚଣ୍ଡ ପ୍ରହାର କରିଥିଲେ। ଏହି ଆକ୍ରମଣରେ ଆନନ୍ଦଙ୍କର ଘଟଣାସ୍ଥଳରେ ଅବସ୍ଥା ଗୁରୁତର ହୋଇପଡ଼ିଥିଲା ଏବଂ ପରେ ତାଙ୍କୁ ମେଡିକାଲ ନେବା ବାଟରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପତ୍ନୀ ଯାତ୍ରୀ ମୁଣ୍ଡାଙ୍କୁ ଆଜି ଗିରଫ କରି କରିଛି। ଏନେଇ ଘଟଗାଁ ଥାନାରେ ୪୧୮/୨୬ ଦଫା ୧୦୩ ବିଏନଏସ ଏକ ମାମଲା ରୁଜୁ କରାଯାଇ ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଯାତ୍ରୀ ମୁଣ୍ଡାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଘଟଗାଁ ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି।

ମ୍ୟୁନିସିପାଲଟିରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ଯୋଡ଼ା (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଧୁମ୍ ଧାମ୍ ରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପୌରପାଳିକାରୁ ବାହାରି ଯୋଡ଼ା ସହର ପରିକ୍ରମା କରି ଶେଷରେ ଲକ୍ଷ୍ମୀ ପଡ଼ିଆରେ ସମାପନ କରଯାଇଥିଲା। ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟ ଯଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଯୋଡ଼ା ହାଇ ସ୍କୁଲ, ବନେଇ କଳା ହାଇ ସ୍କୁଲ, ଗାର୍ସ ହାଇ ସ୍କୁଲ, ଡି ଏ ଭି ପବ୍ଲିକ ସ୍କୁଲ, ଏସ ଟି ଟେରେସା ସ୍କୁଲ ଓ ଓମେନ୍ସ କଲେଜ ର ଛାତ୍ର ଛାତ୍ରୀ ମାନେ ଭାଗ ନେଇ ଏହି ତ୍ରିରଙ୍ଗା ଯାତ୍ରାକୁ ସଫଳ କରାଇ ଥିଲେ। ହର ଘର ତ୍ରିରଙ୍ଗା ଯାତ୍ରାକୁ ପୌରାଧକ୍ଷ, ଉପାଧକ୍ଷା, ପୌର ଅଧିକାରୀ, ପୌର କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ଗଣମାଧମ ପ୍ରତିନିଧୀ, ପୋଲିସ ଅଧିକାରୀ ଓ କର୍ମଚାରୀ ଙ୍କ ସମେତ କିଛି ରାଜ ନୈତିକ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଥିବା ଦେଖିବାକୁ ମିଳିଛି। ଏହା ସମ୍ପୂର୍ଣ୍ଣ ମ୍ୟୁନିସିପାଲିଟିର ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା।

ବି.ବି. ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ
ଶିକ୍ଷା ହିଁ ବିଶ୍ୱକୁ ପରିବର୍ତ୍ତନ କରିପାରିବ: ଅମର ନାୟକ

ଚଣ୍ଡିଖୋଲ (ଅମୃତ ମିଡିଆ): ଗୋଟିଏ ଶିକ୍ଷାନୁଷ୍ଠାନ ୫୦ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ,ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା। କଠିନ ପରିଶ୍ରମ, ଓ ନିରନ୍ତର ଅଧ୍ୟୟନ ହିଁ ଲକ୍ଷ୍ୟସ୍ଥଳ ରେ ପହଞ୍ଚାଇ ପାରିବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ ବୋଲି ଚଣ୍ଡିଖୋଲ ସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ସବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ବଡତଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ।ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ପ୍ରିୟବ୍ରତ ମହାନ୍ତି ଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶ୍ରୀ ନାୟକ ଗତାନୁଗତିକ ଶିକ୍ଷାକୁ ଗ୍ରହଣ କରି ଡାକ୍ତର, ଇଞ୍ଜିନିୟର ନ ହୋଇ ନିଜ ଭିତରେ ଥିବା ଦକ୍ଷତା ଓ ପ୍ରତିଭାକୁ ନେଇ ସମାଜରେ ପ୍ରତିଷ୍ଠିତ ହେବାକୁ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ଏଥିସହିତ

ମହାବିଦ୍ୟାଳୟରେ ଶୈ କ୍ଷିକ ପରିବେଶ ଓ ଭିତ୍ତି ଭୂମିକୁ ସୁଦୃଢ କରିବା ପାଇଁ ୨କୋଟି ୯୭ଲକ୍ଷ ଟଙ୍କା ବ୍ୟୟରେ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ, ୫୦ଲକ୍ଷ ଟଙ୍କା ବ୍ୟୟରେ ଓପନ୍ ଆଡିଟୋରିୟମ୍ ନିର୍ମାଣ ହେବ। ମହାବିଦ୍ୟାଳୟ ପରିସର ଆଲୋକିକରଣ ଓ ସ୍ୱଚ୍ଛତା ପ୍ରଭୃତି କାର୍ଯ୍ୟ କରାଯିବା ସହିତ ବିବି ମହାବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ରେ ପରିଣତ କରିବା ପାଇଁ ସମ

॥ ୧୩୪ ଦିନରେ ନୀରବ ସତ୍ୟାଗ୍ରହ ॥

ସ୍ୱତନ୍ତ୍ର ବ୍ୟବସ୍ଥା ପର୍ଯ୍ୟନ୍ତ ଜାରିରହିବ ପଦଯାତ୍ରା

ପୁରୀ (ବ୍ୟୁରୋ): ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି ୧୩୪ତମ ଦିନରେ ପହଞ୍ଚିଛି। ଗତ ଜୁନ ୨୩ ତାରିଖରେ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକରେ ଆଇନ ମନ୍ତ୍ରୀ ପୁରୀବାସୀଙ୍କ ପାଇଁ ଆଧାର କାର୍ଡ ମାଧ୍ୟମରେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ରଥଯାତ୍ରା ସରିଥିଲେ ମଧ୍ୟ ଘୋଷିତ ବ୍ୟବସ୍ଥା କାର୍ଯ୍ୟକାରୀ ନହେବାରୁ ଆଜି ସତ୍ୟାଗ୍ରହୀମାନେ ଆଧାର କାର୍ଡ ସାଙ୍ଗରେ ଧରି ପଦଯାତ୍ରା କରିଥିଲେ। ସେମାନେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ପହଞ୍ଚି ଆଧାର କାର୍ଡ ଦେଖାଇ ପ୍ରବେଶ କରିଥିଲେ ଏବଂ ଘଣ୍ଟି ଦ୍ୱାର ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ଅହିଂସାମୂଳକ ଭାବେ ସମ୍ପନ୍ନ ହୋଇଥିଲା। ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୩୪ ଦିନ ଧରି ଆମେ ନୀରବ ରହିଛୁ, କିନ୍ତୁ ଆମର ଦାବି ନୀରବ ହୋଇନାହିଁ। ଯେଉଁ ପର୍ଯ୍ୟନ୍ତ ସରକାରୀ ସ୍ତରରେ ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନର ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇନାହିଁ, ସେପର୍ଯ୍ୟନ୍ତ ଆମର ନୀରବ ସତ୍ୟାଗ୍ରହ ଓ ପଦଯାତ୍ରା ଜାରି ରହିବ।" ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ପ୍ରକାଶ ଚନ୍ଦ୍ର ନାୟକ, ଯାଦବାନନ୍ଦ ରାୟ, କିଶୋର ଚନ୍ଦ୍ର ଦାସ, ଶଶିରକାନ୍ତ ଶତପଥୀ, ଲିଙ୍ଗରାଜ ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ଅରୁଣା ପଟ୍ଟନାୟକ, ମମତା ଦାସ, ନିହାରିକା ତ୍ରିପାଠୀ, ଭାରତୀ ମହାନ୍ତି, ଗୌରୀ ସାହୁ, ଶିବାନୀ ମଲ୍ଲିକ, ରଶ୍ମିତା ଦଳେଇ, ସୁଭଦ୍ରା ସାହୁ, ଶିଲା କୁଜୁରୁ, ରିୟା କିନ୍ନର, ଆଶା ବେହେରା, ରଶ୍ମିକା କେନାଲି, ଝୁଲି କିନ୍ନର, ଦୀପା ବେହେରା, ଅରୋନୀ ବେହେରା, ରିମଝିମ କିନ୍ନର, ମମତା ସ୍ୱାଇଁ, ସନ୍ତୋଷ ସେନାପତି, ଜଗନ୍ନାଥ ମହାନ୍ତି, ଅଭିମନ୍ୟୁ ପ୍ରଧାନ, ଜଗନ୍ନାଥ ଷଡ଼ଙ୍ଗୀ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ପଦଯାତ୍ରୀ ସତ୍ୟାଗ୍ରହୀମାନେ କହିଛନ୍ତି ଯେ, ଆଜି ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବା ସମ୍ଭବ ହୋଇଥିଲେ ମଧ୍ୟ ଏହାକୁ ପୁରୀ ସହରବାସୀଙ୍କ ପାଇଁ ସରକାରୀ ସ୍ତରରେ ସ୍ଥାୟୀ ବ୍ୟବସ୍ଥା କରାଯିବା ଆବଶ୍ୟକ। ଯେଉଁ ପର୍ଯ୍ୟନ୍ତ ସେହି ବ୍ୟବସ୍ଥା ହୋଇନାହିଁ, ସେପର୍ଯ୍ୟନ୍ତ ନୀରବ ସତ୍ୟାଗ୍ରହ ଓ ପଦଯାତ୍ରା ଜାରି ରହିବ।

ଶ୍ରୀବିଗ୍ରହଙ୍କ ବନକଲାଗି ପାଇଁ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ (ବ୍ୟୁରୋ): ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହୋଇଛି। ଗୁରୁବାର ଶ୍ରାବଣ ଶୁକ୍ଳ ପ୍ରତିପଦ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ ।ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପ୍ରାୟ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ଦତ୍ତ ମହାପାତ୍ର ସେବକ ଏହି ନୀତି ସମ୍ପାଦନ କରିବେ । ଦ୍ୱିତୀୟ ଭୋଗ ମଣ୍ଡପ ସରିବା ପରେ ଗର୍ଭ ଗୃହ ବନ୍ଦ ହୋଇ ଏହି ନୀତି ସମ୍ପାଦନ କରାଯିବ । ଦତ୍ତ ମହାପାତ୍ର ସେବକ ରତ୍ନସିଂହାସନ ଉପରକୁ ଯାଇ ଶ୍ରୀବିଗ୍ରହଙ୍କ ମୁଖଶୃଙ୍ଗାର କରିବେ । ପ୍ରାକୃତିକ ରଙ୍ଗ ସହ କସ୍ତୁରୀ ଓ କେଶର ସୁବାସିତ ପଦାର୍ଥ ମିଶ୍ରଣ କରାଯିବ । ବନକଲାଗି ପ୍ରସ୍ତୁତି ପାଇଁ ବନକଲାଗି ଘର ରହିଛି । ଶଙ୍ଖକୁ ଚୂର୍ଣ୍ଣ କରି ଧଳା ରଙ୍ଗ, ହରିତାଳରୁ ହଳଦିଆ ରଙ୍ଗ, ହେଙ୍ଗୁଳରୁ କଳା ରଙ୍ଗ ପ୍ରସ୍ତୁତ ହୋଇଥାଏ । ଏହି ରଙ୍ଗରେ କସ୍ତୁରୀ ଓ କର୍ପୂର ମିଶା ଯାଇଥାଏ । ବନକଲାଗି ଗୁପ୍ତ ନୀତି ହୋଇଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ । ମହାପ୍ରଭୁଙ୍କ ମହାସ୍ନାନ ପରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବେ ।

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତର ଅନୁବାଦ ବୈଶିଷ୍ଟ୍ୟ ଶୀର୍ଷକ ଆଲୋଚନାଚକ୍ର

ପୁରୀ (ବ୍ୟୁରୋ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ଶାଖା ଓ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ 'ଓଡ଼ିଶା ସାହିତ୍ୟ ମହୋତ୍ସବ' ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ତୀନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ସାରସ୍ୱତ ସଭାର ତୃତୀୟ ବୈଷୟିକ ଅଧିବେଶନରେ 'ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତର ଅନୁବାଦ ବୈଶିଷ୍ଟ୍ୟ ଶୀର୍ଷକ ଆଲୋଚନାଚକ୍ର' ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଡ. ପ୍ରମୋଦିନୀ ଜେନା ଏଥିରେ ସଭାପତିତ୍ୱ କରିଥିବାବେଳେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ. ଅଭୟ କୁମାର ନାୟକ, ବାବାଜୀ ସନତି ସୁଜାତାନନ୍ଦ ଦାସ ଏବଂ ଭାଷାବିତ୍ ଡ. କାଳିକିଙ୍କର ପଟ୍ଟନାୟକ ପ୍ରମୁଖ ଅତିଥ୍ୟ ଭାବେ ଯୋଗଦେଇ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସଂସ୍କୃତ ଭାଗବତର ଓଡ଼ିଆ ସହଯୋଗରେ ଅନୁବାଦ କାର୍ଯ୍ୟ ହେଲେ ହିଁ ଏଥିରେ ଓଡ଼ିଆ ଭାଷା ଓ ଓଡ଼ିଆ ପରମ୍ପରାର ସନ୍ଧାନ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି, ଅଧ୍ୟାପକ ପ୍ରମୋଦ କୁମାର ଦଳାଇ, ସସ୍ମିତା ନାୟକ, ଦୟାନିଧି ପଣ୍ଡା, ସଞ୍ଚିତା ନାୟକ, ଡ. ଅବିନାଶ ରଣାଙ୍କ ସମେତ ୧୭ ଜଣ ଆଲୋଚ୍ୟ ବିଷୟକୁ ନେଇ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଏହି ଅଧିବେଶନକୁ ଡ. କଲ୍ୟାଣୀ ନନ୍ଦୀ ସଞ୍ଚାଳନ କରିଥିଲେ। ଉଦ୍ଯାପନୀ ଦିବସରେ ଭାରତ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୧୫୦ ଯୁବ କବି/କବୟିତ୍ରୀମାନଙ୍କୁ ନେଇ ଏକ ମନୋଜ୍ଞ ରାଷ୍ଟ୍ରବାଦୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଡ. ଭଗବାନ ଜୟସିଂ ସଭାମୁଖ୍ୟ, ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ କବି ଡ. ଦିଲୀପ କୁମାର ସ୍ୱାଇଁ ସଞ୍ଚାଳକ ଭାବେ, ସମ୍ମାନିତ କବି ଭାବେ ବରିଷ୍ଠ କବି ଅରୁଣ କୁମାର ସାହୁ ଏବଂ କବି ପ୍ରସନ୍ନ କୁମାର ସ୍ୱାଇଁ ମଞ୍ଚାସୀନ ଥିଲେ।

ଭିଡ଼ନିୟନ୍ତ୍ରଣ ପାଇଁ ମାଷ୍ଟର ପ୍ଲାନ୍

ପୁରୀ (ବ୍ୟୁରୋ): ଭିଡ ନିୟନ୍ତ୍ରଣ ପାଇଁ ପୁରୀ ଜିଲ୍ଲା ପ୍ରଶାସନର ମାଷ୍ଟର ପ୍ଲାନ। ଭିଆଇପି ରୋଡ଼ର ଡାକ୍ତରଖାନା ଛକଠାରୁ ଝାଡେଶ୍ୱରୀ ଛକ ପର୍ଯ୍ୟନ୍ତ ରାସ୍ତାର ହେବ ସଂପ୍ରସାରଣ। ୭୮୩ ମିଟର ରାସ୍ତାକୁ ୪ ଲେନ୍ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରଖାନା ଛକଠାରୁ ଝାଡେଶ୍ୱରୀ ଛକ ପର୍ଯ୍ୟନ୍ତ ରାସ୍ତାର ହେବ ସଂପ୍ରସାରଣ। ୭୮୩ ମିଟର ରାସ୍ତାକୁ ୪ ଲେନ୍ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏହାର ଓସାର ୨୦ ମିଟର ରହିବ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ମାପଚୁପ ଆରମ୍ଭ ହୋଇଥିବା ବେଳେ ଭିଆଇପି ରୋଡ଼କୁ ଭିଡରୁ ମୁକ୍ତ କରିବାକୁ ଡାକ୍ତରଖାନା ଛକଠାରୁ ଝାଡେଶ୍ୱରୀ ଛକ ପର୍ଯ୍ୟନ୍ତ ରାସ୍ତାକୁ ସଂପ୍ରସାରଣ କରାଯିବ ବୋଲି କହିଛନ୍ତି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ। ସେପଟେ ଏହି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଇଥିବା ବେଳେ ରାସ୍ତା ସଂପ୍ରସାରଣ ହେଲେ ଅନେକ ଜାଗା ଜବରଦଖଲ ମୁକ୍ତ ହୋଇ ଯାତାୟାତ ବ୍ୟବସ୍ଥା ସୁଗମ ହେବ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପଟେ କ୍ଲେକ ଡାକ୍ତରଖାନା ଛକଠାରୁ ଝାଡେଶ୍ୱରୀ ରାସ୍ତା। ସଂପ୍ରସାରଣ ନୂହେଁ ବରଂ ତତ୍କାଳୀନ ସରକାରଙ୍କ ସମୟରେ ବଡଦାଣ୍ଡକୁ ସଂଯୋଗ ହୋଇଥିବା ଅନେକ ରାସ୍ତାକୁ ସଂପ୍ରସାରଣ କରିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି ଆଇନଜୀବୀ।ପୁରୀ ସହରବାସୀ ଓ ପର୍ଯ୍ୟଟକଙ୍କ ସୁଗମ ଯାତାୟାତ ପାଇଁ ପ୍ରଶାସନର ମାଷ୍ଟରପ୍ଲାନ୍। ଭିଆଇପି ରୋଡ଼ର ଡାକ୍ତରଖାନା ଛକଠାରୁ ଝାଡେଶ୍ୱରୀ ଛକ ପର୍ଯ୍ୟନ୍ତ ରାସ୍ତା ହେବ ସଂପ୍ରସାରଣ। ୭୮୩ ମିଟର ରାସ୍ତାକୁ ୪ ଲେନ୍ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏହାର ଓସାର ୨୦ ମିଟର ରହିବ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ମାପଚୁପ ଆରମ୍ଭ ହୋଇଥିବା ବେଳେ ଭିଆଇପି ରୋଡ଼କୁ ଭିଡରୁ ମୁକ୍ତ କରିବାକୁ ଡାକ୍ତରଖାନା ଛକଠାରୁ ଝାଡେଶ୍ୱରୀ ଛକ ପର୍ଯ୍ୟନ୍ତ ରାସ୍ତାକୁ ସଂପ୍ରସାରଣ କରାଯିବ ବୋଲି କହିଛନ୍ତି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ। ତେବେ ପ୍ରଶାସନର ଏହି ନିଷ୍ପତ୍ତିକୁ ଆଇନଜୀବୀ ମହଲରେ ସ୍ୱାଗତ କରାଯାଇଛି।ରଥଯାତ୍ରା ସମୟରେ ପ୍ରତ୍ୟକ ବର୍ଷ ଅଧିକରୁ ଅଧିକ ଭକ୍ତଙ୍କ ସମାଗମ ହେଉଥିବା ବେଳେ ଭକ୍ତଙ୍କ ସୁରକ୍ଷା ପାଇଁ ସହରର ଅନେକ ରାସ୍ତାକୁ ସଂପ୍ରସାରଣ କରିବାର ଆବଶ୍ୟକତା ରହିଛି।

ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦୀଶ କାନୁନଗୋଙ୍କ ପରଲୋକ



ପୁରୀ (ବ୍ୟୁରୋ): ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋ ଗତକାଲି ୧୧ ଅଗଷ୍ଟ ରାତି ୧୦ ଟା ସମୟରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପ୍ରାଣତ୍ୟାଗ କରିଛନ୍ତି। ଶ୍ରୀଯୁକ୍ତ କାନୁନଗୋ ଓଡ଼ିଶା ଦୃଶ୍ୟ କଳା କ୍ଷେତ୍ରରେ ଜଣେ ମାଇଲଖୁଣ୍ଟ ଥିଲେ, ତାଙ୍କ ବିୟୋଗ ରେ ଜଣେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ଓ ସଙ୍ଗଠକକୁ ହରାଇଛି, ସମଗ୍ର କଳାକାରମାନଙ୍କ ତରଫରୁ ତାଙ୍କୁ ମୋର ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରୁଛି । ଜଗତସିଂହପୁର ତାଙ୍କ ଗ୍ରାମ ହେଲେ ମଧ୍ୟ ସେ ପୁରୀ ଦୋଳମଣ୍ଡପ ସାହି ରେ ଜନ୍ମ ଗ୍ରହଣ କରିଥିଲେ ତେଣୁ ତାଙ୍କ ନାମ ଜଗଦିଶ ରଖା ଯାଇଛି ବୋଲି ସେ କୁହନ୍ତି। ଖଲିକୋଟ ସ୍ଥିତ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିଲେ। ରାଜ୍ୟ ସଂଗ୍ରହାଳୟରେ ଗ୍ୟାଲେରୀ ସୁପରଭାଇଜର, ପରେ ଓଡ଼ିଶା ଲଳିତ କଳା ଏକାଡେମୀ ରେ ସଂପାଦକ ଓ ପରେ ସେହି ଠାରେ ସଭାପତି ପଦରେ ନିଯୁକ୍ତ ହେଇଥିଲେ। ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ରର ର ଭୁବନେଶ୍ୱର ରେ ପ୍ରତିଷ୍ଠା ହେବା ତାଙ୍କର ଅବଦାନ ସ୍ମରଣୀୟ। ଲଳିତ କଳା ଏକାଡେମୀ ନୂଆଦିଲ୍ଲୀର ସାଧାରଣ ପରିଷଦର ସଦସ୍ୟ ଭାବରେ ସେ ମନୋନୀତ ହୋଇ ଯୁବ କଳାକାରଙ୍କୁ ଅନେକ ସୁଯୋଗ ସୃଷ୍ଟି କରିବା ପ୍ରୟାସ କରିଥିଲେ। ଓଡ଼ିଶା ରାଜ୍ୟ ର ସର୍ବଶ୍ରେଷ୍ଠ ସ୍ମମାନ ଧର୍ମପଦ ପୁରସ୍କାର, ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଲା ପଣ୍ଡା ଫାଉଣ୍ଡେସନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ତାଙ୍କର ସୁପୁତ୍ର ଜୟସୂର୍ଯ୍ୟ କାନୁନଗୋ ମୁଖାଗ୍ନି ଦେଇଥିଲେ। କେଦାର ପଟ୍ଟନାୟକ, ଭବାନୀ ପଟ୍ଟନାୟକ, ଆଶିଷ ପଟ୍ଟନାୟକ, ଅମିୟ ଶର୍ମା,,ଲଳିତ୍ ମୋହନ, ସୌମ୍ୟ ରଂଜନ ସ୍ୱାଇଁ, ସନ୍ଦୀପ ଦାଶ, ପ୍ରଦୀପ ରାଉତ,ସଞ୍ଜୀବ ମହାନ୍ତି, ସତ୍ୟଜିତ୍ ମହାନ୍ତି,ରମାକାନ୍ତ ସ୍ୱାଇଁ, ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହ ଯୋଗ କରିଥିଲେ।ସଂସ୍କୃତି ଭବନ ପୁରୀ ଠାରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ରେ ଜିଲ୍ଲା ପ୍ରଶାସକ ତଥା ପୁରୀ ସହରର ମାନ୍ୟଗନ୍ୟ ବ୍ୟକ୍ତି ଶିଳ୍ପୀ କାନୁନଗୋଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମି ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମିଳିତ ଭାବେ ସ୍ୱର୍ଗତ କାନୁନଗୋଙ୍କ ପାଇଁ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକ ସଭା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ହର୍‌ଘର୍ ତ୍ରିରଙ୍ଗା କଳା ପ୍ରଦର୍ଶନୀ ଓ ରଙ୍ଗୋଲୀ କାର୍ଯ୍ୟକ୍ରମ

ପୁରୀ (ବ୍ୟୁରୋ): ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ଆଜି ପୁରୀ ଜିଲ୍ଲା ସଂସ୍କୃତି ଭବନ ଠାରେ ଦେଶାତ୍ମବୋଧକ କଳା ପ୍ରଦର୍ଶନୀ ଓ ରଙ୍ଗୋଲୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ହରଘର ତ୍ରିରଙ୍ଗା ଦେଶ ମାତୃକାର ସେବା ପାଇଁ ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ।ଆମେ ଭାରତୀୟ ମାନେ ଆମ ଦେଶ ଓ ଦେଶର ଜାତୀୟ ପତାକା କୁ ନେଇ ଗର୍ବ କରନ୍ତି।ଏହି ଦେଶ ପ୍ରେମ କୁ କିଏ କିପରି ପରିପ୍ରକାଶ କରେ ତାହା ହିଁ ଭିନ୍ନତା ମଧ୍ୟରେ ଏକତାକୁ ପ୍ରତିପାଦିତ କରିଥାଏ।ଚିତ୍ରକଳା ରେ ପ୍ରତ୍ୟେକ ଟି କଳାକାର ତାଙ୍କ ନିଜର ଅନ୍ତରର ଦେଶପ୍ରୀତି ର ଯେଉଁ ଚିତ୍ର ଆଙ୍କିଛନ୍ତି ତାହା ଅନୁପମ ଓ ଅନନ୍ୟ ବୋଲି କହିବା ସହ ସେ ସମସ୍ତ ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଯୋଗ ଦେଇ କେବଳ ଚିତ୍ରକଳା ବା ରଙ୍ଗୋଲୀ ନୁହେଁ ପ୍ରତ୍ୟେକ ଟି କାର୍ଯ୍ୟ ମଧ୍ୟରେ ସେବା ଓ ସମର୍ପଣ ରହିଲେ ତାହା ଦେଶପ୍ରେମ ଓ ଦେଶସେବା ପାଇଁ ଅଭିପ୍ରେତ ସଦୃଶ୍ୟ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଚାରୁକଳା ଓ କାରୁକଳା ମହାବିଦ୍ୟାଳୟ ର ଅଧକ୍ଷ ଡ. ଦୁର୍ଗା ମାଧବ କର,କାଶୀନାଥ ଖୁଣ୍ଟିଆ, ଦେବେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ ହରଘର ତ୍ରିରଙ୍ଗା ସମ୍ପର୍କରେ ଆଲୋଚନା କରିଥିଲେ।କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସଂଚାଳନ କରିଥିଲେ।ପରେ ଅଂଶଗ୍ରହଣକାରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଓ ଅନ୍ୟାନ୍ୟ ବ୍ୟକ୍ତି ମାନେ ଲଳିତ କଳା ଗ୍ୟାଲେରୀର ଫଟୋ ପ୍ରଦର୍ଶନୀ ଓ ସଂସ୍କୃତି ଭବନ ପରିସରରେ ହୋଇଥିବା ରଙ୍ଗୋଲୀ କୁ ଦେଖି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନଏ ସି ଅଞ୍ଚଳରେ ରଙ୍ଗୋଲୀ ଅନୁଷ୍ଠିତ ହୋଇଥିଲା।

■ ଶିବାଜୀ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ସମାରୋହ

ଖଣି ରୟାଲିଟି ପାଣ୍ଠି ପୁଞ୍ଜିପତିଙ୍କ ସ୍ୱାର୍ଥରେ ବିନିଯୋଗ : ବୃନ୍ଦା

ପୁରୀ (ବ୍ୟୁରୋ): ଓଡିଶାରେ ଖଣିଜ ସମ୍ପଦ ଭରା ଇଲାକାରୁ ଆଦାୟ ହେଉଥିବା ଖଣି ରୟାଲଟି ଆଦିବାସୀଙ୍କ ସ୍ୱତନ୍ତ୍ର ଉନ୍ନତି ପାଇଁ ରାସ୍ତାଘାଟ, ପାନୀୟ ଜଳ ,ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିନିଯୋଗ ହେବା ବଦଳରେ ବୃହତ ପୁଞ୍ଜିପତିଙ୍କ ସେବାରେ ଲାଗୁଛି ବୋଲି ପ୍ରାକ୍ତନ ସାଂସଦ ତଥା ସିପିଆଇଏମ୍‌ର ପୂର୍ବତନ ପଲିଟିବ୍ୟୁରୋ ସଦସ୍ୟ ବୃନ୍ଦା କାରାତ କହିଛନ୍ତି। ପ୍ରାକ୍ତନ ସାଂସଦ, ପ୍ରଖ୍ୟାତ ଜନନେତା ଓ ସିପିଆଇ (ଏମ୍) ଓଡ଼ିଶା ରାଜ୍ୟ କମିଟିର ପୂର୍ବତନ ସମ୍ପାଦକ ଶିବାଜୀ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ସମାରୋହ ଅବସରରେ 'ବିସ୍ଥାପନ, ଦମନ ଓ ଉନ୍ନୟନ' ଶୀର୍ଷକ ବିଷୟ ବସ୍ତୁ ଉପରେ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ବୃନ୍ଦା କାରାତ କହିଲେ ଯେ ୨୦୨୫ ମସିହାରେ ଓଡ଼ିଶା ଖଣି ରୟାଲଟି ବାବଦରେ ୨୯୭୭୮ କୋଟି ଟଙ୍କା ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୭୦୦୦ କୋଟି ଟଙ୍କା ବ୍ୟୟ ହୋଇଛି । ମାତ୍ର ବ୍ୟୟ ହୋଇଥିବା ଏହି ଅର୍ଥର ବଡ଼ ଅଂଶ ଆଦିବାସୀ ଅଧୁଷିତ ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ଶିକ

ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ଓ ସୁଭଦ୍ରାଙ୍କର (ତିନିଠାକୁର) ଚିତାଲାଗି ହୋଇଥାଏ । ଜଗନ୍ନାଥଙ୍କ ନିତିଦିନିଆ ପୂଜା ଓ ଧୂପ ଶେଷ ହେବା ପରେ ଦଇତାପତିମାନେ ତିନିଠାକୁରଙ୍କ ଲଲାଟରେ ଚିତାଲାଗି କରନ୍ତି ।

ଚିତାଲାଗି ଅମାବାସ୍ୟା

ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ଓ ସୁଭଦ୍ରାଙ୍କର (ତିନିଠାକୁର) ଚିତାଲାଗି ହୋଇଥାଏ । ଜଗନ୍ନାଥଙ୍କ ନିତିଦିନିଆ ପୂଜା ଓ ଧୂପ ଶେଷ ହେବା ପରେ ଦଇତାପତିମାନେ ତିନିଠାକୁରଙ୍କ ଲଲାଟରେ ଚିତାଲାଗି କରନ୍ତି । ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ । ଏହି ପ୍ରଥା ଶବର ପରମ୍ପରାରୁ ଆନୀତ ବୋଲି ବିଦିତ । ଏଥିରେ ଚିତଉ ପିଠା କରି ଜୀବଜନ୍ତୁମାନଙ୍କୁ ଖୁଆଇ ସନ୍ତୁଷ୍ଟ କରିବାର ପ୍ରଥା ରହିଛି । ସେଥି ପାଇଁ 'ଗେଣ୍ଡେଇକଟା ଓଷା' ନାମରେ ମଧ୍ୟ ଜଣା । ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର ଆଦି ଅଞ୍ଚଳରେ ଏହି ପର୍ବକୁ 'ଗେଣ୍ଡାକଟା ଅମାବାସ୍ୟା' କୁହାଯାଏ । ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନଙ୍କ ମଧ୍ୟରେ ଜନ୍ତୁଆଦିଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପାଳିତ ପର୍ବମାନଙ୍କ ମଧ୍ୟରେ ଗୋଟିଏ । ସାଧାରଣତଃ ଚାଷୀମାନେ ବର୍ଷା ଋତୁ ସମୟରେ ଧାନ ଫସଲ କରିବା ସମୟରେ, ବିଲରେ ଗେଣ୍ଡା ଯୋଗୁଁ ଗୋଡ଼ କାଟି ହୋଇ କ୍ଷତି ହୋଇଥାଏ ଏଣୁ ଏହି ସମ୍ଭାବନାକୁ ଏଡ଼େଇବା ନିମନ୍ତେ ଚିତଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଜଳାଶୟରେ ଭସା ଯାଏ। ନାମକରଣ- ଏହି ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିର ତିନିଠାକୁରଙ୍କ ଲଲାଟରେ ଦଇତାପତିମାନେ ଚିତା ଲାଗି କରୁଥିବାରୁ ଏହାର ନାମ ଚିତାଲାଗି ଅମାବାସ୍ୟା ।

ଶ୍ରୀମନ୍ଦିରରେ ପାଳିତ ପର୍ବପର୍ବାଣି: ସ୍ନାନପୂର୍ଣ୍ଣିମା ପୂର୍ବଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଯେଉଁ ଚିତା ଉଲାଗି କରାଯାଇଥାଏ ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରାଖଚିତ ଧଳା ଚିତା, ଶ୍ରୀ ବଳଭଦ୍ରଙ୍କ ମସ୍ତକରେ ନୀଳାଖଚିତ ନିଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ନାଲି ଚିତା ଲାଗି କରାଯାଏ ।ପରମ୍ପରା ଏବଂ ବିଧିମୁତାବକ ପତିମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ। ଶ୍ରୀବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି । ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରବର୍ତ୍ତୀ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ । ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ୧୩୩ ଶତାବ୍ଦୀରୁ ପାଳିତ ହୋଇଆସୁଛି ବୋଲି ଜଣାଯାଏ ।

ଉତ୍ତର ଓଡ଼ିଶାରେ ଘରେ: ଏହି ଓଷାରେ ଗୃହିଣୀମାନେ ଘରେ ଚିତଉ ପ୍ରସ୍ତୁତ କରି ଏହି ପିଠାକୁ ଧାନ କ୍ଷେତରେ, ବାଡ଼ିବଗିଚାରେ, ଫସଲ କିଆରିରେ ମାଟିକୁ ଜନନୀ ଜ୍ଞାନ କରି ତାହାଙ୍କ ପାଇଁ ସମର୍ପଣ କରି ପୋଡ଼ନ୍ତି । ତା'ସହିତ ଠାକୁର ବା ଇଷ୍ଟଦେବତାଙ୍କୁ ମଧ୍ୟ ଭୋଗ କରନ୍ତି । ଏହି ସମୟରେ ବିଲରେ ପ୍ରଚୁର ଗେଣ୍ଡା ଦେଖାଯାଆନ୍ତି ଏମାନେ ଚାରାସବୁ କାଟି ପକାନ୍ତି । ପୁଣି ବଛା ଖେଳାବେଳେ ଚାଷୀର ଗୋଡ଼, ଆଣ୍ଠୁ ବା ହାତକୁ କାଟି ଦିଅନ୍ତି । କାରଣ ଆଣ୍ଠୁ ପକାଇ ବିଲ ବାଛିବା ବେଳେ ହାତ ଓ ଗୋଡ଼ ଭୂମି ସହିତ ଲାଗି ରହିଥାନ୍ତି । ଏଣୁ ସାମାନ୍ୟ ଅସାବଧାନତାରୁ ଗେଣ୍ଡା ଗୋଡ଼ ଆଣ୍ଠୁ କାଟିଦିଏ । ଏହି ଦୁଇଟିରୁ ରକ୍ଷା ପାଇବା ପାଇଁ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଚିତଉପିଠା କରି ପୋଖରୀ ବା ଚାଷଜମିକୁ ଫିଙ୍ଗନ୍ତି । ଗେଣ୍ଡାମାନେ ପିଠା ପ୍ରତି ଆକୃଷ୍ଟ ହୋଇ ଚାରାଗଛ ଓ ମଣିଷଠାରୁ ନିବୃତ ରହନ୍ତି ।

ଇତିହାସ: ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଏବଂ ଏଠାକାର ଆରାଧ୍ୟ ଦେବତା ହେଉଛନ୍ତି ଜଗନ୍ନାଥ । ଧର୍ମନୈତିକ, ରାଜନୈତିକ କଥା ଅନୁରୂପ ପର୍ବପର୍ବାଣିକୁ ଭିନ୍ନ ଅନେକ କୃଷିଭିତ୍ତିକ ପର୍ବପର୍ବାଣି ଯଥା: ନବାନ୍ନ ଭକ୍ଷଣ, ଅକ୍ଷୟ ତୃତୀୟା, ରଜ, ଚିତାଲାଗି ଅମାବାସ୍ୟା, ଶାୟ ଦଶମୀ ଏବଂ ମାଣବସା ଗୁରୁବାର ଆଦି ଜଗନ୍ନାଥଙ୍କୁ ଆଧାର କରି ପାଳନ କରାଯାଇଥାଏ । ଓଡ଼ିଶାର ଧାନ ମୁଖ୍ୟ ଫସଲ । ଏଣୁ ଧାନବୁଣାଠାରୁ କାଟିବା ପର୍ଯ୍ୟନ୍ତ ଧାନକୁ କେନ୍ଦ୍ରକରି ବିଭିନ୍ନ ପ୍ରକାର ପର୍ବ ପାଳିତ ହୁଏ । ଧାନ ବୁଣାବେଳେ ଅକ୍ଷୟ ତୃତୀୟା, ବର୍ଷା ପୂର୍ବରୁ ରଜପର୍ବ ଏବଂ ଏହିକ୍ରମରେ ଧାନକଟା ବେଳକୁ ମାଣବସା ତୃତୀୟ କୃଷିଭିତ୍ତିକ ପର୍ବ ଭାବେ ପାଳିତ ହୁଏ ।

ଜ୍ୟୋତିଷୀ: ଚିତାଲାଗି ପର୍ବ ଅମାବାସ୍ୟା ଦିନରେ ପଡ଼ିଥିବାରୁ କାଳ ଯୋଗନେଇ ଜିଉମାନଙ୍କୁ ଅଘଟଣ ଯୋଗ ଥାଇପାରେ । କେବେବି ରାହୁ ବା କେତୁ ଗ୍ରସ୍ତ ସୂର୍ଯ୍ୟପରାଗ ଘଟେ, ବେଳେବେଳେ ଚତୁର୍ଦ୍ଦଶୀ ଏବଂ ଅମାବାସ୍ୟାକୁ ଧରି ଏପଟ ସେପଟ ହୁଏ । ଏହି ଦିନ ଯେଉଁ ଶ୍ରାଦ୍ଧ ପଡ଼େ ତାକୁ ପାର୍ବଣ ଶ୍ରାଦ୍ଧ କହନ୍ତି । ମନ୍ଦିର ବ୍ୟତୀତ ଘରେ ଯେଉଁ ଚିତାଲାଗି ପର୍ବ ପାଳିତ ହୁଏ ତାକୁ ଗୃହିଣୀ ଚିତାଲାଗି ପର୍ବ କହନ୍ତି ।

ଶ୍ରୀପୁରୁଷୋତ୍ତମ ଶ୍ରେଷ୍ଠତୀର୍ଥ

ଶ୍ରୀ ଜଗନ୍ନାଥଙ୍କର ଅନ୍ୟନାମ ଶ୍ରୀପୁରୁଷୋତ୍ତମ। ତାଙ୍କ କ୍ଷେତ୍ରର ନାମ ମଧ୍ୟ ଶ୍ରୀପୁରୁଷୋତ୍ତମ। ସେହି ଅନୁସାରେ ପୁରୀର ନାମ ଶ୍ରୀପୁରୁଷୋତ୍ତମ ପୁରୀ। ଏହା ମଧ୍ୟ ଏକ ତୀର୍ଥ। ଶ୍ରୀପୁରୁଷୋତ୍ତମ ତୀର୍ଥ। 'ସ୍କନ୍ଦପୁରାଣ'ର 'ଶ୍ରୀପୁରୁଷୋତ୍ତମକ୍ଷେତ୍ର ମାହାତ୍ମ୍ୟ', 'ବ୍ରହ୍ମପୁରାଣ', 'କପିଳ ସଂହିତା', 'ଶ୍ରୀମହାପୁରୁଷବିଦ୍ୟା' ଆଦି ଶାସ୍ତ୍ର, ଗ୍ରନ୍ଥ, ପୁରାଣରେ ଏହି ତୀର୍ଥର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି। ସେହିସବୁ ବର୍ଣ୍ଣନା ମଧ୍ୟରେ 'ବ୍ରହ୍ମପୁରାଣ'ର ସ୍ନାନ ସ୍ୱତନ୍ତ୍ର। ସେଥିରେ ଶ୍ରୀପୁରୁଷୋତ୍ତମ ତୀର୍ଥକୁ ସମସ୍ତ ତୀର୍ଥଠାରୁ ଶ୍ରେଷ୍ଠ ଓ ବରିଷ୍ଠ ବୋଲି ବ୍ରହ୍ମା କହିଛନ୍ତି। 'ବ୍ରହ୍ମପୁରାଣ'ର ଏକୋନସପ୍ତତିତମ (୬୯) ଅଧ୍ୟାୟର ୧୩ରୁ ୪୩ ଶ୍ଲୋକ ମଧ୍ୟରେ ଏହି ବର୍ଣ୍ଣନା ରହିଛି। ସେଥିରେ କୁହାଯାଇଛି– ସର୍ବଈଶ୍ୱର ଭଗବାନ ବିଷ୍ଣୁ ଯେପରି ଭାବରେ ସମସ୍ତ ଲୋକରେ ଶ୍ରେଷ୍ଠ, ସେହିପରି ପୁରୁଷୋତ୍ତମ ତୀର୍ଥ ସମସ୍ତ ତୀର୍ଥ ମଧ୍ୟରେ ଶ୍ରେଷ୍ଠ ଓ ବରିଷ୍ଠ। ଏ ସଂପର୍କରେ ଅଧିକରୁ ଅଧିକ ଦୃଷ୍ଟାନ୍ତ ଦେଇ କୁହାଯାଇଛି–ଯେପରି ଦେବତାମାନଙ୍କ ମଧ୍ୟରେ ବିଷ୍ଣୁ, ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ର, ଜଳରାଶି ମଧ୍ୟରେ ସାଗର, ବସୁମାନଙ୍କ ମଧ୍ୟରେ ଅଗ୍ନି, ରୁଦ୍ରଗଣଙ୍କ ମଧ୍ୟରେ ଶିବ, ଚତୁର୍ବର୍ଣ୍ଣ ମଧ୍ୟରେ ବ୍ରାହ୍ମଣ, ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼, ଗିରିଶିଖରମାନଙ୍କ ମଧ୍ୟରେ ସୁମେରୁ, ପର୍ବତମାନଙ୍କ ମଧ୍ୟରେ ହିମାଳୟ, ସ୍ତ୍ରୀମାନଙ୍କ ମଧ୍ୟରେ ଲକ୍ଷ୍ମୀ, ନଦୀମାନଙ୍କ ମଧ୍ୟରେ ଗଙ୍ଗା, ହାତୀମାନଙ୍କ ମଧ୍ୟରେ ଐରାବତ, ମହର୍ଷିମାନଙ୍କ ମଧ୍ୟରେ ଭୃଗୁ, ସେନାନୀମାନଙ୍କ ମଧ୍ୟରେ କାର୍ତ୍ତିକେୟ,

ସିଦ୍ଧମୁନିମାନଙ୍କ ମଧ୍ୟରେ କପିଳ, ଅଶ୍ୱମାନଙ୍କ ମଧ୍ୟରେ ଉଚ୍ଚୈଶ୍ରବା, କବିମାନଙ୍କ ମଧ୍ୟରେ ଉଶନା (ଶୁକ୍ରାଚାର୍ଯ୍ୟ), ମୁନିମାନଙ୍କ ମଧ୍ୟରେ ବ୍ୟାସଦେବ, ଯକ୍ଷ ଓ ରାକ୍ଷସମାନଙ୍କ ମଧ୍ୟରେ କୁବେର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ, ପଞ୍ଚଭୂତ ମଧ୍ୟରେ କ୍ଷିତି (ପୃଥିବୀ), ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ, ପ୍ରବହମାନଙ୍କ ମଧ୍ୟରେ ବାୟୁ, ଅଳଙ୍କାରଙ୍କ ମଧ୍ୟରେ ଚୂଡ଼ାମଣି, ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ, ଶସ୍ତ୍ରମାନଙ୍କ ମଧ୍ୟରେ ବଜ୍ର, ବର୍ଣ୍ଣମାନଙ୍କ ମଧ୍ୟରେ 'ଅ'କାର, ଛନ୍ଦମାନଙ୍କ ମଧ୍ୟରେ ଗାୟତ୍ରୀ, ସେହିପରି ସମସ୍ତ ତୀର୍ଥଙ୍କର ତୁଳନାରେ ପୁରୁଷୋତ୍ତମ ତୀର୍ଥ ଶ୍ରେଷ୍ଠ ଓ ବରିଷ୍ଠ। ଏ ପ୍ରସଙ୍ଗରେ ଅଧିକ ଦୃଷ୍ଟାନ୍ତ ଦେଇ ବ୍ରହ୍ମା କହିଛନ୍ତି–ହେ ଦ୍ୱିଜଗଣ! ଯେପରି ଅଙ୍ଗମାନଙ୍କ ମଧ୍ୟରେ ମସ୍ତକ, ସତୀମାନଙ୍କ ମଧ୍ୟରେ ଅରୁନ୍ଧତୀ, ବିଦ୍ୟାମାନଙ୍କ ମଧ୍ୟରେ ମୋକ୍ଷବିଦ୍ୟା, ମନୁଷ୍ୟମାନଙ୍କ ମଧ୍ୟରେ ରାଜା, ଧେନୁମାନଙ୍କ ମଧ୍ୟରେ କାମଧେନୁ, ରତ୍ନ (ଧାତୁ)ମାନଙ୍କ ମଧ୍ୟରେ ସ୍ୱର୍ଣ୍ଣ ଓ ସର୍ପମାନଙ୍କ ମଧ୍ୟରେ ବାସୁକୀ ଶ୍ରେଷ୍ଠ, ସେହିପରି ପୁରୁଷୋତ୍ତମ ତୀର୍ଥ ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠ। ଏ ସଂପର୍କରେ ଅନ୍ୟ ଦୃଷ୍ଟାନ୍ତ ଦେଇ ବ୍ରହ୍ମା ଶେଷରେ କହିଛନ୍ତି– ଯେପରି ଦେତ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ, ଶସ୍ତ୍ରଧାରୀମାନଙ୍କ ମଧ୍ୟରେ ରାମ, ମତ୍ସ୍ୟମାନଙ୍କ ମଧ୍ୟରେ ମକର, ମୃଗ (ଚତୁଷ୍ପଦ)ଙ୍କ ମଧ୍ୟରେ ସିଂହ, ସାଗରମାନଙ୍କ ମଧ୍ୟରେ କ୍ଷୀରସାଗର, ଜଳଚରମାନଙ୍କ ମଧ୍ୟରେ ବରୁଣ, ସଂଯମୀମାନଙ୍କ ମଧ୍ୟରେ ଯମ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ପ୍ରଜାପତିଙ୍କ ମଧ୍ୟରେ ଦକ୍ଷ, ଋଷିମାନଙ୍କ ମଧ୍ୟରେ କଶ୍ୟପ, ଗ୍ରହମାନଙ୍କ ମଧ୍ୟରେ ସୂର୍ଯ୍ୟ, ମନ୍ତ୍ରମାନଙ୍କ ମଧ୍ୟରେ ଓଁକାର, ଯଜ୍ଞମାନଙ୍କ ମଧ୍ୟରେ ଅଶ୍ୱମେଧ, ଔଷଧମାନଙ୍କ ମଧ୍ୟରେ ଧାନ୍ୟ, ତୃଣମାନଙ୍କ ମଧ୍ୟରେ କୁଶ ଶ୍ରେଷ୍ଠ, ସେହିପରି ପୁରୁଷୋତ୍ତମ ତୀର୍ଥ ଅନ୍ୟ ତୀର୍ଥମାନଙ୍କ ତୁଳନାରେ ବରିଷ୍ଠ ଓ ଶ୍ରେଷ୍ଠ।

ପରୋପକାରାୟ ପୁଣ୍ୟାୟ



ପୁଣ୍ୟ ଅର୍ଜନ କରିବା ଲାଗି ଲୋକମାନେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଥାନ୍ତି । ମନ୍ଦିରରେ ସୁନାର ମୁକୁଟ ଅର୍ପଣ କରିଥାନ୍ତି ! କିମ୍ବା ମନ୍ଦିରକୁ ମୋଟା ଅଙ୍କର ଦାନ ଦେଇଥାନ୍ତି । କେବେ କେବେ ଗରିବ ଲୋକଙ୍କୁ ଭୋଜନ ଦେଇଥାନ୍ତି । ଏହାବ୍ୟତୀତ ହୋମ କରାଇବା, କନ୍ୟାଦାନ କରିବା ଏବଂ ବେସାହାରା ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି । ଦ୍ୱାପର ଯୁଗର କଥା ମହର୍ଷି ବେଦବ୍ୟାସ ପୁରାଣ ରଚନା କରୁଥାନ୍ତି । ଏହି ସମୟରେ ପୁରାଣର ଅଧ୍ୟୟନ କରି ଏହାର ପ୍ରଚାରପ୍ରସାର ଲାଗି ସେ ଦେବର୍ଷି ନାରଦଙ୍କୁ କହିଲେ । ନାରଦ କହିଲେ ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପୁରାଣ ପଢ଼ିବା ମୋର କ୍ଷମତା ଠାରୁ ବାହାରେ । ତେଣୁ ସଂକ୍ଷେପରେ ପୁରାଣର ସାର ମୋତେ କୁହନ୍ତୁ । ଏହାଶୁଣି ବ୍ୟାସଦେବ କହିଲେ, "ଅଷ୍ଟାଦଶ ପୁରାଣେଶୁ ବ୍ୟାସସ୍ୟବଚନଦ୍ୱୟମ୍ । ପରୋପକାରାୟ ପୁଣ୍ୟାୟ ପାପାୟପରପୀଡ଼ନମ୍।।" ଅର୍ଥାତ୍ ସମସ୍ତ ପୁରାଣର ସାର ଏହା ଯେ ଅନ୍ୟକୁ କଷ୍ଟ ପହଞ୍ଚାଇବା ସବୁଠୁ ବଡ଼ ପାପ । ଆବଶ୍ୟକତା ପଡ଼ିଲେ ଅନ୍ୟକୁ ସହାଯ୍ୟ କରିବା ହେଉଛି ସବୁଠୁ ବଡ଼ ପୂଣ୍ୟ। ପରୋପକାରୀ ମନୁଷ୍ୟକୁ ତିନି ଲୋକରେ ସମ୍ମାନ ମିଳିଥାଏ । ପରୋପକାର କରିବା ଉଦ୍ଦେଶ୍ୟରେ ନଦୀ ପ୍ରବାହିତ ହୋଇଥାଏ। ବୃକ୍ଷ ଫଳ, ଫୁଲ ଓ ଛାଇ ପ୍ରଦାନ କରିଥାଏ । ଚନ୍ଦ୍ରମା ଶୀତଳତା, ସମୁଦ୍ର ବର୍ଷା, ଗାଈ ଦୁଗ୍ଧ, ବାୟୁ ପ୍ରାଣ ଶକ୍ତି ପ୍ରଦାନ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଅଛି ଯେ ପରୋପକାର ନିମନ୍ତେ ରାଜା ରନ୍ତିଦେବଙ୍କୁ ୪୦ ଦିନ ପର୍ଯ୍ୟନ୍ତ ଭୋକିଲା ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଭୋଜନ ମିଳିଥିଲା। ହେଲେ ଏହି ଭୋଜନ ସେ ତାଙ୍କ ନିକଟରେ ଅତିଥି ହୋଇଥିବା ଜଣେ ଭୋକିଲା ଲୋକକୁ ଦେଇଥିଲେ। ଠିକ୍ ସେହିପରି ଋଷି ଦଧୀଚି ଦେବତାମାନଙ୍କ ରକ୍ଷା ନିମନ୍ତେ ନିଜ ଅସ୍ଥି ପ୍ରଦାନ କରିଥିଲେ । ଯାହାଦ୍ୱାରା ଇନ୍ଦ୍ର ବଜ୍ର ନିର୍ମାଣ କରିଥିଲେ । ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ। କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ । ରାଜା ଶିବି ତାଙ୍କ ଶରଣକୁ ଆସିଥିବା ପାରା ପାଇଁ ନିଜ ଶରୀର ମାଂସ ପ୍ରଦାନ କରିଦେଇଥିଲେ । ଯୀଶୁଖ୍ରୀଷ୍ଟ ଫାଶୀରେ ଚଢ଼ିଯାଇଥିଲେ ଏବଂ ସୁକରାତ୍ ଲୋକ କଲ୍ୟାଣ ନିମନ୍ତେ ବିଷ ପିଇଦେଇଥିଲେ । ଶିଖ୍ ମାନଙ୍କ ଧର୍ମ ଗୁରୁ ନାନକ ଦେବ ବ୍ୟବସାୟ ନିମନ୍ତେ ମିଳିଥିବା ସମ୍ପତ୍ତି ସାଧୁସନ୍ଥମାନଙ୍କ ଭୋଜନ ପାଇଁ ଖର୍ଚ୍ଚ କରି ଅନନ୍ୟ ଉଦାହରଣ ପ୍ରତିଷ୍ଠା କରିଥିଲେ । ଏପରି ଅନେକ ଉଦାହରଣ କରି, ଯାହା କହିଥାଏ ଯେ ପରୋପକାର ଠାରୁ ବଡ଼ ପୁଣ୍ୟ ଆଉ ନାହିଁ ।

ପାଠଶାଳାରେ ସାତ ମା' ଛେଉଣ୍ଡ ହାତୀଛୁଆ

ଭୁବନେଶ୍ୱର(ବ୍ୟୁରୋ): କିଏ ଖାତରେ ପଡ଼ି, ତ ଆଉ କିଏ ପରିତ୍ୟକ୍ତ କୂଅ ଓ ପୁଣି କିଏ ଦୁର୍ଘଟଣାର ଶିକାର ହୋଇ ଉଦ୍ଧାର ହୋଇଛି । ସଭିଙ୍କୁ ସେମାନଙ୍କ ମା' ପରକରି ଛାଡ଼ି ପଳାଇଛନ୍ତି । ବନବିଭାଗ କର୍ମଚାରୀଙ୍କ ସତଚେଷ୍ଟା ସତ୍ତ୍ୱେ ମା' କି ପଲ ଆଉ ଗ୍ରହଣ କରି ନାହାନ୍ତି । କାରଣ ମଣିଷ ଛୁଆଁର ପାତକ ଲାଗିଗଲା । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଉଦ୍ଧାର ହୋଇଥିବା ଏହି ମା' ଛେଉଣ୍ଡ ୭ ହାତୀ ସାବକମାନେ ଏବେ ଏକାଠି । ସେମାନେ ହେଲେ ବରଗଡ଼ ବନଖଣ୍ଡରୁ ୨୦୧୧ ଡିସେମ୍ବର ୨୪ରେ ଉଦ୍ଧାର ହୋଇଥିବା ଅଣ୍ଡିରା ହାତୀ ଛୁଆ 'ଚନ୍ଦୁ', ରାଉରକେଲା ପାନପୋଷରେ ୨୦୨୪ ଅକ୍ଟୋବର ୧୪ରେ ଉଦ୍ଧାର ହୋଇଥିବା 'ସୀମା', ଶିମିଳିପାଳ ଅଭୟାରଣ୍ୟରେ ମା' ଓ ପଲଠାରୁ ଅଲଗା ହୋଇ ଏକାକୀ ବୁଲୁଥିବା 'ଜଗନ୍ନାଥ ଓରଫ ଜଗା', ଢେଙ୍କାନାଳ ଜିଲ୍ଲା ଷଡ଼ଙ୍ଗୀ ବନାଞ୍ଚଳରୁ ୨୦୧୨ ସେପ୍ଟେମ୍ବର ୪ରେ ଉଦ୍ଧାର ହୋଇଥିବା 'ଉମା', ୨୦୨୪ ନଭେମ୍ବର ୨ରେ କେନ୍ଦୁଝର ଚମ୍ପୁଆ ରେଞ୍ଜରୁ ଉଦ୍ଧାର ହୋଇଥିବା 'କାହ୍ନା', କଳାହାଣ୍ଡି ନର୍ଲାରୁ ୨୦୨୪ ସେପ୍ଟେମ୍ବର ୧୬ରେ ଉଦ୍ଧାର ହୋଇଥିବା 'ରାଧିକା' ଏବଂ ଆଠଗଡ଼ ଜଙ୍ଗଲରୁ ୨୦୧୦ ଜୁଲାଇ ୭ରେ ଉଦ୍ଧାର ହୋଇଥିବା ଅଣ୍ଡିରା ହାତୀ ଛୁଆ 'କାର୍ତ୍ତିକ' । ସମସ୍ତଙ୍କୁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର କୁମାରଖୁଣ୍ଟି ଠାରେ ଥିବା ହାତୀଙ୍କ ପାଠଶାଳା କୁହାଯାଉଥିବା ଏଲିଫ୍ୟାଣ୍ଟ୍ ରେସ୍କ୍ୟୁ ସେଣ୍ଟରରେ ରଖାଯାଇଛି । ୩ ବର୍ଷ ଠାରୁ ଆରମ୍ଭ କରି ୧୫ ବର୍ଷ ବୟସ୍କ ଏହି ମା' ଛେଉଣ୍ଡ ହାତୀମାନେ ଏବେ ଏକାଠି ହୋଇ ପାଠପଢ଼ା ସାଙ୍ଗକୁ ଖେଳକୁଦରେ ଲାଗିଛନ୍ତି । ନିୟମିତ ବ୍ୟାୟାମ ସାଙ୍ଗକୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ନେଉଛନ୍ତି । ଆଉ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଏଲିଫ୍ୟାଣ୍ଟ୍ ରେଷ୍ଟୋରାଁରେ ମନଭରି ଖିଆପିଆ କରି ସମୟ ବିତାଉଛନ୍ତି । ସମସ୍ତେ ଯିଏ ଯାହାର ମା'ଙ୍କୁ ଭୁଲି ଏବେ ପୁରା ଖୁସ୍ । ବନବିଭାଗ କରିଥିବା ଯୋଜନା ଅନୁଯାୟୀ, ଏହି ହାତୀଛୁଆ ମାନଙ୍କୁ 'କୁମ୍କୀ' ପ୍ରଶିକ୍ଷଣ ଦିଆଯାଉଛି । ତାଲିମପ୍ରାପ୍ତ ହେବା ପରେ ଏମାନଙ୍କୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଛଡ଼ାଯାଇ ଜଙ୍ଗଲ ଜଗିବା କାମରେ ନିୟୋଜିତ କରାଯିବ । ଜଙ୍ଗଲରୁ ଶିକାରୀ ଏବଂ କାଠ ଚୋରଙ୍କୁ ତଡ଼ିବା ଠାରୁ ଆରମ୍ଭ କରି ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହେଉଥିବା ହାତୀଙ୍କୁ ପୁଣି ଜଙ୍ଗଲକୁ ଫେରାଇ ଆଣିବା କାମରେ ନିୟୋଜିତ କରାଯିବ । ଏଥିସହ ପର୍ଯ୍ୟଟକମାନଙ୍କୁ ପିଠିରେ ବସାଇ ଜଙ୍ଗଲ ବୁଲାଇବା କାମରେ ମଧ୍ୟ ଲଗାଯିବ । ଫଳରେ ବନବିଭାଗର ରାଜସ୍ୱ ବୃଦ୍ଧି ଘଟିବ । ଏଭଳି ମହାନ ଉଦ୍ଦେଶ୍ୟ ରଖି କୁମାରଖୁଣ୍ଟି ଠାରେ ୨୦୨୪ ମାର୍ଚ୍ଚ ୬ରୁ ଆରମ୍ଭ ହୋଇଛି ହାତୀଙ୍କ ପାଠଶାଳା ।

ସାର୍ବଜନୀନ ସ୍ଥାନରେ ଧୂମପାନ ରୋକିବାରେ ଓଡ଼ିଶା ପଛରେ

ଭୁବନେଶ୍ୱର(ବ୍ୟୁରୋ): ସିଗାରେଟ୍ ଓ ତମାଖୁ ଉତ୍ପାଦ ଆଇନ (କୋଟପା) ଅଧୀନରେ କର୍ଣ୍ଣାଟକରେ ଦୈନିକ ହାରାହାରି ୪୩୫ ଜଣଙ୍କଠାରୁ ଜରିମନା ଆଦାୟ କରାଯାଇଛି । ରାଜସ୍ଥାନରେ ଦୈନିକ ୨୭୩, ଆନ୍ଧ୍ରପ୍ରଦେଶରେ ୧୫୩ ଓ ଉତ୍ତରାଖଣ୍ଡରେ ୧୧୧ ରହିଛି । ଓଡ଼ିଶାରେ କିନ୍ତୁ ଦୈନିକ ୩ ଜଣଙ୍କୁ ଜରିମନା କରାଯାଉଛି । ଆମ ରାଜ୍ୟରେ କୋଟପା ଆଇନ କେବଳ କାଗଜ କଲମରେ ସୀମିତ ରହିଛି । ଫଳରେ ସର୍ବସାଧାରଣରେ ସିଗାରେଟ୍ ଟାଣିବାରେ ଅଙ୍କୁଶ ଲାଗିପାରୁନି । ୨୦୨୫-୨୬ ବର୍ଷରେ ସାର୍ବଜନୀନ ସ୍ଥାନରେ ଧୂମପାନ କରିବା ଅପରାଧରେ ଦେଶରେ ୫ ଲକ୍ଷ ୭୦ ହଜାରରୁ ଅଧିକ ଲୋକଙ୍କୁ ଜରିମାନା କରାଯାଇଛି । ସିଗାରେଟ୍ ଓ ତମାଖୁ ଉତ୍ପାଦ ଆଇନ (କୋଟପା) ଅଧୀନରେ ୫ କୋଟି ୧୯ ଲକ୍ଷ ୨୬ ହଜାର ୭୫୦ ଟଙ୍କା ଜରିମାନା ଆଦାୟ ହୋଇଛି । ଓଡ଼ିଶାରେ ମାତ୍ର ୧,୧୦୮ ଜଣଙ୍କଠୁ ୧ ଲକ୍ଷ ୭୧ ହଜାର ୮୭୫ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହା କେନ୍ଦ୍ର ସରକାରଙ୍କ ରିପୋର୍ଟରୁ ସ୍ପଷ୍ଟ ହୋଇଛି । କର୍ଣ୍ଣାଟକ, ଆନ୍ଧ୍ର ଓ ରାଜସ୍ଥାନ ଭଳି ରାଜ୍ୟରେ କୋଟପା ଆଇନ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ଅନ୍ୟ ରାଜ୍ୟ

ତୁଳନାରେ ଜରିମନା ଆଦାୟରେ ଓଡ଼ିଶାରେ ସ୍ଥିତି ଭଲ ନାହିଁ । ମିଳିଥିବା ସୂଚନା ଅନୁଯାୟୀ, କୋଟପା ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍କ୍ୱାଡ୍ ଗଠନ କରାଯାଇଛି । ଏହି ସ୍କ୍ୱାଡ୍‌ରେ ପୁଲିସ ଅଧିକାରୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନୋଡାଲ ଅଫିସର, ଅବକାରୀ ବିଭାଗ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଡ୍ରଗ୍ସ ଇନ୍‌ସପେକ୍ଟରଙ୍କୁ ନେଇ ମିଳିତ ଟିମ୍ ରହିଛି । ହେଲେ ଅଧିକାଂଶ ସମୟରେ ପୁଲିସ୍ ଅଧିକାରୀଙ୍କ ଅସହଯୋଗ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ସହିତ ଜରିମାନା ଆଦାୟ ସମ୍ଭବ ହେଉନି । ଅନ୍ୟପଟରେ ରାଜ୍ୟରେ ଦୈନିକ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ଗଳିକନ୍ଦି ଚାରିଆଡ଼େ ସିଗାରେଟ୍ ଓ ତମାଖୁ ସେବନ ନିର୍ଭୟରେ ଚାଲିଛି । ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ ତମାଖୁ ଭଳି ପଦାର୍ଥ ଉପରେ କୋଟପା ଆଇନ ବଳରେ ନିକୋଟିନ୍ ବ୍ୟବହାର ନିଷେଧ କରିଥିଲା । ହେଲେ ବର୍ଷେ ହେଲାଣି ଏହି ଆଇନ୍ ନେଇ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ପ୍ରସ୍ତୁତ ହୋଇପାରିନି । କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁଯାୟୀ, କର୍ଣ୍ଣାଟକ ସର୍ବାଧିକ ୧ ଲକ୍ଷ ୫୯ ହଜାର ୪୧ଟି ଚାଲାଣ କାଟି ୬୮୯ ଟଙ୍କା ଆଦାୟ କରାଯାଇଛି । ଆନ୍ଧ୍ର ପ୍ରଦେଶରେ ୫୫ ହଜାର ୮୫୦ ଜଣଙ୍କଠାରୁ ୬୫ ଲକ୍ଷ ୯୫ ହଜାର ୩୬୪ ଟଙ୍କା ଆଦାୟ କରାଯାଇଥିବା ବେଳେ ତାମିଲନାଡୁରେ ୪୭ ହଜାର ୯୪୧ ଜଣଙ୍କଠାରୁ ୬୯ ଲକ୍ଷ ୫୭ ହଜାର ୫୦୦ ଟଙ୍କା ଆଦାୟ ହୋଇଛି । ଉତ୍ତରାଖଣ୍ଡରେ ୪୦ ହଜାର ୫୪୫ ଜଣଙ୍କଠାରୁ ୨୨ଲକ୍ଷ ୧୩ ହଜାର ୮୭୩ ଟଙ୍କା ଜରିମାନା ଆଦାୟ କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଆସାମ, ଚଣ୍ଡିଗଡ଼, ମଣିପୁର, ପୁଡୁଚେରି ଓ ତେଲେଙ୍ଗନା ରାଜ୍ୟରେ କୌଣସି ଜରିମାନା ଆଦାୟ କରାଯାଇନି । କେନ୍ଦ୍ର ସରକାର ତାଙ୍କ ରିପୋର୍ଟରେ କହିଛନ୍ତି, ସାର୍ବଜନୀନ ସ୍ଥାନରେ ଧୂମପାନ ନିଷେଧ ଆଇନକୁ କାର୍ଯ୍ୟକାରୀ କରିବା ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟିତ୍ୱ । କେନ୍ଦ୍ର ସରକାର କେବଳ ପରାମର୍ଶ ଏବଂ କାର୍ଯ୍ୟକାରୀ କରିବାର ଦିଗଦର୍ଶନ ଜାରି କରନ୍ତି । ଏହା ୨୦୨୪ରେ ଆଇନ ପ୍ରବର୍ତ୍ତନକାରୀଙ୍କ ପାଇଁ ଜାରି କରାଯାଇଛି । କୋଟପା ଧାରା ୪ ଅନୁଯାୟୀ ସାର୍ବଜନୀନ ସ୍ଥାନରେ ଧୂମପାନ ନିଷେଧ ଏବଂ ଏହି ନିୟମ ଉଲ୍ଲଂଘନ କଲେ ଧାରା ୨୧ ଅଧୀନରେ ୨୦୦ ଟଙ୍କା ପର୍ଯ୍ୟନ୍ତ ଜରିମନାର ପ୍ରାବଧାନ ରହିଛି ।

ପୁଣି ରାଜଧାନୀରେ ଲଭ, ସେକ୍ସ, ଧୋକା, ଅଭିଯୁକ୍ତକୁ ବାନ୍ଧିଲା ମହିଳା ଥାନା ପୋଲିସ



ଭୁବନେଶ୍ୱର(ବ୍ୟୁରୋ) : ପୁଣି ରାଜଧାନୀରେ ଲଭ, ସେକ୍ସ, ଧୋକା ଅଭିଯୋଗ । ଅଭିଯୁକ୍ତକୁ ବାନ୍ଧିଲା ମହିଳା ଥାନା ପୋଲିସ । ଅଭିଯୁକ୍ତର ଘର ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ଜିତେନ୍ଦ୍ର କୁମାର ରାଜ । ଦୁଇବର୍ଷ ପୂର୍ବେ ସୋସିଆଲ ମିଡିଆରେ ପୀଡିତାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା । ଏହାପରେ ବିଭିନ୍ନ ହୋଟେଲକୁ ନେଇ ଏକାଧିକ ଥର ଶରୀରିକ ସମ୍ପର୍କ ରଖିଥିଲେ ଅଭିଯୁକ୍ତ ଜଣଙ୍କ । କିନ୍ତୁ ବିବାହ କଥା ପଡିବା ପରେ କେଉଁଆଡ଼େ ଛୁ' ମାରିଥିଲେ । ଏପରିକି ବିବାହ ମାନେ ମନା କରିବା ପରେ ପୀଡିତା ଜଣଙ୍କ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ଗତକାଲି ରାତିରେ ଅଭିଯୁକ୍ତ ଜଣଙ୍କୁ ଯାଜପୁରରୁ ଗିରଫ କରାଯାଇଥିବା ସୂଚନା ଦେଇଛି ମହିଳା ଥାନା ପୋଲିସ । ସେହିପରି ରାଜଧାନୀରୁ ନାବାଳିକାକୁ ଅପହରଣ ପରେ ଅଭିଯୁକ୍ତ ଯାଜପୁରରେ ଦୁଷ୍କର୍ମ କରିଥିବା ଘଟଣା ସାମ୍ନାକୁ ଆସିଥିଲା । ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରିଛି ଇନଫୋସିଟି ଥାନା ପୋଲିସ । ଗିରଫ ଅଭିଯୁକ୍ତର ନାଁ ନିରଞ୍ଜନ ମଲ୍ଲିକ । ଘର ଯାଜପୁର ଜିଲ୍ଲା ଅନ୍ତର୍ଗତ ବୁହ୍ମବରଦା । ଇନଫୋସିଟି ଅଞ୍ଚଳରେ ରହୁଥିବା ଜଣେ ୧୭ ବର୍ଷୀୟା ନାବାଳିକାକୁ ନେଇ ସେ ଚମ୍ପଟ ମାରିଥିଲେ । ସୋସିଆଲ ମିଡିଆରେ ଦୁହିଁଙ୍କ ମଧ୍ୟ ପରିଚୟ ହୋଇଥିଲା । ଏହାପରେ ବିବାହର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ପ୍ରଥମେ ଭୁବନେଶ୍ୱର, ପରେ କଟକ ଓ ଯାଜପୁର ନେଇଯାଇଥିଲା ଯାଜପୁରରେ ଦୁଷ୍କର୍ମ କରିଥିବା ନେଇ ନାବାଳିକାଙ୍କ ପରିବାରବର୍ଗ ଅଭିଯୋଗ କରିଥିଲେ ।

ଟ୍ରାଞ୍ଜିଷ୍ଟ ହାଉସ୍‌ରେ ଚଢ଼ିଲା ବୁଲ୍‌ଡୋଜର

ଭୁବନେଶ୍ୱର(ବ୍ୟୁରୋ): ସରକାରୀ ଜମିକୁ ଜବରଦଖଲ କରି ରଖିଥିବା ଲୋକଙ୍କ ଘର ଉପରେ ଚଢ଼ିଛି ବୁଲ୍‌ଡୋଜର । ଏକାଥରେ ୮ଟି ବୁଲ୍‌ଡୋଜର ମାଡ଼ରେ ଧରାଶାୟୀ ହୋଇଛି ନୀଳାଦ୍ରିବିହାରସ୍ଥିତ ଟ୍ରାଞ୍ଜିଟ୍ ହାଉସ୍ । ଆବାସ ଯୋଜନାରେ ଥଇଥାନ ପରେ ମଧ୍ୟ ଜୋରଜବରଦସ୍ତ ସରକାରୀ ଜମି ମାଡ଼ି ବସିଥିବାରୁ ସହରର ଯୋଜନାବଦ୍ଧ ବିକାଶ ପ୍ରଭାବିତ ହୋଇଥିଲା । ତାହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମିଳିତ ଉଦ୍ୟମରେ ୩୩୦ଟି ଅସ୍ଥାୟୀ ଘର ସମେତ ୪୫ଟି ଶୌଚାଳୟ ଓ ସ୍ନାନାଗାର ଭଙ୍ଗାଯାଇଛି । ଏଥିସହ ପାଖାପାଖି ୫୦୦ ଫୁଟ ଲମ୍ବର ମାଙ୍କଡ଼ା ପଥର ପାତେରି, ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ଓ ୩ଟି କାଠ କ୍ୟାବିନକୁ ମଧ୍ୟ ହଟାଇ ଦିଆଯାଇଛି । ଉଚ୍ଛେଦ ହୋଇଥିବା ଜମିରେ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତାକୁ ସଂଯୋଗ କରୁଥିବା ଏକ ଶାଖା ରାସ୍ତା ନିର୍ମାଣ କରାଯିବ । ଗମନାଗମନରେ ସୁଧାର ଆଣିବା ସହ ଅଞ୍ଚଳର ଭିତ୍ତିଭୂମି ବିକାଶରେ ଏହା ସହାୟକ ହେବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି । ଉଚ୍ଛେଦ ସମୟରେ ଉଚ୍ଛେଦକାରୀ ଦଳକୁ ଆଜି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି । କିଏ ଠେଙ୍ଗା ଧରି ବିରୋଧ କରିଥିଲେ ତ ଆଉ କିଏ ଆତ୍ମାହୁତିର ଧମକ ଦେଇଥିଲେ । କେହି କେହି ଆବାସ ଯୋଜନାରେ ପାଇଥିବା ଘରର ଚାବି ଯୋଗାଇ ଦେବାକୁ ବିଡିଏ ଅଧିକାରୀଙ୍କୁ କାକୁତିମିନତି ହୋଇଥିଲେ । ପ୍ରଥମେ ମହିଳାମାନେ ରାସ୍ତା ବନ୍ଦ କରିବା ସହ ଉଚ୍ଛେଦକାରୀ ଦଳକୁ ପ୍ରବେଶ କରିବାକୁ ଦେଇ ନଥିଲେ । ତେବେ ପୁଲିସର ବଳପ୍ରୟୋଗ ପରେ ବିରୋଧକାରୀ ପଛଘୁଞ୍ଚା ଦେଇଥିଲେ । ପାଖାପାଖି ୨୦ ଜଣ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେଇଥିଲା । ଉଚ୍ଛେଦ ସମୟରେ ଯେଉଁମାନେ ବି ମୁହଁ ଖୋଲୁଥିଲେ ସେମାନଙ୍କୁ ପୁଲିସର ଧକ୍କା ଖାଇବାକୁ ପଡ଼ିଥିଲା । ତେବେ ଗୋଟିଏ ପରିବାର ପାଇଁ ଉଚ୍ଛେଦକାରୀ ଦଳକୁ ହଲାପଟା ହେବାକୁ ପଡ଼ିଥିଲା । ଘର ଭିତରେ ସମ୍ପୂର୍ଣ୍ଣ ପରିବାର କବାଟ ବନ୍ଦ କରି ରହିବା ସହ ଆତ୍ମାହୁତି ଧମକ ଦେବାରୁ, ପରିସ୍ଥିତି ଜଟିଳ ହୋଇଥିଲା । ପରିବାରକୁ ଘର ବାହାରକୁ ଆଣିବା ପାଇଁ ବିଏମ୍‌ସି, ବିଡିଏ, ପୁଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ନାକେଦମ ହୋଇଥିଲେ । ପ୍ରଥମେ ବିଏମ୍‌ସି ଓ ବିଡିଏ କର୍ମଚାରୀମାନେ ପରିବାର ସହ ଆଲୋଚନା କରି ବିଫଳ ହେବାରୁ ପୁଲିସ ଓ ଅଗ୍ନିଶମ ବାହିନୀ ସହାୟତାରେ ପ୍ରଶାସନ ପକ୍ଷରୁ ମୁକାବିଲା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ହୋଇଥିଲା । ପାଖାପାଖି ଗୋଟିଏ ଘଣ୍ଟା ଧରି ଝକାପଝା ପରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ପରିବାର ଲୋକେ ଘର ଛାଡ଼ିବାକୁ ରାଜି ହୋଇଥିଲେ । ବିଏମ୍‌ସି କର୍ମଚାରୀଙ୍କ ସୂଚନା ଅନୁସାରେ, ସମ୍ପୃକ୍ତ ପରିବାରର ରାସନକାର୍ଡ ବାରଙ୍ଗ ଅଞ୍ଚଳର ହୋଇଥିବାରୁ ତାଙ୍କୁ ବର୍ତ୍ତମାନ ଆବାସ ମିଳିନାହିଁ । ତେଣୁ ତାଙ୍କୁ ପ୍ରଥମେ ଟ୍ରାଞ୍ଜିଟ୍ ହାଉସ୍‌ରେ ରଖାଯିବ । ପରବର୍ତ୍ତୀ ସମୟରେ ଆବଶ୍ୟକ ଓ ଠିକ୍ ଦସ୍ତାବିଜ ଦାଖଲ କଲେ ନିୟମ ଅନୁସାରେ ଆବାସ ଯୋଗାଇଦେବାର ବ୍ୟବସ୍ଥା କରାଯାଇପାରେ । ଉଚ୍ଛେଦ ବେଳେ କିଛି ଲୋକ ଘର ପାଇ ନଥିବା ଅଭିଯୋଗ କରି ପ୍ରତିବାଦ କରିଥିଲେ । ତେବେ ଘର ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ ପରେ ନିୟମ ଅନୁସାରେ ଘର ଯୋଗାଇ ଦିଆଯିବ । ବିଡିଏ ଉପାଧକ୍ଷ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ ଓ ଯୁଗ୍ମ କମିସନର ରଞ୍ଜନ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତଦାରଖରେ ଏହି ଅଭିଯାନ ହୋଇଥିଲା । ଉଚ୍ଛେଦ ସମୟରେ ବିଡିଏ ଅତିରିକ୍ତ କମିସନର(ଇଷ୍ଟେଟ୍-୧) ମନୋଜ ସ୍ୱାଇଁ, ବିଏମ୍‌ସି ଯୁଗ୍ମ କମିସନର(ହାଉସିଂ) ଅଜୟ କୁମାର ମହାନ୍ତିଙ୍କ ସମେତ ଉଭୟ ବିଡିଏ ଓ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଭୁବନେଶ୍ୱରରୁ ଅନ୍ତର୍ଜାତୀୟ ବିମାନ ସେବା ସମ୍ପୂର୍ଣ୍ଣ ବନ୍ଦ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱରରୁ ଧୀରେ ଧୀରେ ବିଭିନ୍ନ ସ୍ଥାନକୁ ଏୟାର କନେକ୍ଟିଭିଟି କମିବାରେ ଲାଗିଛି । ଏଥିସହ ଅନ୍ତର୍ଜାତୀୟ ଉଡ଼ାଣ ଏକ ପ୍ରକାର ଠପ୍ ହୋଇଯାଇଛି । ପୂର୍ବରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦେଶର ୩୦ରୁ ଅଧିକ ସହର ସହ ଆକାଶପଥରେ ସିଧାସଳଖ ଯୋଗାଯୋଗ ରହିଥିବାବେଳେ ଚଳିତ ବର୍ଷର ସମର ସିଡ୍ୟୁଲରେ ଏହା ୧୯ଟି ସହରକୁ ଖସିଆସିଥିଲା । ସେହିପରି ଭୁବନେଶ୍ୱରରୁ ଆବୁଧାବି, ଦୁବାଇ, ମାଲେସିଆ, ସିଙ୍ଗାପୁର ଆଦି ଦେଶକୁ ବିମାନ ଉଡାଣ କରୁଥିଲା । ମାତ୍ର କ୍ରମଶଃ ଅନ୍ତର୍ଜାତୀୟ ବିମାନ ସେବା ସଙ୍କୁଚିତ ହେବା ସହ ଗୋଟିଏମାତ୍ର ବିମାନ ବ୍ୟାଙ୍କକ୍‌କୁ ଉଡୁଥିଲା । ତେବେ ଜୁଲାଇ ୧୮ରୁ ଭୁବନେଶ୍ୱରରୁ ଅନ୍ତର୍ଜାତୀୟ ବିମାନ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୧୭ରେ ୬୪ଜଣ ଯାତ୍ରୀ ଭୁବନେଶ୍ୱରରୁ ବ୍ୟାଙ୍କକ୍ ଯାତ୍ରା କରିଥିବାବେଳେ ଜୁଲାଇ ୧୮ରେ ୧୪୦ ଜଣ ଯାତ୍ରୀ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିଲେ । ବର୍ତ୍ତମାନ ଏହି ଅନ୍ତର୍ଜାତୀୟ ଉଡ଼ାଣ ବନ୍ଦ ରହିଛି । ତେବେ ଅକ୍ଟୋବରରୁ ପୁଣି ଥରେ ବିମାନ ସେବା ଆରମ୍ଭ ହେବାର ଆଶା ରହିଥିବା ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି । ସେହିପରି ୨୦୨୨ ଜୁଲାଇରେ ଭୁବନେଶ୍ୱର ବିମାନବନ୍ଦରରୁ ୨,୧୮୭ଟି ବିମାନ ଚଳାଚଳ କରିଥିବାବେଳେ ୨ ଲକ୍ଷ ୪୫ ହଜାର ୨୩୨ ଜଣ ଯାତ୍ରୀ ଯାତ୍ରା କରିଥିଲେ । ୨୦୨୩ ଜୁଲାଇରେ ବିମାନ ଚଳାଚଳ ସଂଖ୍ୟା ୨,୮୮୫କୁ ବୃଦ୍ଧି ପାଇବା ସହ ଯାତ୍ରୀ ସଂଖ୍ୟା ୩ ଲକ୍ଷ ୬୩ ହଜାର ୫୭୬କୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଦୈନିକ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ବିମାନ ଭୁବନେଶ୍ୱର ବିମାନବନ୍ଦରରୁ ଚଳାଚଳ କରୁଥିବାବେଳେ ଦୈନିକ ପ୍ରାୟ ୧୨ରୁ ୧୫ ହଜାର ଯାତ୍ରୀ ଯାତ୍ରା କରୁଥିବା ସୂଚନା ରହିଛି । ଇନ୍ଧନ ମୂଲ୍ୟ ବୃଦ୍ଧି ମଧ୍ୟ ଏୟାରଲାଇନ୍ସଗୁଡ଼ିକ ଉପରେ ଚାପ ବଢ଼ାଇଛି । ଇନ୍ଧନ ଦର ବଢ଼ିବା ସହ ବିମାନ ଭଡ଼ା ବୃଦ୍ଧି ପାଇବାରୁ ଯାତ୍ରୀଙ୍କ ଉପରେ ମଧ୍ୟ ଅତିରିକ୍ତ ଆର୍ଥିକ ବୋଝ ପଡୁଛି । ବର୍ଦ୍ଧିତ ଯାତ୍ରୀ ସଂଖ୍ୟା ଏବଂ ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାକୁ ଦେଖି ଏୟାର କନେକ୍ଟିଭିଟି ବୃଦ୍ଧି ଆବଶ୍ୟକ ହୋଇଥିବାବେଳେ ସେବା ହ୍ରାସ ରାଜ୍ୟର ବିମାନ ଯୋଗାଯୋଗ ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ପାଲଟିଛି ।

କିଟ୍ ବିଶ୍ୱବିଦ୍ୟାଳୟ ସହ ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରିବ ପ୍ରୋଟିଭିଟି ମେୟର ଫାର୍ମ ଫର୍ ଇଣ୍ଡିଆ

ଭୁବନେଶ୍ୱର(ବ୍ୟୁରୋ): ଭାରତରେ ପ୍ରୋଟିଭିଟିର ମେୟର ଫାର୍ମ ପ୍ରୋଟିଭିଟି ମେୟର ଫାର୍ମ ଫର୍ ଇଣ୍ଡିଆ, କିଟ୍ ବିଶ୍ୱବିଦ୍ୟାଳୟ ସହ ଏକ ରଣନୀତିକ ସହଭାଗିତା ସ୍ଥାପନ କରିଛି । ଏହି ସହଯୋଗିତା ଅଧୀନରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଏ) ପ୍ରତିଷ୍ଠା କରାଯିବ। ଦ୍ରୁତ ଭାବରେ ବିକଶିତ ହେଉଥିବା ଏଆଇ ଭିତ୍ତିକ ଅର୍ଥନୀତିର ଆବଶ୍ୟକତା ପୂରଣ ପାଇଁ ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ପେସାଦାରମାନଙ୍କୁ ପ୍ରସ୍ତୁତ କରିବା ଲାଗି ଏହି ସେଣ୍ଟର ଏକ ସମନ୍ୱିତ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ଶିକ୍ଷାଗତ ଉତ୍କର୍ଷ, ପରାମର୍ଶଦାତା ଦକ୍ଷତା ଓ ଶିଳ୍ପ ଆବଶ୍ୟକତାକୁ ଏକତ୍ର କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଜେନେରେଟିଭ୍ ଓ

ଗୃହରେ ବିରୋଧୀଙ୍କ ପ୍ରବଳ ହଙ୍ଗାମା

ସଂସଦୀୟ ପ୍ୟାନେଲକୁ ଗଲା ବିଦେଶ ଅନୁଦାନ ବିଲ୍

ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦଙ୍କ ଦ୍ୱାରା ବିଲ୍ ଆଗତ

ନୂଆଦିଲ୍ଲୀ,୧୨।୮: ବିବାଦୀୟ ବିଦେଶ ଅନୁଦାନ ଅଧିନିୟମ ସଂଶୋଧନ ବିଲ ୨୦୨୬କୁ କେନ୍ଦ୍ର ସରକାର ସଂସଦୀୟ କମିଟି ନିକଟକୁ ପଠାଇ ଦେଇଛନ୍ତି। ବିରୋଧୀଙ୍କ ନାରାବାଜୀ ଭିତରେ ବିଲ୍ ସଂସଦର ଯୁଗ୍ମ କମିଟି ବା ଜେପିସିକୁ ଯାଇଛି। ଏହି ବିଲ୍‌କୁ ବିଭିନ୍ନ ମହଲରେ ତୀବ୍ର ବିରୋଧ କରାଯାଇଥିଲା। ବିଭିନ୍ନ ରାଜନୀତିକ ଦଳ ମଧ୍ୟ ଏହାକୁ ଜେପିସିକୁ ପଠାଇବାକୁ ଦାବି କରିଥିଲେ। ବିଲ୍ ବିରୋଧରେ ସ୍ୱର ତୀବ୍ର ହେଉଥିବାରୁ ଆଜି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ବୁଧବାର ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ମାଧ୍ୟମରେ ସେ ବିଲ୍‌କୁ ଜେପିସିକୁ ପଠାଇବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ବିରୋଧୀ ଲୋକସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ। କାରଣ ପୂର୍ବରୁ ଲୋକସଭାର ସପ୍ଲିମେଣ୍ଟାରୀ ତାଲିକାରେ ଏଫସିଆରଏ ବିଲ ତାଙ୍କ ନାଁରେ ଲିଷ୍ଟିଂ ହୋଇଥିଲା। ବାସ୍ତବରେ ଅମିତ ଶାହ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିବା କଥା। ତାଙ୍କ ବଦଳରେ ନିତ୍ୟାନନ୍ଦ ରାୟ ପ୍ରସ୍ତାବ ଆଗତ କରିବାରୁ ଏହାକୁ ବିରୋଧୀ ଜୋରଦାର ବିରୋଧ କରିଛନ୍ତି। ଯୁଗ୍ମ ସଂସଦୀୟ କମିଟିରେ ଲୋକସଭାର ୨୧ ଜଣ ସଦସ୍ୟ ରହିବେ। ଏମାନଙ୍କୁ ଲୋକସଭା ବାଚସ୍ପତି ମନୋନୀତ କରିବେ। ଏହାବାଦ ରାଜ୍ୟସଭାର ୧୦ ଜଣ ସଦସ୍ୟଙ୍କୁ ରାଜ୍ୟସଭା ଅଧ୍ୟକ୍ଷ ମନୋନୀତ କରିବେ। ସେମାନେ ମିଳିତ ଭାବେ ବିଲ୍ ଉପରେ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ବିରୋଧୀ ଦଳଗୁଡ଼ିକ ଏହି ବିଲ୍‌କୁ ବିରୋଧ କରିଆସୁଛନ୍ତି। ଏହା ଏନ୍‌ଜିଓ ଓ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିବ ବୋଲି ସେମାନେ କହୁଛନ୍ତି। ବିଦେଶୀ ଅନୁଦାନ ସଂଶୋଧନ ବିଲରେ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଗଠନ କରିବାର ଅଧିକାର ଦେବାକୁ ପ୍ରସ୍ତାବ ରହିଛି। କୌଣସି ସଂଗଠନର ଏଫସିଆରଏ ପଞ୍ଜୀକରଣ ବାତିଲ ହେଲେ, ସଂଗଠନ ନିଜେ ପଞ୍ଜୀକରଣ ସମର୍ପଣ କଲେ କିମ୍ବା ପଞ୍ଜୀକରଣ ନବୀକରଣ ନ ହେଲେ, ବିଦେଶୀ ଅନୁଦାନରେ ସୃଷ୍ଟି ହୋଇଥିବା ଅର୍ଥ ଓ ସମ୍ପତ୍ତିର ପରିଚାଳନା ଏହି କର୍ତ୍ତୃପକ୍ଷ ନିଜ ହାତକୁ ନେଇପାରିବେ। ବିଲ୍‌କୁ ନେଇ ବିବାଦ ବଢ଼ିବାରୁ ଗୃହ ମନ୍ତ୍ରଣାଳୟ ଜୁଲାଇ ୨୨ରେ ସ୍ପଷ୍ଟ କରିଥିଲା ଯେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ କେବଳ ବିଦେଶୀ ଅନୁଦାନରେ ସୃଷ୍ଟି ହୋଇଥିବା ସମ୍ପତ୍ତିର ପରିଚାଳନା କରିବେ। ସଂଗଠନର ପଞ୍ଜୀକରଣ ଆଇନଗତ ଭାବେ ଶେଷ ହେବା ପରେ ହିଁ ଏପରି ପଦକ୍ଷେପ ଗ୍ରହଣ କରାଯିବ।

ସରକାର ସବୁ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ: ଶାହ

ସଂସଦରେ ଗତିରୋଧ ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରଥମ ପ୍ରତିକ୍ରିୟା ଆସିଛି। ସେ ବୁଧବାର କହିଛନ୍ତି, ଆମେ ଗୃହରେ ସବୁକିଛି ଚର୍ଚ୍ଚା କରିବାକୁ ପ୍ରସ୍ତୁତ। ବିରୋଧି ଯଦି ପ୍ରସ୍ତୁତ ତେବେ ଆମେ ଆଜି ମଧ୍ୟାହ୍ନ ୩ଟାରୁ ଆସନ୍ତା କାଲି ଅର୍ଥାତ ଗୁରୁବାର ୩ଟା ପର୍ଯ୍ୟନ୍ତ ଚର୍ଚ୍ଚା ମଧ୍ୟ କରିବୁ। କିନ୍ତୁ ବିରୋଧି ପ୍ରଥମେ ପ୍ରସ୍ତୁତ ହୋଇ ରହୁ। ଶାହ ଆହୁରି କହିଛନ୍ତି ଯେ, ବିରୋଧି ସଂସଦ ଚଳାଇ ଦେଉ ନାହାନ୍ତି। ସରକାର ସବୁ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ। କୌଣସି ପ୍ରକାର ପ୍ରଶ୍ନର ଉତ୍ତର ଦେବାକୁ ଆମେ ରାଜି ଅଛୁ। 'ନିଖୋଜ, ପଳାୟନ...' ଭାଷା ଉପଯୁକ୍ତ ନୁହେଁ। ଆଲୋଚନା ପାଇଁ ସମୟ ନିଶ୍ଚିତ କରାଯିବା ଉଚିତ। ସେ ପ୍ରତ୍ୟେକ ଜିନିଷର ଉତ୍ତର ଦେବେ। ଶାହ କହିଛନ୍ତି, ଗମ୍ଭୀର ପ୍ରସଙ୍ଗ ଏଭଳି ଆଲୋଚନା କରାଯାଇପାରିବ ନାହିଁ। ଯଦି ସଂସଦ ଅଧିବେଶନ ଚାଲୁନାହିଁ, ତେବେ ଯିବାର କ'ଣ ଅର୍ଥ ? ଏବେ ଜନସାଧାରଣ ନିଷ୍ପତ୍ତି ନେବା ଉଚିତ ଯେ ଆଲୋଚନାରୁ କିଏ ପଳାଉଛି। ଶାହଙ୍କ ଏହି କଥାର ଜବାବରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନର ଜବାବ୍ ଦେଇଛନ୍ତି। ସେ କହିଛନ୍ତି ଯେ ଗୃହମନ୍ତ୍ରୀ ଭାଷଣ ଦେଉଛନ୍ତି। ଛାତ୍ରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ ? କିଏ ଗୁଳି ଚଳାଇଥିଲେ ? ଗୃହମନ୍ତ୍ରୀ ହିଁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଅନ୍ତି। ପେଲେଟ୍ ଗନ୍ ବ୍ୟବହାର କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ ? ଅମିତ ଶାହ ଗତ ୨୦ଦିନ ଧରି ନିଖୋଜ ଅଛନ୍ତି।

ରିଲ୍ସପ୍ରେମୀ ଜେନ୍-ଜିଙ୍କୁ ମୋଦିଙ୍କ ସନ୍ଦେଶ

ସର୍ଟକଟ୍ ଠାରୁ ସତର୍କ ରୁହନ୍ତୁ

ନୂଆଦିଲ୍ଲୀ,୧୨।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରିଲ୍-ପ୍ରେମୀ ଜେନ୍-ଜିଙ୍କୁ ସୋସିଆଲ ମିଡିଆ ରିଲକୁ ନେଇ ଏକ ବଡ଼ କଥା କହିଛନ୍ତି । ସେ ଯୁବପିଢିଙ୍କୁ ଅପିଲ୍ କରି କହିଛନ୍ତି ଯେ 'ରିଲ୍ ଯୁଗରେ' ସେମାନେ ମନେ ରଖିବା ଉଚିତ ଯେ 'ସର୍ଟକଟ୍ ସେମାନଙ୍କୁ ସର୍ଟ କରିଦେବ '। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ 'ଟ୍ରାୟଙ୍ଫ୍ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇଁ ଲାଇଫ୍, ମାଇଁ ଷ୍ଟ୍ରଗଲ୍'ର ଉନ୍ମୋଚନ ଅବସରରେ ସେ ଯୁବକମାନଙ୍କୁ ଆତ୍ମଜୀବନୀ ପଢ଼ିବାକୁ ଅନୁରୋଧ କରିଛନ୍ତି। ସଂକଳ୍ପ କିପରି ଜଣେ ବ୍ୟକ୍ତିଙ୍କୁ ପ୍ରତିକୂଳ ପରିସ୍ଥିତିକୁ ପାର କରି ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ପହଞ୍ଚାଇଥାଏ ସେ ବିଷୟରେ କୋବିନ୍ଦଙ୍କ ଜୀବନର ଉଦାହରଣ ଦେଇଛନ୍ତି । ସର୍ଟକଟ୍‌ଠାକୁ ସତର୍କ ରହିବାକୁ ଅପିଲ୍ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ଉନ୍ମୋଚନ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ, 'ଭାରତୀୟ ଗଣତନ୍ତ୍ରର ବିଜୟ: ମୋ ଜୀବନ, ମୋ ସଂଘର୍ଷ' ପଢ଼ିବା ଏବଂ କୋବିନ୍ଦଙ୍କ ଅନୁଭୂତିରୁ ଶିକ୍ଷା ଲାଭ କରିବା ଲାଗି ସେ ଯୁବ ସମାଜକୁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ରିଲ୍ ଯୁଗରେ ଅନେକ ଇନଫ୍ଲୁଏନ୍ସର ଯୁବକମାନଙ୍କୁ ଆକର୍ଷିତ କରିଥାନ୍ତି । କିନ୍ତୁ ସର୍ଟକଟର ଏହି ଯୁଗରେ ଯୁବକମାନେ ସତର୍କ ରହିବା ଉଚିତ୍ । ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି ଯେ, ଦେଶର ନୂତନ ପିଢ଼ି ରାମନାଥ କୋବିନ୍ଦଙ୍କ ଲେଖା ଏବଂ ତାଙ୍କ ଅଭିଜ୍ଞତାକୁ ତାଙ୍କ ଭାଷାରେ ଜାଣିବା ଏବଂ ପଢ଼ିବା ଉଚିତ୍ । ଏଥିରୁ ସମସ୍ତଙ୍କୁ ବହୁତ କିଛି ଶିଖିବାକୁ ମିଳିବ । ମୁଁ ବିଶେଷ କରି ଯୁବ ପୀଢିଙ୍କୁ ଏହାକୁ ପଢିବାକୁ ଅନୁରୋଧ କରିବି । ଏହା ରିଲ୍ ର ଯୁଗ, ସୋସିଆଲ ମିଡିଆରେ ଇନଫ୍ଲୁଏନ୍ସର ଆପଣଙ୍କୁ କେଉଁଆଡେ ଟାଣି ନେଇଥାନ୍ତି । ସର୍ଟକଟର ଏହି ଯୁଗରେ ମଧ୍ୟ ଆମକୁ ଗୋଟିଏ କଥା ମନେ ରଖିବାକୁ ହେବ, କିଛି ଲୋକଙ୍କର ରେଜ ବ୍ରିଜର ଯିବା ପରିବର୍ତ୍ତେ ଟ୍ରାକ୍ ଡେଇଁବାର ଅଭ୍ୟାସ ରହିଛି । ତେଣୁ ସେଠାରେ ଲେଖାଯାଇଛି ଯେ, ସର୍ଟକଟ୍ ଆପଣଙ୍କୁ ସର୍ଟ କରିଦେବ । ଅର୍ଥାତ୍ ଭୁଲ୍ ସର୍ଟକଟ୍ ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ ।

ଯୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ- ସେ କହିଛନ୍ତି ଯେ, ଯଦି ଆପଣ ସର୍ଟକଟ୍ ରାସ୍ତାରୁ ବାହାରିବାକୁ ଚାହୁଁଛନ୍ତି, ତେବେ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିଖନ୍ତୁ । ମୁଁ ଦେଶର ଯୁବକମାନଙ୍କୁ କହିବି, ଯେ ଆପଣ ନିଜ ପସନ୍ଦର ଲୋକଙ୍କର ଆତ୍ମଜୀବନୀ ପଢ଼ନ୍ତୁ । ଆତ୍ମଜୀବନୀ ଏହି ସମୟର ଇତିହାସର ଘଟଣାଗୁଡ଼ିକୁ ଭିନ୍ନ ଢଙ୍ଗରେ ବୁଝିବାର ସୁଯୋଗ ଦେଇଥାଏ । ସେହି ସମୟ ଆତ୍ମଜୀବନୀ ଇତିହାସର ଅତି ନିକଟତର । ମୁଁ ନିଶ୍ଚିତ ଭାବେ ଚାହିଁବି ଯେ, କୋବିନ୍ଦଙ୍କ ଏହି ପରିଶ୍ରମ ଆଗାମୀ ପିଢ଼ି ଏବଂ ବିଶେଷ କରି ଯୁବପିଢ଼ି ପାଇଁ ଉପଯୋଗୀ ହେଉ ।

ଚୁଟ୍‌କୀରେ...

ବର୍ଷକ ପାଇଁ ଗୁଟ୍‌ଖା ଓ ପାନ ମସଲା ସଂପୂର୍ଣ୍ଣ ବ୍ୟାନ୍

ନୂଆଦିଲ୍ଲୀ,୧୨।୮: ତମାଖୁ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ନିଆଯାଇଛି ବଡ଼ ପଦକ୍ଷେପ। ଆସନ୍ତା ଗୋଟିଏ ବର୍ଷ ପାଇଁ ସମସ୍ତ ପ୍ରକାରର ଗୁଟଖା ଓ ପାନ ମସଲା ଉପରେ ଲାଗିଛି ବ୍ୟାନ। ତମାଖୁ ଓ ନିକୋଟିନ ମିଶ୍ରିତ ଗୁଟଖାର ଉତ୍ପାଦନ, ସଂରକ୍ଷଣ, ବିତରଣ ଓ ବିକ୍ରି ଉପରେ କର୍ଣ୍ଣାଟକା ସରକାର ବର୍ଷକ ପାଇଁ ସଂପୂର୍ଣ୍ଣ ଲୋକ ରୋକ ଲଗାଇ ଦେଇଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହା ସାଂଘାତିକ ପ୍ରଭାବ ପକାଉଥିବାରୁ ରାଜ୍ୟର କ୍ଷମତାସୀନ କଂଗ୍ରେସ ସରକାର ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ବାସ୍ତବରେ କର୍ଣ୍ଣାଟକା ରାଜ୍ୟର ଖାଦ୍ୟ ସୁରକ୍ଷା କମିଶନର ୨୦୨୬ ଜୁନ ୧୫ରୁ ଏପରି ବ୍ୟାନ ବିଜ୍ଞପ୍ତି ଜାରି କରିଛନ୍ତି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ୨୦୨୬ର କ୍ଲୁସ(ଏ) ଅନୁସାରେ ଜାରି କରାଯାଇଛି। ନିର୍ଦ୍ଦେଶନାମରେ ତମାଖୁ କିମ୍ବା ନିକୋଟିନ ମିଶ୍ରିତ ସମସ୍ତ ପ୍ରକାରର ଗୁଟଖା ଓ ପାନ ମସଲା ଉପରେ ନିଷେଧାଦେଶ ଲାଗୁ ହୋଇଛି। ତମାଖୁ କିମ୍ବା ନିକୋଟିନ୍ ଥିବା ସମସ୍ତ ଜିନିଷ ପାଇଁ ଏହା ଲାଗୁ ହେବ। ଉତ୍ପାଦର ନାମ ଯାହା ହେଉନା କାହିଁକି, ଏହି କଟକଣାକୁ ଲାଗୁ କରାଯିବ। ଏହି ନିୟମ ପ୍ୟାକେଟ୍‌ରେ ଥିବା କିମ୍ବା ଖୋଲାରେ ବିକ୍ରି ହେଉଥିବା ଉତ୍ପାଦ ଉଭୟ କ୍ଷେତ୍ରରେ ପ୍ରଯୁଜ୍ୟ। ଏଥିସହ ଉତ୍ପାଦ ଗୋଟିଏ ପ୍ୟାକେଟ୍‌ରେ ବିକ୍ରି ହେଉ କିମ୍ବା ଗ୍ରାହକଙ୍କ ଦ୍ୱାରା ସହଜରେ ମିଶାଇ ବ୍ୟବହାର କରିହେବା ଭଳି ଅଲଗା ଅଲଗା ପ୍ୟାକେଟ୍‌ରେ ବିକ୍ରି ହେଉ, ସବୁ କ୍ଷେତ୍ରରେ ସରକାର ପ୍ରତିବନ୍ଧକ ଲଗାଇ ଦେଇଛନ୍ତି।

ମଝି ଆକାଶରେ ବିମାନ ଇଞ୍ଜିନ ଫେଲ୍

ଚେନ୍ନାଇ,୧୨।୮: ଚେନ୍ନାଇ ବିମାନବନ୍ଦରରେ ମଙ୍ଗଳବାର ବିଳମ୍ବିତ ରାତିରେ ଇଣ୍ଡିଗୋ ବିମାନର ଏମର୍ଜେନ୍ସି ଲ୍ୟାଣ୍ଡିଂ କରାଯାଇଛି। କୁହାଯାଉଛି ଯେ, କୋଲକାତାରୁ ଆସୁଥିବା ଏହି ବିମାନର ଗତ ବିଳମ୍ବିତ ରାତିରେ ଇଞ୍ଜିନ ଫେଲ୍ ହୋଇଯାଇଥିଲା। ଏହି କାରଣରୁ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ବିମାନରେ ଚାଳକ ଦଳ ସହିତ ମୋଟ ୨୨୪ ଜଣ ଯାତ୍ରୀ ଥିଲେ। ମିଳିଥିବା ସୂଚନା ଅନୁସାରେ, କୋଲକାତାରୁ ଆସୁଥିବା ଇଣ୍ଡିଗୋର ଏକ ବିମାନର ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ବାମପାଖ ଇଞ୍ଜିନ ଖରାପ ହୋଇଯାଇଥିଲା। ଏହି କାରଣରୁ ଏହାକୁ ଜରୁରୀ ଅବତରଣ କରାଯାଇଥିଲା। ଫଳରେ ଚେନ୍ନାଇ ବିମାନବନ୍ଦରକୁ ସମ୍ପୂର୍ଣ୍ଣ ଭାବରେ ଏମର୍ଜେନ୍ସି ଘୋଷଣା କରାଯାଇଥିଲା। ଏହି ଘଟଣା ପରେ ସୃଷ୍ଟି ହୋଇଯାଇଥିଲା ଭୟ। ଲୋକେ ହୋଇଯାଇଥିଲେ ଆତଙ୍କିତ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀଙ୍କ କହିବା ଅନୁସାରେ, ଇଣ୍ଡିଗୋର ବିମାନ ୬ଇ-୭୨୩୧ରେ ୨୨୪ ଜଣ ଯାତ୍ରୀ ଥିଲେ। ଏହି ବିମାନ କୋଲକାତାରୁ ଚେନ୍ନାଇ ଅଭିମୁଖେ ଆସୁଥିଲା। ବିମାନଟି ୧୧ ଅଗଷ୍ଟ ରାତି ୧୧ଟା ୨୯ ମିନିଟ୍‌ରେ ଏମର୍ଜେନ୍ସି ଲ୍ୟାଣ୍ଡ କରିଥିଲା। ପାଇଲଟଙ୍କୁ ଜଣାପଡିଥିଲା ଯେ, ବିମାନର ବାମ ଇଞ୍ଜିନ ଖରାପ ହୋଇଯାଇଛି। ଏହାପରେ ପରେ ପାଇଲଟ୍ ବିଜୟ ନକରି ଏୟାର ଟ୍ରାଫିକ୍ କନଟ୍ରୋଲ (ଏଟିସି)କୁ ଏହାର ସୂଚନା ଦେଇଥିଲେ। ଏହାପରେ ଏୟାରପୋର୍ଟ ଅଧିକାରୀ ବିମାନକୁ ସୁରକ୍ଷିତ ଲ୍ୟାଣ୍ଡିଂ କରିବା ପାଇଁ ଜରୁରୀ ଉପାୟ ଗ୍ରହଣ କରିଥିଲେ।

ଜେଲ୍‌ରେ ଇମ୍ରାନଙ୍କ ମୃତ୍ୟୁ ନେଇ ଆଶଙ୍କା

ନୂଆଦିଲ୍ଲୀ,୧୨।୮: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ୍-ଏ-ଇନସାଫ୍ (ପିଟିଆଇ) ପ୍ରତିଷ୍ଠାତା ଇମ୍ରାନ ଖାନଙ୍କୁ ନେଇ ଏବେ ବଡ଼ ଚର୍ଚ୍ଚା ଆରମ୍ଭ ହୋଇଛି । ଜଣେ ବରିଷ୍ଠ ପାକିସ୍ତାନୀ ସାମ୍ବାଦିକ ଓ୍ୱାଜାହତ ସଇଦ ଖାନ ଦାବି କରିଛନ୍ତି ଯେ, ଜେଲ୍‌ରେ ଥିବା ଇମ୍ରାନ ଖାନଙ୍କ ମୃତ୍ୟୁ ଘଟିଛି । ତେବେ ଏହି ଦାବିକୁ ନେଇ ଏପର୍ଯ୍ୟନ୍ତ କୌଣସି ସ୍ୱାଧୀନ ସରକାରୀ ନିଶ୍ଚିତତା ମିଳିନାହିଁ । ସାମ୍ବାଦିକଙ୍କ ଏହି ଦାବି ପରେ ଇମ୍ରାନଙ୍କ ଦଳ ପିଟିଆଇ ପକ୍ଷରୁ ଚିନ୍ତା ପ୍ରକାଶ କରାଯାଇଛି । ଦଳ କହିଛି, ଇମ୍ରାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାଜନକ ଖବର ଦେଶରେ ଆତଙ୍କ ସୃଷ୍ଟି କରୁଛି । ସରକାର ତୁରନ୍ତ ଇମ୍ରାନଙ୍କ ପରିବାର, ବ୍ୟକ୍ତିଗତ ଡାକ୍ତର, ଆଇନଜୀବୀ ଏବଂ ଦଳୀୟ ନେତାଙ୍କୁ ତାଙ୍କ ସହ ଭେଟିବାର ସୁଯୋଗ ଦେବାକୁ ପିଟିଆଇ ଦାବି କରିଛି । ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ, ଇମ୍ରାନଙ୍କ ସମ୍ପୂର୍ଣ୍ଣ ଡାକ୍ତରୀ ପରୀକ୍ଷା ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଏବଂ ବ୍ୟକ୍ତିଗତ ଡାକ୍ତରଙ୍କ ତତ୍ତ୍ୱାବଧାନରେ କରାଯିବା ଆବଶ୍ୟକ। ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସରକାର ସ୍ପଷ୍ଟ ସୂଚନା ଦେବା ଉଚିତ ବୋଲି ପିଟିଆଇ କହିଛି ।

ସୀମା ପୁନଃନିର୍ଦ୍ଧାରଣ ବିରୋଧରେ ସଂକଳ୍ପ ଆଗତ

ନୂଆଦିଲ୍ଲୀ,୧୨।୮: କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ବିଲ୍ ବିରୋଧରେ ବୁଧବାର ବଡ଼ ପଦକ୍ଷେପ ନେଇଛନ୍ତି ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ। ସେ ବିଧାନସଭାରେ ସୀମା ପୁନଃ ନିର୍ଦ୍ଧାରଣ ବିରୋଧରେ ଗୋଟିଏ ସଂକଳ୍ପ ଆଗତ କରିଛନ୍ତି। ତେବେ ସେ କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ନୀତିକୁ ଦୃଢ଼ ଭାବେ ସମର୍ଥନ କରିଛନ୍ତି। ବର୍ତ୍ତମାନ ଥିବା ୫୪୩ଟି ଲୋକସଭା ଆସନ ମଧ୍ୟରେ ସେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି ଉପସ୍ଥାପନ କରିଛନ୍ତି। ଟିଭିକେ ମୁଖ୍ୟ ବିଜୟ ତେତାବନୀ ଦେଇଛନ୍ତି ଯେ ଜନସଂଖ୍ୟା ଆଧାରରେ ନିର୍ବାଚନମଣ୍ଡଳୀ ପୁନଃସୀମା ନିର୍ଦ୍ଧାରଣ କରାଗଲେ ତାମିଲନାଡୁ ଭଳି ଦକ୍ଷିଣ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ପ୍ରଭାବିତ ହୋଇପାରେ। କାରଣ ଏହି ରାଜ୍ୟଗୁଡ଼ିକ ସଫଳତାର ସହ ଜନସଂଖ୍ୟା ନିୟନ୍ତ୍ରଣ ନୀତି ଲାଗୁ କରିଛନ୍ତି। କେନ୍ଦ୍ର ସରକାର ଡିଲିମିଟେସନ୍ ବିଲ୍ ସକ୍ଷମରେ ସମର୍ଥନ ଯୋଗାଡ଼ କରୁଥିବା ବେଳେ ବିଜୟ ତାମିଲନାଡୁ ବିଧାନସଭାରେ ଏପରି ଏହି ପ୍ରସ୍ତାବ ଆଣିଛନ୍ତି। ସଂକଳ୍ପ ଆଗତ କରିବା ବେଳେ ବିଜୟ ଓ ତାଙ୍କ ଦଳ ଟିଭିକେ ଟିଭିକେ ପକ୍ଷରୁ ୩ଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି। ଲୋକସଭାରେ ବର୍ତ୍ତମାନ ଥିବା ୫୪୩ଟି ଆସନକୁ ସ୍ଥାୟୀ ଭାବେ ବଜାୟ ରଖିବା। ପ୍ରତ୍ୟେକ ରାଜ୍ୟକୁ ବର୍ତ୍ତମାନ ମିଳିଥିବା ଲୋକସଭା ଆସନ ସଂଖ୍ୟାକୁ ସ୍ଥାୟୀ କରିବା। ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିବାକୁ ବିଜୟ କହିଛନ୍ତି। ସେ କହିଛନ୍ତି, "ଯଦି ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ ହୁଏ, ତେବେ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ଦକ୍ଷିଣ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ହ୍ରାସ ପାଇବ। ତେଣୁ ଆସନ ସଂଖ୍ୟାକୁ ଫ୍ରିଜ୍ କରି ରଖିବାର ଆବଶ୍ୟକତା ରହିଛି।" ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଉପରେ ଥିବା ନିଷେଧକୁ ହଟାଇବା ପାଇଁ ସମ୍ବିଧାନ ୧୩୧ତମ ସଂଶୋଧନ ବିଲ୍ ଏପ୍ରିଲ ମାସରେ ଲୋକସଭାରେ ଆଗତ ହୋଇଥିଲା। ତେବେ ବିରୋଧୀ ଦଳଗୁଡ଼ିକ ଏକଜୁଟ ହୋଇ ଏହାକୁ ପାରିତ ହେବାକୁ ଦେଇ ନଥିଲେ। ୨୦୧୧ ଜନଗଣନା ଆଧାରରେ ନିର୍ବାଚନମଣ୍ଡଳୀଗୁଡ଼ିକର ପୁନଃସୀମା ନିର୍ଦ୍ଧାରଣ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ ଥିଲା।

ଘରୁ ପୁଳାପୁଳା ଟଙ୍କା ମିଳିବା ଘଟଣା

ପୂର୍ବତନ ବିଚାରପତିଙ୍କୁ ଦୋଷୀ ବିବେଚନା କଲା ଗୃହ କମିଟି

ନୂଆଦିଲ୍ଲୀ,୧୨।୮: ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶବନ୍ତ ବର୍ମାଙ୍କ ସବୁ ଖେଳ ଶେଷ। ଘରୁ ପୁଳାପୁଳା ଟଙ୍କା ମିଳିବା ଘଟଣାରେ ଗୃହ କମିଟି ତାଙ୍କୁ ଦୋଷୀ ଭାବେ ଚିହ୍ନଟ କରିଛି। ଦିଲ୍ଲୀ ସ୍ଥିତ ବାସଭବନରୁ ପୁଳାପୁଳା ଟଙ୍କା ମିଳିଥିବା ବେଳେ ଏହାର ଉପସ୍ଥିତି ସମ୍ପର୍କରେ ସନ୍ତୋଷ ଜନକ ଉତ୍ତର ଦେଇ ପାରିନାହାନ୍ତି ଯଶବନ୍ତ ବର୍ମା। ଏଥିପାଇଁ ଲୋକସଭା ବାଚସ୍ପତି ଓମ ବିର୍ଲା ଗଠନ କରିଥିବା ତଦନ୍ତ ପ୍ୟାନେଲ ତାଙ୍କୁ ଦୋଷୀ ଭାବେ ବିବେଚନା କରିଛି। ତାଙ୍କ

ଶ୍ରୀମନ୍ଦିର ରୋଷଶାଳା ଓ ସ୍ୱର୍ଗଦ୍ୱାରକୁ ବନ ବିଭାଗର କାଠ ଯୋଗାଣରେ ଅନିୟମିତତା

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ): ଅନ୍ତରଙ୍ଗ ବନ ଉପଖଣ୍ଡ ଅଧୀନରରୁ ଜଗନ୍ନାଥ ମନ୍ଦିର ରୋଷଶାଳା ଓ ସ୍ୱର୍ଗଦ୍ୱାରକୁ ଆବଶ୍ୟକ ଜାଳେଣି କାଠ ନିୟମିତ ଭାବେ ଯୋଗାଇ ଦିଆଯାଉଥିଲା।କିନ୍ତୁ ଚଳିତ ବର୍ଷ ନିୟମିତ କାଠ ଯୋଗାଇବାରେ ଅନ୍ତରଙ୍ଗ ବନ ବିଭାଗ ବିଫଳ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। କାଠ ଯୋଗାଣ ଦାୟିତ୍ୱ ବନ ବିଭାଗର କର୍ପୋରେସନକୁ ଦିଆ ଯାଇଛି। କର୍ପୋରେସନର ଦାୟିତ୍ୱ ହେଲା ସେ ଗଛ କାଟିବ, ଓଜନ କରି ଟ୍ରାନ୍ସପୋର୍ଟ ଗାଡ଼ିରେ ଲୋଡିଂ କରିବା।ଏ ପ୍ରକ୍ରିୟା ସରିବା ପରେ ସ୍ଥାନୀୟ ରେଞ୍ଜର କର୍ପୋରେସନର କାଠ ଡିପୋରେ ପହଁଞ୍ଚି ଟ୍ରାନ୍ସପୋର୍ଟ ଗାଡିକୁ ପରିମିତି ଦେବା କଥା। କିନ୍ତୁ ସେଠାରେ ପରମିତି ନ ଦିଆଯାଇ ଡିପୋରୁ ପ୍ରାୟ ୧୫ କି ମି ଦୂର ବଲରା ବ୍ରିଜ ଉପରେ ପରମିଟି ଦିଆଯାଉଛି। ଏହା ଦ୍ୱାରା ବାଟରେ କାଠର ଚୋରା ଚାଲାଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି।ଏହାର ସୁପରିକଳ୍ପିତ ଅନିୟମିତତା ସମ୍ପର୍କରେ କିଛି ମାସ ତଳେ ଏସିସିଏଫଙ୍କୁ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ଅଭିଯୋଗ କରିଥିଲେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ଅନ୍ତରଙ୍ଗ ବନ ବିଭାଗ ମୁଖ୍ୟଙ୍କ ମନମାନି ଯୋଗୁଁ ଜାଳେଣି କାଠ ପୁରୀକୁ ଯେତିକି ଯୋଗାଇବା କଥା ତାହା ଯୋଗାଇବାରେ ଅନିୟମିତତା ଦେଖାଦେଇଛି।ଗତ କିଛି ଦିନ ତଳେ ପୁରୀକୁ କାଠ ପରିବହନ ବନ୍ଦ ରହିଥିଲା।କାଠ ପରିବହନ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ମଧ୍ୟ ଗୁରୁତ୍ୱର ତ୍ରୁଟି ହୋଇଥିବା ଶୁଣିବାକୁ ମିଳୁଛି।ତିନି ଭାଗିଦାରୀରେ କାଠ ପରିବହନ ହେଉଥିବା ଦେଖିବାକୁ ମିଳୁଛି। ଯାହା ଟେଣ୍ଡର ପ୍ରକ୍ରିୟାକୁ ଉଲ୍ଲଙ୍ଘନ କରୁଥିବା ଜଣାପଡିଛି। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ସାମୁହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବ୍ୟକ୍ତି କେନ୍ଦ୍ରିକ ସ୍ୱାର୍ଥକୁ ମାତ୍ରାଧିକ ଗୁରୁତ୍ୱ ଦେବା ପଛରେ କେଉଁ ଅଧିକାରୀଙ୍କ ଅଭିଶବ୍ଦ ରହିଛି।ଶବ ଦାହ ଓ ଜଗନ୍ନାଥ ମହାପ୍ରଭୁଙ୍କ ସେବା ଆଗରେ କିଏ ଆଗ? ବିଭାଗୀୟ ପଦାଧିକାରିଙ୍କ ଦୂର ଦୃଷ୍ଟିରୁ ଅଭାବରୁ ଏହି ଆଭାବନୀୟ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।କାଠର ଅଭାବକୁ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁଜ ବଳୟ ସୃଷ୍ଟି କରିବା ପାଇଁ ବ୍ୟାପକ ଭାବେ ଝାଉଁ ଚାରା ଲଗାଇବା ସହିତ ତାର ସୁପରିଚାଳନା କରି ଚାରା ଗଛକୁ ବଞ୍ଚାଇବା ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ଏମିତି କରାଗଲେ କାଠର ଅଭାବ ଦୂର ହେବା ସହ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ପରିବେଶବିତ୍ ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ମତ ପୋଷଣ କରିଛନ୍ତି। କିନ୍ତୁ ଅନ୍ତରଙ୍ଗ ଉପଖଣ୍ଡ ଅଧିକାରୀ ଚାରା ଲଗାଇ ଦେଇ ତାର ଦାୟିତ୍ୱ ନେବେ କଣ ସେ ଚାରା ସବୁ କିପରି ଶୀଘ୍ର ନଷ୍ଟ ହୋଇଗଲେ ତା ସ୍ଥାନରେ ପୁଣି ଅର୍ଥ ବ୍ୟୟ କରି ପୁନଃ ଚାରା ଲଗାଇବା ପାଇଁ ସବୁବେଳେ ପ୍ରଚେଷ୍ଟା ଜାରି ରଖୁଛନ୍ତି ବୋଲି ସ୍ଥାନୀୟ ଅଧିବାସୀ ଶିବ ପ୍ରସାଦ ଜେନା। ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି ମାଟିର ଖରାପ ଉର୍ବରତା ଯୋଗୁଁ ପ୍ରାୟ ଅଧିକାଂଶ ଚାରା ମରିଯାଉଛି। ଯଦି ଉର୍ବରତା ଯୋଗୁଁ ଚାରା ଗଛ ମରିଯାଉଛି ତାହେଲେ ଚାରା ଲଗାଇବା ପୂର୍ବରୁ ମାଟି ପରୀକ୍ଷା କରାଯାଉ ନାହିଁ କାହିଁକି ? ସରକାରଙ୍କ ପ୍ରଦତ୍ତ ଅର୍ଥକୁ କଣ ପାଇଁ ଅନିୟମିତତା ଆଡକୁ ଠେଲି ଦିଆଯାଉଛି। ଗଛ କଟାଯିବା ସ୍ଥାନରେ ନୂତନ ଗଛ ସୃଷ୍ଟି କରିବାକୁ ହେଲେ ଜଣେ ଅଭିଜ୍ଞ ଅଧିକାରୀଙ୍କ ନିଯୁକ୍ତିର ଆବଶ୍ୟକତା ଜରୁରୀ ହୋଇପଡିଛି। ଅନଭିଜ୍ଞ ଅଧିକାରିଣୀଙ୍କୁ ଏଠାରୁ ତୁରନ୍ତ ହଟାଯାଇ ଅଭିଜ୍ଞ ଅଧିକାରୀଙ୍କୁ ଅବସ୍ଥାପିତ କରାଗଲେ ଅନାବଶ୍ୟକ ଅର୍ଥ ଅପଚୟକୁ ରୋକାଯିବ, ଓ ନୂତନ ଜଙ୍ଗଲ ସୃଷ୍ଟି ହେବା ସହିତ ମହାପ୍ରଭୁଙ୍କ ରୋଷଶାଳା ଓ ସ୍ୱର୍ଗ ଦ୍ୱାରକୁ ଶବ ଦାହ ପାଇଁ କାଠର ଅଭାବ ସମସ୍ୟା ଦୂର ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି। ସାଢେ ଚାରି କୋଟି ଓଡ଼ିଆଙ୍କ ଭାବାବେଗର କଥା ଆଉ ସ୍ୱର୍ଗଦ୍ୱାରରେ ଶବ ଦାହ ଏକ ଆବେଗର କଥା। ତେଣୁ ଏହି ଘଟଣାକୁ ଗମ୍ଭୀରତାର ସହ ନେବା ପାଇଁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ, ସଚିବ, ବନ ବିଭାଗର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଭିଜିଲାନ୍ସ ତଦନ୍ତ ଦାବି

ମାଳ ମାଳ ସମାଜସେବୀକୁ ଛତୁଫୁଟିଲା ପରି ଏନ୍‌ଜିଓ

- ମିଳୁନି ସୂଚନା ଅଧିକାର ତଥ୍ୟ
- ସମାଜକଲ୍ୟାଣ କାର୍ଯ୍ୟ କମ୍
- ପରିବାର କଲ୍ୟାଣ ବେଶି

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ): ବିକାଶ ପ୍ରକ୍ରିୟାରେ ସହଯୋଗ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏନଜିଓ (ସ୍ୱେଚ୍ଛାସେବୀ) ଅନୁଷ୍ଠାନର ସହଯୋଗ ଲୋଡୁଛନ୍ତି । ଅନେକ ସମୟ ଦେଖାଯାଇଛି ବିଭିନ୍ନ ସରକାରୀ ଯୋଜନାରେ ମଧ୍ୟ ଏନଜିଓ ଗୁଡିକ ଭାଗିଦାର ହେଉଛନ୍ତି । କିନ୍ତୁ ଏମାନଙ୍କ (ଦ୍ୱାରା) ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟ କିପରି ହେଉଛି ତାହା ଦେଖିବାର କେହିନାହିଁ । (ସ୍ୱେଚ୍ଛାସେବୀ) ସଂଗଠନ ଗୁଡିକ ମଧ୍ୟରୁ ଅନେକ (ସ୍ୱେଚ୍ଛାସେବୀ) ସଂଗଠନ ସମାଜ କଲ୍ୟାଣ ପାଇଁ କାମ କରିବା ବଦଳରେ ନିଜର ଆଉ ତାଙ୍କ ପରିବାରର କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ଫଳରେ ବିଭିନ୍ନ ଯୋଜନା ବାବଦରେ ମିଳୁଥିବା ଏମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ରାଶି ଅଯଥାରେ ବିନର୍ବୟ ହେଉଛି ବୋଲି କେତେକ ବୁଦ୍ଧିଜୀବି ମତ ଦେଇଛନ୍ତି । ସବୁଠାରୁ ବଡ଼ କଥା ହେଲା କେଉଁ ଏନଜିଓ କେଉଁ କାମ ପାଇଁ କେତେ ଟଙ୍କା ଦେଶ ବା ବିଦେଶରୁ ପାଇଛନ୍ତି ସେ ସଂପର୍କରେ ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ତଥ୍ୟ ମିଳୁନାହିଁ ବୋଲି ସୂଚନା ଅଧିକାର କର୍ମୀମାନେ ଅଭିଯୋଗ କରୁଛନ୍ତି । ଅପରପକ୍ଷରେ ଏନଜିଓ ଗୁଡିକ ବିକାଶ ନାଁ ରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ପାଇଁ କାଗଜ ଚାଷ କରୁଥିବା ବେଳେ ଏଥିରେ କିଛି ନେତା ଓ ଅଫିସରମାନେବି ଏନଜିଓ ମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ପାଉଥିବା ଅଭିଯୋଗ ହେଉଛି । ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କାକଟପୁର ନିର୍ବାଚନ ମଣ୍ଡଳୀର ଅନ୍ତରଙ୍ଗ , କାକଟପୁର , ଗୋପ ଆଦି ୩ ଗୋଟି ବ୍ଲକ ସମେତ କୋଣାର୍କ ଏଏନସି ଅଞ୍ଚଳରେ ମାଳମାଳ ସମାଜସେବୀ ବୁଲୁଥିବା ବେଳେ ଛତୁ ଫୁଟିବା ଭଳି ଏନଜିଓ ରହିଛନ୍ତି । ଏମାନଙ୍କ ମଧ୍ୟରୁ କେତେ ପଞ୍ଜିକୃତ ଏନଜିଓ ଆଉ କେତେ ଅଣପଞ୍ଜିକୃତ ଏନଜିଓ ଅଛନ୍ତି ତାର ହିସାବ ମିଳୁନଥିବା ବେଳେ ଏମାନଙ୍କ ମଧ୍ୟରୁ କେତେକ ଏନଜିଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ସରକାରୀ ଅନୁଦାନ ପାଉଥିବା ବେଳେ ଆଉ କେତେକ ଏନଜିଓ ବିଦେଶର ବିଭିନ୍ନ ସଂସ୍ଥା ଠାରୁ ମୋଟା ଅଙ୍କର ଅନୁଦାନ ପାଉଥିବା ସୂଚନା ମିଳିଛି । କିନ୍ତୁ ଏହି ଅନୁଦାନ ପ୍ରଶାସନ ଜରିଆରେ ନଆସି ସିଧା ସଳଖ ଏନଜିଓ ପାଖକୁ ଆସୁଥିବାରୁ ବାସ୍ତବରେ କେତେ ଟଙ୍କାର ଅନୁଦାନ କେଉଁ ସଂସ୍ଥା ପକ୍ଷରୁ ଆସିଲା, ତାହା କେଉଁ ବାଟରେ କେଉଁ କାର୍ଯ୍ୟ ପାଇଁ ସଂପୃକ୍ତ ଏନଜିଓ ଖର୍ଚ୍ଚ କଲା ଏହାର ବିନିଯୋଗର ପ୍ରମାଣ ପତ୍ର ଦାଖଲକୁ ନେଇ ଉତ୍ତରଦାୟୀ ହେବାକୁ ପଡୁନଥିବାରୁ ଏନଜିଓ ମାନେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଫାଙ୍କିମାରି ବୁଲୁଥିବା ଅଭିଯୋଗ ହେଉଛି । (ସ୍ୱେଚ୍ଛାସେବୀ) ସଂସ୍ଥା ଗୁଡିକ ଉପର ଠାରୁରିଆ ଭାବରେ କିଛି କାର୍ଯ୍ୟକରି କାଗଜପତ୍ରରେ ସବୁ ଅନୁଦାନ ବିନିଯୋଗ ହେଉଥିବା ଦର୍ଶାଉଥିବାରୁ ବାସ୍ତବିକତା ଓ ଏନଜିଓ ପ୍ରଦତ୍ତ ତଥ୍ୟ ମଧ୍ୟରେ ଆକାଶ ପାତାଳ ଫରକ ରହୁଛି । ଅଧିକାଂଶ ଏନଜିଓ କେବଳ କାଗଜ ପତ୍ରରେ ନିଜର (ଅସ୍ତିତ୍ୱ) ବଜାୟ ରଖିଥିବା ସୂଚନା ମିଳିଛି । ନାମକୁ ମାତ୍ର (ସ୍ୱାସ୍ଥ୍ୟ) ଶିବିର , କର୍ମଶାଳା , ଶୋଭାଯାତ୍ରାର ଆୟୋଜନ କରି ପ୍ରଶାସନିକ ଖର୍ଚ୍ଚ , (ସ୍ୱେଚ୍ଛାସେବୀ)ଙ୍କ ଭତ୍ତା , ମନିଟରିଙ୍ଗ, ଘରଭଡା , ଯାତାୟତ ଖର୍ଚ୍ଚ, ବାବଦରେ ବହୁ ଅର୍ଥ ଆତ୍ମସାତ କରୁଛନ୍ତି । ଉପରୋକ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବା (ସ୍ୱେଚ୍ଛାସେବୀ) ସଂଗଠନର କର୍ମକର୍ତ୍ତାଙ୍କ ଜୀବନଧାରଣର ମାନ , ଓ କାର୍ଯ୍ୟ ସବୁକୁ ଅନୁଧ୍ୟାନ କଲେ ସେମାନଙ୍କ (ସ୍ୱଚ୍ଛତା) ଏବଂ କାର୍ଯ୍ୟ ଦକ୍ଷତା ଆପଣା ଛାଏଁ ଛାଏଁ ବାରି ହୋଇ ପଡିବ । ସାମାଜିକ ବିକାଶ , ଗରିବଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା (ସ୍ୱେଚ୍ଛାସେବୀ) ସଂଗଠନର କର୍ମକର୍ତ୍ତା ମାନେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିବା ବେଳେ ଜିଲ୍ଲା ତଥା ରାଜ୍ୟ ବାହାରକୁ ବିଭିନ୍ନ କର୍ମଶାଳାରେ ଯୋଗ ଦେବାକୁ ଶୀତତାପ ନିୟନ୍ତ୍ରିତ ବସ , ଟ୍ରେନ , ଓ କାରରେ ଯାତ୍ରା କରୁଅଛନ୍ତି । ଗରିବ ଲୋକଙ୍କ ବିକାଶ ପାଇଁ ଆସୁଥିବା ଅର୍ଥ ସେମାନଙ୍କ ବ୍ୟକ୍ତିଗତ ପାଣ୍ଠି ବୃଦ୍ଧି ବୃଦ୍ଧିରେ କେବଳ ସହାୟକ ହେଉନାହିଁ ପକ୍ଷାନ୍ତରେ ନିଜର ଜୀବନ ଧାରଣ ମାନରେ ଯଥେଷ୍ଟ ଉନ୍ନତି ଘଟାଇ ପାରିଛନ୍ତି । ଏମିତିକି ନାମକୁ ମାତ୍ର ଭଡାରେ ନିଆଯାଇଥିବା କାର୍ଯ୍ୟାଳୟ ଗୃହର ଭଡାକୁ ଦଶ ଗୁଣ ବଢ଼ାଇ ସେ ବାବଦରେ ମଧ୍ୟ ଅର୍ଥ ଏନଜିଓ ମାନେ ହଡପ କରୁଛନ୍ତି । ଆଜୁଳି ଗଣନ୍ତି ଲୋକ ଓ କୁଜି ନେତାଙ୍କୁ ନେଇ କର୍ମଶାଳା, ଓ (ସ୍ୱାସ୍ଥ୍ୟ) ଶିବିର , ବୃକ୍ଷ ରୋପଣ , (କୟଳ) ବଣ୍ଟନ, କରି ଫଟୋ ଉଠାଇ ଦେଶ ବିଦେଶକୁ ଛାଡି ସେ ବାବଦରେ ଆସୁଥିବା ଅର୍ଥକୁ ଏନଜିଓର କର୍ମକର୍ତ୍ତା ମାନେ ନିଜ ବିଳାସ ବେସନରେ ସେ ଅର୍ଥକୁ ବିନିଯୋଗ କରୁଛନ୍ତି । ଏହି ସଂସ୍ଥା ଗୁଡିକ (ସ୍ୱାସ୍ଥ୍ୟ), ଶିକ୍ଷା , କୃଷି, ବୃକ୍ଷ ରୋପଣ , ପରିବେଶ ସୁରକ୍ଷା , ଅର୍ଥ ନୈତିକ ସୁରକ୍ଷା କାର୍ଯ୍ୟକ୍ରମ , ଗରିବ ଲୋକଙ୍କ ମଧ୍ୟରେ ରୋଜଗାର ସଚେତନତା ବୃଦ୍ଧି , (ଅନ୍ଧତ୍ୱ) ନିରାକରଣ , ଜଳ ଓ ପରିମଳ ସଂକ୍ରାନ୍ତରେ କାର୍ଯ୍ୟ କରୁଥିବା ସେମାନଙ୍କ କାର୍ଯ୍ୟ ପୁଙ୍ଖାରେ ଦର୍ଶାଇଛନ୍ତି। କିନ୍ତୁ ବାସ୍ତବିକତାକୁ ଦେଖିଲେ ଏହି ପ୍ରଚାର କେବଳ ଫାର୍ସ ବୋଲି ସ୍ପଟ ପରିଲକ୍ଷିତ ହେଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ କାର୍ଯ୍ୟ କରୁଥିବା (ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ସଂପର୍କରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବା ସହ ସରକାରୀ ଅର୍ଥର ଉପଯୁକ୍ତ ବିନିଯୋଗ କରୁନଥିବା ସଂସ୍ଥାକୁ କଳା ତାଲିକା ଭୁକ୍ତ କରାଯିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

ମୃତ ବାପାଙ୍କ ନାଁରେ ଜମି, ପୁଅ କେମିତି ବିକିବ ଅମଳ ଧାନ ?

- ଧାନ ପଞ୍ଜିକରଣରେ ଏଗ୍ରିଷ୍ଟାକ୍ ବାଧକ
- କଡ଼ା ନିୟମ କୋହଳ ପାଇଁ ଚାଷୀଙ୍କ ଦାବି

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ): ବିଚିତ୍ର ନିୟମ ଯୋଗୁଁ ପୁରୀ ଜିଲ୍ଲାର କାକଟପୁର ଓ ଅନ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ବାପାଙ୍କ ନାଁରେ ଜମି ଥିବା ବେଳେ ଯଦି ସେ ମୃତ୍ୟୁ ବରଣ କରିସାରିଛନ୍ତି, ତେବେ ସେହି ଜମିରେ ଫଳିଥିବା ଧାନ ପୁଅ କେମିତି ବିକିବ ତାହା ଏବେ ବଡ ପ୍ରଶ୍ନ ହୋଇଛି। ସରକାର ଚଳିତ ୨୦୨୬-୨୭ ଖରିଫ ବର୍ଷ ପାଇଁ ଅଗଷ୍ଟ ୬ ତାରିଖରୁ ଧାନ ପଞ୍ଜିକରଣ ଆରମ୍ଭ କରିଛନ୍ତି। ମାତ୍ର ନୂଆ ନିୟମ ଅନୁଯାୟୀ ପ୍ରତି ଚାଷୀଙ୍କ ପାଇଁ ଏଗ୍ରିଷ୍ଟାକ ଆଇଡି ବାଧତାମୂଳକ କରାଯାଇଛି। ବାପାଙ୍କ ନାଁରେ ପଟ୍ଟା ଥିଲେ ପୁଅ ବା ନାତି ଏଗ୍ରିଷ୍ଟାକ କରି ନଥିଲେ ତାଙ୍କୁ ଟୋକନ ମିଳିବ ନାହିଁ। ଫଳରେ ପ୍ୟାକ୍ସ ରେ ଧାନ ବିକ୍ରି କରିପାରିବେ ନାହିଁ। ଚାଷୀଙ୍କ ପ୍ରଶ୍ନ ହେଉଛି, ଯେଉଁ ବାପା ୨ ବର୍ଷ କିମ୍ବା ୧୦ ବର୍ଷ ତଳେ ମରିସାରିଛନ୍ତି, ସେ କଣ ଆସି ରାଜସ୍ୱ ଅଫିସ କିମ୍ବା ପ୍ୟାକ୍ସକୁ ପଟ୍ଟା ନେଇ ପଞ୍ଜିକରଣ କରିବେ ? ଆଉ ଗୋଟିଏ ପଟେ ବାପା ଋଣ କରି ମରିଗଲେ ବ୍ୟାଙ୍କ ପୁଅକୁ ମୂଳ ସୁଧ ସହ ଋଣ ସୁଝିବାକୁ ବାଧ କରୁଛି। ସେହି ଜମିରେ ଚାଷ କରି ଫସଲ ବିକି ଋଣ ସୁଝିବାର ରାସ୍ତା ବନ୍ଦ କଲେ ଚାଷୀ ଯିବେ କୁଆଡେ ? ଏନେଇ ବିଭାଗର ନିର୍ଦ୍ଦେଶ ଓ ମନ୍ତ୍ରୀଙ୍କ କଥାରେ ତାଳମେଳ ରହୁନଥିବା ଅଭିଯୋଗ ହୋଇଛି। ଗତ ବର୍ଷ ଜୁଲାଇ ୧୫ ରୁ ପଞ୍ଜିକରଣ ହେଉଥିବା ବେଳେ ଏଥର ନଭେମ୍ବର ସୁଦ୍ଧା ଏଗ୍ରିଷ୍ଟାକ କରିବାକୁ ସମୟ ଦିଆଯାଇଛି। ଏହି କଡା ନିୟମକୁ ତୁରନ୍ତ କୋହଳ କରି ଉତ ରାଧିକାରୀ ଚାଷୀଙ୍କୁ ବିକଳ୍ପ ବ୍ୟବସ୍ଥା ଦେବାକୁ କାକଟପୁର ଓ ଅନ୍ତରଙ୍ଗ ର ଶହ ଶହ ଚାଷୀ ନିବେଦନ କରିଛନ୍ତି। ନଚେତ୍ ସୁନାର ଫସଲ ବି ପଡି ପଚିଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

କାମ କରିବାକୁ ଯାଇ ଶ୍ରମିକ ନିଖୋଜ

କଣାସ(ଅମୃତ ମିଡିଆ): କଣାସ ବ୍ଲକ ଅନ୍ତର୍ଗତ ବଡାଳ ପଞ୍ଚାୟତ ଅଡାଳ ଗ୍ରାମର ପଦୁଚରଣ (୪୦) ସ୍ୱାଇଁ ନିଜ ପରିବାର ପ୍ର ତି ପୋ ଷ ଣ ପାଇଁ ଶ୍ରମିକ ଭାବେ ଖଟିବାକୁ ୪ମାସ ତଳେ ତାଳଚେର ଯାଇଥିଲେ। ତାଳଚେରରେ କାର୍ଯ୍ୟ କରୁଥିବାବେଳେ ପ୍ରତିଦିନ ସ୍ତ୍ରୀ ପୁକାନ୍ତିଙ୍କ ସହିତ ଟେଲିଫୋନ ମାଧ୍ୟମରେ କଥାବାର୍ତ୍ତା ହେଉଥିଲେ। କିନ୍ତୁ ଗତ ୧୦ ଦିନ ହେଲା ସେ ଫୋନ ନକରିବାରୁ ତାଙ୍କୁ କାମ କରିବାକୁ ନେଇଥିବା ବ୍ୟକ୍ତିଙ୍କୁ ପଚାରିବାରୁ ସେ ନିଖୋଜ ହୋଇଯାଇଥିବା କହିଥିଲେ। ପଦୁଚରଣଙ୍କ ନିଖୋଜ ସମ୍ପର୍କରେ ସୁକାନ୍ତି ମଙ୍ଗଳବାର ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ଚିତୋଉ ଅମାବାସ୍ୟାରେ ଗେଣ୍ଡାପୂଜା

ପ୍ରକୃତି ଓ ପଶୁ-ମଣିଷ ମଧ୍ୟରେ ଥିବା ଅତୁଟ ବନ୍ଧନର ପ୍ରତୀକ

କାକଟପୁର /ଅନ୍ତରଙ୍ଗ(ଅମୃତ ମିଡିଆ): ଚାଷ ହେଲା ଓଡିଆଙ୍କ ପ୍ରାଣ, ଆଉ ଗାଈ ଗୋରୁ ହେଲା ଚାଷର ପ୍ରାଣ। ସେହି ଭାବନାକୁ ଲକ୍ଷ୍ୟ କରି ବୁଧବାର ପୁରୀ ଜିଲ୍ଲାର କାକଟପୁର ଓ ଅନ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁ ଗୁଡିକରେ ପୁଣି ଥରେ ଦେଖିବାକୁ ମିଳିଲା ଭକ୍ତିର ପୂଜା । ଚିତଉ ଅମାବାସ୍ୟା ଅବସରରେ ମହିଳା ମାନେ ବୁଧବାର ଦିନ ଗେଣ୍ଡାଙ୍କ ପାଇଁ ଉପବାସ କରି ପିଠା ପ୍ରସ୍ତୁତ କଲେ। ଅପରାହ୍ନରେ ଗାଁ ପୋଖରୀ କୂଳ ଗୁଡିକ ନାରୀଙ୍କ ଭିଡରେ ପୂରିଗଲା। ହାତରେ ଚାଉଳ ପିଠା, ମଣ୍ଡା, କଦଳୀ, ନଡିଆ ଓ ଗୁଡ ଧରି ସେମାନେ ପହଞ୍ଚିଲେ। ପ୍ରଥମେ ଗୋରୁ ମାନଙ୍କୁ ସ୍ନାନ କରାଇ ଶିଙ୍ଗରେ ହଳଦିଆ ରଙ୍ଗ, ଗଳାରେ ନୂଆ ଦଉଡି ଓ ଫୁଲ ମାଳ ପିନ୍ଧାଗଲା। ପରେ ଧୂପ ଦୀପ ଦେଖାଇ ପିଠା ଭୋଗ ଲଗାଗଲା। ହଳ ଲଙ୍ଗଳକୁ ଛୁଟି। କ୍ଷେତ କାମ ବନ୍ଦ। କାରଣ ଯେଉଁ ଗୋରୁ ସାରା ବର୍ଷ ଆମ ପାଇଁ ମାଟି ଖଟେ , ଆଜି ତାଙ୍କୁ ଆରାମ ଦେବାର ଦିନ। ବୃଦ୍ଧା ମହିଳା କହିଲେ, 'ଗୋରୁ ନଥିଲେ ଆମ ପେଟ ପୂରିବନି, ତେଣୁ ପ୍ରଥମେ ତାଙ୍କୁ ଖୁଆଇବା'। ପୋଖରୀ କୂଳର ଏହି ଦୃଶ୍ୟ କେବଳ ପୂଜା ନୁହେଁ, ଏହା ପ୍ରକୃତି, ପଶୁ ଓ ମଣିଷ ମଧ୍ୟରେ ଥିବା ଅତୁଟ ବନ୍ଧନର ପ୍ରତୀକ। ଆଧୁନିକତା ମଧ୍ୟରେ ବି ଏହି ପରମ୍ପରା କାକଟପୁର-ଅନ୍ତରଙ୍ଗ ର ଗ୍ରାମୀଣ ଜୀବନକୁ ଜୀବନ୍ତ ରଖିଛି।

ବୁଲାଗୋରୁଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା

ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ): ଜାତୀୟ ରାଜପଥ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ସଡକ, ବ୍ରିଜ, କେନାଲବନ୍ଧ ରାସ୍ତା ଓ ଗ୍ରାମଦାଣ୍ଡରେ ଶହ ଶହ ସଂଖ୍ୟାରେ ବୁଲା ଗୋରୁ ବୁଲୁଛନ୍ତି । ଏଥିଯୋଗୁଁ ପ୍ରତିଦିନ କିଛିନା କିଛି ଦୁର୍ଘଟଣା ଘଟୁଛି । ଏଥିରେ ଗାଡି ଚାଳକ ସହିତ ଗୋରୁ ଆଘାତପ୍ରାପ୍ତ ହୋଇ ରାସ୍ତା କଡରେ ପଡି ରହୁଛନ୍ତି । ଏହାକୁ ଲକ୍ଷ୍ୟ କରି ବୁଲା ଗୋରୁ ମାନଙ୍କ ଗଳାରେ ରେଡିୟମ ବେଲ୍ଟ ବନ୍ଧା ଯାଉଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ବୁଧବାର ସତ୍ୟବାଦୀ ବ୍ଲକରେ ଚିହ୍ନଟ କରାଯାଇଥିବା ଡାର୍କ ସ୍ପଟ୍ ଏବଂ ଗୋରୁ-ଯାନ ଦୁର୍ଘଟଣାପ୍ରବଣ ସ୍ଥାନଗୁଡିକରେ ୨ଶହ ଟି ରିଫ୍ଲେକ୍ଟିଭ୍ ରେଡିୟମ୍ ବେଲ୍ଟ ବୁଲା ଗୋରୁମାନଙ୍କ ଗଳାରେ ବାନ୍ଧାଯାଇଛି।ଏହି ଅଭିଯାନରେ ସତ୍ୟବାଦୀ ବ୍ଲକର ପ୍ରବେଶଦ୍ୱାର ବାଗଗୋବିନ୍ଦପୁରଠାରୁ ଜାତୀୟ ରାଜପଥ ନଂ ୩୧୬ ଦେଇ ପଟ୍ଟନାୟିକିଆ

ବନ୍ୟାର ୧୩ ଦିନ ପରେ ବି ଚାଷଜମିରୁ କମୁନି ପାଣି

ସରକାରୀ ସହାୟତା ପାଇଁ ଦାବିକଲେ ଭୂଇଁବୃତ୍ତି ପଞ୍ଚାୟତର ଶତାଧିକ ଚାଷୀ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲି ବ୍ଲକରେ ବନ୍ୟାର ୧୩ ଦିନ ପରେ ବି ଚାଷ ଜମିରୁ କମୁନି ପାଣି । ଦୀର୍ଘଦିନ ଧରି ଚାଷଜମି ପାଣିରେ ବୁଡ଼ି ରହିଥିବାରୁ ନଷ୍ଟ ହେବାକୁ ବସିଲାଣି ବର୍ଷକର ଫସଲ । ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ବିଶେଷକରି ଭୂଇଁବୃତ୍ତି ପଞ୍ଚାୟତର ଧନଖଣିଆ, ବହଡିହ, ଭୂଇଁବୃତ୍ତି, ଗରିପୁର, ଜଗନ୍ନାଥପୁର, ନୂଆଗାଁ ଆଦି ଗାଁରେ ଅନେକ ଚାଷୀ ବନ୍ୟାଜଳ ଘେରରେ ରହିଥିବା ଚାଷଜମିକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ଚାଷଜମିରୁ ତୁରନ୍ତ ପାଣି ନିଷ୍କାସନ ସହ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଲଭୁଆନେତା ଅମୂଲ୍ୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଚାଷୀ ବିସିକେଶନ ନାୟକ, ଆନନ୍ଦ ନାୟକ, ରାଧାଶ୍ୟାମ ବାରିକ, ରମେଶ ବିଶ୍ୱାଳ, ଉଦକର ସେଠୀ, ମହେନ୍ଦ୍ର ନାୟକ, ରାଧାଶ୍ୟାମ ବିଶ୍ୱାଳ, ବିଶ୍ୱନାଥ ନାୟକ, ବ୍ରଜ କିଶୋର ବେହେରା, କିଙ୍ଗଟନ ନାୟକ, ବିଶ୍ୱନାଥ ନାୟକ, ବବୁଲୁ ବେହେରାଙ୍କ ଶତାଧିକ ଚାଷୀ ମାନେ ଦାବି କରିଛନ୍ତି । ଦୀର୍ଘଦିନ ଧରି ଜଳମଗ୍ନ ରହିଲେ ଆଗାମୀ ଦିନରେ ଚାଷୀଙ୍କ ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହେବା ଆଶଙ୍କା ରହିଛି ।

ପଣିବନ୍ଧରେ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଓ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ

ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ): ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଦେଶପ୍ରେମର ବାର୍ତ୍ତା ନେଇ ଗଞ୍ଜାମ ବ୍ଲକର ପଣିବନ୍ଧ ଗ୍ରାମରେ ଆଜି 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନୁଷ୍ଠିତ ହୋଇଛି । ଗ୍ରାମବାସୀଙ୍କ ଅଂଶଗ୍ରହଣରେ

ଗଞ୍ଜାମ ବ୍ଲକ

ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ସହ ପରିବେଶ ସୁରକ୍ଷା ପାଇଁ ସାମୂହିକ ସଂକଳ୍ପ ନିଆଯାଇଥିଲା ।

ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଯୋଗଦେଇ ଗ୍ରାମବାସୀଙ୍କୁ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଠନ ପାଇଁ ପ୍ରେରଣା ଦେଇଥିଲେ । ନିଜ ଘର ଓ ଆଖପାଖ ପରିବେଶକୁ ପରିଷ୍କାର ରଖିବା ସହ ପ୍ଲାଷ୍ଟିକ୍ ବ୍ୟବହାରକୁ ହ୍ରାସ କରିବା ଏବଂ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବା ପାଇଁ ସେ ଗ୍ରାମବାସୀଙ୍କୁ ଆହ୍ୱାନ କରିଥିଲେ ।

ଏହି ଅବସରରେ ଶ୍ରୀ ଜେନା ଅଞ୍ଚଳବାସୀଙ୍କୁ ଜାତୀୟ ପତାକା ବଣ୍ଟନ କରିବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉତ୍ତୋଳନ କରି ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତାକୁ ଅଧିକ ବ୍ୟାପକ କରିବା ପାଇଁ ଅନୁରୋଧ କରିଥିଲେ ।

ନିର୍ବାଚନ ସାକ୍ଷରତା କ୍ଲବ୍ କୁଇଜ୍ ପ୍ରତିଯୋଗିତା

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ଉପଖଣ୍ଡ ନିର୍ବାଚନ ସାକ୍ଷରତା କ୍ଲବ ମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଉପଜିଲ୍ଲାପାଳ ଅବିନାଶ କୁମାର ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସୁବ୍ରତ ରାମ ବିରାମ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ବ୍ରହ୍ମପୁର ଉପଖଣ୍ଡର ୧୩ଟି ମହାବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ମହାବିଦ୍ୟାଳୟ ତରଫରୁ ଦୁଇ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ । ନିର୍ବାଚନ ତଥା ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧିତ ପ୍ରଶ୍ନୋତ୍ତରକୁ ନେଇ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଏବଂ ଶଶାଭୂଷଣ ରଥ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି କୁଇଜ୍ ପ୍ରତିଯୋଗିତା ଆୟୋଜନରେ ନିର୍ବାଚନ ଉପବିଭାଗର ଅଧିକାରୀ ସହଯୋଗ କରିଥିଲେ ।

ଭୁଲ୍‌ବଶତଃ ଟ୍ରେନରେ ଚଢ଼ିଥିବା ୩ ଶିଶୁ ହରିଚନ୍ଦନପୁର ଷ୍ଟେସନରୁ ଉଦ୍ଧାର

ଯୋଡ଼ା (ଅମୃତ ମିଡିଆ): ଭୁଲବଶତଃ ବଡବିଲ–ପୁରୀ ଇଣ୍ଟରସିଟି ଟ୍ରେନରେ ଚଢ଼ିଯାଇଥିବା ୩ ଜଣ ଶିଶୁଙ୍କୁ ହରିଚନ୍ଦନପୁର ଷ୍ଟେସନରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଶିଶୁମାନେ ଯୋଡ଼ା ଅଞ୍ଚଳର ଶତିଥି, ବାଂଶପାଣି କିୟା ଜୁରୁଡ଼ି ଷ୍ଟେସନ ମଧ୍ୟରୁ କୌଣସି ଏକ ସ୍ଥାନରୁ ଭୁଲବଶତଃ ବରବିଲ–ପୁରୀ ଇଣ୍ଟରସିଟି ଟ୍ରେନରେ ଚଢ଼ିଯାଇଥିଲେ । ପରେ ସେମାନେ ନିଜ ଗନ୍ତବ୍ୟସ୍ଥଳରୁ ଦୂରକୁ ଚାଲିଯାଇଥିବା ଜଣାପଡ଼ିଥିଲା ।

ହରିଚନ୍ଦନପୁର ଷ୍ଟେସନରେ କିଛି ସହୃଦୟ ବ୍ୟକ୍ତି ଶିଶୁମାନଙ୍କୁ ଦେଖି ସେମାନଙ୍କ ସୁରକ୍ଷା ଦାୟିତ୍ୱ ନେଇ ଉଦ୍ଧାର କରି ରଖିଥିବା ସୂଚନା ମିଳିଛି । ଶିଶୁମାନଙ୍କ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ସୁରକ୍ଷିତ ଭାବେ ପରିବାର ନିକଟକୁ ଫେରାଇବା ପାଇଁ ପ୍ରୟାସ ଚାଲିଥିବା ଜଣାପଡ଼ିଛି ।

ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ, ସମୟୋଚିତ ପଦ କ୍ଷପ ଶିଶୁମାନଙ୍କୁ ଚିହ୍ନଟ କରି ସୁରକ୍ଷିତ ରଖିଥିବା ସହୃଦୟ ବ୍ୟକ୍ତିମାନଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି ।

ଘଟଗାଁରେ ବିଜେପି ପକ୍ଷରୁ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମୁଖ୍ୟାଳୟରେ ଭାରତୀୟ ଜନତା ପାର୍ଟି (ବିଜେପି) ମଣ୍ଡଳ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । 'ହର ଘର ତ୍ରିରଙ୍ଗା' ଅଭିଯାନର ଏହି କାର୍ଯ୍ୟକ୍ରମରେ ଅଞ୍ଚଳରେ ଏକାଠି ହୋଇଥିବା ଜନସାଧାରଣ ଓ କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ସ୍ଥାନୀୟ ହାଟପଡିଆ ନିକଟରୁ ଏହି ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏହାପରେ ଶୋଭାଯାତ୍ରାଟି ଘଟଗାଁ ବଜାର ପରିକ୍ରମା କରିବା ସହ ଘଟଗାଁ ଗ୍ରାମ ଏବଂ ଉପରଡିହା ଗ୍ରାମର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ଏହି ଅବସରରେ ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଲଗାଯିବା ସାଙ୍ଗକୁ ରାଜ୍ୟ ଓ ଦେଶପ୍ରେମର ବିଭିନ୍ନ ସ୍ଲୋଗାନରେ ପ୍ରକମ୍ପିତ ହୋଇଉଠିଥିଲା ପରିବେଶ । ଏହି ଶୋଭାଯାତ୍ରାରେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଅଖିଳ ପାତ୍ର, ଘଟଗାଁ ମଣ୍ଡଳ ସଭାପତି ରବିନାରାୟଣ ଦେହୁରୀ, ପୂର୍ବତନ ବିଧାୟକ ପ୍ରାର୍ଥୀ ସମ୍ବୁନାଥ ରାଉତ, ପ୍ରଭାରି ଇନ୍ଦ୍ରମଣି ମହାନ୍ତ, ବରିଷ୍ଠ ବିଜେପି ନେତା ରାଜେନ୍ଦ୍ର ପଟ୍ଟନାୟକ, ପୂର୍ବତନ ମଣ୍ଡଳ ସଭାପତି ଗୋଲକ ବଳ, ଘଟଗାଁ ଯୁବମୋର୍ଚ୍ଚା ସଭାପତି ରଞ୍ଜନ ଦାସ, ଜିଲ୍ଲା ସମ୍ପାଦିକା ଅନୁପୂର୍ଣ୍ଣା ଦେହୁରୀ ଏବଂ ସରପଞ୍ଚ ଯମୁନା ମୁଣ୍ଡା ପ୍ରମୁଖ ସାମିଲ ରହିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ମିଶ୍ର, ଶରତ ବେଜ, ରତନ ପଲେଇ, ମକରଧ୍ୱଜ ବେହେରା, ଉପେନ୍ଦ୍ର ଦାସଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଏହି ଦେଶାତ୍ମକ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଖରିଫ୍ ଧାନକିଣା ପାଇଁ ଚାଷୀ ପଞ୍ଜୀକରଣ ସହରରେ ହର ଘର ତ୍ରିରଙ୍ଗା ଅଭିଯାନ

ଭଞ୍ଜନଗରରେ ଉପଖଣ୍ଡସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭଞ୍ଜନଗର (ଅମୃତ ମିଡିଆ): ଚଳିତ ଖରିଫ୍ ଋତୁରେ ଧାନକିଣା ପାଇଁ ରାଜ୍ୟରେ ଗତ ୬ ତାରିଖରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜିକରଣ ପ୍ରକ୍ରିୟା ଚାଲିବ । ଭଞ୍ଜନଗର ଉପଖଣ୍ଡରେ ମଧ୍ୟ ଚଳିତ ଖରିଫ୍ ଧାନକିଣା ପାଇଁ ଚାଷୀ ପଞ୍ଜିକରଣ ଜୋରସୋରରେ ଚାଲିଛି । ଉପଖଣ୍ଡ ଅଧୀନସ୍ଥ ୧୨୮ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଏହି ପଞ୍ଜିକରଣ କରାଯାଉଛି ।

ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସରଳ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭାବେ ସମ୍ପନ୍ନ କରିବା ସହ ସମସ୍ତ ଯୋଗ୍ୟ ଚାଷୀ ଯେପରି ପଞ୍ଜିକରଣର ସୁଯୋଗ ପାଇପାରିବେ, ସେ ନେଇ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି (ଆ.ଏମ୍.ସି) ସଭାଗୃହରେ ଏକ ଉପଖଣ୍ଡସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣରେ ଏଆରସିଏସ୍

ଶ୍ରୀ ବିଜୟ କୁମାର ସାହୁ, ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ଶୁଭରାଜ ସାମନ୍ତରା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଶ୍ରୀ ସୁମନ୍ତ ସାହୁ ଏବଂ ଆସିକା କୃଷି ଜିଲ୍ଲା ଅଧିକାରୀ ଶ୍ରୀ ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ୟାକ୍ସ ସମ୍ପାଦକମାନଙ୍କୁ ଚଳିତ ବର୍ଷର ଖରିଫ୍ ଧାନକିଣା ପାଇଁ ଚାଷୀ ପଞ୍ଜିକରଣର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ ଯେ, ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ଓ ନିର୍ଭୁଲ ହୁଏ, ସେଥିପ୍ରତି ସମସ୍ତ ବିଭାଗୀୟ ଅଧିକାରୀ ଓ ପ୍ୟାକ୍ସ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଆବଶ୍ୟକ । କୌଣସି ଯୋଗ୍ୟ ଚାଷୀ ଯେପରି ପଞ୍ଜିକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ କ୍ଷେତ୍ରସ୍ତରରେ ଆବଶ୍ୟକ ସଚେତନତା ଓ ସମନ୍ୱୟ ରକ୍ଷିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଚଳିତ ଖରିଫ୍ ଧାନକିଣା ପ୍ରକ୍ରିୟାରେ ଏଗ୍ରିଷ୍ଟାକ୍ ବାଧ୍ୟତାମୂଳକ ହୋଇଥିବାରୁ ସମବାୟ, ରାଜସ୍ୱ ଓ କୃଷି ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷି ସମସ୍ତ ଯୋଗ୍ୟ ଚାଷୀଙ୍କ ଏଗ୍ରିଷ୍ଟାକ୍ ଯଥାଶୀଘ୍ର ସୃଷ୍ଟି କରିବାକୁ ଉପଜିଲ୍ଲାପାଳ ଶ୍ରୀ ବେହେରା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚାଷୀମାନଙ୍କୁ ପଞ୍ଜିକରଣ ସମୟରେ ଆବଶ୍ୟକ ସହଯୋଗ ଯୋଗାଇଦେବା ଏବଂ ପଞ୍ଜିକରଣ ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ।

ଭାଗଚାଷୀ ପଞ୍ଜୀକରଣ ସମୟରେ ଭାଗଚାଷୀଙ୍କୁ ଜମି ମାଲିକଙ୍କ ସମ୍ମତିପତ୍ର ସହିତ ଜମି ମାଲିକଙ୍କ ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ଦାଖଲ କରିବାକୁ ପଡ଼ିବ ।

ଏହାପରେ ଜମି ମାଲିକ ଓ ଭାଗଚାଷୀ ଉଭୟଙ୍କର ଆଧାର ଆଧାରିତ ର-କଣଉ ଆଇରିସ୍ ସ୍କାନର୍ ମାଧ୍ୟମରେ କରାଯିବ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଖଣ୍ଡ ଅଧୀନସ୍ଥ ଆସିକା, ବେଲଗୁଣ୍ଡା, ବୁଗୁଡ଼ା, ଶେରଗଡ଼, ଧରାକୋଟ, ଭଞ୍ଜନଗର, ଜଗନ୍ନାଥପ୍ରସାଦ ଓ ସୋରଡ଼ା ବ୍ଲକର ତହସିଲଦାର, ବ୍ଲକ କୃଷି ଅଧିକାରୀ, ଯୋଗାଣ ନିରୀକ୍ଷକଙ୍କ ସମେତ ସମସ୍ତ ପ୍ୟାକ୍ସ ସମ୍ପାଦକ ଯୋଗଦେଇଥିଲେ ।

ସହରରେ ହର ଘର ତ୍ରିରଙ୍ଗା ଅଭିଯାନ

- ଦେଶପ୍ରେମ ଭାବନାରେ ଉଦ୍ଭାହିତ
- ୫ ଶହରୁ ଉର୍ଦ୍ଧ୍ୱଙ୍କ ବାଇକ୍ ରାଲି

ଭଞ୍ଜନଗର (ଅମୃତ ମିଡିଆ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆହ୍ୱାନ ଓ ନିର୍ଦ୍ଦେଶନାମା ଅନୁଯାୟୀ ଦେଶର ଗୌରବ ଓ ଏକତାର ପ୍ରତୀକ ଜାତୀୟ ପତାକା ତ୍ରିରଙ୍ଗା ପ୍ରତି ସମ୍ମାନ ଏବଂ ଦେଶପ୍ରେମର ଭାବନାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଭଞ୍ଜନଗର ସହରରେ 'ହର ଘର ତ୍ରିରଙ୍ଗା' ଅଭିଯାନ ଅନୁଷ୍ଠିତ ହୋଇଥିଲା ।

ଏହି ଅବସରରେ ଭଞ୍ଜନଗର ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ଗୋପବନ୍ଧୁ ମହାପାତ୍ର, ବିଡିଓ ଶ୍ରୀମତୀ ଭାରତୀ ଦେବୀ, ତହସିଲଦାର ଶ୍ରୀମତୀ ଅଭିପ୍ସା ପଟ୍ଟନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ମୁରଲୀକ୍ରିଷ୍ଣା ପଣ୍ଡା, ପୂର୍ବତନ ବନ କର୍ମଚାରୀ ଶ୍ରୀ ସୁଲପାଣି ଶତପଥୀ, ଆଇନଜୀବୀ ଶ୍ରୀ ସନ୍ତୋଷ କୁମାର ତିଆଡ଼ି, ଶ୍ରୀ ମୁରଲୀଧର ପଣ୍ଡାଙ୍କ ସମେତ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ, ସରକାରୀ କର୍ମଚାରୀ ଓ ସାଧାରଣ ନାଗରିକ ଉତ୍ସାହର ସହ ଅଭିଯାନରେ ସାମିଲ ହୋଇଥିଲେ । ତ୍ରିରଙ୍ଗା ପତାକା ଧରି ଅଂଶଗ୍ରହଣକାରୀମାନେ ବାଇକ୍ ରାଲି ମାଧ୍ୟମରେ ସହର ପରିକ୍ରମା କରିବା ସହ ଦେଶପ୍ରେମ, ଜାତୀୟ ଏକତା ଓ ନାଗରିକଙ୍କ ମଧ୍ୟରେ ଦେଶ ପ୍ରତି ଗର୍ବର ଭାବନା ଜାଗ୍ରତ କରିଥିଲେ । ଏହି ଜନସଚେତନତା ଶୋଭାଯାତ୍ରା ସ୍ଥାନୀୟ ବାଉଁଶଗୁଣ୍ଡି ଛକରୁ ଆରମ୍ଭ ହୋଇ ଭଞ୍ଜନଗର ମେନ୍ ରୋଡ୍, ବସ୍ ?ଷ୍ଟାଣ୍ଡ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭେଜିପୁଟ ମେନ୍ ରୋଡ୍ ଓ ଚକରା ବିଷୋୟୀ ଛକ ଦେଇ ସହର ପରିକ୍ରମା କରି ଶେଷରେ ପୂର୍ବ ବିଭାଗ ଡାକବଙ୍ଗଳା ଠାରେ ପହଞ୍ଚିଥିଲା ।

'ହର ଘର ତ୍ରିରଙ୍ଗା' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ କରି ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ମହାନ ଦେଶଭକ୍ତମାନଙ୍କ ପ୍ରତି ସମ୍ମାନ ଜଣାଇବା ସହ ଜାତୀୟ ଏକତା ଓ ଦେଶପ୍ରେମର ବାର୍ତ୍ତାକୁ ସମଗ୍ର ସମାଜରେ ପହଞ୍ଚାଇବାକୁ ଆହ୍ୱାନ କରାଯାଇଥିଲା ।

ଗୁଳି ମାଡ଼ରେ ଯୁବକ ଗୁରୁତର

ହିନ୍ଦୋଳ (ଅମୃତ ମିଡିଆ): ଝାରବେଡା ଗ୍ରାମରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି । ଏବଂ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଯୁବକ ଜଣଙ୍କ ବାଲିମୀ ଥାନା ଅନ୍ତର୍ଗତ ଝାରବେଡା ଗ୍ରାମର ବାଉରୀବନ୍ଧୁ ନାଏକଙ୍କ ପୁଅ ବିନୟ ନାଏକ ବୋଲି ଜଣାପଡ଼ିଛି । ସୂଚନା ମୁତାବକ ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ଝାରବେଡା ଗ୍ରାମର ବିନୟ ନାଏକଙ୍କୁ ନିଜ ଘର ପାଖ ବାରିପଛପଟେ ପୋଖରୀ ନିକଟରେ ଅଜଣା ଯୁବକ ପ୍ରାୟ ୧୦ ରାଉଣ୍ଡ ଗୁଳି ପକାଇ ଚାଲିଯାଇଥିଲେ । ଏହାକୁ ନେଇ ତାଙ୍କ ଭଉଣୀ ନମିତା ନାଏକ ସୂଚନା ଦେଇଛନ୍ତି । ତାଙ୍କ ନାମରେ ଆଗରୁ ଏକାଧିକ ଅପରାଧିକ ମାମଲା ରହିଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ପରିବାରଲୋକେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ହିନ୍ଦୋଳ ଉପଖଣ୍ଡ ମେଡିକାଲ୍ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନୁଗୁଳକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । କିଏ ଓ କାହିଁକି ଗୁଳିମାଡ଼ କରିଛି ତାହା ଜଣାପଡିନଥିବା ବାଲିମୀ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଏବଂ ତଦନ୍ତ ଜାରି ରହିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆଭଉ ସୃଷ୍ଟି ହୋଇଛି ।

ଏସ୍‌ଆଇଆର ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କିତ ସର୍ବଦଳୀୟ ବୈଠକ

ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ): ସ୍ୱତନ୍ତ୍ର ସଘନ ସଂଶୋଧନ – ୨୦୨୬ ର ସଂଶୋଧିତ କାର୍ଯ୍ୟସୂଚୀ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛତ୍ରପୁର ସ୍ଥିତ ସଦଭାବନା ସମ୍ମିଳନୀ କକ୍ଷ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ରାଜନୈତିକ ଦଳମାନଙ୍କର ଏସ ଆଇ ଆର କାର୍ଯ୍ୟକ୍ରମରେ ସହଯୋଗ ଯୋଗୁଁ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ଏସ ଆଇ ଆର

କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଆସିଛି । ଏଥିପାଇଁ ଶ୍ରୀ ପଣ୍ଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି ।

ବୈଠକରେ ଏସ ଆଇ ଆର ପ୍ରକ୍ରିୟାରେ ଦାବି ଓ ଆ

ଓସ୍ମେ ପକ୍ଷରୁ ୪୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମ୍ମିଳନୀ ୨୦୨୬

ୱଣ୍ଡର ୱାର୍ଲ୍ଡ ନିର୍ଦ୍ଦେଶିକା ରଶ୍ମିତା ପୃଷ୍ଟିଙ୍କୁ ରାଜ୍ୟପାଳ କଲେ ସମ୍ବର୍ଦ୍ଧିତ

ଭୁବନେଶ୍ୱର(ବ୍ୟୁରୋ) ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ୍ ଆଣ୍ଡ୍ ମିଡିୟମ୍ ଏଣ୍ଟରପ୍ରାଇଜେସ୍ ଭୁବନେଶ୍ୱରଠାରେ ନିଜର ୪୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମ୍ମିଳନୀ ୨୦୨୬ ପାଳନ କରିଛି । ଏହି ଅବସରରେ ସରକାରୀ ପ୍ରତିନିଧି, ଶିଳ୍ପ ନେତୃବୃନ୍ଦ, ଉଦ୍ୟୋଗୀ ଏବଂ ଏମ୍ଏସ୍ଏମ୍ଇ ଓ ଷ୍ଟାର୍ଟଅପ୍ କ୍ଷେତ୍ରର ପ୍ରମୁଖ ସଂପୃକ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇଥିଲେ। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ମୁଖ୍ୟ ଅତିଥିଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶପୂଜାରୀ ,ଶିଳ୍ପ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ରାଜ୍ୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ, ଗୃହ ଓ ସୂଚନା ଏବଂ ଲୋକ ସମ୍ପର୍କବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ, ଆଇଏଏସ ହେମନ୍ତଶର୍ମା, ଓଡ଼ିଶା ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର-ତଥା-ସଚିବ ରଶ୍ମିତା ପଣ୍ଡା, ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍‌ର ଅଧକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ, ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ଓସ୍ମେର ଅଧକ୍ଷ ଗୌରୀଶଙ୍କର ଦାଶଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଓସ୍ମେ ସ୍ମାରକୀ ୨୦୨୬ ଉନ୍ମୋଚିତ ହୋଇଥିଲା ଏବଂ ଓଡ଼ିଶାର ଏମଏସଏମଇ କ୍ଷେତ୍ରକୁ ଅବଦାନ ପାଇଁ ଉଦ୍ୟୋଗୀ ଓ ଉଦ୍ୟୋଗ ଗୁଡ଼ିକୁ ଓସ୍ମେ ପୁରସ୍କାର ୨୦୨୬ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ମାଧ୍ୟମ ଉଦ୍ୟୋଗ, ଶ୍ରେଷ୍ଠ କ୍ଷୁଦ୍ର ଉଦ୍ୟୋଗ, ଶ୍ରେଷ୍ଠ ଅତିକ୍ଷୁଦ୍ର ଉଦ୍ୟୋଗ, ଶ୍ରେଷ୍ଠ ମହିଳା ଉଦ୍ୟୋଗୀ, ଶ୍ରେଷ୍ଠ ସେବା ଉଦ୍ୟୋଗ, ଶ୍ରେଷ୍ଠ ପ୍ରତିଶ୍ରୁତିବଦ୍ଧ ଯୁବ ଉଦ୍ୟୋଗୀ ଏବଂ ଶ୍ରେଷ୍ଠ ମଦର ପ୍ଲାଣ୍ଟ ସମେତ ଅନ୍ୟାନ୍ୟ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାର ପ୍ୟାକେଜିଂ ଶିଳ୍ପରେ ଅଗ୍ରଣୀ ଅବଦାନ ପାଇଁ କଟକ ଟଙ୍ଗୀସ୍ଥିତ ସୁଭଶ୍ରୀ ପ୍ୟାକର୍ସ ପ୍ରାଇଭେଟ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ କାହ୍ନୁ ଚରଣ ନାୟକଙ୍କୁ 'ସତ୍ୟ ସ୍ୱାଇଁ ସ୍ମାରକୀ ଆଜୀବନ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଶ୍ରୀ ନାୟକ ୧୯୮୭ ମସିହାରେ ଓଡ଼ିଶାର ପ୍ରଥମ ଏକ୍ସପାଣ୍ଡେଡ୍ ପଲିଷ୍ଟାଇରିନ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିଥିଲେ ଏବଂ ରାଜ୍ୟରେ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା 'ମାନୁଫାକୁରିଂ ଇନୋଭେସନ୍ ଏବଂ ଷ୍ଟାର୍ଟଅପ୍ ପାଇଁ ଓଡ଼ିଶାର ଉଦ୍ଭାସିତ ବ୍ୟବସ୍ଥାର ଉପଯୋଗ – ଦୃଷ୍ଟିପାତ ୨୦୩୬' ଶୀର୍ଷକ ଆଲୋଚନାଚକ୍ର। ଓଡ଼ିଶାରେ ଉତ୍ପାଦନ ଭିତ୍ତିକ ଉଦ୍ଭାବନ, ଉଦ୍ୟୋଗିତା ଏବଂ ଷ୍ଟାର୍ଟଅପ୍ ବିକାଶର ସୁଯୋଗ ବିଷୟରେ ଆଲୋଚନା କରିବା ପାଇଁ ଏହି ଅଧିବେଶନରେ ବିଶେଷଜ୍ଞ ଏବଂ ଶିଳ୍ପ ନେତୃବୃନ୍ଦ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଆହୁରି ମତ ପ୍ରକାଶ କରି ରାଜ୍ୟପାଳଡକ୍ଟରହରିବାବୁକମ୍ଭମପତି କହିଥିଲେ ଯେ, ଓଡ଼ିଶାର ଏମଏସଏମଇ ପରିବେଶ ପାଇଁ ଋଣ ପ୍ରାପ୍ତିକୁ ସରଳ କରିବା ନିମନ୍ତେ ବ୍ୟାଙ୍କିଂ କ୍ଷେତ୍ର ସିବିଲସ୍କୋର ସମ୍ବନ୍ଧୀୟ ଆବଶ୍ୟକତାରେ ଥିବା ବାଧାଗୁଡ଼ିକୁ ଦୂର କରିବା ଉଚିତ। ଏହାଦ୍ୱାରା ଏମଏସଏମଇ ଗୁଡ଼ିକୁ ସହଜରେ ଋଣ ପ୍ରବାହ ସୁନିଶ୍ଚିତ ହେବା ସହ ସେମାନଙ୍କର ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓସମେ ଏମ୍ଏସ୍ଏମ୍ଇ ଗୁଡ଼ିକର ପ୍ରୋତ୍ସାହନ ଓ ସହଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରୁଛି। ଓଡ଼ିଶାର ଏମ୍ଏସ୍ଏମ୍ଇ ପରିବେଶକୁ ସୁଦୃଢ଼ କରିବା ଦିଗରେ ଏହାର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ 'ଭିଜନ୍ ଓଡ଼ିଶା ୨୦୩୬' ଅଧୀନରେ ରାଜ୍ୟର ଶିଳ୍ପଗତ ଲକ୍ଷ୍ୟ ହାସଲ କରିବାରେ ଓସମେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏଥିସହିତ ନବସୃଜନ କେବଳ ପରୀକ୍ଷାଗାର ମଧ୍ୟରେ ସୀମିତ ନରହି ପ୍ରତ୍ୟେକ କ୍ଷେତ୍ରରେ ପହଞ୍ଚିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଓସ୍ମେର ଅଧକ୍ଷ ଗୌରୀ ଶଙ୍କର ଦାଶ କହିଥିଲେ, 'ଓଡ଼ିଶାର ଏମଏସଏମଇ କ୍ଷେତ୍ରରେ ନିଯୁକ୍ତି, ନବସୃଜନ ଏବଂ ସମାବେଶୀ ଅର୍ଥନୈତିକ ପ୍ରଗତିକୁ ଆଗେଇ ନେବାର ଅପାର ସମ୍ଭାବନା ରହିଛି। ଏହି ସମ୍ମିଳନୀ ଶିଳ୍ପ ଏବଂ ସରକାରୀ ଭାଗୀଦାରମାନଙ୍କୁ ଏକାଠି କରିବା ସହ ରାଜ୍ୟର ଉଦ୍ୟୋଗୀ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ଆବଶ୍ୟକୀୟ ବାତାବରଣ କୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଛି।' ଓସ୍ମେର ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି, '୪୧ତମ ବାର୍ଷିକ ସମ୍ମିଳନୀ ଓଡ଼ିଶାର ଉଦ୍ୟୋଗୀମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ସହ ଉତ୍ପାଦନ, ଷ୍ଟାର୍ଟଅପ୍ ଏବଂ ଏମଏସଏମଇର ଭବିଷ୍ୟତ ଆଡ଼କୁ ଦୃଷ୍ଟିପାତ କରିବାର ଏକ ସୁଯୋଗ ଥିଲା। ଏହି ଆଲୋଚନା ସମଗ୍ର ଓଡ଼ିଶାର ଉଦ୍ୟୋଗଗୁଡ଼ିକ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା।'

ମହୁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ

ତୁରନ୍ତ ପଦକ୍ଷେପ ପାଇଁ ପରିଚାଳନା କମିଟିର ଦାବି

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ଅଧୀନସ୍ଥ ମହୁ ଗ୍ରାମ ପଞ୍ଚାୟତରେ ଥିବା ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନୋଟି ଶ୍ରେଣୀ ଅର୍ଥାତ୍ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀରେ ମୋଟ ଏକ ଶହ ଅଠର (୧୧୮) ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ିବା ପାଇଁ ଆଜବେଷ୍ଟ ବିଶିଷ୍ଟ ତିନୋଟି ଶ୍ରେଣୀଗୃହ ରହିଛି। ଉକ୍ତ ଆଜବେଷ୍ଟ ଗୃହ ଗୁଡ଼ିକ ବହୁ ପୁରୁଣା ହୋଇଯିବା ସହିତ ଅନେକ ସ୍ଥାନରେ ଫାଟିଯାଇଥିବା ବେଳେ କେତେକ ସ୍ଥାନରେ ବଡ଼ ବଡ କଣା ହୋଇ ଯାଇଛି। ପୂର୍ବରୁ ଏହି ଆଜବେଷ୍ଟ ଗୃହକୁ ମରାମତି କରାଯାଇ ପାଠ ପଢ଼ା ଯାଉଥିଲେ ହେଁ ବର୍ତ୍ତମାନ ଏହାକୁ ମରାମତି କରି ପାଠ ପଢ଼ାଇବା ଆଉ ସମ୍ଭବ ନୁହେଁ।ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ଦାବି କରି ଆଜି ବିଡ଼ିଓଙ୍କ ନିକଟରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହର ଆଜବେଷ୍ଟ ଗୁଡ଼ିକ ଅନେକ ସ୍ଥାନରେ ଫାଟିଯାଇଥିବାରୁ ବର୍ଷା ସମୟରେ ଶ୍ରେଣୀଗୃହରେ ବର୍ଷା ପାଣି ପଶିଯିବାରୁ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ଶ୍ରେଣୀ ଗୃହରେ ବିଭିନ୍ନ ପ୍ରକାରର ବିଷଧର ସାପ ମଧ୍ୟ ବାହାରୁଛି। ଫଳରେ ପିଲା ମାନଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି ହେଉଥିବା ବେଳେ ବର୍ଷା ପବନ ପାଠ ପଢ଼ାରେ ବାଧକ ସାଜୁଛି। ଯଦି ବର୍ଷା ସମୟରେ ଜୋରରେ ପବନ ହେଉଛି ତେବେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମନରେ ଏହା ଭୟ ଜାଗ୍ରତ କରିବା ସହ ପାଠ ପଢୁଥିବା ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି। ବର୍ତ୍ତମାନ ଏପରି ବିପଦ ସଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ା ଯାଉଥିବାରୁ ଯଦି କିଛି ଦୁର୍ଘଟଣା ଘଟି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି କ୍ଷତି ପହଞ୍ଚେ ତେବେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ପୂର୍ବରୁ

ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର କୌଣସି ସମାଧାନ କରାନଯାଇ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଜୀବନକୁ ବିପଦ ମଧ୍ୟକୁ ଠେଲି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ତେଣୁ ବିଦ୍ୟାଳୟରେ ପାଠ ପଢୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ମନୋରଞ୍ଜନ ସାହୁ, ଦୀନବନ୍ଧୁ ତ୍ରିପାଠୀ, ହୃଦାନନ୍ଦ ପରିଡ଼ା, ରତିକାନ୍ତ ପାତ୍ର, ମାନସ ରଞ୍ଜନ ଧଳ, ନିତ୍ୟାନନ୍ଦ ବିଶ୍ୱାଳ, ନବଘନ ତରାଇ, ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ, ଦିପ୍ତିରେଖା ପାତ୍ର, ଗାୟତ୍ରୀ ଦାସ, ସନ୍ଧ୍ୟାରାଣୀ ତରାଇ, ଲିଳିମା ଦାସ, ମିନତୀ ମଲ୍ଲିକ, ମାନସ ସାହୁ, ଜୟନ୍ତୀ ତରାଇ, ଶଶିକଳା ମଲ୍ଲିକ, ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।

ବରିଷ୍ଠ କଂଗ୍ରେସ ନେତାଙ୍କ ପୁତ୍ରବିୟୋଗ

ପ୍ରେସ୍‌କ୍ଲବ୍‌ରେ ପ୍ରୀତିଚ୍ଛନ୍ଦାଙ୍କ ଶ୍ରଦ୍ଧାଞ୍ଜଳି

କଟକ (ବ୍ୟୁରୋ) : କଟକ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ତଥା ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ ନିବାସୀ ରବୀନ୍ଦ୍ର ଜେନାଙ୍କ ଏକ ମାତ୍ର ପୁତ୍ର ପ୍ରମୋଦ ଜେନା ୩୫ଙ୍କର ଅକାଳ ବିୟୋଗ ଘଟିଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ପାର୍ଥିବ ଶରୀର କଟକ ବଡ଼ ମେଡିକାଲରୁ ଗାଁ ଅଭିମୁଖେ ଯାତ୍ରା କରୁଥିବା ସମୟରେ କଟକ ପ୍ରେସ କ୍ଲବ ଠାରେ ମହିଳା କଂଗ୍ରେସ ତରଫରୁ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଟକ ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରିତିଚ୍ଛନ୍ଦା କୈବଲ୍ୟ ନାୟକ ଶ୍ରଦ୍ଧାଞ୍ଜଳି ଦେବା ସହ ଉଗ୍ରସେନ ଭୂୟାଁ, ବେନୁ ମଲିକ ଉପସ୍ଥିତ ରହି ସମବେଦନା ଜଣାଇଥିଲେ।

ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ଜବତ, ୮ ଗିରଫ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ଜମୁ ସାମୁଦ୍ରିକ, କେନ୍ଦ୍ରାପଡ଼ା ସଦର ଏବଂ କେନ୍ଦ୍ରାପଡ଼ା ଟାଉନ୍ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବେଣିକନ୍ଦା ଗ୍ରାମର ନାତୁଗୋପାଳ ମଣ୍ଡଳ(୫୨)ଙ୍କ ନିକଟରୁ ୨୦ ଲିଟର ଚୋରା ବିଦେଶୀ ମଦ, ଜମୁ ଗ୍ରାମର ଅନାଥ କୁମାର ବାସୁ(୫୦)ଙ୍କ ନିକଟରୁ ୨୯ ଲିଟର ଚୋରା ଦେଶୀ ରନ୍ଧା ମଦ, ଭରିଗଡ଼ ଗ୍ରାମର କୈଳାଶ ମଲିକ(୪୮)ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ, ଅଚ୍ୟୁତପୁର ଗ୍ରାମର ଶଶଧର ମଲିକ(୬୧)ଙ୍କ ଠାରୁ ୧୬ ଲିଟର ଚୋରା ଦେଶୀ ମଦ, ଦାସଭାଗରିଆ ଗ୍ରାମର ଅମୂଲ୍ୟ ମାହାଳ(୫୧)ଙ୍କ ନିକଟରୁ ୨୫ ଲିଟର ଚୋରା ବିଦେଶୀ ମଦ, ବଡ଼ହାଟ ଗ୍ରାମର ମନୋଜ କୁମାର ମଲିକ(୩୫)ଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ମଦ ଏବଂ ହରେକୃଷ୍ଣ ବେହେରା(୩୬)ଙ୍କ ନିକଟରୁ ୧୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇଛି। ସେହିପରି ପାଟକିପଙ୍କ ଗ୍ରାମର ଅମର ସାମଲ(୩୦)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ସମୁଦାୟ ୧୮୦ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ ଜବତ କରାଯାଇଥିବାବେଳେ ୮ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ତ୍ରିବେଣୀ ମହନ୍ତ, ଋତୁପ୍ରଭା ସ୍ୱାଇଁ ଓ ରଞ୍ଜନ କୁମାର ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

ଦାରିଙ୍ଗବାଡି କୋର୍ଟରେ ସାକ୍ଷୀ ପାଇଁ ଯାଇଥିବା ଓକିଲଙ୍କ ମୃତ୍ୟୁ

ଅକାଳ ବିୟୋଗ ଯୋଗୁଁ ଓକିଲ ସଂଘ ପକ୍ଷରୁ ଶୋକସଭା

ଫୁଲବାଣୀ (ଅମୃତ ମିଡିଆ) : ଫୁଲବାଣୀରୁ କୋର୍ଟ ସାକ୍ଷୀ ଏକଜାମିନ କରିବାକୁ ଦାରିଙ୍ଗବାଡି ଜେଏମଏଫସି କୋର୍ଟକୁ ଯାଇଥିବା ଓକିଲ ପ୍ରୀତିରଞ୍ଜନ ପାତ୍ରଙ୍କର ମୃତ୍ୟୁ ଘଟିଛି। କୋର୍ଟରେ ସାକ୍ଷୀ କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓକିଲ ପ୍ରୀତି ପ୍ରୀତିରଞ୍ଜନ। ସେ କୋର୍ଟ ବାହାର କୁ ଆସିଥିଲେ। ସହଯୋଗୀ ଓକିଲ ଦିପକ ରଥଙ୍କୁ ଯନ୍ତ୍ରଣା ହେଉଛି ବୋଲି କହିଥିଲେ। ସଙ୍ଗେ ସଙ୍ଗେ ପ୍ରୀତି ରଞ୍ଜନଙ୍କୁ ଦାରିଙ୍ଗିବାଡି ଡାକ୍ତରଖାନା ନିଆ ଯାଇଥିଲା। ଦାରିଙ୍ଗିବାଡି ଡାକ୍ତର ଖାନ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋର୍ଟ ର କର୍ମଚାରି ମାନେ ମଧ୍ୟ ଡାକ୍ତର ଖାନାକୁ ଯାଇଥିଲେ। ପ୍ରୀତି ରଞ୍ଜନ ପାତ୍ର ଦୀର୍ଘ ଦିନ ଧରି ଫୁଲବାଣୀରେ ଓକିଲାତି କରୁଥିଲେ। ସେ

ଫୁଲବାଣୀ ଓକିଲ ସଂଘର ଏକ ବରିଷ୍ଠ ସଦସ୍ୟ ଥିଲେ। ପ୍ରୀତି ମେଳାପୀ ଓ ବନ୍ଧୁ ବତ୍ସଳ ଥିଲେ। ତାଙ୍କ ପିତା ସ୍ୱର୍ଗତ ପୂର୍ଣଚନ୍ଦ୍ର ପାତ୍ର ଫୁଲବାଣୀ ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଥିଲେ। ଅବସର ପରେ ସେ ମଧ୍ୟ ଓକିଲାତି କରୁଥିଲେ। ଫୁଲବାଣୀରେ ପ୍ରୀତିଙ୍କ ପରିବାର ଅଛନ୍ତି। ତାଙ୍କର ଅକାଳ ବିୟୋଗରେ ଫୁଲବାଣୀ ବାର ଆସୋସିଏସନ, ଦାରିଙ୍ଗବାଡି ଓ ବାଲିଗୁଡା ଓକିଲ ସଂଘରେ ଶୋକର ଛାୟା ଖେଳିଯାଇଛି। ଫୁଲବାଣୀ ବାର ଆସୋସିଏସନ ର ସଭାପତି ଶ୍ରୀ ଭଗବାନ ମହାନ୍ତି ଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଙ୍ଘ ଏକ ସଦସ୍ୟଙ୍କୁ ହରେଇଲା ଓ ପ୍ରୀତୀ ରଞ୍ଜନ ପାତ୍ର ଏକ କର୍ତବ୍ୟରତ ଓକିଲ ଭାବେ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ସେ ଜଣେ ମେଳାପା ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ପ୍ରୀତଙ୍କର ଅକାଳ ବିୟୋଗରେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ବିଜୟ କୃଷ୍ଣ ପଟ୍ଟନାୟକ, ସୌମେନ୍ଦ୍ର ସାହୁ, ଅଜିତ କୁମାର ପଟ୍ଟନାୟକ, ତୁଷାରକାନ୍ତ ନାୟକ, ନନ୍ଦିତା ମିଶ୍ର,ବୀଣାପାଣି ପ୍ରଧାନ, ନମିତା ସାହୁ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଚନ୍ଦ୍ର ଶେଖର ପରିଡା, ଜିଲ୍ଲା ପ୍ରେସ କ୍ଲବ ସଭାପତି ସୁନୀଲ କୁମାର ପଟ୍ଟନାୟକ, ମିଡ଼ିଆ ଫୋରମର ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ଭଏସ ଅଫ ମିଡ଼ିଆ ର ସଭାପତି ଶିବାନନ୍ଦ ପଟ୍ଟନାୟକ, ଭଏସ ଅଫ ମିଡିଆ ର କାର୍ଯ୍ୟ କାରିଣୀ ସଦସ୍ୟ ସନ୍ତୋଷ କୁମାର ତିଗଲ, ରଂଜିତ କୁମାର ତିଗଲ, ଦାରୁଣ ବେହେରା, ବୈଦ୍ୟନାଥ ନାୟକ, ପ୍ରେସ କ୍ଲବ ସମ୍ପାଦକ ତ୍ରିନାଥ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ଫୋକସରେ...

ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଗୋଟିଏ ପ୍ରସ୍ତାବ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡିଶାର ସ୍ଥିତିକୁ ଆହୁରି ସୁଦୃଢ କରିବା ଦିଗରେ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଓଡିଶା ସେମିକଣ୍ଡକ୍ଟର ମାନୁଫାକୁରିଂ ଏବଂ ଫାବଲେସ ପଲିସିର ତୃତୀୟ ସଂଶୋଧନକୁ ଅନୁମୋଦନ କରାଯାଇଛି। ଏହା ଅଧୀନରେ ସେମିକଣ୍ଡକ୍ଟର ଉପକରଣ ନିର୍ମାଣ ଓ ଗବେଷଣା ଏବଂ ବିକାଶ, ସେମିକଣ୍ଡକ୍ଟର-ଗ୍ରେସ ଗ୍ରେଡ ରାସାୟନିକ ପଦାର୍ଥ, ଉନ୍ନତ ସାମଗ୍ରୀ ଉତ୍ପାଦନ, ସେମିକଣ୍ଡକ୍ଟର ସପ୍ଲାଇ ଚେନର ବିଭିନ୍ନ ଉପାଦନ। ଏବଂ ଉନ୍ନତ ପ୍ରଯୁକ୍ତି କ୍ଷେତ୍ରରେ ଗବେଷଣା ଓ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ନୂତନ ବ୍ୟବସ୍ଥା କରାଯାଇଛି। ଇଣ୍ଡିଆ ସେମିକଣ୍ଡକ୍ଟର ମିସନ ଅଧୀନରେ ମଞ୍ଜୁର ହୋଇଥିବା ପ୍ରକଳ୍ପର ପୁଞ୍ଜି ବ୍ୟୟ ଉପରେ ରାଜ୍ୟ ସରକାର ୨୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବେ। ପ୍ରକଳ୍ପ

ଭାରତ ବିପକ୍ଷ ଟେଷ୍ଟ ପାଇଁ ଖେଳାଳିଙ୍କ ନାଁ ଘୋଷଣା କଲା ଶ୍ରୀଲଙ୍କା

ନୂଆଦିଲ୍ଲୀ : ଶନିବାର ଠାରୁ ଶ୍ରୀଲଙ୍କାର ଗାଲ୍‌ରେ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ୧୬ ଜଣିଆ ସ୍କ୍ୱାଡ ଘୋଷଣା କରିଛି ଘରୋଇ ଟିମ। ଭାରତ ବିପକ୍ଷରେ ଶ୍ରୀଲଙ୍କା ଟିମର କମାଣ ସମ୍ଭାଳିବେ ଧନଞ୍ଜୟ ଡିସିଲଭା। ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତ କରାଯାଇଛି। ଦଳର ଦୁଇ ବରିଷ୍ଠ ବ୍ୟାଟର କୁଶଲ ମେଣ୍ଡିସ ଓ ପଥୁମ ନିଶାଙ୍କା ଆହତ କାରଣରୁ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରୁ ବାଦ ପଡ଼ିଛନ୍ତି। ଦୁଇ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଘରୋଇ ଟିମ ଭାରତୀୟ ଦଳ ସହ ଲଢ଼େଇ କରିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପାଇଁ ଏହି ସିରିଜ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଆହତ ସମସ୍ୟାରୁ ମେଣ୍ଡିସ ଦଳରେ ନଥିବାରୁ ୩୩ ବର୍ଷୀୟ କୁମାରା ମଧ୍ୟ ରହିଛନ୍ତି। ମଧୁଶଙ୍କା ୨୦୨୩ରେ ଶ୍ରୀଲଙ୍କା ପାଇଁ ଏକମାତ୍ର ଟେଷ୍ଟ ପାକିସ୍ତାନ ବିପକ୍ଷରେ ଖେଳିଥିଲେ। ଏବେ ସେ ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ କରୁଥିବାରୁ ତାଙ୍କୁ ପୁଣି ଜାତୀୟ ଦଳକୁ ଅଣାଯାଇଛି। ଏମାନଙ୍କ ବ୍ୟତୀତ ଦଳରେ ଲାହିରୁ ଉଦାରା, ନିଶାନ ମଦୁଶଙ୍କା, ଦୀନେଶ ଚାଣ୍ଡିମାଲ, ପାସିନ୍ଦୁ ସୂର୍ଯ୍ୟବନ୍ଦାରା ଓ ସୋନାଲ ଦିନୁଶାଙ୍କ ଭଳି ବ୍ୟାଟର ମଧ୍ୟ ରହିଛନ୍ତି। ଦୁଇ ଦଳ ମଧ୍ୟରେ ଅଗଷ୍ଟ ୧୫ରୁ ୧୯ ଯାଏ ପ୍ରଥମ ଟେଷ୍ଟ ଗାଲ୍ ଓ ୨୩ରୁ କଲୟୋରେ ଦ୍ୱିତୀୟ ଟେଷ୍ଟ ଅନୁଷ୍ଠିତ ହେବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ଶ୍ରୀଲଙ୍କା ୪୧.୬୬ ପିଟିସି ସହ ରହିଛି। ସେହିପରି ଭାରତ ୪୮.୧୫ ପିଟିସି ସହ ୫ମ ସ୍ଥାନରେ ଅଛି। ତେଣୁ ଏହି ସିରିଜ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଶ୍ରୀଲଙ୍କା ସ୍କ୍ୱାଡ: ଧନଞ୍ଜୟ ଡିସିଲଭା(ଅଧିନାୟକ), କାମିନ୍ଦୁ ମେଣ୍ଡିସ(ଉପ ଅଧିନାୟକ), ଲାହିରୁ ଉଦାରା, ନିଶାନ ମଦୁଶଙ୍କା, ଦୀନେଶ ଚାଣ୍ଡିମାଲ, ପାସିନ୍ଦୁ ସୂର୍ଯ୍ୟବନ୍ଦାରା, ସୋନାଲ ଦିନୁଶା, ନିରୋଶାନ ଡିକୱେଲା(ଉିକେଟ କିପର), ରମେଶ ମେଣ୍ଡିସ, ପ୍ରଭାତ ଜୟସୁରିୟା, କେଶରା ନ୍ୟୁଙ୍ଗାନ୍ଥା, ମିଲନ ରତନାୟେକ, ଅସିତ ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଦିଲଶାନ ମଦୁଶଙ୍କା।

ଭାରତରେ ଟିମ୍ ଇଣ୍ଡିଆ ପାଇଁ ଟି-୨୦ ସିରିଜ ଆୟୋଜନ କରିବ ଆଫଗାନିସ୍ତାନ

ନୂଆଦିଲ୍ଲୀ : ପ୍ରଥମଥର ପାଇଁ ଭାରତ ଇତିହାସରେ ବଡ଼ ଘଟଣା ଘଟିବାକୁ ଯାଉଛି। ଆସନ୍ତା ସେପ୍ଟେମ୍ବର ମାସରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ବା ଏସିବି ପକ୍ଷରୁ ଟିମ ଇଣ୍ଡିଆ ପାଇଁ ପ୍ରଥମ ଥର ଟି-୨୦ ସିରିଜର ଆୟୋଜନ କରାଯିବ। ଏସିବି ଏହି ସିରିଜର ହୋଷ୍ଟ ସାଜି ଭାରତରେ ହିଁ ଟିମ ଇଣ୍ଡିଆ ପାଇଁ ମ୍ୟାଚର ବ୍ୟବସ୍ଥା କରିବ। ଆଜି ଏସିବିକୁ ୩ ଟିକିଆ ଟି-୨୦ ସିରିଜ ପାଇଁ ବିସିସିଆଇ ପକ୍ଷରୁ ଅନୁମତି ମିଳିଛି। ଜୁନ ମାସରେ ଭାରତ ବିପକ୍ଷ ଏକମାତ୍ର ଟେଷ୍ଟ ଓ ୩ଟିକିଆ ଦିନିକିଆ ସିରିଜ ଖେଳିବାକୁ ଆଫଗାନିସ୍ତାନ ଏଠାକୁ ଆସିଥିଲା। ଏବେ ଦଳ ଶ୍ରେୟସ ଆୟରଙ୍କ ଟିମ ଇଣ୍ଡିଆ ବିପକ୍ଷରେ ଟି-୨୦ ସିରିଜ ଖେଳିବାକୁ ପୁଣି ନୂଆଦିଲ୍ଲୀ ଆସିବ। ଏସିଆନ ଗେମ୍ସର ଠିକ କିଛି ଦିନ ପୂର୍ବରୁ ହିଁ ଏହି ଟି-୨୦ ସିରିଜ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୧୩ରୁ ୧୬ ଯାଏ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। କିନ୍ତୁ ଏହାର ହୋଷ୍ଟ ଦାୟିତ୍ୱରେ ବିସିସିଆଇ ନୁହେଁ, ବରଂ ଏସିବି ରହିବ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, "ବିସିସିଆଇ

ଭାରତରେ ଟି-୨୦ ସିରିଜ ଆୟୋଜନ କରିବାକୁ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡକୁ ସହଯୋଗ କରି ବେଶ ଆନନ୍ଦିତ। ଭାରତ-ଆଫଗାନିସ୍ତାନ କ୍ରିକେଟ୍ ପ୍ରତିଦ୍ୱନ୍ଦ୍ୱିତା ବର୍ଷ ବର୍ଷ ଧରି ଅନେକ ରୋମାଞ୍ଚକର ମ୍ୟାଚ୍ ଫ୍ୟାନ୍‌ଙ୍କୁ ଭେଟି ଦେଇଛି। ଉଭୟ ଦଳରେ ଅନେକ ଦକ୍ଷ କ୍ରିକେଟର ରହିଛନ୍ତି। ଆଫଗାନିସ୍ତାନର ଖେଳାଳିମାନେ ମଧ୍ୟ ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ଏହା ଦୁଇ ଦେଶର କ୍ରିକେଟ୍ ବୋର୍ଡ ଓ ଖେଳାଳିମାନଙ୍କ ମଧ୍ୟରେ ଥିବା ଦୃଢ଼ ସମ୍ପର୍କର ପ୍ରତିଫଳନ। ୨୦୧୮ ମସିହାରେ ଆଫଗାନିସ୍ତାନ ଭାରତ ବିପକ୍ଷରେ ନିଜର ଐତିହାସିକ ପ୍ରଥମ ଟେଷ୍ଟ ଖେଳିଥିଲା। ଭାରତ ଏହି ମ୍ୟାଚ୍ ଆୟୋଜନ କରିବା ଦୁଇ ଦେଶର କ୍ରିକେଟ୍ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ୍ ଥିଲା। ସେହି ସମୟରୁ ଉଭୟ ଦଳ ମଧ୍ୟରେ ନିୟମିତ ଦ୍ୱିପାକ୍ଷିକ ଶୃଙ୍ଖଳା ଜାରି ରହିଛି। ବର୍ଷ ବର୍ଷ ଧରି ଆଫଗାନିସ୍ତାନ ଭାରତକୁ ନିଜର ଦ୍ୱିତୀୟ ଘରୋଇ ଭେନ୍ୟୁ ଭାବେ ବ୍ୟବହାର କରିଆସୁଛି। ୨୦୧୮ରେ ଭାରତରେ ନିଜର ପ୍ରଥମ ଟେଷ୍ଟ ଖେଳିବା ପରଠାରୁ ଆଫଗାନିସ୍ତାନ ଅନେକ ମ୍ୟାଚ୍ ଭାରତରେ ଆୟୋଜନ କରିଛି। ଜୁନ୍ ମାସରେ ଭାରତ ପାଇଁ ଆୟୋଜିତ ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ସ୍ୱାଗତ କରିଥିଲା। ଏହି ମ୍ୟାଚକୁ ଭାରତ ମାତ୍ର ତିନି ଦିନ ମଧ୍ୟରେ ଏକ ଗୋଟିଏ ଇନିଂସ୍ ଜିତି ସର୍ବବୃହତ ଟେଷ୍ଟ ବିଜୟ ହାସଲ କରିଥିଲା। ଏହାପରେ ଉଭୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ମୁହାଁମୁହିଁ ହୋଇଥିଲେ। ଏହା ଦୁଇ ଦଳ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ଦନିକିଆ ସିରିଜ୍ ଥିଲା ଓ ଭାରତ ୩-୦ରେ ଏହାକୁ ଜିତି ନେଇଥିଲା। ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡର ମୁଖ୍ୟ ମିରୱାଇସ୍ ଅଶର୍ଫ କହିଛନ୍ତି, "ଗତ କିଛି ବର୍ଷ ଧରି ଆମେ ଭାରତ ଓ ୟୁଏଇରେ ଆମର ଘରୋଇ ମ୍ୟାଚ୍ ଆୟୋଜନ କରିଛୁ। ଏହି ସିରିଜ୍‌ର ଗୁରୁତ୍ୱକୁ ଦେଖି ଭାରତ ଏହାର ଆୟୋଜନ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଆମର ବିଶ୍ୱାସ। ଏହି ସିରିଜ୍ ବାଣିଜ୍ୟିକ, ବୈଷୟିକ ଓ କ୍ରିକେଟ୍ ସମ୍ବନ୍ଧୀୟ କ୍ଷେତ୍ରରେ ଅନେକ ମୂଲ୍ୟବାନ ସୁଯୋଗ ସୃଷ୍ଟି କରିବ। ଏହା ଆମର ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଆମେ ଏକ ସଫଳ ସିରିଜ୍ ପାଇଁ ଅପେକ୍ଷା କରୁଛୁ। ବିସିସିଆଇ ସହ ଆମର ସହଭାଗିତାକୁ ଆହୁରି ମଜବୁତ କରିବାକୁ ଆଶାବାଦୀ ରହିଛୁ।

ବିବାହ କଲେ କ୍ରିଷ୍ଟିଆନୋ ରୋନାଲ୍‌ଡୋ-ଜର୍ଜିନା

ନୂଆଦିଲ୍ଲୀ : ଫୁଟବଲ୍ ମହାନାୟକ କ୍ରିଷ୍ଟିଆନୋ ରୋନାଲଡୋ ତାଙ୍କର ଦୀର୍ଘ ଦିନର ସାଥୀ, ମଡେଲ୍ ଜର୍ଜିନା ରୋଡ୍ରିଗେଜଙ୍କୁ ବିବାହ କରିଛନ୍ତି। ଏକ ଘରୋଇ ଉତ୍ସବରେ ସେମାନଙ୍କର ବିବାହ ସମ୍ପନ୍ନ ହୋଇଛି । ୨୦୧୬ ମସିହାରେ ମାଡ୍ରିଦ୍ ର ଏକ ଗୁଚି ଶୋ'ରୁମ୍ ରେ ଦେଖାହେବା ପରେ ଦୁହେଁ ପ୍ରାୟ ୧୦ ବର୍ଷ ହେବ ଏକାଠି ରହୁଥିଲେ । ଏବେ ସେମାନେ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ମିଳିତ ପୋଷ୍ଟ ଜରିଆରେ ବିବାହ ଖବରକୁ ସ୍ପଷ୍ଟ କରିଛନ୍ତି । ସେମାନେ ପରସ୍ପରର ହାତ ଧରିଥିବା ଏବଂ ସେଥିରେ ସୁନାର ମୁଦି ପିନ୍ଧିଥିବାର ଏକ ଫଟୋ ସେୟାର କରିଛନ୍ତି। ପର୍ତ୍ତୁଗାଲର ଲିସବନ ସହରଠାରୁ ପ୍ରାୟ ୧୦ ମାଇଲ୍ ଦୂରରେ ଥିବା କାସକାଇସ୍ ନାମକ ସୁନ୍ଦର ଉପକୂଳ ସହରରେ ଏହି ବିବାହ ହୋଇଛି। ବଡ଼ ବଡ଼ ସେଲିବ୍ରିଟି ବିବାହ ଭଳି ଭିଡ଼ ନକରି ସେମାନେ

ଏହାକୁ ଖୁବ୍ ସୀମିତ ରଖିଥିଲେ। ଉତ୍ସବରେ ସେମାନଙ୍କର ୫ ଜଣ ସନ୍ତାନ ସାମିଲ ହୋଇଥିଲେ। ଠିକ୍ ବର୍ଷେ ତଳେ ୧୧ ଅଗଷ୍ଟ ୨୦୨୫ରେ ଜର୍ଜିନା ନିଜର ନିର୍ବନ୍ଧ ବିଷୟରେ ଜଣାଇଥିଲେ। ରୋନାଲଡୋ ତାଙ୍କର ଷଷ୍ଠ ଫିଫା ବିଶ୍ୱକପ୍ ଶେଷ କରିବା ପରେ ଏବଂ ତାଙ୍କ କ୍ଲବ୍ 'ଅଲ୍ ନାସର'ର ନୂଆ ସିଜନ୍ ଆରମ୍ଭ ହେବାର ମାତ୍ର ୪ ଦିନ ପୂର୍ବରୁ ଏହି ବିବାହ କରିଛନ୍ତି।

୧୫ ବର୍ଷୀୟା ନାବାଳିକାଙ୍କୁ ଯୌନଶୋଷଣ

ଜେଲ୍ ଗଲେ କ୍ରିକେଟର୍ ଆରନ୍ ସମର୍ସ

କାନବେରା : ଅଷ୍ଟ୍ରେଲିଆ କ୍ରିକେଟର ଆରନ୍ ସମର୍ସ ୧୫ ବର୍ଷର ଜଣେ ନାବାଳିକା ସହ ଯୌନ ଶୋଷଣ କରିଥିବା ଅଭିଯୋଗରେ ୧୦ ମାସର ଜେଲ୍ ଦଣ୍ଡ ଘୋଷଣା କରାଯାଇଛି । ୩୦ ବର୍ଷୀୟ ସମର୍ସ ପ୍ରାରମ୍ଭରେ କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିଥିଲେ। କିନ୍ତୁ ଜୁନ୍ ମାସରେ ସେ ତାସମାନିଆ ସୁପ୍ରିମକୋର୍ଟରେ ଜଣେ ନାବାଳିକା ସହ ଦୁଇଥର ଯୌନ ଶୋଷଣ କରିଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ । ବୁଧବାର ଦିନ କୋର୍ଟ ଆରନ୍ ସମର୍ସଙ୍କୁ ଅଢ଼େଇ ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି । ଏହି କ୍ରିକେଟର ଜଣକ ଏପ୍ରିଲ୍ ୨୦୨୮ରେ ଜେଲରୁ ମୁକ୍ତ ହେବେ । ଜଷ୍ଟିସ୍ ହେଲେନ୍ ବୁଡ୍ କୋର୍ଟକୁ ଜଣାଇଛନ୍ତି ଯେ, ସମର୍ସ ପୀଡ଼ିତା ଯୁବତୀଙ୍କୁ ୨୦୧୭ ମସିହାରେ ହୋବାର୍ଟ ହରିକେନ୍ସର ଏକ କ୍ରିକେଟ୍ ମ୍ୟାଚ୍ ସମୟରେ ଭେଟିଥିଲେ । ସୋସିଆଲ ମିଡିଆ ମାଧ୍ୟମରେ ବର୍ତ୍ତିଥିଲା ସମ୍ପର୍କ୨୦୧୭ ମସିହାରେ କିଛି ଦିନ ପରେ ସେହି ୧୫ ବର୍ଷର ନାବାଳିକା ଜଣକ ଆଉ ଏକ ମ୍ୟାଚ୍ ଦେଖିବାକୁ ଯାଇଥିଲେ । ଯେଉଁଠି ସମର୍ସଙ୍କ ସହ ତାଙ୍କର କଥାବାର୍ତ୍ତା ଆରମ୍ଭ ହୋଇଥିଲା। ସେହି ସମୟରେ କ୍ରିକେଟରଙ୍କ ବୟସ ୨୧ ବର୍ଷ ଥିଲା। ସୋସିଆଲ ମିଡିଆ ଆପ୍ ଜରିଆରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା ଏବଂ ପରେ କ୍ରିକେଟର ଜଣକ ଏକ ଯୋଜନା କରି ତାଙ୍କୁ ବାହାରକୁ ଡାକିଥିଲେ। କୋର୍ଟରେ କୁହାଯାଇଛି ଯେ, ସମର୍ସ ତାଙ୍କୁ ଏକ ସ୍କୁଲକୁ ନେଇଯାଇଥିଲେ, ଯେଉଁଠାରେ ସେ ଦୁଇଥର ତାଙ୍କର ଯୌନ ଶୋଷଣ କରିଥିଲେ । ଜଷ୍ଟିସ୍ ବୁଡ୍ କୋର୍ଟକୁ କହିଛନ୍ତି ଯେ, କ୍ରିକେଟର ଜଣକ ଜାଣିଥିଲେ ଯେ ଝିଅଟିର ବୟସ ୧୭ ବର୍ଷରୁ କମ୍ ଏବଂ ସେ ସେତେବେଳେ ସ୍କୁଲରେ ପଢୁଛନ୍ତି, କିନ୍ତୁ ସେ କେବେବି ତାଙ୍କ ବୟସ ପଚାରି ନଥିଲେ।

ଭାରତୀୟ ଟେବୁଲ ଟେନିସ ମହାସଂଘକୁ ଝଟକା

ପ୍ରଶାସନିକ ଅବ୍ୟବସ୍ଥା ପାଇଁ ମାନ୍ୟତା ରଦ୍ଦ

ନୂଆଦିଲ୍ଲୀ : ଭାରତୀୟ ଟେବୁଲ ଟେନିସ ମହାସଂଘକୁ ବଡ଼ ଝଟକା ଲାଗିଛି । ପ୍ରଶାସନିକ ଅବ୍ୟବସ୍ଥାକୁ ଦର୍ଶାଇ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ମହାସଂଘର ମାନ୍ୟତା ରଦ୍ଦ କରିଛି । ମହାସଂଘ ପକ୍ଷରୁ ବାରମ୍ବାର ପ୍ରଶାସନିକ ବିଫଳତା ଓ ଅବ୍ୟବସ୍ଥାର ଅଭିଯୋଗ ସାମ୍ନାକୁ ଆସୁଥିଲା । ଏହା ସହିତ ଖେଳାଳିମାନଙ୍କ ସମ୍ପର୍କିତ ବିଷୟରେ ସ୍ୱଚ୍ଛତାର ଅଭାବ ମଧ୍ୟ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା । ପ୍ରଶାସନିକ ତ୍ରୁଟି, ବ୍ୟବସ୍ଥାପନରେ ବିଫଳତା ଏବଂ ଖେଳାଳିଙ୍କ ସ୍ୱାର୍ଥ ସମ୍ପର୍କିତ ସ୍ୱଚ୍ଛତାକୁ ନେଇ ଉଠିଥିବା ପ୍ରଶ୍ନକୁ ଦୃଷ୍ଟିରେ ରଖି କ୍ରୀଡ଼ା ମନ୍ତ୍ରଣାଳୟ ଏହି କଠୋର ପଦକ୍ଷେପ ନେଇଛି । ମହାସଂଘର ମାନ୍ୟତା ରଦ୍ଦ ହେବା ପରେ ଭାରତୀୟ ଟେବୁଲ ଟେନିସର ପ୍ରଶାସନିକ ବ୍ୟବସ୍ଥା ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । ଆଗକୁ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କଣ ପଦକ୍ଷେପ ନିଆଯିବ, ତାହା ଉପରେ ନଜର ରହିଛି ।

୧୫ରୁ ପୁରୁଷ ହକି ବିଶ୍ୱକପ୍

୧୬ ବର୍ଷ ପରେ ୧୯ରେ ଲଢ଼ିବେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ ; ଆସନ୍ତା ୧୫ ତାରିଖରୁ ବେଲଜିୟମ ଓ ନେଦରଲାଣ୍ଡସରେ ଆରମ୍ଭ ହେବାକୁ ଯାଉଛି ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ । ଭାରତ ପୁଲ ଡି'ରେ ସାମିଲ ରହିଛି । ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୱେଲ୍ସ ଓ ଇଂଲଣ୍ଡ ମଧ୍ୟ ଏହି ପୁଲରେ ସ୍ଥାନ ପାଇଛନ୍ତି । ଦୀର୍ଘ ୧୬ ବର୍ଷ ପରେ ଭାରତ ଓ ପାକିସ୍ତାନ ବିଶ୍ୱକପ୍‌ରେ ମୁହାଁମୁହିଁ ହେବେ । ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଆସନ୍ତା ୧୯ ତାରିଖରେ ଆମଷ୍ଟେଲଭିନରେ ଖେଳାଯିବ । ଶେଷ ଥର ଭାରତ ଓ ପାକିସ୍ତାନ ୨୦୧୦ ବିଶ୍ୱକପ୍‌ରେ ପୁଲରେ ମୁହାଁମୁହିଁ ହୋଇଥିଲେ । ଏହି ବିଶ୍ୱକପ୍ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା । ପୁଣି ଦେଢ଼ ଦଶନ୍ଧି ପରେ ଦୁଇ ଦଳ ସାମ୍ନା ସାମ୍ନି ହେବାକୁ ଯାଉଛନ୍ତି । ଯାହାକୁ ବିଶ୍ୱକପ୍ ସବୁ ବଡ଼ ମ୍ୟାଚ କୁହାଯାଉଛି । ପୁଲରେ ଭାରତ ପ୍ରଥମ ମ୍ୟାଚ ୱେଲ୍ସ ବିପକ୍ଷରେ ଆସନ୍ତା ୧୫ ତାରିଖରେ ଖେଳିବ । ଏହାପରେ ୧୭ ତାରିଖରେ ଇଂଲଣ୍ଡ ଏବଂ ୧୯ରେ ପାକିସ୍ତାନକୁ ଭେଟିବାର ସୂଚୀ ରହିଛନ୍ତି । ଗ୍ରୁପ୍ ଶ୍ରେଷ୍ଠ ୨ ଦଳ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବେ । ୨୦୧୦ରେ ଜିତିଥିଲା ଭାରତ ୨୦୧୦ ବିଶ୍ୱକପ୍‌ରେ ଭାରତ ୪-୧ ଗୋଲରେ ପାକିସ୍ତାନକୁ ପରାଜିତ କରିଥିଲା । ଉଭୟ ଦଳ ବିଶ୍ୱକପ୍‌ରେ ମୋଟ୍ ୫ ଥର ସାମ୍ନା ସାମ୍ନି ହୋଇଛନ୍ତି । ଭାରତ ୩ ଥର ଓ ପାକିସ୍ତାନ ୨ ଥର ବିଜୟୀ ହୋଇଛି । ୧୯୭୧ ବିଶ୍ୱକପ୍‌ରେ ପାକିସ୍ତାନ ୨-୧ ଗୋଲରେ ଭାରତକୁ ପରାଜିତ କରିଥିଲା । ୧୯୭୧ରେ ଭାରତ ୧-୦ ଗୋଲରେ ବିଜୟୀ ହୋଇଥିଲା । ୧୯୭୫ ବିଶ୍ୱକପ୍‌ରେ ବିଶ୍ୱ ଚାମ୍ପିଅନ ହୋଇଛି । କିନ୍ତୁ ଭାରତ ଥରୁଟିଏ ଜିତିଛି । କ୍ରମାନ୍ୱୟରେ ପୂର୍ବ ୨ଟି ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା । କିନ୍ତୁ ଭାରତ ଘରୋଇ ପରିବେଶରେ ସେମିତି ଉନ୍ନତ ପ୍ରଦର୍ଶନ କରିପାରି ନଥିଲା । ୪୧ ବର୍ଷ ପରେ ଅଲିମ୍ପିକ୍ସ ପଦକ ୧୯୮୦ ମସିହା ପରେ ଭାରତୀୟ ହକି ଏକ ପ୍ରକାର ଧରାସାୟୀ ହୋଇ ପଡ଼ିଥିଲା । ୨୦୧୨ ପରବର୍ତ୍ତୀ ସମୟରେ ଭାରତୀୟ ହକିରେ ପୁନର୍ଜାଗରଣ ହୋଇଥିଲା । ଦୀର୍ଘ ଏକ ଦଶନ୍ଧିରୁ ଊଦ୍ଧ୍ୱର୍ ସମୟର କଠିନ ପରିଶ୍ରମ ପରେ ଶେଷରେ ଭାରତ ଅଲିମ୍ପିକ୍ସ ପଦକ ଜିତିବାରେ ସଫଳ ହୋଇଥିଲା । ୨୦୨୦ ଅଲିମ୍ପିକ୍ସରେ (୨୦୨୧ରେ ଆୟୋଜିତ) ଭାରତ ୪୧ ବର୍ଷ ପରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲା । ପୁଣି ଦଳ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଦୋହରାଇଥିଲା । କିନ୍ତୁ ପାକିସ୍ତାନ ହକି ଏକ ପ୍ରକାର ଧରାସାୟୀ ହୋଇ ପଡ଼ିଛି । ଦଳ ୧୯୯୪ ପରେ ଆଉ ସେମିତି ଚମକପୂର୍ଣ୍ଣ ପ୍ରଦର୍ଶନ ବିଶ୍ୱକପ୍‌ରେ କରିପାରି ନାହିଁ । ୧୬ ଦଳ, ୪ ପୁଲ ପୂର୍ବ ସଂସ୍କରଣ ଭଳି ଏଥର ମଧ୍ୟ ୧୬ଟି ଦଳ ଭାଗ ନେଇଛନ୍ତି । ସେମାନଙ୍କୁ ୪ଟି ପୁଲରେ ଭାଗ କରାଯାଇଛି । ପୁଲ ଏ'ରେ ନେଦରଲାଣ୍ଡସ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଜାପାନ ପୁଲ ବି'ରେ ବେଲଜିୟମ, ଜର୍ମାନୀ, ଫ୍ରାନ୍ସ ଓ ମାଲେସିଆ ପୁଲ ସି'ରେ ଅଷ୍ଟ୍ରେଲିଆ, ସ୍ପେନ, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଏବଂ ପୁଲ ଡି'ରେ ଭାରତ, ପାକିସ୍ତାନ, ୱେଲ୍ସ ଓ ଇଂଲଣ୍ଡ । ବିଶ୍ୱକପ୍‌ରେ ୨୪ ତାରିଖ ପର୍ଯ୍ୟନ୍ତ ପୁଲ ପର୍ଯ୍ୟାୟ ଚାଲିବ । ଏହାପରେ ପୋଜିସନ ମ୍ୟାଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୮ ତାରିଖରେ ଉଭୟ ସେମି ଫାଇନାଲ ଏବଂ ୩୦ ତାରିଖରେ ଫାଇନାଲ ଖେଳାଯିବ । ଭାରତୀୟ ଦଳ: ଗୋଲକିପର-ସୁରଜ କେର୍କେରା, ମୋହିତ । ଡିଫେଣ୍ଡର-ଜର୍ମନପ୍ରୀତ ସିଂ, ହର୍ମନପ୍ରୀତ ସିଂ (ଅଧିନାୟକ), ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ୟଶଦୀପ ସିୱାଚ । ମିଡଫିଲ୍ଡର-ରାଜିନ୍ଦର ସିଂ, ଆଦିତ୍ୟ ଅର୍ଜୁନ ଲାଲାଗେ, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ । ଫରୱାର୍ଡ-ଦିଲପ୍ରୀତ ସିଂ, ଶିଳାନନ୍ଦ ଲାକ୍ରା, ସୁଖଜିତ ସିଂ, ମନଦୀପ ସିଂ ଓ ଅଭିଷେକ ।

ଗୁଜରାଟ ଟାଇଟନ୍ସକୁ ଫେରିବାକୁ ଚାହୁଁଥିଲେ ହାର୍ଦ୍ଦିକ

ସଉ ଶୁଣ ଦ୍ୱାର ବନ୍ଦ କରଦେଲା ଦଳ !

ନୂଆଦିଲ୍ଲୀ : କମବ୍ୟାକ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ବିଫଳ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଏବେ ନୂଆ ଆଇପିଏଲ ଦଳ ଖୋଜିବା ଅଭିଯାନରେ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନିଜ ପାଖରେ ରଖିବାକୁ ଚାହୁଁ ନାହିଁ। ଏଥିପାଇଁ ହାର୍ଦ୍ଦିକ ନିଜର ପୁରୁଣା ଟିମ ଗୁଜରାଟ ଟାଇଟନ୍ସ ପାଖକୁ ଫେରିବାକୁ ଚାହିଁଥିଲେ। ଏଥିପାଇଁ ସେ ଫ୍ରାଞ୍ଚାଇଜର ଅଧିକାରୀଙ୍କ ସହ କଥା ହୋଇଥିଲେ। ହେଲେ ଗୁଜରାଟକୁ ଫେରିବା ପାଇଁ ହାର୍ଦ୍ଦ

ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

କଟକ (ବ୍ୟୁରୋ) : ସାହିତ୍ୟ ପତ୍ରିକା କାୟାକଳ୍ପ ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କଟକ ସହର ରେଲୱେ ସେଟଲମେଣ୍ଟ ଉଚ୍ଚ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ପ୍ରଧାନ ଉଦ୍ଘାଟନ କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପଣ୍ଡା, ଲୋକ ଶିକ୍ଷକ ଡ ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ୍ ପରିଚାଳନା କରିଥିଲେ। ସୌଭାଗ୍ୟ ରଞ୍ଜନ ପାତ୍ର ସ୍କୋରର ଥିଲେ। ଅଦଶି ଆଦର୍ଷ ପ୍ରିୟଦର୍ଶନୀ, ରୁଦ୍ରପ୍ରସାଦ ରାଓ, ଶ୍ରୀ ଜିତୁ ନାୟକ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ଏଇ ଅବସର ରେ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଡ କବିତା ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚିତ୍ରିତା ସାହୁ ସାମନ୍ତ ଧନ୍ୟବାଦ ଦେଇଥିଲେ। ତାରିଣୀ ଶଙ୍କର ପାଣିଗ୍ରାହୀ, ସ୍ୱାତୀ ସୁଚରିତା ପତି ମଞ୍ଚ ପରିଚାଳନା କରିଥିଲେ। ରଞ୍ଜିତା ପାଣିଗ୍ରାହୀ, ରଜନୀ ବେହେରା, ଦିଲ୍ଲୀପ କୁମାର ଜେନା ସହଯୋଗ କରିଥିଲେ।

ଛତୁଆ ବଣ୍ଟନରେ ଅବ୍ୟବସ୍ଥା : କିଷାନ କଂଗ୍ରେସର ତଦନ୍ତ ଦାବି

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଛତୁଆ ବଣ୍ଟନରେ ଅବ୍ୟବସ୍ଥା ସାଙ୍ଗକୁ ବଣ୍ଟନ ସାମଗ୍ରୀ ରେ ପୋକ ବାହାରିବା ନେଇ ଜିଲ୍ଲା କିଶାନ କଂଗ୍ରେସ ତରଫରୁ ଉଚ୍ଚ ପଦସ୍ଥ ତଦନ୍ତ ନିମନ୍ତେ ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂଙ୍କ ଜରାଆରେ ଦାବି ପତ୍ର ପ୍ରଦାନ କରିଛି। କିଶାନ କଂଗ୍ରେସ କହିଛି ଯେ ରାଇଘର ବ୍ଲକରେ ୩।୧୩ ଟି ଅଙ୍ଗନୱାଡି କେନ୍ଦ୍ର କୁ ଜଣେ ମାତ୍ର ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ପୂର୍ବରୁ ଏହି ସଂସ୍ଥା ବ୍ଲାକ ଲିଷ୍ଟ ରେ ରହିବା ଶୁତେ ପୁନଃ ଛତୁଆ ଦାୟିତ୍ୱ ଦିଆ ଯିବା ଏବଂ ଅଙ୍ଗନୱାଡି ମାଧ୍ୟମ ରେ ପ୍ରସୂତି ଓ କୋମଳମତି ଶିଶୁ ମାନଙ୍କୁ ବଣ୍ଟନ କରାଯାଉଥିବା ଛତୁଆ, ଲଡୁ ଅତି ନିମ୍ନ ମାନର ଅଭିଯୋଗ ହଉଥିବା ବେଳେ ପ୍ରଶାସନ ପକ୍ଷରୁ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ପ୍ରଶ୍ନ କରିଛି। ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଏହା ଏକ ଆଦିବାସି ବହୁଳ ଜିଲ୍ଲା ହୋଇଥିବା ବେଳେ କୋମଳ ମତି ଶିଶୁ ସହ ସିଧା ସଳଖ ଖେଳ ଖେଳା ଯିବା ସହ ପ୍ରଶାସନ ଓ ଛତୁଆ ବଣ୍ଟନ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରିଛି। ଏହା ଶହ କିଷାନ୍ କଂଗ୍ରେସ୍ ଅଭିଯୋଗ କରିଛି ଯେ ଗତ ଜାନୁଆରୀ ମାସରେ ମଧ୍ୟ ବଣ୍ଟନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରାଯାଇଥିଲା।ବର୍ତ୍ତମାନ ସୁଦ୍ଧା ବ୍ଲାକ ଲିଷ୍ଟରେ ଥିବା ଗୋଷ୍ଠି ବିରୋଧରେ କୌଣସି ପ୍ରକାର ପଦକ୍ଷେପ ନ ନେବା ନେଇ ପ୍ରଶ୍ନ ଉଠିଛି। ତାସହ ରାଇଘର ବ୍ଲକ ସଦର ମହକୁମା ରେ ରହୁଥିବା ପ୍ରମୋଦ କୁମାର ଦେବତାଙ୍କ ସ୍ତ୍ରୀ ଦିପ୍ତିମୟୀ ଦେବତା ୧୦ ନୋ ୱାର୍ଡ ରେ ଥିବା ଅଙ୍ଗନୱାଡି କେନ୍ଦ୍ରରୁ ଛତୁଆ, ବାଦାମ ଲଡୁ, ରାଶି, ମୁଢ଼ି ନେଇ ଘରକୁ ନେଇ ଆସିଥିଲେ। ତାହା ଦେଖିବା ବେଳେ ପୋକ ବାହାରିବା ଦେଖି ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଏବଂ ଆସନ୍ତା ସପ୍ତାହ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କିଶାନ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆଜି ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ସମୟରେ ଜିଲ୍ଲା କିଶାନ କଂଗ୍ରେସ ସଭାପତି ଡ, ସନରାଜ୍ ଗଣ୍ଡ, ବ୍ଲକ ସଭାପତି ସୁନ୍ଦର ସିଂ ଗଣ୍ଡ, ସୁକ ଚାନ୍ଦ କସୋରିଆ, ଲଜ ମନ୍ ଗଣ୍ଡ, ଧନୁ ରାମ ଗଣ୍ଡ, କୈଳାଶ ଗଣ୍ଡ, ନନ୍ଦଲାଲ ଗଣ୍ଡ, ଭିକି ସିଂ ରାଜପୁତ, ଜହର ଲାଲ ଗଣ୍ଡ, ଲୋକେଶ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ମା'କୁତାମ ଚଣ୍ଡୀଙ୍କ ତୃତୀୟ ବାର୍ଷିକ ଉତ୍ସବରେ ଭଜନ ସମାରୋହ

ଜଗତସିଂହପୁର (ଅମୃତ ମିଡିଆ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପଲ୍ଲୀ ଗ୍ରାମ ପଞ୍ଚାୟତର ପଲ୍ଲୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କୁତାମ ଚଣ୍ଡୀଙ୍କ ତୃତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଯଜ୍ଞ, ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ମୀରା ମୂର୍ଚ୍ଛନା ପକ୍ଷରୁ ପାରିବେଷିତ ଭଜନ କାର୍ଯ୍ୟକ୍ରମରେ ମୀରା ମୂର୍ଚ୍ଛନା ର ସମସ୍ତ କଣ୍ଠ ଶିଳ୍ପୀଙ୍କ ସମେତ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ ତାଙ୍କ ସୁମଧୁର କଣ୍ଠରେ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମା କୁତାମ ଚଣ୍ଡୀ ମନ୍ଦିର ପରିଚାଳନା କମିଟିର ସଭାପତି ନୃସିଂହ ଗାଆଣ, ସମ୍ପାଦକ ନୀଳକଣ୍ଠ ମହାନ୍ତି, ସଦସ୍ୟ ରାଜକିଶୋର ଗାଆଣ, ସୁଶୀଲ ପାତ୍ର, ସୁବୋଧ ଦାସ, ଆଖଣ୍ଡଳ ସାହୁ, କୀର୍ତ୍ତି ରଞ୍ଜନ, ସାରଦା ସେଠୀ, କିରଣ ମହାନ୍ତି, ପିଣ୍ଟୁ ମହାନ୍ତି, ପ୍ରତାପ ଗାଆଣ, ଚିକୁ ମହାନ୍ତି, ଶରତ ଦାସ, ଗୟା ପ୍ରସାଦ ଦାସ, ଶାନ୍ତନୁ ମହାନ୍ତି, ଜୟନ୍ତ ମହାନ୍ତି, ସତ୍ୟ ନାରାୟଣ ସାହୁ, ସୂର୍ଯ୍ୟ ନାରାୟଣ ସାହୁ ଓ ଗ୍ରାମର ସମସ୍ତ ପିଲାମାନେ ସହଯୋଗ କରିଥିଲେ।

ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ଘରୁ ଚୋରି, ଥାନାରେ ମାମଲା

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ବେହେରାଙ୍କ ଘରେ ବିଲମ୍ବିତ ରାତିରେ ତାଙ୍କ ଘରର ଝରକା ଗ୍ରାଲ ଭାଙ୍ଗି କେତେକ ଦୁର୍ବୃତମାନେ ତାଙ୍କ ଘର ଭିତରେ ପଶି ଗଡ଼ରେଜ ଖୋଲି ଏକ ସୁନା ଚେନ ସହିତ ନଗଦ ୪୦ହଜାର ଟଙ୍କା ଲୁଟି ଅନ୍ୟ ଏକ କୋଠରୀର ଝରକା ତାଡୁଥିବା ବେଳେ ଏହାର ଶବ୍ଦ ଶୁଣି ତାଙ୍କ ପରିବାର ଲୋକେ ଉଠି ହା ହୁଲ୍ଲା କରିବାରୁ ସେମାନେ ଚମ୍ପଟ ମାରିଥିଲେ। ତେବେ ଏନେଇ ଶ୍ରୀ ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନମ୍ବର ୩୧୭/୨୬ରେ ପୋଲିସ ଏକ ମାମଲା ରୁଜୁ କରିଥିଲେ। ପରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣା ସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ଶ୍ରୀ ବେହେରାଙ୍କ ଘର ନିକଟସ୍ଥ ଏକ ତୋରାମଦ ବିକ୍ରି ସ୍ଥଳ ପର୍ଯ୍ୟନ୍ତ ଯାଇଥିବା ନେଇ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତେବେ ଏନେଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଓଡିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା (ଅମୃତ ମିଡିଆ) : ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଅଜେୟ) ମୟୂରଭଞ୍ଜ ଜିଲ୍ଲା ୟୁନିଟ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ସାମ୍ବାଦିକ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି। ସଂଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ ସ୍ୱତନ୍ତ୍ର ଭାବେ ଜାରି ରଖାଯିବା ସହ ସାମ୍ବାଦିକ ମାନଙ୍କ ପିତାମାତାଙ୍କୁ ମଧ୍ୟ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି। ସରକାର ଏହି ଦାବି ଉପରେ ତୁରନ୍ତ ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି କିମ୍ବା ବିବୃତି ଜାରି ନକଲେ, ଓଜେୟୁ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଙ୍ଘ ପକ୍ଷରୁ ସାମ୍ବାଦିକ ଅଭିଜିତ ମହାନ୍ତି, ସାରଦା ପ୍ରସାଦ ବାରିକ, ଦୀପକ କୁମାର ନାୟକ, ମନୋଜ କୁମାର ପଣ୍ଡା, ଦୋଳ ଗୋବିନ୍ଦ ବାରିକ, ସୁକାନ୍ତ କୁମାର ଜୀଉ, ସୁବ୍ରତ କୁମାର ଦାସ, ଦିଲ୍ଲୀପ କୁମାର ପାତ୍ର, ରୋହିତ କୁମାର ବେହେରା, ରୂପମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଆନ୍ତର୍ଜାତୀକ ଯୁବ ଦିବସରେ ନିଶାମୁକ୍ତ ଯୁବଶକ୍ତି ଓ ସାଇବର ସୁରକ୍ଷା ସଚେତନତା ଶିବିର

'ଯୁବଶକ୍ତି ଏକଜୁଟ ହେଲେ ସୁସ୍ଥ ସଚେତନ ଶକ୍ତିଶାଳୀ ସମାଜ ଗଠନ ହୋଇପାରିବ'

ରଘୁନାଥପୁର (ଅମୃତ ମିଡିଆ) : ଆନ୍ତର୍ଜାତିକ ଯୁବ ଦିବସ ଉପଲକ୍ଷେ ରଘୁନାଥପୁର ବ୍ଲକ ରେତୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଆଜି ଅଳକାଶ୍ରମ ପରିଚାଳନା କମିଟି ଓ ଜଗତସିଂହପୁର ଡେଭଲପମେଣ୍ଟ ଫୋରମ ଏବଂ ରଘୁନାଥପୁର ପୋଲିସ ପକ୍ଷରୁ ନିଶାମୁକ୍ତ ଯୁବଶକ୍ତି ଓ ସାଇବର ସୁରକ୍ଷା ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା ପୌରହିତ୍ୟ କରି ଯୁବଶକ୍ତି ନିଶା ବିରୋଧରେ ଏକଜୁଟ ହେଲେ, ଏକ ସୁସ୍ଥ, ସଚେତନ ଓ ଶକ୍ତିଶାଳୀ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସେ ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଜର କନ୍ୟା ଓ ପୁତ୍ର ଭାବେ ସମ୍ବୋଧନ କରି ଆମ୍ ଅନୁଶୀଳନ ସର୍ବଦା ସୁରକ୍ଷା ପଥକୁ ଉତ୍ସୁକ ରଖେ ବୋଲି କହିଥିଲେ। ଅଳକାଶ୍ରମର ଆବାହକ ଦେବେନ୍ଦ୍ରନାଥ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ଯୁବଶକ୍ତି ଅଭିଯାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ତମାଖୁ, ସିଗାରେଟ, ମଦ ଓ ଅନ୍ୟାନ୍ୟ ନିଶା ସେବନ କରି ଯୁବପିଢୀ କିପରି ପଥଭ୍ରଷ୍ଟ ହୋଇ ନିଜ ଜୀବନ ସହ ପରିବାରକୁ ଅସୁବିଧାରେ ପକାଉଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଣୁ ନିଜେ ସଚେତନ ହୋଇ ନିଜର ପଡିଶା ତଥା ଗ୍ରାମରେ ଏ ସମ୍ପର୍କରେ ବାର୍ତ୍ତା ପହଞ୍ଚାଇବା ପାଇଁ ଆବାହକ ରାଉତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରଘୁନାଥପୁର ଥାନା ଆଇଆଇସି ପ୍ରେମଜିତ ଦାସ ଉପସ୍ଥିତ ହୋଇ ସାଇବର ଅପରାଧ କଣ ଓ ଏଥିପାଇଁ କିପରି ସଚେତନ ହେବାକୁ ପଡିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସାଇବର ଅପରାଧରୁ ସାବଧାନ ରହିବା ପାଇଁ ନିଜ ଫୋନକୁ ଆସୁଥିବା କୌଣସି ଅଜଣା ଲିଙ୍କ କିମ୍ବା ମେସେଜ ଉପରେ କ୍ଲିକ ନକରିବା, ଏଟିଏମ୍ ପିନ, ଓଟିପି କିମ୍ବା କିମ୍ବା ପାସ ୱାର୍ଡ କାହାରିକୁ ସେଆର ନକରିବା, ସନ୍ଦେହଜନକ ୱେବସାଇଟ କିମ୍ବା ଆପ ବ୍ୟବହାର ନ କରିବା ସର୍ବପରେ ସୋସିଆଲ ମିଡିଆରେ ନିଜର ବ୍ୟକ୍ତିଗତ ତଥ୍ୟକୁ କଦାପି ସେଆର ନକରିବା ପାଇଁ ଆଇଆଇସି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଯୁବ ରେଡକ୍ରସ୍ ରାଜ୍ୟ ସଂଯୋଜକ ଅଧ୍ୟାପକ ଗୋପାଳ ମିଶ୍ର, ଅଳକାଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥ, ପୂର୍ବତନ ଅଧ୍ୟକ୍ଷ ରମାରଂଜନ ସ୍ୱାଇଁ, ଅଧ୍ୟାପକ ହିମାଂଶୁ ଜେନା, ଆଲୋକ ପ୍ରଧାନ, ସମରେନ୍ଦ୍ର ନାୟକ, ରଞ୍ଜନ ମହାନ୍ତି, କବିତା ବେହେରା ଓ ସ୍ୱର୍ଣପ୍ରଭା ମଲ୍ଲିକ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଶେଷରେ ଅଧ୍ୟାପିକା ଝିଲି ପାତ୍ର ଧନ୍ୟବାଦ ଦେଇଥିଲେ।

ନିଶାମୁକ୍ତ ଯୁବ ବିକଶିତ ଭାରତ ଅଭିଯାନ

ମାହାଙ୍ଗା (ଅମୃତ ମିଡ଼ିଆ) : ଜବାହରଲାଲ ନେହେରୁ ଡିଗ୍ରୀ କଲେଜ, କୁଆଁପାଳସଳ ର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ 'ନିଶାମୁକ୍ତ ଯୁବ-ବିକଶିତ ଭାରତ' ଅଭିଯାନ ଅବସରରେ ସଚେତନତା ରାଲି ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଅଧକ୍ଷ ରବିନାରାୟଣ ବାରିକଙ୍କ ନେତୃତ୍ୱରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାନେ ରାଲିରେ ଯୋଗଦେଇ ନିଶା ବିରୋଧି ସ୍ଲୋଗାନ ଦେଇଥିଲେ। ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ବିଜୟ ଲକ୍ଷ୍ମୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରେ ସମସ୍ତେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଇଂରାଜି ଅଧ୍ୟାପକ ଆଶିଷ ବରାଳ, ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ କୁମୁଦ ରଞ୍ଜନ ସିଂହ, ଅଧ୍ୟାପିକା ସନ୍ଧ୍ୟାରାଣୀ ମହାପାତ୍ର ଓ ଇତିହାସ ଅଧ୍ୟାପକ ରୁଦ୍ରନାରାୟଣ ଦାଶ ଉପସ୍ଥିତ ଥିଲେ। ନିଶାମୁକ୍ତ ଯୁବପିଢ଼ି ହିଁ ବିକଶିତ ଭାରତର ଆଧାର ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

ଲଣ୍ଡନ୍‌ରେ ଓଡ଼ିଆ ରେଷ୍ଟୁରାଣ୍ଟ

ରେଷ୍ଟୁରାଣ୍ଟ 'ଚିଲିକା'କୁ ମିଳିଲା 'ବେଷ୍ଟ ଅଫ୍ ଲଣ୍ଡନ୍' ପୁରସ୍କାର

ଜଗତସିଂହପୁର (ଅମୃତ ମିଡ଼ିଆ) : ଲଣ୍ଡନ୍‌ର ବେକ୍ସଲିହିଥ୍ ଅଞ୍ଚଳରେ ଅବସ୍ଥିତ ପ୍ରସିଦ୍ଧ ଓଡ଼ିଆ ରେଷ୍ଟୁରାଣ୍ଟ 'ଚିଲିକା' ସୁନାମଧନ୍ୟ 'ଇଂଲିଶ କରି ଆୱାର୍ଡସ୍ ୨୦୨୬'ରେ 'ବେଷ୍ଟ ଅଫ୍ ଲଣ୍ଡନ୍' ସମ୍ମାନରେ ସମ୍ମାନିତ ହୋଇଛି। ଏହି ରେଷ୍ଟୁରାଣ୍ଟଟି ଓଡ଼ିଶାର ସ୍ୱାଦ ଏବଂ ଭାରତୀୟ ଷ୍ଟ୍ରିଟ୍ ଫୁଡ୍ ପାଇଁ ବେଶ୍ ପରିଚିତ। ପ୍ରବାସୀ ଓଡ଼ିଆ ଶୁଭକାନ୍ତ ଦାସ ଏବଂ ଜଗତସିଂହପୁର ମାଟିର ପୁଅ ପାର୍ଥସାରଥି ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ରେଷ୍ଟୁରାଣ୍ଟ କେବଳ ଖାଦ୍ୟ ପରିବେଷଣ ନୁହେଁ, ବରଂ ବିଦେଶରେ ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରାର ପ୍ରସାର ମଧ୍ୟ କରୁଛି। ଏହି ସଫଳତା ପରେ 'ଚିଲିକା' ପକ୍ଷରୁ ସୋସିଆଲ ମିଡିଆରେ ଏକ କୃତଜ୍ଞତା ଜ୍ଞାପନ କରାଯାଇଛି। ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ କହିଛନ୍ତି ଯେ, ଏହି ସଫଳତା କେବଳ ସେମାନଙ୍କର ନୁହେଁ, ବରଂ ଏହି ଯାତ୍ରାରେ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି, ସମସ୍ତ ପରିଶ୍ରମୀ ଶେଫ୍, କର୍ମଚାରୀ ଏବଂ ସାଧାରଣ ଗ୍ରାହକମାନଙ୍କର ଅଟେ। ଗ୍ରାହକମାନଙ୍କର ନିରନ୍ତର ସମର୍ଥନ ଏବଂ ଭୋଟିଂ ଯୋଗୁଁ ହିଁ ଏହି ଗୌରବଜନକ ସଫଳତା ହାସଲ ହୋଇପାରିଛି ବୋଲି ରେଷ୍ଟୁରାଣ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। କେବଳ ଭଲ ଖାଦ୍ୟ ପରିବେଷଣ ନୁହେଁ, ବରଂ ଲୋକଙ୍କୁ ଏକାଠି କରିବା ଏବଂ ସାଂସ୍କୃତିକ ପରିବେଶ ସୃଷ୍ଟି କରିବା ହିଁ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରେଷ୍ଟୁରାଣ୍ଟ ପ୍ରତିଷ୍ଠାତା ପାର୍ଥସାରଥି ପଣ୍ଡା ଓ ଶୁଭକାନ୍ତ ଦାସ କହିଛନ୍ତି।

ଅର୍ବାନବ୍ୟାଙ୍କ ପୁରୁଣା ବସ୍‌ଷ୍ଟାଣ୍ଡ ଶାଖା ସ୍ଥାନାନ୍ତରିତ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ପୁରୁଣା ବସଷ୍ଟାଣ୍ଡ ଶାଖାଟି ଏବେ ବଜରଗଣ୍ଡିର ମହାଭୋଇ ପୋଖରୀ ସମ୍ମୁଖ କୋଠାକୁ ସ୍ଥାନାନ୍ତର ହୋଇଯାଇଛି। ତେଣୁ ସମସ୍ତ ଗ୍ରାହକ, ରଣଧାରୀ, ଶୁଭେଚ୍ଛୁ ମାନେ ଏହି ନୂତନସ୍ଥାନକୁ ସେମାନଙ୍କ ପୁରୁଣା ବସଷ୍ଟାଣ୍ଡ ଶାଖାରେ ଥିବା କାର୍ଯ୍ୟ ନିମନ୍ତେ ଆସିବାକୁ ବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିବା ଅର୍ବାନକୋପରେଟିଭ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

ଦୂଷିତପାଣି, ନିଯୁକ୍ତି ଓ ରାସ୍ତା ସମସ୍ୟା ନେଇ ମାଇ

୩ୀୟ ରାଜ୍ୟସ୍ତରୀୟ ମାନକୀକରଣ କମିଟି ବୈଠକ

ଓଡ଼ିଶା ସରକାର ଓ ବିଆଇଏସ୍‌ଙ୍କ ସମ୍ମିଳିତ ପ୍ରୟାସରେ ବିଭିନ୍ନ କ୍ଷେତ୍ରରେ ଗୁଣବତ୍ତା ସୁନିଶ୍ଚିତ କରାଯିବାକୁ ଆଲୋଚନା

ଭୁବନେଶ୍ୱର (ବ୍ୟୁରୋ) : ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମାନକୀକରଣ ଉପରେ ଓଡ଼ିଶା ରାଜ୍ୟସ୍ତରୀୟ କମିଟିର ୩ୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଡ଼ିଶା ସରକାର ଏବଂ ଭାରତୀୟ ମାନକ ବ୍ୟୁରୋଙ୍କ ସମ୍ମିଳିତ ପ୍ରୟାସରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ମାନକୀକରଣ, ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ଉପଭୋକ୍ତା ସୁରକ୍ଷାକୁ ସୁଦୃଢ଼ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ବିଭିନ୍ନ ପ୍ରମୁଖ ପଦକ୍ଷେପ ସଂପର୍କରେ ସମୀକ୍ଷା ଓ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଧବଙ୍କ ସମେତ ଓଡ଼ିଶା ସରକାରଙ୍କ ଅନ୍ୟ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ଅଧିକାରୀ ଓ ବିଭିନ୍ନ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ । ବୈଠକରେ ଭୁବନେଶ୍ୱରସ୍ଥିତ ବିଆଇଏସର ବରିଷ୍ଠ ନିର୍ଦ୍ଦେଶକ ଓ ମୁଖ୍ୟ ଶ୍ରୀ ଏ.କେ. ପୁରୋହିତ ଓଡ଼ିଶାରେ ମାନକୀକରଣ ଓ ଗୁଣବତ୍ତାକୁ ସୁଦୃଢ଼ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ପ୍ରମୁଖ ପଦକ୍ଷେପ ଏବଂ ସହଯୋଗର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ । ଏହା ସହିତ, କୋଲକାତାସ୍ଥିତ ବିଆଇଏସ ପରୀକ୍ଷାଗାରର ଶ୍ରୀ ଏ. ଚାଟାର୍ଜୀ ରାଜ୍ୟ ସରକାରଙ୍କ ପରୀକ୍ଷାଗାର ଏବଂ କମନ୍ ଫ୍ୟାସିଲିଟି ସେଣ୍ଟରଗୁଡ଼ିକର ପରୀକ୍ଷଣ ସୁବିଧାର ସଂପ୍ରସାରଣ, ଉନ୍ନତିକରଣ ଓ ଆଧୁନିକୀକରଣ ପାଇଁ ବିଆଇଏସ୍ ଲାବୋରେଟୋରୀ ଆସିଷ୍ଟାନ୍ସ ସ୍କିମ୍ ସମ୍ପର୍କରେ ଆଲୋକପାତ କରିଥିଲେ । କମିଟି ପକ୍ଷରୁ ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ୱାଟକୋ, ବିଭିନ୍ନ ବିଦ୍ୟୁତ୍ ବିତରଣ କମ୍ପାନୀ, କୃଷି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶ୍ରମ, ନଗର ଉନ୍ନୟନ, ଜଳ ସମ୍ପଦ ଏବଂ ମହିଳା ଓ ଶିଶୁ ବିକାଶ ଭଳି ପ୍ରମୁଖ ବିଭାଗର ଅଧିକାରୀମାନଙ୍କ ପାଇଁ ବିଆଇଏସ୍‌ର ପରାମର୍ଶକ୍ରମେ ଭାରତୀୟ ମାନକ ଉପରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ, ପୂର୍ତ୍ତ ବିଭାଗର ଇଞ୍ଜିନିୟର ଓ ଜୁନିୟର ଇଞ୍ଜିନିୟରମାନଙ୍କ ପାଇଁ ମାନକୀକରଣ ଉପରେ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି । ସମାନ ପ୍ରକାରର କାର୍ଯ୍ୟକ୍ରମ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗ ପାଇଁ ମଧ୍ୟ ଆୟୋଜନ କରାଯିବାକୁ ପରାମର୍ଶ ଦିଆଯାଇଛି । କମିଟି ମଧ୍ୟ ଗୋପବନ୍ଧୁ ପ୍ରଶାସନିକ ପ୍ରଶିକ୍ଷଣ ଏକାଡେମୀ ଏବଂ ମଧୁସୂଦନ ଦାସ ଆଞ୍ଚଳିକ ବିଦ୍ୟାୟ ପରିଚାଳନା ପ୍ରତିଷ୍ଠାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକରେ ମାନକୀକରଣ ଏବଂ ଗୁଣବତ୍ତା ପରିବେଶକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି । ସରକାରୀ କ୍ରୟ ପ୍ରକ୍ରିୟାରେ ଗୁଣବତ୍ତାକୁ ପ୍ରାଥମିକତା ଦେଇ, ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରଯୁଜ୍ୟ ଭାରତୀୟ ମାନକଗୁଡ଼ିକୁ ସନ୍ଦର୍ଭ ଭାବେ ଗ୍ରହଣ କରିବା, ବିଆଇଏସ୍ ୱେବସାଇଟ୍‌ରୁ ଏହି ମାନକଗୁଡ଼ିକୁ ଡାଉନଲୋଡ୍ କରିବା ଏବଂ ସେଗୁଡ଼ିକର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ଏଥିସହିତ, ଭାରତୀୟ ମାନକ ଏବଂ ସମ୍ପର୍କିତ ସୂଚନାକୁ ସହଜ ଓ ନିରବିଚ୍ଛିନ୍ନ ଭାବରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ପୋର୍ଟାଲଗୁଡ଼ିକୁ ବିଆଇଏସ୍ ୱେବସାଇଟ୍ ସହିତ ଆପ୍ଲିକେସନ ପ୍ରୋଗ୍ରାମିଂ ଇଣ୍ଟରଫେସ୍ (ଏପିଆଇ) ଆଧାରିତ ଏକୀକରଣ ସମନ୍ୱିତ କରିବା ସଂପର୍କିତ ଅନୁସନ୍ଧାନ କରିବାକୁ କମିଟି ପରାମର୍ଶ ଦେଇଛନ୍ତି । ଉପଭୋକ୍ତା ସଶକ୍ତୀକରଣ ପାଇଁ ବିଆଇଏସ୍ କେୟାର ଆପ୍‌ର ବ୍ୟାପକ ପ୍ରଚାର ଓ ପ୍ରସାର କରିବାକୁ କମିଟି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆପ୍ ମାଧ୍ୟମରେ ଏଚୟୁଆଇଡି ଏବଂ ଆଇଏସଆଇ ମାର୍କର ସତ୍ୟାପନ, ଭାରତୀୟ ମାନକ ସମ୍ପର୍କିତ ସୂଚନା ପ୍ରାପ୍ତି, ପରୀକ୍ଷଣ ପରୀକ୍ଷାଗାର ଚିହ୍ନଟ ଏବଂ ନିମ୍ନମାନର ଉତ୍ପାଦ ଓ ସେବା ବିରୋଧରେ ଅଭିଯୋଗ ଦାଖଲ କରିବାର ସୁବିଧା ଉପଲବ୍ଧ ରହିଛି । ଏଥିସହିତ, ଗହଣା ଦୋକାନଗୁଡ଼ିକରେ ବିଆଇଏସ୍ କେୟାର ଆପ୍ ସମ୍ପର୍କିତ ସୂଚନାକୁ ପ୍ରମୁଖ ସ୍ଥାନରେ ପ୍ରଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ନିରାପଦ ଓ ବିଶ୍ୱସନୀୟ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ପାଇଁ, କମିଟି ୱାଟକୋ ଏବଂ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ପରିଚାଳନା ସମ୍ପର୍କିତ ବିଆଇଏସ୍ ମାନକ ଆଇଏସ୍ ୧୭୪୮ ୨: ୨୦୨୦କୁ ପାଇଲଟ୍ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରି ଏହାର ପ୍ରମାଣପତ୍ର ହାସଲ ପାଇଁ ପଦକ୍ଷେପ ନିଆଯିବାକୁ ଆଲୋଚନା ହୋଇଛି । ଲିଫ୍ଟ ସୁରକ୍ଷା ସମ୍ପର୍କରେ, ଭାରତୀୟ ମାନକଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶାରେ ଉପଯୁକ୍ତ ନିୟମ ଓ ନିୟମାବଳୀ ପ୍ରଣୟନ ଏବଂ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ କମିଟି ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଓଡ଼ିଶାରେ ଭାରତୀୟ ମାନକ ବ୍ୟୁରୋର ଏକ ଅତ୍ୟାଧୁନିକ କାର୍ଯ୍ୟାଳୟ ଓ ପରୀକ୍ଷାଗାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପରୀକ୍ଷାଗାର ପ୍ରତିଷ୍ଠା ପ୍ରକ୍ରିୟାକୁ ପ୍ରାଥମିକତା ଭିତ୍ତିରେ ଆଗେଇ ନେବା ସହିତ କାର୍ଯ୍ୟାଳୟ ଓ ପରୀକ୍ଷାଗାରକୁ ଏକ ସମନ୍ୱିତ ପରିସର ଭାବେ ବିକଶିତ କରିବାକୁ ବୈଠକରେ ଯୋଜନା କରାଯାଇଛି । ଓଡ଼ିଶାରେ ବୃହତ୍ ଇସ୍ପାତ ଓ ଆଲୁମିନିୟମ ଶିଳ୍ପ ଥିବାରୁ, ସୁନା, ରୂପା ସହିତ ଇସ୍ପାତ ଓ ଆଲୁମିନିୟମ ପରୀକ୍ଷଣ ପାଇଁ ଏପରି ଅତ୍ୟାଧୁନିକ ପରୀକ୍ଷାଗାର ପ୍ରତିଷ୍ଠାକୁ ପ୍ରାଥମିକତା ଦେବା ପାଇଁ ବିଆଇଏସକୁ ବିଶେଷ ଭାବେ ପରାମର୍ଶ ଦିଆଯାଇଛି । କମିଟି ସ୍କୁଲ ଓ କଲେଜ୍ ଆଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ଷ୍ଟାଣ୍ଡର୍ଡସ୍ କ୍ଲବ୍‌ଗୁଡ଼ିକୁ ସୁଦୃଢ଼ କରିବା ଏବଂ ଏହି କ୍ଲବ୍‌ଗୁଡ଼ିକରେ ବିଆଇଏସ୍ ସଚେତନତାମୂଳକ ବିଭିନ୍ନ କାର୍ଯ୍ୟକଳାପ ଓ ଶିକ୍ଷଣୀୟ ପରିଦର୍ଶନକୁ ଔପଚାରିକ ଭାବେ ସ୍ୱୀକୃତି ପ୍ରଦାନ କରିବାର ଆବଶ୍ୟକତା ଉପରେ କମିଟିର ପରାମର୍ଶକୁ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି ।

ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ

ବ୍ରହ୍ମପୁର (ଅମୃତ ମିଡିଆ) : ପ୍ରଯୁକ୍ତିବିଦ୍ୟା ଏବଂ କାର୍ଯ୍ୟକ୍ଷେତ୍ର ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବାରୁ ଯୁବପିଢ଼ିଙ୍କୁ ନିରନ୍ତର ଭାବେ ନିଜ ଦକ୍ଷତାର ଉନ୍ନତି କରିବା ସହ ନୂତନତ୍ୱକୁ ଆପଣାଇବା ଏବଂ ଉଦୀୟମାନ ସୁଯୋଗ ସହ ନିଜକୁ ଖାପ ଖୁଆଇବା ଆବଶ୍ୟକ । ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ଏପରି ମତପୋଷଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପ୍ରତିନିଧିମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପରିବର୍ତ୍ତିତ କାର୍ଯ୍ୟକ୍ଷେତ୍ର, ଯୁବପଢ଼ଙ୍କ ପାଇଁ ଉପଲବ୍ଧ ନୂଆ ସୁଯୋଗ ଏବଂ ଭବିଷ୍ୟତରେ ଦକ୍ଷତାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ କ୍ୟାରିୟର ବିକଳ୍ପ ବାହାରେ ଚିନ୍ତା କରିବା ସହ ନିଜର ଆଗ୍ରହ ଓ ରୁଚିକୁ ଉଦୀୟମାନ କାର୍ଯ୍ୟକ୍ଷେତ୍ର ସହ ଯୋଡ଼ିବାକୁ ପରାମର୍ଶ ଦିଆଯାଇଥିଲା । କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ଯୋଗାଯୋଗ ଦକ୍ଷତା, ସୃଜନଶୀଳତା, ସମାଲୋଚନାତ୍ମକ ଚିନ୍ତନ ଏବଂ ନିରନ୍ତର ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା । ଓଡ଼ିଶା ପରିପ୍ରେକ୍ଷୀରେ ଏହି ଆଲୋଚନା ବିଶେଷ ଗୁରୁତ୍ୱ ବହନ କରୁଛି । ଦକ୍ଷତା ବିକାଶ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁରୂପ ଦକ୍ଷ ମାନବ ସମ୍ବଳ ଗଠନ ରାଜ୍ୟର ପ୍ରମୁଖ ପ୍ରାଥମିକତା ମଧ୍ୟରେ ରହିଛି । ରାଜ୍ୟର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ 'ସ୍କିଲ୍ - ଇନ୍ - ଓଡ଼ିଶା'କୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି । ଏଥିସହ ସଦ୍ୟ ପ୍ରକାଶିତ ରାଜ୍ୟ ଆର୍ଥିକ ସର୍ବେକ୍ଷଣରେ ଡିଜିଟାଲ ଦକ୍ଷତାର ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା ଦକ୍ଷତା ଉପରେ ବର୍ଦ୍ଧିତ ଗୁରୁତ୍ୱ ସମ୍ପର୍କରେ ପିଲାଙ୍କୁ ଅବଗତ କରାଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଭାଗ ନେଇ ନିଜର ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମତ ବିନିମୟ କରିଥିଲେ ଏବଂ କ୍ୟାରିୟର, ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତିତ କାର୍ଯ୍ୟକ୍ଷେତ୍ରର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନ କରିଥିଲେ । ଡିଜିଟାଲ ସମ୍ବଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସହ ନିଜର ନିଯୁକ୍ତିକ୍ଷମତା ଏବଂ ଉଦ୍ୟୋଗ ସମ୍ଭାବନା ବୃଦ୍ଧି କରିପାରୁଥିବା ଦକ୍ଷତା ବିକାଶ କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଶିଖିବା, ପରିବର୍ତ୍ତନକୁ ଆପଣାଇବା, ସମୟୋପଯୋଗୀ ଦକ୍ଷତା ବିକଶିତ କରିବା ଏବଂ ଉଦୀୟମାନ ସୁଯୋଗକୁ ସମାଜ ପାଇଁ ସାର୍ଥକ ଅବଦାନରେ ପରିଣତ କରିବାର ବାର୍ତ୍ତା ଦିଆଯାଇଥିଲା ।

ଚାନ୍ଦି ଭଣ୍ଡାର ପକ୍ଷରୁ ରକ୍ଷାବନ୍ଧନ ସମ୍ଭାର

ପ୍ରତ୍ୟେକ ବନ୍ଧନ ପାଇଁ ପ୍ରସ୍ତୁତ ଏ କଲେକସନ୍

ଭୁବନେଶ୍ୱର (ବ୍ୟୁରୋ) : ରକ୍ଷା ବନ୍ଧନ ଜୀବନର ସବୁଠାରୁ ପ୍ରିୟ ବନ୍ଧନକୁ ପାଳନ କରିବାର ଉତ୍ସବ । ଏହା ପ୍ରିୟଜନଙ୍କ ମଧ୍ୟରେ ପ୍ରେମ ଏବଂ ରକ୍ଷା ପାଇଁ ଏକ ପ୍ରତିଶ୍ରୁତି । ରାକ୍ଷୀ ଏକ ପ୍ରଥାଠାରୁ ଅଧିକ କିଛି । ଏହା ସୃତି, ହସ ଏବଂ ଅକୁହା ପ୍ରତିଶ୍ରୁତିର ସ୍ୱାତକ, ଯାହା ବର୍ଷ ପରେ ବର୍ଷ । ପ୍ରିୟଜନଙ୍କୁ ନିକଟତର କରିଆସୁଛି । ଏହି ରକ୍ଷା ବନ୍ଧନରେ ଚାନ୍ଦି ଭଣ୍ଡାର ୯୨.୫ ଷ୍ଟର୍ଲିଂ ରୂପାରେ ଚିରନ୍ତନଶାଳ ଭାବେ ପ୍ରସ୍ତୁତ ରୂପା ରାକ୍ଷୀ ଏବଂ ଟ୍ରେସ୍‌ଟର୍‌ର ବ୍ୟାପକ ସମ୍ଭାର ଆଣିଛି । ଭାଇଭଉଣୀ ଏବଂ ପ୍ରିୟଜନଙ୍କ ପାଇଁ ଉପହାରର ବ୍ୟାପକ ବିକଳ୍ପ ରହିଛି । ଷ୍ଟେଟ୍‌ମେଣ୍ଟ ଡିଜାଇନ୍‌ଠାରୁ ଆରମ୍ଭ କରି ସର୍ବନିମ୍ନ ଷ୍ଟାଇଲ୍ ପର୍ଯ୍ୟନ୍ତ ବିଭିନ୍ନ ରେଞ୍ଜର ରାକ୍ଷୀ ରହିଛି । ରୂପା ଟ୍ରେସ୍‌ଲେଟ୍‌କୁ ଉତ୍ସବ ବାଦ ବି ଦୀର୍ଘଦିନ ପାଇଁ ପସନ୍ଦ କରାଯାଇପାରିବ । ପ୍ରଭୁ ଜଗନ୍ନାଥଙ୍କଠାରୁ ପ୍ରେରିତ ରାକ୍ଷୀ ସହିତ ଏକ ସାଂସ୍କୃତିକ ସ୍ପର୍ଶ ମଧ୍ୟ ଆଣିଛି ଏ ସମ୍ଭାର । ପିଲାଙ୍କ ପାଇଁ ସ୍ୱତନ୍ତ୍ର କୌତୁକିଆ ଡିଜାଇନ ରହିଛି, ଯାହା ସମସ୍ତ ବୟସର ପ୍ରିୟଜନଙ୍କ ପାଇଁ ଉତ୍ସବକୁ ସ୍ୱତନ୍ତ୍ର କରିଥାଏ । ରାକ୍ଷୀ ସମ୍ଭାର ସହିତ ପୁରୁଷମାନେ ଚାନ୍ଦି ଭଣ୍ଡାରର ଆମୋଘ କଲେକ୍ସନକୁ ଦେଖିପାରିବେ, ଯେଉଁଥିରେ ବ୍ୟାପକ ରେଞ୍ଜ୍ ରୂପା ଆସେସରିଜ୍ ଯଥା ଚେନ୍, ପେଣ୍ଡେଣ୍ଟ, ମୁଦି ଏବଂ ବ୍ରେସ୍‌ଲେଟ୍ ଆଦି ରହିଛି, ଯାହାକି ଭାଇ ତଥା ପ୍ରିୟଜନଙ୍କ ପାଇଁ ରକ୍ଷା ବନ୍ଧନ ଉପହାର ପ୍ରଦାନକୁ ସ୍ୱତନ୍ତ୍ର କରୁଛି । ବ୍ରାଣ୍ଡ ମଧ୍ୟ ୯୨.୫ ଷ୍ଟର୍ଲିଂ ରୂପା ଗହଣା ଯେପରି କାନଫୁଲ, ଚୁଡ଼ି, ମୁଦି, ବ୍ରେସ୍‌ଲେଟ୍ ଏବଂ ଆଙ୍କଟ୍‌ର ବ୍ୟାପକ ରେଞ୍ଜ ଉପଲବ୍ଧ କରୁଛି, ଯାହାକି ସଭିଙ୍କ ପାଇଁ ରକ୍ଷା ବନ୍ଧନ ଉପହାର ପ୍ରଦାନକୁ ସ୍ୱତନ୍ତ୍ର କରୁଛି । ପିଲାଙ୍କ ପାଇଁ ଏବକ୍‌ସିଭ 'ଟ୍ରେଜର୍ସ' ସମ୍ଭାର ରହିଛି, ଯେଉଁଥିରେ ବିଭନଶାଳ ଭାବେ ପ୍ରସ୍ତୁତ ଗହଣା ପିଲ୍ଲୁ ରହିଛି । ଗହଣା ଏବଂ ପାରମ୍ପରିକ ରୂପାସାମଗ୍ରୀ ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର । ପାରମ୍ପରିକ ରୂପା ଆଇଟମ୍ ସହିତ ଏଠାରେ ପରିବର୍ଦ୍ଧିତ ଲାଇଫଷ୍ଟାଇଲ୍ ସେକ୍ସନ ରହିଛି । ରୂପାରେ ପ୍ରସ୍ତୁତ ୱାଇନ୍ ଗ୍ଲାସ, ବଟଲ ଏବଂ ଅତି ସୁନ୍ଦର ଚା' ସେଟ୍ ଦୈନନ୍ଦିନ ବ୍ୟବହାରରେ କେବଳ ରୂପାର ଓ୍ୱେଲ୍‌ସ୍ ଫାଇଦା ପ୍ରଦାନ କରିନ ଥାଏ, ଚିନ୍ତନଶୀଳ ଉପହାର ଭାବେ କାର୍ଯ୍ୟରେ ଆସିଥାଏ । ଏ କଲେକ୍ସନରେ ମଧ୍ୟ ରହିଛି ଉଡେନ ସିଲଭର-ଓ୍ୱାର୍କ ଟ୍ରେ ଏବଂ ସୁନ୍ଦର ଲାଇଫଷ୍ଟାଇଲ୍ ପିସ୍ । ପ୍ରତ୍ୟେକ ଲିଭିଂ ସେସ୍‌ରେ ଏହା ଆନନ୍ଦ ଯୋଡ଼ିଥାଏ ଏବଂ ପ୍ରତ୍ୟେକ ଅବସର ପାଇଁ ଉପଯୁକ୍ତ ଉପହାର ବିକଳ୍ପ ଭାବେ କାର୍ଯ୍ୟ କରେ । ଏ ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କୁହନ୍ତି, ଆମେ ବାଣ୍ଟୁଥିବା ପ୍ରତ୍ୟେକ ବନ୍ଧନ ପାଳନଯୋଗ୍ୟ ଏବଂ ରକ୍ଷା ବନ୍ଧନ ସେହି ବନ୍ଧନକୁ ଆହୁରି ଟିକିଏ ଆଦର କରିବା ପାଇଁ ଏକ ସୁନ୍ଦର ସ୍ମରଣକାରୀ । ଆମ ରାକ୍ଷୀ ସମ୍ଭାର ମାଧ୍ୟମରେ ଆମେ ଉକ୍ତ ସେଲିବ୍ରେଶନ୍‌କୁ ଅଧିକ ସ୍ୱତନ୍ତ୍ର କରିବାକୁ ଚାହୁଁ । ଏହି ରକ୍ଷାବନ୍ଧନରେ ପ୍ରତିଶ୍ରୁତିକୁ ପାଳନ ସ୍ଥାୟୀ ଉପହାର ଦେଇ ଉକ୍ତ ବନ୍ଧନକୁ ଭଲପାଇ ପାରିବେ । ୧୪ ଅଗଷ୍ଟରୁ ୩୦ ଅଗଷ୍ଟ ଯାଏ ଗଢ଼ା ମଜୁରିରେ ଫ୍ଲାଟ୍ ୨୦% ରିହାତି ଉପଲବ୍ଧ । ସୂଚନାଯୋଗ୍ୟ, ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହତ୍ ରୂପା ଗହଣା ଚେନ୍ ଷ୍ଟୋର । ୨୦୧୩ରେ ଏକ ସ୍ୱତନ୍ତ୍ର ସିଲଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ପୂର୍ବ ଭାରତରେ ୩୩ରେ ପହଞ୍ଚିଛି । ଭୁବନେଶ୍ୱରର ରଘୁନାଥପୁର, ସହିଦ ନଗର, ପଟିଆ, ରସୁଲଗଡ, ଜନପଥ, ସୌଭାଗ୍ୟନଗର, ନୟାପଲ୍ଲୀ, ଲୁଇସ୍ ରୋଡ୍, ଚନ୍ଦ୍ରଶେଖରପୁର ଏବଂ ଖଣ୍ଡଗିରି, ଖୋର୍ଦ୍ଧା, କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ସିଡିଏ ଏବଂ ଲିଙ୍କ୍ ରୋଡ୍, ରାଉରକେଲାର ଉଦିତ ନଗର ଓ ରାଉରକେଲା ଟାଉନ, ଅନୁଗୁଳର ଅମଲାପଡ଼ା ଏବଂ ଗାନ୍ଧି ମାର୍ଗ ଛକ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୟାଗଡ଼, ବଲାଙ୍ଗୀର, ଭଦ୍ରକ, ପୁରୀ ଏବଂ ରାୟପୁରର ଭିଆଇପି ରୋଡ୍ ଓ ପଣ୍ଡିରେ ଏହାର ଷ୍ଟୋର ରହିଛି । ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୂପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବା, ରାଜ୍ୟ ଫର ନୀତି ଏବଂ ହମାର୍କଯୁକ୍ତ ଓ ଚାଲିଟି ଉତ୍ପାଦ ବାନ୍ଧି ଘଣ୍ଟାରର ପ୍ରତିଶ୍ରୁତି ।

ସ୍ୱତନ୍ତ୍ର ଆନିଭର୍ସରୀ ପ୍ରୋଗ୍ରାମ ଘୋଷଣା କରିଛି ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ

ଭୁବନେଶ୍ୱର (ବ୍ୟୁରୋ) : ଭାରତରେ ଏମ୍‌ଜି ହେକ୍ଟରର ୭ ବର୍ଷ ପୂର୍ତ୍ତି ପାଳନ କରିବା ପାଇଁ ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଅଗଷ୍ଟ ୨୦୨୬ ସମୟରେ ଏହି ଆଇକୋନିକ ଏସୟୁଭି କ୍ରୟ କରୁଥିବା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଆନିଭର୍ସରୀ ପ୍ରୋଗ୍ରାମର ଘୋଷଣା କରାଯାଇଛି । ଏସୟୁଭି କ୍ରେତାଙ୍କ ପାଇଁ ଏହି ସୀମିତ ଅବଧି କାର୍ଯ୍ୟକ୍ରମ ଏକ୍ସଚେଞ୍ଜ ଲାଭ, ଲୟାଲ୍ଟି ରିୱାର୍ଡ, କର୍ପୋରେଟ ଲାଭ ଓ

ଅସୁରକ୍ଷିତ ପର୍ଯ୍ୟଟନସ୍ଥଳ: ପ୍ରକୃତି କୋଳରେ ମୃତ୍ୟୁର ଫାଶ

କେନ୍ଦୁଝର(ଅମୃତ ମିଡିଆ): ପ୍ରକୃତିର କୋଳରେ ମୃତ୍ୟୁର ଫାଶ। ଜଳପ୍ରପାତର ଗର୍ଜନ ଭିତରେ ଲିଭିଯାଉଛି ଜୀବନ ଦୀପ। କେହି ରିଲ୍‌ସ ପାଇଁ ବିପଦକୁ ଆମନ୍ତଣ କରୁଛନ୍ତି, ତ ଆଉ କେହି ନିଶାସକ୍ତ ଅବସ୍ଥାରେ ଜଳସ୍ରୋତରେ ଭାସିଯାଉଛି। ପର୍ଯ୍ୟଟନର ଆନନ୍ଦ ଅନେକ ପରିବାର ପାଇଁ ଦୁଃଖ ପାଲଟୁଛି। କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଣ୍ଡିଚାଘାଗି ସମେତ ଏକାଧିକ ସ୍ଥାନରେ ଏଭଳି ଅଘଟଣ ଏବେ ଚିନ୍ତାର କାରଣ ପାଲଟିଛି। ଘଟଗାଁଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ରହିଛି ମନୋରମ ଜଳପ୍ରପାତ ଗୁଣ୍ଡିଚାଘାଗି। ଏଠାକୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି। ପର୍ଯ୍ୟଟକଙ୍କପାଇଁ ଏଠାରେ ଭିତ୍ତିଭୂମି ବିକାଶ କରାଯାଇଛି।

ବସିବା ସ୍ଥାନ, ବଣଭୋଜି ପିଣ୍ଡି, ସେତୁ ଓ ଅନ୍ୟାନ୍ୟ ସୁବିଧା ରହିଛି। ପର୍ଯ୍ୟଟକଙ୍କଠାରୁ ଟିକସ ଓ ପରିବେଶ ସୁରକ୍ଷା ନାମରେ ଅର୍ଥ ଆଦାୟ ହେଉଛି। ହେଲେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଜଳପ୍ରପାତ ନିକଟରେ ରିଲ୍‌ସ ଓ ସେଲ୍‌ଫି ନେବାର ନିଶା ଯୁବପିଢ଼ିଙ୍କୁ ବିପଦ ମୁହଁକୁ ଟାଣି ନେଉଛି। ସେହିପରି ନିଶାସକ୍ତ ହୋଇ ଜଳପ୍ରପାତରେ ପଶିବା ଯୋଗୁଁ ଦୁର୍ଘଟଣା ଘଟୁଛି। ଅନେକ ପର୍ଯ୍ୟଟକ ନିଶାସକ୍ତ ହୋଇ ପ୍ରଖର ସ୍ରୋତରେ ଭାସିଯାଉଛନ୍ତି। ଗତ ୮ ମାସ ତଳେ ଗୁଣ୍ଡିଚାଘାଗିରେ ବୁଡ଼ି ଦୁଇ ମେଧାବୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳର ଦେବେଶ କୁମାର ବେହେରା ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ହରିଚନ୍ଦନପୁର ବ୍ଲକ୍‌ର ସତ୍ୟପ୍ରକାଶ ମହାନ୍ତ ଜଳପ୍ରପାତର ପ୍ରଖର ସ୍ରୋତରେ ଭାସି ନିଖୋଜ ହୋଇଥିଲେ। ପରେ ତାଙ୍କ ମୃତଦେହ ମିଳିଥିଲା। କେନ୍ଦ୍ରାପଡ଼ାର ଜଣେ ଯୁବକଙ୍କ ମଧ୍ୟ ଜଳପ୍ରପାତରେ ବୁଡ଼ି ପ୍ରାଣ ହରାଇଥିଲେ। ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ମୁକୁନ୍ଦପୁରପାଟଣା ପଞ୍ଚାୟତ ପକ୍ଷରୁ ଜଳପ୍ରପାତରେ ଗାଧୋଇବା ଓ ବିପଦପୂର୍ଣ୍ଣ ସ୍ଥାନରେ ରିଲ୍‌ସ କିମ୍ବା ଫଟୋ ଉଠାଇବା ଉପରେ କଟକଣା ଜାରି କରାଯାଇଥିଲା। ନିୟମ ଅମାନ୍ୟ କଲେ ୫ହଜାର ଟଙ୍କା ଜରିମାନା ନେଇ ଚେତାବନୀ ଦିଆଯାଇଥିଲା। କଟକଣା ଲାଗିଲା, ହେଲେ ତାହାକୁ କିଏ ? ଗତ ୬ବର୍ଷ ମଧ୍ୟରେ ଗୁଣ୍ଡିଚାଘାଗିରେ ୧୩ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିବା ସୂଚନା ମିଳିଛି। ଏହା ସତ୍ତ୍ୱେ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ପ୍ରଶ୍ନ ଉଠିଛି। କେବଳ ଗୁଣ୍ଡିଚାଘାଗି ନୁହେଁ, ଜିଲ୍ଲାର ଅନ୍ୟାନ୍ୟ ଜଳପ୍ରପାତ ଓ ନଦୀକୂଳରେ ଥିବା ପର୍ଯ୍ୟଟନସ୍ଥଳରେ ମଧ୍ୟ ଅସାବଧାନତା ଯୋଗୁଁ ଲୋକଙ୍କ ଜୀବନ ଯାଉଛି। ଗୋପାଳପୁର ନିକଟସ୍ଥ କାଳାଞ୍ଜର ନଦୀରେ ଗାଧୋଇବା ବେଳେ ମେ ମାସରେ ଜଣେ ୨୧ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଆଦିତ୍ୟ ମହାନ୍ତ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଦୁଇବର୍ଷ ତଳେ ଖଣ୍ଡାଧାର ଜଳପ୍ରପାତରେ ବୁଡ଼ିଯାଇ ଜଣେ ଯୁବକଙ୍କ ଜୀବନ ଯାଇଥିଲା। ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସୁଥିବା ଲୋକଙ୍କ ଅକାଳ ମୃତ୍ୟୁ ଅନେକ ପରିବାର ମୁହଁରୁ ହସ ଲିଭେଇ ଦେଉଛି।

ମଦଦୋକାନରେ ନକଲି ଅବକାରୀ ଅଧିକାରୀ

ରାଜକନିକା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ସଦର କା.ଜୁ.ବ.ଗି.ଚ.୦.୧ରେ ନୂତନଭାବେ ଖୋଲାଯାଇଥିବା ଏକ ଠିପିବନ୍ଦ ମଦ ଦୋକାନରେ ଅବକାରୀ ଅଧିକାରୀ ପରିଚୟ ଦେଇ କାଗଜପତ୍ର ଯାଞ୍ଚ ଆଳରେ ଟଙ୍କା ମାଗିବା ଜଣେ ଯୁବକଙ୍କୁ ମହଙ୍gା ପଡିଛି। ମଦ ଦୋକାନ ମ୍ୟାନେଜରଙ୍କ ଅଭିଯୋଗ ଆଧାରରେ ରାଜକନିକା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସମ୍ପୃକ୍ତ ଯୁବକ ଜଣକ ଯାଜପୁର ଜିଲା ଛତିଆ ଅଞ୍ଚଳର ପ୍ରଭାସ କୁମାର ବଳ। ଦଫା ୨୦୪, ୩୧୮(୨), ୩୧୯ ବିଏନ୍‌ଏସ୍ ଆକ୍ଟରେ ଏକ ମାମଲା(ନଂ. ୫୪୫/୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ମଦ ଦୋକାନ ମ୍ୟାନେଜର ନିରଞ୍ଜନ ନାୟକଙ୍କ ଅଭିଯୋଗ ଅନୁଯାୟୀ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ପ୍ରଭାସ କୁମାର ବଳ ତାଙ୍କ ଦୋକାନକୁ ଆସିଥିଲେ। ନିଜକୁ ଅବକାରୀ ବିଭାଗ ଅଧିକାରୀ ବୋଲି ପରିଚୟ ଦେଇ ଦୋକାନର କାଗଜପତ୍ର ଦେଖିବା ସହ ୫ହଜାର ଟଙ୍କା ମାଗିଥିଲେ। ଟଙ୍କା ଓ କାଗଜପତ୍ର ନ ଦେଲେ ଦୋକାନ ସିଲ୍ କରାଯିବ ବୋଲି କହିଥିଲେ। ହେଲେ ତାଙ୍କର ସନ୍ଦେହ ହେବାରୁ ସେ ତାଙ୍କୁ ବିଭାଗୀୟ ପରିଚୟପତ୍ର ଦେଖାଇବାକୁ କହିଥିଲେ। ହେଲେ ପରିଚୟପତ୍ର ଘରେ ଛାଡ଼ି ଆସିଛି ବୋଲି ସେ କହିଥିଲେ। ଏହାପରେ ଦୋକାନରେ ଥିବା ଖାତାପତ୍ରର ଫଟୋ ଉଠାଇଥିଲେ। ସନ୍ଦେହ ଘନୀଭୂତ ହେବାରୁ ରାଜକନିକା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିଥିଲା। ଯୁବକ ଜଣକ ଏକ ପରିଚୟପତ୍ର ଦେଖାଇଥିଲେ, ଯାହା ଅବକାରୀ ବିଭାଗ ସହ ମେଳ ଖାଇ ନ ଥିଲା। ତାଙ୍କ ଘର ପଟିଆ ଭୁବନେଶ୍ୱର ଓ ପରେ ଛତିଆ ବୋଲି କହିଥିଲେ। ଏହାପରେ ପୋଲିସ ତାଙ୍କୁ ଥାନାକୁ ନେଇଥିଲା।

କାଠଫାଳିଆରେ ପିଟି ପିଟି ସ୍ୱାମୀକୁ ହତ୍ୟା କଲା ସ୍ତ୍ରୀ

ଘଟଗାଁ(ଅମୃତ ମିଡିଆ): ପାରିବାରିକ କଳହରୁ କରୁଣ ପରିଣତି । କାଠଫାଳିଆରେ ପିଟି ପିଟି ସ୍ୱାମୀକୁ ହତ୍ୟା କଲା ସ୍ତ୍ରୀ । କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ବାଙ୍କପାଟୁଳି ଗାଁରୁ ଆସିଛ ଏହି ଅଭିଯୋଗ । ଅଭିଯୁକ୍ତ ସ୍ତ୍ରୀ ଯାତ୍ରୀ ମୁଣ୍ଡାଙ୍କୁ ଗିରଫ କରିଛି ପୋଲିସ । ସୂଚନା ଅନୁସାରେ ଗତ ୧୦ ତାରିଖରେ ମୃତକ ଆନନ୍ଦ ମୁଣ୍ଡା ଏବଂ ତାଙ୍କ ପତ୍ନୀ ଯାତ୍ରୀ ମୁଣ୍ଡାଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ପାଟିତୁଣ୍ଡ ଓ ଝଗଡା ହୋଇଥିଲା । ପରେ ରାତିରେ ଯେତେବେଳେ ଆନନ୍ଦ ଶୋଇଥିଲେ, ସେହି ସୁଯୋଗରେ ପତ୍ନୀ ଏକ କାଠ ଫାଳିଆ ଆଣି ତାଙ୍କ ମୁଣ୍ଡକୁ ଜୋରରେ ମାଡ଼ ମାରିଥିଲେ । ଏହି ଆକ୍ରମଣରେ ଆନନ୍ଦଙ୍କର ଘଟଣାସ୍ଥଳରେ ଅବସ୍ଥା ଗୁରୁତର ହୋଇପଡ଼ିଥିଲା ଏବଂ ପରେ ତାଙ୍କୁ ମେଡିକାଲ ନେବା ବାଟରେ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପତ୍ନୀ ଯାତ୍ରୀ ମୁଣ୍ଡାଙ୍କୁ ଆଜି ଗିରଫ କରି କଟିଛି ।

ଦେଶାତ୍ମବୋଧକ ନାରା ଦେଇ ପଦଯାତ୍ରାରେ ବାହାରିଲେ ଛାତ୍ରୀଛାତ୍ର

ତୁମୁଡ଼ିବନ୍ଧ(ଅମୃତ ମିଡିଆ): ତ୍ରିରଙ୍gା ଆମ ଗର୍ବ ଗୌରବ ହରଘର ତ୍ରିରଙ୍gା କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁନୀଲ କୁମାର ପାତ୍ରଙ୍କ ନେତୃତ୍ୱରେ +୨ କଳା ପ୍ରଥମ ଓ ଦ୍ୱିତୀୟ ବର୍ଷର ପ୍ରାୟ ୧୨୦୦ ଛାତ୍ରୀଛାତ୍ରଙ୍କୁ ହାତରେ ତ୍ରିରଙ୍gା ପତାକା ଓ ପୋଷ୍ଟର ଧରାଇ ସ୍ଥାନୀୟ ବିଦ୍ୟାଳୟରୁ ତୁମୁଡ଼ିବନ୍ଧ ବଜାରକୁ ପ୍ରାୟ ୩ କିମି ପର୍ଯ୍ୟନ୍ତ ହର ଘର ତ୍ରିରଙ୍gା କାର୍ଯ୍ୟକ୍ରମର ପଦଯାତ୍ରାରେ ବାହାରି ତ୍ରିରଙ୍gା ଆମର ଗର୍ବ ଗୌରବ ବୋଲି ଦେଶାତ୍ମବୋଧକ ନାରା ଦେଇଥିଲେ ଏବଂ ଦେଶପ୍ରମର ବାର୍ତ୍ତା ଜାଗ୍ରତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡଃ ସତ୍ୟ ରଞ୍ଜନ ପାଣିଗ୍ରାହୀ, ଦୁଃଖୀ ଶ୍ୟାମ ମହାରଣା, ଅଧ୍ୟାପିକା ଡଃ ମଞ୍ଜୁଳା ମହାପାତ୍ର, ଡଃ ବନିତା ପଟ୍ଟନାୟକ, ପଦ୍ମାବତୀ ସାହୁ, ସୁନିତା ସାହୁ, ସଂଗୀତା ବଳିଆରସିଂ, ରାଜଲକ୍ଷ୍ମୀ ବଡ଼ ସେଠ, ଚାନ୍ଦିନୀ ମଝିଆ ସେଠ, କୈଳାସ ଦୀପ, ଅନସ୍ମିତା ମହାନ୍ତି ଓ ସମସ୍ତ ଅଣ ଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ତୁମୁଡ଼ିବନ୍ଧ ଅଞ୍ଚଳରେ ଚଳିତ ବର୍ଷର ପ୍ରଥମ ହରଘର ତ୍ରିରଙ୍gା କାର୍ଯ୍ୟକ୍ରମ ହୋଇଥିବାରୁ ବିଭିନ୍ନ ମହଲରୁ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି।

ସ୍ୱର୍ଗଦ୍ୱାର ଯାଉଥିବା ବେଳେ ଓଲଟିଲା ସ୍ୱର୍ଗରଥ, ୩ ଆହତ

ଭଦ୍ରକ(ଅମୃତ ମିଡିଆ) : ପୁରୀ ସ୍ୱର୍ଗଦ୍ୱାର ଯାଉଥିବା ବେଳେ ଓଲଟିଲା ସ୍ୱର୍ଗ ରଥ । ମୃତ ଦେହ ନେଇ ଯାଇଥିବା ବେଳେ ଭାରସାମ୍ୟ ହରାଇ ରାଜପଥ କଡକୁ ଓଲଟି ପଡ଼ିଲା ସ୍ୱର୍ଗରଥ । ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ପାଳଦା ବାଙ୍କ ନିକଟରେ ଏହି ଦୁର୍ଘଟଣା ଘଟିଛି । ସୂଚନା ଅନୁଯାୟୀ ସୋର ଅଞ୍ଚଳରୁ ଏକ ମୃତଦେହ ନେଇ ସ୍ୱର୍ଗଦ୍ୱାର ଯାଉଥିଲା ସ୍ୱର୍ଗ ରଥ । ଏହି ସମୟରେ ୧୬ ନମ୍ବର ଜାତୀୟ ରାଜପଥରେ ଭାରସାମ୍ୟ ହରାଇଲା ଗାଡ଼ି । ଫଳରେ ରାଜପଥ କଡକୁ ଓଲଟି ପଡ଼ିଥିଲା ସ୍ୱର୍ଗ ରଥ । ଏହି ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଓ ଅନ୍ୟମାନେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ । ବର୍ତ୍ତମାନ ଆହତ ମାନଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି । ଦୁର୍ଘଟଣାରେ ମୃତଦେହ ନେଇ ଯାଉଥିବା ଗାଡ଼ିଟି କ୍ଷତିଗ୍ରସ୍ତ ହେବା ପରେ ମୃତଦେହକୁ ଅନ୍ୟ ଏକ ଗାଡ଼ିରେ ପୁରୀ ସ୍ୱର୍ଗଦ୍ୱାରକୁ ପଠାଯାଇଥିବା ଜଣାପଡ଼ିଛି ।

ଏମଭି-୧୦୪ ଗାଁରେ ଆତଙ୍କ ଖେଳାଉଥିଲା କୁମ୍ଭୀର

ବନ ବିଭାଗର ଜାଲରେ ପଡିଲା ଧରା

ମାଲକାନଗିରି(ଅମୃତ ମିଡିଆ): ବନ ବିଭାଗର ଜାଲରେ ଧରା ପଡିଲା କୁମ୍ଭୀର । ମାଲକାନଗିରି ଜିଲ୍ଲା ଏମଭି-୧୦୪ ଗାଁରେ ଦୁଇ ଦିନ ହେଲା କୁମ୍ଭୀର ଆତଙ୍କ ଲାଗି ରହିଛି । ବାଲିମେଳା ବନାଞ୍ଚଳ ଏମଭି-୧୦୪ ଗାଁର ମହାନନ୍ଦ ମଣ୍ଡଳଙ୍କ ପୋଖରୀରେ ଏକ ବଡ କୁମ୍ଭୀର ବୁଲୁଥିବା ଗାଁ ଲୋକେ ଦେଖିଥିଲେ । କୁମ୍ଭୀରଟି ୯୦ରୁ ଅଧିକ ହଂସ ସହ ପୋଖରୀର ବହୁ ମାଛ ଖାଇଥିବା ନେଇ ଅଭିଯୋଗ ହୋଇଥିଲା । ବନ ବିଭାଗର ରାପିଡ ରେସପନ୍ସ ଟିମ ଘଟଣା ସ୍ଥଳରେ ପହଞ୍ଚି କୁମ୍ଭୀରକୁ ସୁରକ୍ଷିତ ଭାବେ ଧରିବା ପାଇଁ ଅପରେସନ ଆରମ୍ଭ କରିଥିଲା । ଦୁଇ ଦିନ ଧରି ନାକେଦମ ହେବା ପରେ ଶେଷରେ ବନ ବିଭାଗ କୁମ୍ଭୀରଟିକୁ ଧରିବାରେ ସଫଳ ହୋଇଛି । କୁମ୍ଭୀର କୁ ଧରି ରାପିଡ ରେସପନ୍ସ ଟିମ ମାଲକାନଗିରି ଡିଏଫଓ କାର୍ଯ୍ୟାଳୟକୁ ଆସିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପରେ କୁମ୍ଭୀରଟି କୁ ଚିତ୍ରକୋଣ୍ଡା ଜଳ ଭଣ୍ଡାରରେ ଛଡାଯିବ ।

ଲସ୍ ଆଞ୍ଜେଲ୍ସରେ 'ମାଳିପୁଟ ମେଲୋଡ଼ିଜ୍'କୁ ବ୍ରୋଞ୍ଜ୍ ପୁରସ୍କାର

କୟପୁର(ଅମୃତ ମିଡିଆ): କୋରାପୁଟର ଏକ ନିଚ୍ଛକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡ଼ିଜ୍'କୁ ମିଳିଛି ଆଉ ଏକ ବିଶେଷ ସଫଳତା । ବିଦେଶ ମାଟିରେ ଏହାକୁ ଅଜସ୍ର ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରାଯାଇଛି । ଅନ୍ତର୍ଜାତୀୟ ଯାତ୍ରାର ଆଉ ଏକ ଗୌରବମୟ ଅଧ୍ୟାୟରେ ଯୋଡ଼ି ହୋଇଛି ଏହି ସିନେମା । ଗତ ୫ ତାରିଖରେ ଲସ୍ ଆଞ୍ଜେଲ୍ସର ଏସ୍‌ସିଏ ଇଣ୍ଟରନ୍ୟାସ୍‌ନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ଶ୍ରେଷ୍ଠ ଫିଚର ଫିଲ୍ମ ବର୍ଗରେ ଏହାକୁ ବ୍ରୋଞ୍ଜ ପୁରସ୍କାର ମିଳିଛି । ଆସନ୍ତା ସେପ୍ଟେମ୍ବର ୧୮ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବାକୁ ଯାଉଛି । ସୂଚନାଥାଉକି, କୌଷ୍ତଭ ଡ୍ରିମ୍ ୱାର୍କସ୍ ଷ୍ଟୁଡିଓଜ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରଟି 'ୟୁ/ଏ' ପ୍ରମାଣପତ୍ର ହାସଲ କରିସାରିଛି । ଗୋଆରେ ଅନୁଷ୍ଠିତ ୫୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ 'ଆଇଏଫ୍‌ଏଫ୍‌ଆଇ ଇ-୨୦୨୫' ଇଣ୍ଡିଆନା ପାନାରୋମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା ଏହି ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ମାଳିପୁଟ ମେଲୋଡ଼ିଜ୍ । ଦେଶର ୧ ହଜାର ୯୮ଟି ଚଳଚ୍ଚିତ୍ର ମଧ୍ୟରୁ ଏହା ଏହି ସମ୍ମାନଜନକ ଚୟନରେ ସ୍ଥାନ ପାଇଥିଲା । ପରବର୍ତ୍ତୀ ସମୟରେ ନୂଆଦିଲ୍ଲୀର ହାବିଟାଟ୍ ଫିଲ୍ମ ଫେଷ୍ଟିଭାଲ୍-୨୦୨୬ରେ ଏହା ପ୍ରଦର୍ଶିତ ହୋଇ ଦର୍ଶକଙ୍କ ମନ ଜିଣି ନେଇଥିଲା । ସେହିପରି ୨୦୨୬ ମେ ୧୬ ତାରିଖରେ ମାଳିପୁଟ ମେଲୋଡ଼ିଜ୍ ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍‌ଠାରେ ନ୍ୟାସ୍‌ନାଲ୍ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହୋଇଥିଲା । କୋରାପୁଟ ମାଟିର ସ୍ୱତନ୍ତ୍ର ଗନ୍ଧ, ସରଳ ମଣିଷର କାହାଣୀ ଓ ସ୍ୱପ୍ନର ଏକ ନିଆରା ଚଳଚ୍ଚିତ୍ର ହେଉଛି ମାଳିପୁଟ ମେଲୋଡ଼ିଜ୍ । ମାଳିପୁଟର ପ୍ରକୃତି, ପରମ୍ପରା, ଭାଷା, ପର୍ବପର୍ବାଣୀ, ସଂଗୀତ ଓ ସରଳ ମଣିଷମାନଙ୍କ ଜୀବନଚର୍ଯ୍ୟା ଏହାକୁ ଜୀବନ୍ତ କରିଛି । ପୂରା ସିନେମାରେ ରହିଛି ବାସ୍ତବ ଜୀବନର ଛାପ । କୋରାପୁଟର ଗ୍ରାମୀଣ ପରିବେଶକୁ ଅତ୍ୟନ୍ତ ନିଚ୍ଛକ ଭାବେ ଏଥିରେ ପ୍ରଦର୍ଶିତ କରାଯାଇଛି । ସବୁଠୁ ବଡ଼କଥା ହେଉଛି, ଗାଁଟି ନିଜେ କାହାଣୀର ଏକ ଜୀବନ୍ତ ଚିତ୍ର । ଏହି ଚଳଚ୍ଚିତ୍ରରେ ସିନେ ଜଗତର ସେଭଳି କୌଣସି ଚିହ୍ନା ମୁହଁ ନାହାନ୍ତି । ପ୍ରାୟ ୭୫ ଭାଗ କଳାକାର ହେଉଛନ୍ତି ଗାଁର ପ୍ରତିଭା । ବଳକା ୨୫ ପ୍ରତିଶତ ମଞ୍ଚ କଳାକାର । ଉଦୀୟମାନ ଯୁବ ପ୍ରତିଭା ବିଶାଲ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ସିନେମା ଯେଉଁଭଳି ଢଙ୍ଗରେ ଗତିଶାଳ ହୋଇଛି, ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଜିତିବ, ଏଥିରେ ସନ୍ଦେହ ନାହିଁ । କାହାଣୀକାର ସୁଧାକର ପଟ୍ଟନାୟକ, ସଂଗୀତକାର ତୋଷ ନନ୍ଦ, ଅଭିଜ୍ଞ ପ୍ରଯୋଜକ କୌସିକ ଦାସ, ସହ ପ୍ରଯୋଜକ ରାମ ପଟ୍ଟନାୟକ ଓ କୌଷ୍ତଭ ଦାସଙ୍କ ସହିତ ପୂରା ଟିମ୍ର ଉଦ୍ୟମ ଓଡ଼ିଆ ସିନେମା କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

ବେଆଇନ୍ ଗୋଚାଲାଣ କଣ୍ଟେନରକୁ ଧରିଲେ ବିଶ୍ୱ ହିନ୍ଦୁ ପରିଷଦର କର୍ମୀ

୩୦ରୁ ଅଧିକ ଗୋରୁ ଉଦ୍ଧାର

ବୈଶିଙ୍gା(ଅମୃତ ମିଡିଆ): ବିଶେଷ ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ଦେଇ ବେଆଇନ ଭାବେ ଗୋରୁ ପରିବହନ ଅଭିଯୋଗରେ ରାତି ପ୍ରାୟ ୧୨ଟା ସମୟରେ ଏକ କଣ୍ଟେନରକୁ ପିଛା କରି ଅଟକାଇଥିଲେ ବିଶ୍ୱ ହିନ୍ଦୁ ପରିଷଦ କର୍ମୀ। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର କର୍ମୀଙ୍କୁ ବେତନଟୀ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ୨୦ରୁ ଅଧିକ ଯୁବକ ସହଯୋଗ କରିଥିଲେଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନଙ୍କୁ ପ୍ରଶଂସା କରୁଛନ୍ତି। ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବର ପାଇ ବିହାର ନମ୍ବର(ଇଜ୍‌୦୬ଏଏ-୪୬୦୩) ଥିବା ଏକ କଣ୍ଟେନରରେ ବହୁ ସଂଖ୍ୟାରେ ଗୋରୁ ଗାଈଙ୍କୁ ନେଇ ଯାଉଥିବା ନେଇ ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ସନ୍ଦେହ କରିଥିଲେ। ଏହାପରେ ବେତନଟୀ ଅଞ୍ଚଳରୁ କଣ୍ଟେନରଟିକୁ ପିଛା କରିଥିଲେ। ଦୀର୍ଘ ସମୟ ପିଛା କରିବା ପରେ ବୈଶିଙ୍gା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ହାତୀଝୁରି ନିକଟରେ କଣ୍ଟେନରକୁ ଅଟକାଇଥିଲେ। ଖବର ପାଇ ବୈଶିଙ୍gା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତେ ମିଶି କଣ୍ଟେନର ଖୋଲି ଯାଞ୍ଚ କରିଥିଲା। ଏଥିରେ ୩୦ରୁ ଅଧିକ ଗାଈ ବାଛୁରୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବୋଝେଇ ହୋଇଥିବା ଦେଖାଯାଇଥିଲା। ପରେ ପୁଲିସ କଣ୍ଟେନରକୁ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଚାଳକର କହିବା ଅନୁଯାୟୀ କଣ୍ଟେନର ନେଇ ସେ ବିହାର ମୁଜାଫରପୁର ଅଞ୍ଚଳରୁ ବିଶାଖାପାଟଣା ଯାଉଥିଲା । ତେବେ ଗୋରୁମାନଙ୍କୁ କେଉଁଠାରୁ ଆଣାଯାଇଥିଲା, କେଉଁଠାକୁ ନିଆଯାଉଥିଲା ଏବଂ ପରିବହନ ପାଇଁ ଆବଶ୍ୟକ ଅନୁମତି ଥିଲା କି ନାହିଁ, ସେନେଇ ପୁଲିସ ତଦନ୍ତ କରୁଛି। ଘଟଣାରେ କଣ୍ଟେନରକୁ ଜବତ ପୂର୍ବକ କଣ୍ଟେନର ଚାଳକ ଓ ତାଙ୍କ ସହିତ ଥିବା ଅନ୍ୟ ୩ଜଣଙ୍କୁ ପୁ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.115, Thursday, 13 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୫, ଗୁରୁବାର, ୧୩ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା